
ଉତ୍କଳ ପ୍ରସଙ୍ଗ
ନଭେମ୍ବର-୧୯୯୬

VOL. LIII. No. 2 & 3 UTKAL PRASANGA Regd. No. O—BN—05/90
Licence No. C.R.N.P. 5—Licensed to post without Pre-payment




ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ୫୦ ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଅଭିବାଦନ ଗ୍ରହଣ କରୁଛନ୍ତି ।



ସୂଚନା ଭବନଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ପୁଲିସ୍ ପଦାଧିକାରୀମାନଙ୍କୁ ମେଡ଼ାଲ ପ୍ରଦାନ କରୁଛନ୍ତି ।

PRINTED AT ORISSA GOVERNMENT PRESS, CUTTACK-753010



ବିଦେଶ ଗସ୍ତରୁ ଫେରିବା ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ
ସଚିବାଳୟ ସମ୍ମିଳନୀ କକ୍ଷରେ ଏକ ସାମ୍ବାଦିକ ସମ୍ମିଳନୀରେ ଭାଷଣ ଦେଉଛନ୍ତି




ଇନ୍ଦିରାଗାନ୍ଧୀ ପାର୍କଠାରେ ଆୟୋଜିତ ରାଷ୍ଟ୍ରୀୟ ସଂକଳ୍ପ ଦିବସରେ
ଉପମୁଖ୍ୟମନ୍ତ୍ରୀ ଶ୍ରୀ ହେମାନନ୍ଦ ବିଶ୍ୱାଳ, ଲୋକସଭା ସଦସ୍ୟ ବୃନ୍ଦ ଓ ବିଧାନସଭା ସଦସ୍ୟମାନେ
ସ୍ୱର୍ଗତ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରାଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛନ୍ତି

# ଉତ୍କଳ ପ୍ରସଙ୍ଗ

[illegible]ଶ ଭାଗ ୪ର୍ଥ ସଂଖ୍ୟା କାର୍ତ୍ତିକ ୧୯୧୮ ଶକାବ୍ଦ ନଭେମ୍ବର ୧୯୯୬

**ଶ୍ରୀ ସନ୍ତୋଷ କୁମାର ମିଶ୍ର**
ନିର୍ଦ୍ଦେଶକ
ସୂଚନା ଓ ଲୋକ ସଂମ୍ପର୍କ ବିଭାଗ, ଓଡ଼ିଶା

**ସମ୍ପାଦନା ମଣ୍ଡଳୀ**

**ଶ୍ରୀ ମହେଶ୍ୱର ମୂଳିଆ**
କାର୍ଯ୍ୟ ନିର୍ବାହୀ ସମ୍ପାଦକ

**ଶ୍ରୀ ଶରତ ଚନ୍ଦ୍ର ସାମନ୍ତରାୟ**
ସମ୍ପାଦନା ସହଯୋଗୀ

**ପ୍ରଚ୍ଛଦପଟ**
ଶ୍ରୀ ପ୍ରଦ୍ୟୁମ୍ନ ଦାଶ

ବାର୍ଷିକ ଦେୟ : ଟ ୨୦.୦୦
ପ୍ରତି ଖଣ୍ଡ : ଟ ୨.୦୦

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ସରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ ''ଉତ୍କଳ ପ୍ରସଙ୍ଗ''ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଗୁଡ଼ିକ ବିଷୟରୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ ନୁହେଁ ।

''ଉତ୍କଳ ପ୍ରସଙ୍ଗ'' ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ହେଁ ଏହି ପତ୍ରିକାରେ ପ୍ରକାଶିତ ମତାମତ ବିଚାରଧାରା ସବୁ କ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

ଓଡ଼ିଶା ସରକାରଙ୍କର ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶିତ
ଏବଂ
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ - ୧୦ ରେ ମୁଦ୍ରିତ ।

# ସୂଚୀ


| | | |
|---|---|---|
| ଓଡ଼ିଶାରେ ଶିଳ୍ପ ବିକାଶର ନୂତନ ଦିଗନ୍ତ | ୧ | |
| କାର୍ତ୍ତିକ ବୋଇତ ବନ୍ଦାଣ ଓ ବାଲିଯାତ୍ରା | ୪ | ଶ୍ରୀ ବେଣୁଧର ପାତ୍ର |
| କଳାଭୂମି ଉତ୍କଳ | ୯ | ଅଧ୍ୟାପକ ଡଃ ରବି ନାୟକ |
| ଓଡ଼ିଶାର ସାମରିକ ପରମ୍ପରା | ୧୩ | ଶ୍ରୀ ବ୍ରଜ ପାଇକ ରାୟ |
| ଲୋକ ସଂସ୍କୃତିରେ ଚିତା | ୨୫ | ଶ୍ରୀ ବିଦ୍ୟାଧର ବାରିକ |
| ଗୋପାଳପୁର ବନ୍ଦର : ପ୍ରଗତିର ମାଇଲଖୁଣ୍ଟ | ୨୯ | |
| ବୃଷ୍ଟିପୁଷ୍ଟ ଧାନଚାଷରେ ସାମାଜିକ ଓ ଅର୍ଥନୈତିକ ସମସ୍ୟା | ୩୧ | ଶ୍ରୀ ମହେଶ ପ୍ରସାଦ ତ୍ରିପାଠୀ<br>ଡଃ ସାଲିକ୍ ରାମ୍ |
| ଜାତୀୟତାବାଦୀ ଜବାହରଲାଲ | ୩୫ | ଶ୍ରୀମତୀ ଜ୍ୟୋତିର୍ମୟୀ ସାମନ୍ତ ରାୟ |
| ଅମର ଶହୀଦ ଜୟୀ ରାଜଗୁରୁ | ୩୮ | ଶ୍ରୀ ସଦାଶିବ ମିଶ୍ର |
| ଉତ୍କଳ ନୌବାଣିଜ୍ୟର ଗର୍ବ ଚିଲିକାହ୍ରଦ | ୪୦ | ଶ୍ରୀବ୍ରଜବନ୍ଧୁ ଦାଶ |
| ଇନ୍ଦିରାଗାନ୍ଧୀ : ଭାରତର ଆତ୍ମା | ୪୪ | |
| ପ୍ରଗତି ପଥରେ ସମନ୍ୱିତ ଇସ୍ପାତ ପ୍ରକଳ୍ପ | ୪୬ | ଶ୍ରୀ ଶରତ ଚନ୍ଦ୍ର ସାମନ୍ତରାୟ |
| ଚାନ୍ଦବାଲିର ଚାନ୍ଦ ଅସ୍ତମିତ | ୪୯ | ଶ୍ରୀ ବଂଶୀଧର ଭୋଇ |
| ଜାତୀୟ ସଂହତି ରକ୍ଷା ନିମନ୍ତେ ପଦକ୍ଷେପ | ୫୨ | |
| ଆରେଇ ଚାଲ | ୫୪ | ଶହୀଦ ଦିବାକର ପରିଡ଼ା |
| ଚାଢ଼ା ଓ କଳା | ୫୫ | ଶ୍ରୀ ନିକୁଞ୍ଜ କିଶୋର କାନୁନ୍‌ଗୋ |
| ସମ୍ବାଦ ପରିକ୍ରମା | ୫୬ | |

## ସଂପାଦକୀୟ

# ବାଲିଯାତ୍ରା : କଳିଙ୍ଗର ଗୌରବଗାଥା

ପ୍ରାଚୀନ ଓଡ଼ିଶାର ଗୌରବମୟ ଇତିହାସରେ ନୌବାଣିଜ୍ୟ ପରମ୍ପରା ଏକ ଉଜ୍ଜ୍ୱଳତମ ଅଧ୍ୟାୟ । ଏକଦା କଳିଙ୍ଗ ଥିଲା ଭାରତୀୟ ସଭ୍ୟତା ଓ ସଂସ୍କୃତିର ପ୍ରାଣକେନ୍ଦ୍ର । ବିଭିନ୍ନ ଧର୍ମ, ଦର୍ଶନ, ଓ ସଂସ୍କୃତିର ଲୀଳାଭୂମି । ଏକ ସମୃଦ୍ଧ, ସ୍ୱାଭିମାନୀ ଓ ସୁସଂହତ ଜାତି ରୂପେ କଳିଙ୍ଗବାସୀଙ୍କ ବୀରତ୍ୱ, କଳା-କୁଶଳତା, ସାମରିକ ଶକ୍ତି ଓ ଧର୍ମ-ଚେତନା ସାରା ବିଶ୍ୱରେ ଥିଲା, ଦୀପ୍ତିମନ୍ତ । ଗଙ୍ଗାଠାରୁ ଗୋଦାବରୀ ଯାଏ ବିସ୍ତୃତ କଳିଙ୍ଗ ସାମ୍ରାଜ୍ୟର ସୁଦୀର୍ଘ ଉପକୂଳ ଓଡ଼ିଆ ଜାତିକୁ ସମୁଦ୍ରଯାତ୍ରା ଓ ନୌବାଣିଜ୍ୟରେ ସୁଦକ୍ଷ ଓ ଶକ୍ତିଶାଳୀ କରାଇଥିଲା । ସାତ ସମୁଦ୍ର ତେର ନଦୀ ପାର ହୋଇ ସାଧବ ପୁଅ ସ୍ଥାପନ କରିଥିଲେ ସୁଦୂର ଦକ୍ଷିଣପୂର୍ବ ଏସିଆରେ ଅନେକ ଉପନିବେଶ । ଭାରତୀୟ ଧର୍ମ ଓ ସଂସ୍କୃତିକୁ ଦେଶ ବିଦେଶରେ ପ୍ରସାର କରିବାରେ ସେମାନେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ । ଏସିଆ ମହାଦେଶର ରାଜନୈତିକ ସାଂସ୍କୃତିକ ଓ ସାମାଜିକ ବିକାଶରେ କଳିଙ୍ଗବାସୀଙ୍କ ଅବଦାନର ପଟାନ୍ତର ନାହିଁ ।

ସେତେବେଳେ କଳିଙ୍ଗ ଉପକୂଳ ଥିଲା ଦରିଆ ପାରି ସମୁଦ୍ରଯାତ୍ରାର ଏକମାତ୍ର ପଥ । ପୂର୍ବ ଉପକୂଳରେ ତାମ୍ରଲିପ୍ତ, ଚେଲିତାଲୋ, ପିଥୁଣ୍ଡା ଆଦି ପ୍ରସିଦ୍ଧ ବନ୍ଦରମାନ ବିଦ୍ୟମାନ ଥିଲା । ନୌବାଣିଜ୍ୟ ଯୋଗୁଁ ଉପକୂଳ ଅଞ୍ଚଳରେ ଗଢି ଉଠିଥିଲା ବହୁ ସମୃଦ୍ଧ ସହର ।

ଦକ୍ଷିଣ ପୂର୍ବ ଏସିଆର ଜାଭା, ସୁମାତ୍ରା, ବାଲି, ବୋର୍ଣ୍ଣିଓ, ମାଲୟ ସମେତ ସିଂହଳ, ବ୍ରହ୍ମଦେଶ, ଚୀନ, ତିବ୍ବତ, ଥାଇଲାଣ୍ଡ, କାମ୍ବୋଡିଆ ଆଦି ଦେଶ ସହିତ କଳିଙ୍ଗର ସାଂସ୍କୃତିକ ଓ ବାଣିଜ୍ୟିକ ସଂପର୍କ ଥିଲା ଅତି ନିବିଡ଼ । ପ୍ରଥମେ କୋଡ଼ିଏ ହଜାର ପରିବାରଙ୍କୁ ନେଇ ଜାଭାରେ ସ୍ଥାପିତ ହୋଇଥିଲା କଳିଙ୍ଗ ଉପନିବେଶ । ଶୈଳୋଦ୍ଭବ ରାଜବଂଶର ଏକ ଶାଖା ଶୈଳେନ୍ଦ୍ର ଜାଭା, ସୁମାତ୍ରା, ବୋର୍ଣ୍ଣିଓ ଓ ବାଲିକୁ ନେଇ ଏକ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ । ଓଡ଼ିଶାର ଭାସ୍କର୍ଯ୍ୟ ଓ ସ୍ଥାପତ୍ୟ କଳା ଜାଭା ରେ ମୂର୍ତ୍ତିମନ୍ତ । ରତ୍ନଗିରିର ବୁଦ୍ଧ ମୂର୍ତ୍ତି ଭଳି ମୂର୍ତ୍ତି ଓ ଓଡ଼ିଶାର ମନ୍ଦିର ଭଳି ମନ୍ଦିର ସେଠାରେ ବିଦ୍ୟମାନ । ଚନ୍ଦ୍ରଭାଗା ନାମରେ ରହିଛି ଏକ କେନାଲ । ହିନ୍ଦୁ ରାଜା ପୂର୍ଣ୍ଣବର୍ମା ଏକଦା ଥିଲେ ପଶ୍ଚିମ ଜାଭାର ଶାସକ । ବାଲି ଦ୍ୱୀପରେ ହିନ୍ଦୁ ଦେବ-ଦେବୀମାନେ ପୂଜିତ । ବ୍ରହ୍ମଦେଶରେ କଳିଙ୍ଗ କଳା-ସ୍ଥାପତ୍ୟର ଅନୁପମ ସ୍ୱାକ୍ଷର । ସେଠାରେ ଉତ୍କଳ ନାମରେ ଏକ ଉପନିବେଶ ପ୍ରତିଷ୍ଠିତ । ଖଣ୍ଡଗିରିର ଅନନ୍ତ ଗୁମ୍ଫା ଭଳି ଆନନ୍ଦ ମନ୍ଦିର ନିର୍ମିତ । ବ୍ରହ୍ମଦେଶରେ ଏକ ନଗରର ନାମ ଶ୍ରୀକ୍ଷେତ୍ର ।

ସିଂହଳ ସହିତ କଳିଙ୍ଗର ସାଂସ୍କୃତିକ ସଂପର୍କ ଥିଲା ଅତି ନିବିଡ଼ । ସମ୍ରାଟ ଅଶୋକଙ୍କ ପୁତ୍ର ମହେନ୍ଦ୍ର ଓ କନ୍ୟା ସଂଘମିତ୍ରା ବୌଦ୍ଧଧର୍ମ ପ୍ରଚାର ପାଇଁ ସିଂହଳ ଯାଇଥିଲେ । କଳିଙ୍ଗ ରାଜା ଗୁହଶିବଙ୍କ କନ୍ୟା ହେମମାଳା ଓ ଜାମାତା ଦନ୍ତ କୁମାର ବୁଦ୍ଧ ଦନ୍ତ ନେଇ ସିଂହଳ ଯାଇଥିଲେ । ପୁରୀ ରଥଯାତ୍ରା ଭଳି ସେଠାରେ ପ୍ରତିବର୍ଷ ଦନ୍ତ ଯାତ୍ରା ଅନୁଷ୍ଠିତ ହୋଇ ଆସୁଛି । ସିଂହଳର ରାଜା ବିଜୟବାହୁ କଳିଙ୍ଗ ରାଜକୁମାରୀ ତ୍ରିଲୋକସୁନ୍ଦରୀଙ୍କୁ ବିବାହ କରିଥିଲେ । କଳିଙ୍ଗର ରାଜା ଜୟଗୋପାଳଙ୍କ ପୁତ୍ର କୀର୍ତ୍ତିନିଶଙ୍କ ମଲ୍ଲ ସିଂହଳରେ ରାଜୁତି କରୁଥିଲେ । କଳିଙ୍ଗର ୨୪ ହଜାର ସୈନ୍ୟ ସିଂହଳ ଯାଇଥିଲେ । ସିଂହଳର ରାଜା ଚତୁର୍ଥ ମହେନ୍ଦ୍ର କଳିଙ୍ଗ ରାଜବଂଶରେ ବିବାହ କରିଥିଲେ ।

ଚୀନରେ ବୌଦ୍ଧଧର୍ମ ପ୍ରସାରରେ କଳିଙ୍ଗର ଉଲ୍ଲେଖନୀୟ ଅବଦାନ ରହିଛି । ବୌଦ୍ଧଧର୍ମ ଉପରେ ଅଧ୍ୟୟନ ପାଇଁ ଚୀନର ବୌଦ୍ଧ ପଣ୍ଡିତ ଓ ପରିବ୍ରାଜକମାନେ କଳିଙ୍ଗ ଆସୁଥିଲେ । କଳିଙ୍ଗର ଜଣେ ପଣ୍ଡିତ ପ୍ରଜ୍ଞା ଚୀନା ଭାଷାରେ ବୌଦ୍ଧଧର୍ମ ଗ୍ରନ୍ଥ ଅନୁବାଦ କରି ଚୀନ ରାଜଦରବାରରେ ସମ୍ମାନିତ ହୋଇଥିଲେ । ତିବ୍ବତରେ ବୌଦ୍ଧଧର୍ମ ପ୍ରଚାରରେ କଳିଙ୍ଗବାସୀଙ୍କ ମହତ୍ତ୍ୱପୂର୍ଣ୍ଣ ଭୂମିକା ଥିଲା । ରୋମ ଓ ଆଫ୍ରିକା ସହିତ ମଧ୍ୟ କଳିଙ୍ଗର ବାଣିଜ୍ୟ ସମ୍ପର୍କ ଥିଲା । ଦେଶ ବିଦେଶରେ ଧର୍ମ ଓ ସଂସ୍କୃତିର ପ୍ରସାର ସଙ୍ଗେ ସଙ୍ଗେ କଳିଙ୍ଗ ନାବିକ ବାଣିଜ୍ୟ ବ୍ୟବସାୟରେ ନିଜର ପାରଦର୍ଶିତା ଦେଖାଇ ଏ ଦେଶକୁ ସମୃଦ୍ଧିଶାଳୀ କରିଥିଲେ । ସୋନପୁରର ସୁବର୍ଣ୍ଣପୁର, ପୁରୀ, କଟକ, ତାଳେଶ୍ୱର, ଗଂଜାମ ଉପକୂଳ ଥିଲା କଳିଙ୍ଗ ନୌବାଣିଜ୍ୟର କେନ୍ଦ୍ରସ୍ଥଳୀ ।

କଳିଙ୍ଗର ସେହି ଶୌର୍ଯ୍ୟ ସମ୍ପନ୍ନ ସମୁଦ୍ରଯାତ୍ରା ଓ ନୌବାଣିଜ୍ୟର ଐତିହ୍ୟ କାର୍ତ୍ତିକ ପୂର୍ଣ୍ଣିମାର ବୋଇତ ବନ୍ଦାଣ ଉତ୍ସବ ଏବଂ ଭାଦ୍ରବ ମାସର ଖୁଦୁରୁକୁଣୀ ଓଷା ପାଳନର ପରମ୍ପରାରେ ଯୁଗ ଯୁଗ ଧରି ସଞ୍ଜୀବିତ ହୋଇ ରହିଛି ।

ଆଜି ଇତିହାସର ପୁନରାବୃତ୍ତି ହେବାକୁ ଯାଉଛି । ଓଡ଼ିଶାକୁ ଶିଳ୍ପସମୃଦ୍ଧ ରାଜ୍ୟରେ ପରିଣତ କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀବଲ୍ଲଭ ପଟ୍ଟନାୟକ ସଂକଳ୍ପବଦ୍ଧ । ତାଙ୍କ ପ୍ରୋତ୍ସାହନରେ ବିଦେଶର ବହୁ ଶିଳ୍ପପତି ଓଡ଼ିଶାରେ ବିଭିନ୍ନ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ପୁଂଜି ବିନିଯୋଗ କରିବାକୁ ଆଗେଇ ଆସିଛନ୍ତି । ଅଚିରେ ଶିଳ୍ପ ଓ ବାଣିଜ୍ୟ କ୍ଷେତ୍ରରେ ଆମ ରାଜ୍ୟ ଦେଶରେ ଅଗ୍ରଣୀ ଭୂମିକା ଗ୍ରହଣ କରିବ, ଏଥିରେ ସନ୍ଦେହ ନାହିଁ ।

ଗୋପାଳପୁର ବନ୍ଦରକୁ ପ୍ରଥମ ଶ୍ରେଣୀ ବନ୍ଦରରେ ପରିଣତ କରାଯାଉଛି । ଏହି ଗୋପାଳପୁର ଥିଲା ଏକଦା କଳିଙ୍ଗର ରାଜଧାନୀ ଦନ୍ତପୁର । ଏହି ବନ୍ଦରରୁ ଓଡ଼ିଆ ପୁଅ ଦକ୍ଷିଣପୂର୍ବ ଏସିଆକୁ ବେପାର ବଣିଜ ପାଇଁ ଯାଉଥିଲେ । ସେଠାରେ ଉତ୍କଳୀୟ କଳା, ସ୍ଥାପତ୍ୟ ଓ ସଂସ୍କୃତିର ପ୍ରସାର କରୁଥିଲେ । ଆଜି ସେହି ଗୋପାଳପୁରରେ ଟାଟା କମ୍ପାନୀ ଏକ କୋଟି ଟନ୍ ଉତ୍ପାଦନ କ୍ଷମ ଏସିଆର ବୃହତ୍ତମ ଇସ୍ପାତ କାରଖାନା କରିବାକୁ ଯାଉଛନ୍ତି । ଧାମରା, ପାରାଦ୍ୱୀପ ଆଦି ବନ୍ଦରର ବିକାଶପାଇଁ ସରକାର ପଦକ୍ଷେପ ନେଉଛନ୍ତି । ଏହାଫଳରେ ଆନ୍ତର୍ଜାତିକ ବାଣିଜ୍ୟର ବିକାଶରେ ଆମର ସୁଦୀର୍ଘ ଉପକୂଳଗୁଡ଼ିକର ସଦୁପଯୋଗ ହୋଇପାରିବ ଏବଂ ଓଡ଼ିଶାର ଅର୍ଥନୈତିକ ପ୍ରଗତି ସମ୍ଭବ ହେବ ।

ଅତୀତର ଅକ୍ଷୟ କୀର୍ତ୍ତି ଓ ଅମରସ୍ମୃତି ଏ ଜାତିକୁ ବୈଭବଶାଳୀ ହେବାରେ ପ୍ରେରଣା ଦେଉ, ଆଜିର ପବିତ୍ର ତିଥିରେ ଏହାହିଁ କାମନା ।

# ଅମର ଶହୀଦ୍



ବିର୍ସା ମୁଣ୍ଡା



ଜୟୀ ରାଜଗୁରୁ



ଲକ୍ଷ୍ମଣ ନାୟକ

# ଓଡ଼ିଶାରେ ଶିଳ୍ପ ବିକାଶର ନୂତନ ଦିଗନ୍ତ

ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ ଓ ଶିଳ୍ପମନ୍ତ୍ରୀ ଶ୍ରୀ ନିରଂଜନ ପଟ୍ଟନାୟକଙ୍କ ସମେତ ରାଜ୍ୟ ସରକାରଙ୍କ ପଦସ୍ଥ ଅଫିସରମାନଂକ ଏକ ପ୍ରତିନିଧିଦଳ ଗତ ଅକ୍ଟୋବର ୧୯ ତାରିଖରୁ ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ଜାପାନ, କୋରିଆ, ହଙ୍ଗକଙ୍ଗ, ଥାଇଲାଣ୍ଡ ଓ ସିଂଗାପୁର ଗସ୍ତରେ ଯାଇଥିଲେ । ଏହି ଦେଶମାନଙ୍କରୁ ରାଜ୍ୟକୁ ବିପୁଳ ପରିମାଣର ବୈଦେଶିକ ପୁଂଜି ଆକୃଷ୍ଟ କରିବା ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଓଡ଼ିଶାରେ ଥିବା ବିଭିନ୍ନ ଭାରତୀୟ କଂପାନୀର ପ୍ରତିନିଧିମାନଂକର ଏକ ବାଣିଜ୍ୟିକ ପ୍ରତିନିଧି ଦଳ ମଧ୍ୟ ମୁଖ୍ୟମନ୍ତ୍ରୀଂକ ସାଂଗରେ ଯାଇଥିଲେ ।



ଜାପାନ:

ଟୋକିଓରେ ପ୍ରତିନିଧିଦଳଙ୍କୁ ମିତ୍ସୁବିସି କର୍ପୋରେସନ, ଇଟୋଚୁ କର୍ପୋରେସନ, ନିସୋ ଇୱାଇ କର୍ପୋରେସନ ଓ ମାରୁବେନୀ କର୍ପୋରେସନ ପକ୍ଷରୁ ସ୍ୱାଗତ କରାଯାଇଥିଲା । ଏହି ମୁଖ୍ୟ ବ୍ୟବସାୟିକ କର୍ପୋରେସନ ଗୁଡ଼ିକ ଭିତ୍ତିଭୂମିକ ବିକାଶ ସମେତ ଓଡ଼ିଶାରେ ବିଭିନ୍ନ କ୍ଷେତ୍ରରେ ପୁଂଜିନିବେଶ ପାଇଁ ରହିଥିବା ବିପୁଳ ସୁଯୋଗର ଉଚ୍ଚ ପ୍ରଶଂସା କରିଥିଲେ । ଭିତ୍ତିଭୂମି, ଖଣିଜ, ଧାତବ ଶିଳ୍ପ, ପେଟ୍ରୋକେମିକାଲ, ଇଲେକ୍ଟ୍ରୋନିକସ୍ ଓ କୃଷିଭିତ୍ତିକ ଶିଳ୍ପରେ ମିତ୍ସୁବିସି ଏବଂ କଂପ୍ୟୁଟର ସଫ୍ଟୱେୟାର, ଅଟୋମୋବାଇଲ ଶକ୍ତି ଉତ୍ପାଦନ ଓ ପେଟ୍ରୋକେମିକାଲ କ୍ଷେତ୍ରରେ ଇଟୋଚୁ ଆଗ୍ରହୀ ଥିଲାବେଳେ ନିର୍ଦ୍ଦିଷ୍ଟ ପ୍ରକଳ୍ପ ଚିହ୍ନଟ କରି ଏକତ୍ର କାର୍ଯ୍ୟ କରିବାକୁ ଉଭୟ କର୍ପୋରେସନ ରାଜ୍ୟ ସରକାରଂକ ସହିତ ଏକ ଚୁକ୍ତି ନାମାରେ ସ୍ୱାକ୍ଷର କରିଥିଲେ ।

ଏକ୍‌ସିମ୍ ବ୍ୟାଙ୍କର ଡେପୁଟି ଗଭର୍ଣ୍ଣର ମିଃ ଆକିରା ନାମ୍ବାରା ଏବଂ ଓ.ଇ.ସି.ଏଫ୍.ର ସଭାପତି ମିଃ ଆକିରା ନିଶିଗାକିଂକ ସହିତ ପ୍ରତିନିଧି ଦଳ ପ୍ରଧାନ ପ୍ରଧାନ ରେଳବାଇ ପ୍ରକଳ୍ପ ଓ ବୃହତ ଜଳସେଚନ ଯୋଜନା ପାଇଁ ଅର୍ଥ ଯୋଗାଣ ସଂପର୍କରେ ଆଲୋଚନା କରିଥିଲେ ।

ଓଡ଼ିଶାରେ ପୁଂଜିନିବେଶର ସୁଯୋଗ ସଂପର୍କରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଜାପାନ ବ୍ୟବସାୟ ସହଯୋଗ କମିଟିରେ ଭାଷଣ ପ୍ରଦାନ କରିଥିଲେ । ଶିଳ୍ପମନ୍ତ୍ରୀ ମଧ୍ୟ ଜାପାନୀ ଟୁର୍ ଅପରେଟର, ଏୟାରଲାଇନ୍ ପ୍ରତିନିଧି ଓ ହୋଟେଲ ମାଲିକମାନଙ୍କର ପ୍ରତିନିଧିଦଳଙ୍କୁ ଭେଟି ଓଡ଼ିଶାରେ ପର୍ଯ୍ୟଟନର ସୁଯୋଗ ସଂପର୍କରେ ସୂଚନା ଦେଇଥିଲେ । ଏହି ପ୍ରତିନିଧି ଦଳଗୁଡ଼ିକ ଖୁବ୍ ନିକଟରେ ଭାରତ ଭ୍ରମଣରେ ଆସିବେ ।

କୋରିଆ ସାଧାରଣତନ୍ତ୍ର:

ସିଓଲଠାରେ ଓଡ଼ିଶାର ପ୍ରତିନିଧିଦଳ କୋରିଆର କେତେକ ବୃହତ ଶିଳ୍ପାନୁଷ୍ଠାନ ଯଥା- ଏଲ୍ଜି କର୍ପୋରେସନ୍, ହ୍ୟୁଣ୍ଡାଇ କର୍ପୋରେସନ୍, ଏଲ.ଜି. ଇଣ୍ଟରନ୍ୟାସନାଲ୍ କର୍ପୋରେସନ୍ ଏବଂ ସାଙ୍ଗୟୋଙ୍ଗ କର୍ପୋରେସନର ଉଚ୍ଚ କର୍ମକର୍ତ୍ତାମାନଂଙ୍କ ସହ ଆଲୋଚନା କରିଥିଲେ । ବନ୍ଦର ଓ ରାସ୍ତା, ଅଟୋମୋବାଇଲ,

ପେଟ୍ରୋକେମିକାଲ ଶିଳ୍ପ, ଲୌହ, ଇସ୍ପାତ୍, ଆଲୁମିନା-ଆଲୁମିନିୟମ, ଖାଦ୍ୟ ପ୍ରକ୍ରିୟାକରଣ ଆଦି କ୍ଷେତ୍ର ପାଇଁ କୋରିଆ କମ୍ପାନୀଗୁଡ଼ିକ ପକ୍ଷରୁ ପ୍ରବଳ ଆଗ୍ରହ ପରିଲକ୍ଷିତ ହୋଇଥିଲା । ହ୍ୟୁଣ୍ଡାଇ, ଏଲ.ଜି. ଇଣ୍ଟରନ୍ୟାସନାଲ ଓ ସାଙ୍ଗୟୋଙ୍ଗ କଂପାନୀ ପକ୍ଷରୁ ଏହିସବୁ କ୍ଷେତ୍ରର ନିର୍ଦ୍ଦିଷ୍ଟ ପ୍ରକଳ୍ପ ଚିହ୍ନଟ କରିବା ପାଇଁ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ଭାରତରେ ସାଙ୍ଗୟୋଙ୍ଗ ପକ୍ଷରୁ ପ୍ରତିଷ୍ଠା ହେବାକୁ ଥିବା ଅଟୋମୋବାଇଲ୍ ପ୍ରକଳ୍ପ ଓଡ଼ିଶାରେ ବସାଇବାକୁ ବିଚାର କରିବା ପାଇଁ ସାଙ୍ଗୟୋଙ୍ଗ ରାଜି ହୋଇଛି ।

ହଂକଂ :

ହଂକଂ ଠାରେ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ପ୍ରତିନିଧିମାନେ ଭାରତୀୟ ଚାମ୍ବର ଅଫ କମର୍ସର ସ୍ଥାନୀୟ ସଭ୍ୟମାନଙ୍କୁ ଭେଟିଥିଲେ । ଭାରତରେ ଅର୍ଥନୈତିକ ଉଦାରୀକରଣ ପ୍ରକ୍ରିୟା ସମ୍ବନ୍ଧରେ ସୂଚନା ଦେଇ ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ସ୍ୱତନ୍ତ୍ର ସୁବିଧା ସୁଯୋଗ ରହିଛି ବୋଲି ସେ ପ୍ରକାଶ କରିଥିଲେ । ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଓ ଶିଳ୍ପମନ୍ତ୍ରୀ ହଂକଂଠାରେ ପ୍ରମୁଖ ପ୍ରବାସୀ ଭାରତୀୟମାନଙ୍କୁ ଭେଟିଥିଲେ ଏବଂ ଭିତ୍ତିଭୂମି, ପର୍ଯ୍ୟଟନ, ବୟନଶିଳ୍ପ, ରତ୍ନପଥର ଆଦି କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ ରହିଥିବା ବିପୁଳ ସମ୍ଭାବନା ସମ୍ପର୍କରେ ଆଲୋଚନା କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ନିମନ୍ତ୍ରଣ କ୍ରମେ ପ୍ରବାସୀ ଭାରତୀୟମାନଙ୍କର ଏକ ସଂଘ ମି: ଗ୍ୟାରୀ ଏଚ୍. ହରିଲେଲାଙ୍କ ନେତୃତ୍ୱରେ ଓଡ଼ିଶାରେ ପୁଞ୍ଜି ନିବେଶ ସମ୍ପର୍କରେ ଆଲୋଚନା କରିବାକୁ ଏକ ପ୍ରତିନିଧି ଦଳ ପଠାଇବା ପାଇଁ ସମ୍ମତ ହୋଇଛନ୍ତି ।

ମୁଖ୍ୟମନ୍ତ୍ରୀ ପ୍ରମୁଖ ଶିଳ୍ପପତିମାନଙ୍କ ସହ ପୃଥକ ପୃଥକ ଆଲୋଚନା ମଧ୍ୟ କରିଥିଲେ । ସେମାନଙ୍କ ମଧ୍ୟରୁ ''ସେପା''ର ଅଧ୍ୟକ୍ଷ ମି. ଗର୍ଡ଼ନ୍‌ର ୩୦୦୦ ମେଗାୱାଟ୍ ଉତ୍ପାଦନ କ୍ଷମ ଏକ ଶକ୍ତି ପ୍ରକଳ୍ପ ଓଡ଼ିଶାରେ ବସାଇବା ପାଇଁ ରାଜି ହୋଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡଃ. ୟୁ.ଏଚ୍. ବକସାନି, ଜି. ହରିଲେଲା ଏବଂ କେ. ଶୀତଲ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆଗ୍ରହ ପ୍ରଦର୍ଶନ କରିଥିଲେ ଏବଂ ଏଥିପାଇଁ ଓଡ଼ିଶା ପରିଦର୍ଶନରେ ଆସିବେ ବୋଲି କହିଥିଲେ । କ୍ୟାମେରା, ଘଣ୍ଟା ଓ ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀ ତିଆରି ପାଇଁ ହଂକଂର ଶିଳ୍ପପତିମାନଙ୍କ ସହ ପ୍ରତିନିଧିମାନେ ଆଲୋଚନା କରିଥିଲେ ।

ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଓ ଶିଳ୍ପମନ୍ତ୍ରୀ ଜଣାଶୁଣା ପୁଞ୍ଜିଲଗାଣକାରୀ ବ୍ୟାଙ୍କ ପେରିଗ୍ରୀନ୍ ବ୍ରୋକରେଜ୍ ଓ ମେରୀ ଲିଞ୍ଚ୍ କର୍ମକର୍ତ୍ତାମାନଙ୍କ ସହ ପୁଞ୍ଜିନିବେଶ ପ୍ରସ୍ତାବ ଓ ଅର୍ଥଯୋଗାଣ ସମ୍ପର୍କରେ ଆଲୋଚନା କରିଥିଲେ ।

ଥାଇଲାଣ୍ଡ :

ଅକ୍ଟୋବର ୨୭ ତାରିଖ ଦିନ ମୁଖ୍ୟମନ୍ତ୍ରୀ ବ୍ୟାଙ୍କକଠାରେ ଏକ ନୈଶ୍ୟଭୋଜିରେ ଭାରତୀୟ ବଂଶୋଦ୍ଭବ ଶିଳ୍ପପତିମାନଙ୍କୁ ଭାରତରେ କାର୍ଯ୍ୟକାରୀ ହେଉଥିବା ଅର୍ଥନୈତିକ ଉଦାରୀକରଣ ପ୍ରକ୍ରିୟା ସମ୍ପର୍କରେ ଭାଷଣ ଦେଇଥିଲେ । ଓଡ଼ିଶାରେ ପୁଞ୍ଜିନିବେଶ କ୍ଷେତ୍ରରେ ରହିଥିବା ସ୍ୱତନ୍ତ୍ର ସୁଯୋଗ ସମ୍ପର୍କରେ ମଧ୍ୟ ସେ ଉଲ୍ଲେଖ କରିଥିଲେ ଏବଂ ବନ୍ଦର, ରାସ୍ତା, ଇଲେକଟ୍ରୋନିକ୍ସ, ଖାଦ୍ୟ ପ୍ରକ୍ରିୟାକରଣ, ଖଣିଜ ଭିତ୍ତିକ ଶିଳ୍ପ ଏବଂ ପର୍ଯ୍ୟଟନ କ୍ଷେତ୍ରରେ ପୁଞ୍ଜିଲଗାଣକାରୀମାନଙ୍କ ପାଇଁ ରହିଥିବା ବିଭିନ୍ନ ଆକର୍ଷଣ ସମ୍ପର୍କରେ ବୁଝାଇଥିଲେ ।

ବନ୍ଦର ବିକାଶ, ପେଟ୍ରୋକେମିକାଲ କମ୍ପ୍ଲେକ୍ସ, ଲୁହାପଥର, ଖାଦ୍ୟ ପ୍ରକ୍ରିୟାକରଣ ଆଦି କ୍ଷେତ୍ରରେ ଆଗ୍ରହୀ ଜି. ପ୍ରେମଜୀ, ଥାଇ ପେଟ୍ରୋକେମିକାଲ ଶିଳ୍ପଗୋଷ୍ଠୀ (ଟି.ପି.ଆଇ), ସି.ପି. (ଚାରୋଏନ୍ ପୋପଖଣ୍ଡ) ଗୋଷ୍ଠୀ, ଇଣ୍ଡୋରାମା ଗୋଷ୍ଠୀର ପ୍ରତିନିଧିମାନଙ୍କ ସହ ମୁଖ୍ୟମନ୍ତ୍ରୀ ପୃଥକ ପୃଥକ ଆଲୋଚନା କରିଥିଲେ । ବିଭିନ୍ନ ପ୍ରସ୍ତାବ ସମ୍ପର୍କରେ ଅଧିକ ଅନୁଧ୍ୟାନ କରିବା ପାଇଁ ଏହି ସଂସ୍ଥାର ପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀଙ୍କ ନିମନ୍ତ୍ରଣକ୍ରମେ ଓଡ଼ିଶା ପରିଦର୍ଶନ କରିବାକୁ ସମ୍ମତି ପ୍ରଦାନ କରିଛନ୍ତି । ରାଜ୍ୟରେ ପେଟ୍ରୋଲିୟମ କ୍ଷେତ୍ରରେ କେତେକ ପ୍ରକଳ୍ପ ସମେତ ଚିଂଗୁଡ଼ି ପ୍ରକ୍ରିୟାକରଣ ଓ ଚିଙ୍ଗୁଡ଼ି ଖାଦ୍ୟ ଉତ୍ପାଦନ ପାଇଁ ଏକ କାରଖାନା ବସାଇବାକୁ ଶିଳ୍ପଗ୍ରୁପ୍ ବିଶେଷ ଆଗ୍ରହ ପ୍ରକାଶ କରିଥିଲେ । ଲୁହା ପଥରକୁ ଛୋଟ ଛୋଟ କରିବା ପାଇଁ ଏବଂ ଅନ୍ୟ କେତେକ ପ୍ରକଳ୍ପପାଇଁ ଟି.ପି.ଆଇ ଗ୍ରୁପ୍ ସହିତ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା ।

ମାଲୟେସିଆ:

ଗତ ୨୯ ତାରିଖ ଦିନ କ୍ୱାଲାଲାମପୁରଠାରେ ମାଲୟେସିଆର ଜାତୀୟ ଶିଳ୍ପ- ବଣିକ ସଂଘର ଏକ ସଭାରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଭାରତରେ କାର୍ଯ୍ୟକାରୀ ହେଉଥିବା ଆର୍ଥିକ ଉଦାରୀକରଣ ପ୍ରକ୍ରିୟା ଅପରିବର୍ତ୍ତନୀୟ । ଶିଳ୍ପ ଭିତ୍ତିଭୂମି କ୍ଷେତ୍ରରେ ରହୁଥିବା ସୁଯୋଗ ସଂପର୍କରେ ଅନୁଧ୍ୟାନ କରିବା ପାଇଁ ଏକ ପ୍ରତିନିଧି ଦଳ ପଠାଇବା ପାଇଁ ମୁଖ୍ୟମନ୍ତ୍ରୀ ସଂସ୍ଥାର ସେକ୍ରେଟେରୀ-ଜେନେରାଲଙ୍କୁ ନିମନ୍ତ୍ରଣ ଜଣାଇ ଥିଲେ ।

ମେଟ୍ରୋପ୍ଲେକସ୍, ରେନଂଗ୍, ଆଇ.ଜେ.ଏମ୍. ଓ ଜୋହାନ୍ ହୋଲଡ଼ିଂସ୍ ପ୍ରଭୃତି ମାଲୟେସିଆର ବଡ଼ ବଡ଼ ଶିଳ୍ପ ସଂସ୍ଥା ସହିତ ମୁଖ୍ୟମନ୍ତ୍ରୀ ଅଲଗା ଅଲଗା ଆଲୋଚନା କରିଥିଲେ । ଏହି ସବୁ ସଂସ୍ଥା ଓଡ଼ିଶାରେ ଭିତ୍ତିଭୂମି, ପର୍ଯ୍ୟଟନ ଓ ବୃକ୍ଷରୋପଣ ଆଦି କ୍ଷେତ୍ରରେ ପ୍ରବଳ ଆଗ୍ରହ ପ୍ରଦର୍ଶନ କରିଥିଲେ ।

ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଓ ଶିଳ୍ପମନ୍ତ୍ରୀ ସେ ଦେଶର ଶକ୍ତି, ଯୋଗାଯୋଗ ମନ୍ତ୍ରୀ ଲିଓ ମୋଗାଂଙ୍କ ସହିତ ଶକ୍ତି ଉନ୍ନୟନ ଓ ଟେଲିଯୋଗାଯୋଗ କ୍ଷେତ୍ରରେ ପାରସ୍ପରିକ ସହଯୋଗ ସଂପର୍କରେ ଆଲୋଚନା କରିଥିଲେ ।

**ସିଂଗାପୁର :**

ଅକ୍ଟୋବର ୩୦ ଦିନ ସିଂଗାପୁର ଶିଳ୍ପ ମହାସଂଘ ଓ ଭାରତୀୟ ଶିଳ୍ପ ମହାସଂଘର ଯୁଗ୍ମ ଆନୁକୂଲ୍ୟରେ ଓଡ଼ିଶାରେ ପୁଂଜି ନିବେଶର ସୁବିଧା ସଂପର୍କରେ ଏକ ସେମିନାର ଅନୁଷ୍ଠିତ ହୋଇଥିଲା । ଏହି ସେମିନାରରେ ବହୁ ଲୋକ ଯୋଗ ଦେଇଥିଲେ । ସେମିନାରରେ ଭାଷଣ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡ଼ିଶାରେ ଶ୍ରମିକ ଭିତ୍ତିକ ଶିଳ୍ପ, ବୟନ ଶିଳ୍ପ ଓ ପର୍ଯ୍ୟଟନ ଆଦି କ୍ଷେତ୍ରରେ ପୁଂଜିନିବେଶ ପାଇଁ ବିପୁଳ ସୁଯୋଗ ରହିଅଛି । ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଭାରତରେ ଆର୍ଥିକ ଉଦାରୀକରଣ ନୀତି ରହିଛି ଓ ରହିବ ଏବଂ ଏହା ଅପରିବର୍ତ୍ତନୀୟ । ତେଣୁ ଭାରତରେ ପୁଂଜି ଲଗାଣ ପାଇଁ ପୁଂଜିଲଗାଣକାରୀମାନେ ଦ୍ୱିଧାପ୍ରକାଶ କରିବା ଉଚିତ ନୁହେଁ । ତା'ପର ଦିନ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ସିଂ, ଏମ୍.ପି.ଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଇଣ୍ଡିଆ ବିଜିନେସ୍ ଇଣ୍ଟରଅକ୍‌ସନ୍ ଗ୍ରୁପକୁ ଭେଟିଥିଲେ ଏବଂ ସଭ୍ୟମାନଙ୍କୁ ଓଡ଼ିଶା ପରିଦର୍ଶନରେ ଆସିବାକୁ ନିମନ୍ତ୍ରଣ ଜଣାଇଥିଲେ ।

ଓଡ଼ିଶାରେ ବଂଦର ଉନ୍ନୟନ ଓ ଶକ୍ତି ଉତ୍ପାଦନ ଇତ୍ୟାଦି କ୍ଷେତ୍ରରେ ପୁଞ୍ଜି ଖଟାଇବା ସଂକ୍ରାନ୍ତରେ କେତେକ ବିଶିଷ୍ଟ ବ୍ୟବସାୟୀ ଗୋଷ୍ଠୀ ପ୍ରତିନିଧିଙ୍କ ସହିତ ସେ ପୃଥକ୍ ପୃଥକ୍ ଭାବେ ଆଲୋଚନା କରିଥିଲେ । ଓଡ଼ିଶାରେ ଏକ କମ୍ପ୍ୟୁଟର ହାର୍ଡ଼ଓୟାର ଓ ସଫ୍ଟଓୟାର ପ୍ରକଳ୍ପ ସ୍ଥାନ ନିମନ୍ତେ ରାଇଟ୍ ଟେକ୍ କଂପାନୀ ସହିତ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ସିଂଗାପୁର ଶିଳ୍ପ ବାଣିଜ୍ୟ ମନ୍ତ୍ରୀ ଗୋହ୍ ଚି ୱିଂଙ୍କ ସହିତ ପ୍ରତିନିଧି ଦଳ ସାକ୍ଷାତ ଆଲୋଚନା କରିଥିଲେ ।

**ପରବର୍ତ୍ତୀ ପଦକ୍ଷେପ :**

ଓଡ଼ିଶା ପ୍ରତିନିଧି ଦଳର ଏହି ୧୨ ଦିନିଆ ବିଦେଶ ଗସ୍ତ ଓ ବିଶେଷ ଉଦ୍ୟମ ଫଳରେ ୬ ଟି ଏସୀୟ ଦେଶରୁ ପୁଂଜିପତି ଓ ବ୍ୟବସାୟୀ ଗୋଷ୍ଠୀ ପକ୍ଷରୁ ଓଡ଼ିଶାର ବିଭିନ୍ନ ପ୍ରସ୍ତାବିତ ପ୍ରକଳ୍ପରେ ପୁଂଜି ବିନିଯୋଗ କରିବା ନିମନ୍ତେ ଯେଉଁ ବିପୁଳ ଆଗ୍ରହ ପ୍ରକାଶ ପାଇଛି, ତାକୁ ଯଥେଷ୍ଟ ଫଳପ୍ରଦ କାର୍ଯ୍ୟକାରୀ କରାଇବା ନିମନ୍ତେ ଆବଶ୍ୟକୀୟ ପଦକ୍ଷେପମାନ ଗ୍ରହଣ କରାଯିବା ଉଦ୍ଦେଶ୍ୟରେ ରାଜ୍ୟ ଶିଳ୍ପ ବିଭାଗରେ ଜାପାନ, କୋରିଆ ଓ ଦକ୍ଷିଣ-ପୂର୍ବ ଏସିଆ ସେଲ ସ୍ଥାପନ କରାଯିବାକୁ ନିଷ୍ପତ୍ତି ହୋଇଛି । ନିର୍ଦ୍ଦିଷ୍ଟ ପ୍ରକଳ୍ପଗୁଡ଼ିକ ସଂପର୍କରେ ସମୟକୁ ସମୟ ଆବଶ୍ୟକୀୟ ବ୍ୟବସ୍ଥା କରିବା ଓ ସେ ସବୁର କାର୍ଯ୍ୟକାରିତା ପାଇଁ ପଦକ୍ଷେପ ନେବା ନିମନ୍ତେ ଏହି ସେଲ୍ ଉଦ୍ୟମ କରିବ । ଏକ କ୍ୟାବିନେଟ୍ କମିଟି ମଧ୍ୟ ନିୟମିତ ଭାବେ ଏସବୁ କ୍ଷେତ୍ରରେ ହେଉଥିବା ଅଗ୍ରଗତିକୁ ସମୀକ୍ଷା କରିବ ବୋଲି ସ୍ଥିର କରାଯାଇଛି ।



# କାର୍ତ୍ତିକ ବୋଇତ ବନ୍ଦାଣ ଓ ବାଲିଯାତ୍ରା

ଶ୍ରୀ ବେଣୁଧର ପାତ୍ର

ଆଧୁନିକ ଓଡ଼ିଶା ପ୍ରାଚୀନ କାଳରେ କଳିଙ୍ଗ ନାମରେ ପରିଚିତ ଥିଲା । ଏହା ଉତ୍ତରରେ ଗଙ୍ଗାନଦୀଠାରୁ ଦକ୍ଷିଣରେ ଗୋଦାବରୀ ନଦୀ ପର୍ଯ୍ୟନ୍ତ ବିକ୍ଷିପ୍ତ ପୂର୍ବ ମହାସାଗର (ବର୍ତ୍ତମାନ ବଙ୍ଗୋପସାଗର) ଉପକଣ୍ଠରେ ଅବସ୍ଥିତ ଥିଲା । ଏହାର ଅଧିବାସୀ ରଣ କୌଶଳୀ ଦୁର୍ଦ୍ଧର୍ଷ ବୀର ଓଡ଼ିଆମାନେ କଳା, ସ୍ଥାପତ୍ୟ, ଭାସ୍କର୍ଯ୍ୟ, ରାଜନୀତି ସାଙ୍ଗକୁ ନୌ-ବାଣିଜ୍ୟ କ୍ଷେତ୍ରରେ ମଧ୍ୟ ପାରଦର୍ଶିତା ହାସଲ କରିଥିଲେ । ଏକ ସୁନୌ-ବାହୀ ଜାତିରୂପେ ସେମାନେ ପରିଗଣିତ ହୋଇଥିଲେ । କଳିଙ୍ଗ ସମୁଦ୍ରଯାତ୍ରା ଓ ସାମୁଦ୍ରିକ ବାଣିଜ୍ୟ କ୍ଷେତ୍ରରେ ଭାରତ ଇତିହାସରେ ଏକ ଗୌରବମୟ ଅଧ୍ୟାୟ ସୃଷ୍ଟି କରିଥିଲା । ପ୍ରାଚୀନ ଫୋଏନେସୀଆନ୍‌ମାନେ ଆରବ ସାଗରରେ ପ୍ରଭାବ ବିସ୍ତାର କଲାଭଳି କଳିଙ୍ଗର ଅଧିବାସୀମାନେ ବଙ୍ଗୋପସାଗରରେ ପ୍ରାଧାନ୍ୟ ବିସ୍ତାର କରିଥିଲେ । ପ୍ରତ୍ନତତ୍ତ୍ୱବିତ୍ ଓ ଐତିହାସିକମାନଙ୍କ ମତରେ ଭାରତୀୟ ନାବିକମାନଙ୍କ ମଧ୍ୟରେ ପ୍ରାଚୀନ କଳିଙ୍ଗର ଲୋକମାନେ ଥିଲେ ଧୂରୀଣ ଓ ଅଗ୍ରଗାମୀ । ତେଣୁ ସଂସ୍କୃତ ସାହିତ୍ୟରେ ''କଳିଙ୍ଗାଃ ସାହସିକାଃ'' ବୋଲି ବର୍ଣ୍ଣନା କରାଯାଇଛି । ମହାକବି କାଳିଦାସ ତାଙ୍କ ରଚିତ 'ରଘୁବଂଶ' କାବ୍ୟରେ କଳିଙ୍ଗର ରାଜାଙ୍କୁ 'ମହୋଦଧିପତି' ବା ସମୁଦ୍ରରାଜା ବୋଲି ଅଭିହିତ କରିଛନ୍ତି । ବୌଦ୍ଧଗ୍ରନ୍ଥ ''ଆର୍ଯ୍ୟମଞ୍ଜୁଶ୍ରୀ ମୂଳକଳ୍ପ'' ପୂର୍ବମହାସାଗରକୁ 'କଳିଙ୍ଗ ସାଗର' ନାମରେ ନାମିତ କରିଛି । ପ୍ରାଚୀନ କଳିଙ୍ଗର ଅଭିଜ୍ଞ ନାବିକ ସୌଦାଗର ଓ ସାଧବଗଣ ଅଗାଧ- ଅନନ୍ତ ମହାସମୁଦ୍ରର ବକ୍ଷଦେଶରେ ପୋତ ଚାଳନା କରି ଶ୍ରୀଲଙ୍କା, ବର୍ମା, ଚୀନ, ଇଣ୍ଡୋନେସିଆର ଦ୍ୱୀପପୁଞ୍ଜ- ଜାଭା, ସୁମାତ୍ରା, ବାଲି , ବୋର୍ଣ୍ଣିଓ ଇତ୍ୟାଦି ସହ ବାଣିଜ୍ୟିକ ଯୋଗସୂତ୍ର ରକ୍ଷା କରିଥିଲେ । କେବଳ ସେତିକି ନୁହେଁ, କଳିଙ୍ଗର ବ୍ୟବସାୟ-ବାଣିଜ୍ୟ, ଉନ୍ନତ କଳା, ଭାସ୍କର୍ଯ୍ୟ, ସଂସ୍କୃତି ଓ ସଭ୍ୟତାର ବିସ୍ତାର ସାଙ୍ଗକୁ ବିଦେଶୀ ମାଟିରେ ଉପନିବେଶମାନ ସ୍ଥାପନ କରିଥିଲେ ।

ସର୍ବେକ୍ଷଣରୁ ଜଣାଯାଏ ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀ ବିଶେଷକରି ମଗଧ ସମ୍ରାଟ ଅଶୋକଙ୍କର ଆକ୍ରମଣ ହେତୁ କଳିଙ୍ଗ ନୌ-ବାଣିଜ୍ୟ କ୍ଷେତ୍ରରେ ପ୍ରତିଷ୍ଠାଲାଭ କରିସାରିଥିଲା । ବସ୍ତୁତଃ ନୌ-ବାଣିଜ୍ୟ ହିଁ କଳିଙ୍ଗ ଅଧିବାସୀମାନଙ୍କର ସମୃଦ୍ଧିର ମୂଳ କାରଣ ହୋଇଥିଲା ଓ ଏହି ବିଭବରେ ବୈଭବଶାଳୀ ସମଗ୍ର ଭାରତକୁ ଆୟତ୍ତ କରିଥିବା ମଗଧ ସମ୍ରାଟଙ୍କର ବଶ୍ୟତା ସ୍ୱୀକାର କରିବାକୁ ସେମାନେ ପ୍ରସ୍ତୁତ ନଥିଲେ । କଳିଙ୍ଗର ଅଧିବାସୀମାନଙ୍କର ଏହି ସମୃଦ୍ଧ ନୌ-ବାଣିଜ୍ୟ ଓ ପରିଚାଳନା ପାଇଁ ସୁଯୋଗ ଓ ପ୍ରେରଣା ଯୋଗାଇ ଥିଲା ସମୁଦ୍ର ଉପକୂଳରେ ଅବସ୍ଥିତ ସୁନାବ୍ୟା ନଦୀଯୁକ୍ତ ବିଭିନ୍ନ ବନ୍ଦର । ଟଲେମୀଙ୍କ ବିବରଣୀରୁ ଜଣାଯାଏ ଖ୍ରୀଷ୍ଟୀୟ ଦ୍ୱିତୀୟ ଶତାବ୍ଦୀରେ ଓଡ଼ିଶାର ଉପକୂଳରେ ଅବସ୍ଥିତ ପାଲୁର ବନ୍ଦର (ବର୍ତ୍ତମାନ ଚିଲିକାର ଦକ୍ଷିଣରେ ଅବସ୍ଥିତ ଗଞ୍ଜାମ ଜିଲ୍ଲାର ଏକ ଗ୍ରାମ) ଦକ୍ଷିଣ-ପୂର୍ବ ଏସିଆକୁ ଜଳଯାତ୍ରା ନିମିତ୍ତ ଆନ୍ତର୍ଜାତିକ କ୍ଷେତ୍ରରେ ଖ୍ୟାତି ଲାଭ କରିଥିଲା । ତାମ୍ରଲିପ୍ତି (ଆଧୁନିକ ତାମଲୁକ୍) ଯେଉଁଠାରେ ସମ୍ରାଟ ଅଶୋକ ନିଜର ପୁତ୍ର ମହେନ୍ଦ୍ର ଓ କନ୍ୟା ସଙ୍ଘମିତ୍ରାଙ୍କୁ ବୌଦ୍ଧ ଧର୍ମର ପ୍ରଚାର ଓ ପ୍ରସାର ଲାଗି ସିଂହଳ ପଠାଇଥିଲେ ତାହା ଥିଲା ପ୍ରାଚୀନ କଳିଙ୍ଗର ଅନ୍ୟଏକ ପ୍ରଧାନ ବନ୍ଦର । ସପ୍ତମ ଶତାବ୍ଦୀରେ ଚୀନ ପରିବ୍ରାଜକ ହୁଏନ୍‌ସାଂ ତାଙ୍କ ଭ୍ରମଣ ବୃତ୍ତାନ୍ତରେ କଳିଙ୍ଗର (ଓଡ୍ର) ଚେଲିତାଲୋ (ଚେଲିତାଲୋ ଓ ମାଣିକ ପାଟଣା ଏକ ବନ୍ଦରର ଦୁଇଟି ନାମ ଭାବରେ ଚିହ୍ନିତ କରାଯାଇଛି) ପୋତାଶ୍ରୟ ବିଷୟରେ ଉଲ୍ଲେଖ କରିଛନ୍ତି । ସମ୍ରାଟ ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖରେ ଉଲ୍ଲେଖ ଥିବାର ପିଥୁଣ୍ଡ ମଧ୍ୟ ପ୍ରାଚୀନ କାଳରେ କଳିଙ୍ଗର ଏକ ପ୍ରଧାନ ବନ୍ଦର ଥିଲା । ଏହା ବ୍ୟତୀତ ଖାଲ୍‌କଟାପାଟଣା, ଦୋସାରିନ୍, ସୁନ୍‌ପୁର, ଚାନ୍ଦୁଆ, ଚହିଙ୍ଗ ପାଟଣା ପ୍ରଭୃତି ବନ୍ଦରମାନ ଅତୀତରେ ନୌ-ବାଣିଜ୍ୟ ପାଇଁ ପ୍ରସିଦ୍ଧି ଲାଭ କରିଥିଲା । ନୌ-ଚାଳନା ସାଙ୍ଗକୁ ଓଡ଼ିଆମାନଙ୍କର



ବୋଇତ ଗଢ଼ିବାର ପ୍ରଣାଳୀ ଓ ବୋଇତ ନିର୍ମାଣ ପାଇଁ ଦରକାରୀ ସାମଗ୍ରୀ ବିଷୟରେ ମଧ୍ୟ ସ୍ପଷ୍ଟ ଧାରଣା ଥିଲା । କେତେକ ଅନୁଶାସନରୁ ଜଣାଯାଏ ଯେ ପ୍ରାଚୀନ କାଳରେ ସମୁଦ୍ର ଯାତ୍ରା ଓ ସମୁଦ୍ର ବାଣିଜ୍ୟ କଳିଙ୍ଗ ରାଜକୁମାରମାନଙ୍କର ଶିକ୍ଷା ବିଧାନରେ ଅନ୍ତର୍ଭୁକ୍ତ ଥିଲା । ବିଶେଷକରି ଯେତେବେଳେ ଭାରତର ଅନ୍ୟାନ୍ୟ ଅଞ୍ଚଳର ଲୋକମାନେ ସମୁଦ୍ର-ବାଣିଜ୍ୟ କ୍ଷେତ୍ରରେ ପଛୁଆ ଥିଲେ ଓ ସମୁଦ୍ର ଯାତ୍ରାକୁ ଭୟ କରୁଥିଲେ କଳିଙ୍ଗର ଅଧିବାସୀମାନେ ନିର୍ଭୟରେ ମହୋଦଧିର ଦିଗନ୍ତ ବିସ୍ତାରୀ ଜଳରାଶି ମଧ୍ୟରେ ବିନା ଯାନ୍ତ୍ରୀକ ସହାୟତାରେ ପାଲଟଣା ବୋଇତରେ ନିଜର ପଣ୍ୟଦ୍ରବ୍ୟ ବୋହିନେଇ ସୁଦୂର ଦକ୍ଷିଣ-ପୂର୍ବ ଏସୀୟଦେଶ- ଜାଭା, ସୁମାତ୍ରା, ବାଲି, ବୋର୍ଣ୍ଣିଓ, ସିଂହଳ, ବର୍ମା, ଇତ୍ୟାଦି ସହିତ ନୌ-ବାଣିଜ୍ୟ କରିଥିଲେ ଓ ସେହି ଦେଶମାନଙ୍କୁ ଅଜସ୍ର ଧନ, ସୁନା, ମଣି ମୁକ୍ତା ବୋହିଆଣି ମାତୃଭୂମି କଳିଙ୍ଗକୁ ସମୃଦ୍ଧିଶାଳୀ ତଥା ଶକ୍ତିଶାଳୀ କରିପାରିଥିଲେ ।

ଅତୀତର ଏହି ସମୃଦ୍ଧ ନୌ-ବାଣିଜ୍ୟକୁ ଓଡ଼ିଶାର ଅଧିବାସୀ ବିଶେଷକରି ସାଧବମାନେ ଋଦ୍ଧିମନ୍ତ ଓ ଶକ୍ତିଶାଳୀ କରିପାରିଥିଲେ । ଅତୀତ ଓଡ଼ିଶାର ସାଧବମାନେ ନୌ-ବାଣିଜ୍ୟ ବିଦ୍ୟାରେ ଧୂରୀଣଥିଲେ ଓ ବାଣିଜ୍ୟ କାରବାର ପାଇଁ ସେମାନଙ୍କ ପାଖରେ ବିପୁଳ ଶକ୍ତି ଓ ପୁଞ୍ଜି ମହଜୁଦ୍ ରହିଥିଲା । ସେମାନେ ବ୍ୟକ୍ତିଗତ ପ୍ରଚେଷ୍ଟା ବା ସଂଘବଦ୍ଧ ଭାବରେ ଏକାଧିକ ବୋଇତ ଚଳାଉଥିଲେ ଓ ସମାଜରେ ପ୍ରତିପତ୍ତିଶାଳୀ ଭାବେ ପ୍ରତିଷ୍ଠା ଲାଭ କରିଥିଲେ । ଦେଶ ବିଦେଶରେ ବାଣିଜ୍ୟ କରୁଥିବା ବଣିକମାନଙ୍କୁ 'ମହାଭାରତ'ରେ 'ସାର୍ଥ' ଓ ସେମାନଙ୍କ ଦଳପତିଙ୍କୁ ''ସାର୍ଥବାହ'' ବୋଲି ବର୍ଣ୍ଣନା କରାଯାଇଛି । ଗବେଷକମାନେ ଏହି ''ସାର୍ଥବାହ'' ଶବ୍ଦରୁ ଓଡ଼ିଶାରେ ସାଧବ ଶବ୍ଦର ସୃଷ୍ଟି ହୋଇଛି ବୋଲି ମତ ପ୍ରକାଶ କରନ୍ତି । ଅନ୍ୟ କେତେକ ଗବେଷକଙ୍କ ମତରେ କଳିଙ୍ଗର ବଣିକମାନେ ନୌ-ବାଣିଜ୍ୟ କ୍ଷେତ୍ରରେ ଅତ୍ୟନ୍ତ ସାଧୁଥିଲେ ଏବଂ ବ୍ୟବସାୟଗତ ସାଧୁତାରୁ ସେମାନଙ୍କୁ 'ସାଧବ' ବୋଲି କୁହାଯାଉଥିଲା । ପ୍ରଖ୍ୟାତ ଐତିହାସିକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ମତରେ ସାଧାରଣ ଭାବରେ ସାଧବର ଅର୍ଥ ହେଉଛି ଧନୀ ଓ ଏହି ସାଧବମାନେ ଥିଲେ ଦେଶର ଅର୍ଥନୈତିକ ଜୀବନର ମେରୁଦଣ୍ଡ । ନୌ -ବାଣିଜ୍ୟ କ୍ଷେତ୍ରରେ ପ୍ରାଚୀନ କାଳରେ ସାଧବ ପୁଅମାନେ ଏପରି ଆଭିଜାତ୍ୟ ଏବଂ ଐଶ୍ୱର୍ଯ୍ୟର ଅଧିକାରୀ ହୋଇଥିଲେ ଯେ ସେମାନେ ରଜାପୁଅ, ମନ୍ତ୍ରୀପୁଅ ଏବଂ କଟୁଆଳପୁଅମାନଙ୍କ ସହିତ ବନ୍ଧୁତା କରିବାକୁ ଯୋଗ୍ୟ ହେଉଥିଲେ । କିମ୍ବଦନ୍ତୀକୁ ପର୍ଯ୍ୟାଲୋଚନାକରି ଐତିହାସିକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ କହିଛନ୍ତି ''ଯେଉଁ କାହାଣୀରେ ଚାରି ସାଙ୍ଗାତ କଥା ଅଛି, ସେଥିରେ ରଜାପୁଅ, ମନ୍ତ୍ରୀପୁଅ, କଟୁଆଳପୁଅ ଓ ସାଧବପୁଅ ସବୁ ସମୟରେ ମୁଖ୍ୟ ଅଂଶ ଗ୍ରହଣ କରିଥାନ୍ତି । ରାଜା ଥିଲେ ଦେଶର ମୁଖ୍ୟ ଶାସକ, ମନ୍ତ୍ରୀ ଥିଲେ ତାଙ୍କର ମୁଖ୍ୟ ପରାମର୍ଶଦାତା, କଟୁଆଳଥିଲେ ଶାନ୍ତି ରକ୍ଷକ ଓ ସାଧବଥିଲେ ଦେଶର ଅର୍ଥନୀତିକ ଜୀବନର ମେରୁଦଣ୍ଡ । ଏହି ଚତୁଃଶକ୍ତି ଉପରେ ହିଁ ଦେଶରେ ସ୍ୱଚ୍ଛନ୍ଦତା ଓ ସୁଶାସନ ନିର୍ଭର କରୁଥିଲା । ଏଣୁ ଏହି ଚତୁଃଶକ୍ତିର ପୁତ୍ରମାନେ ପରସ୍ପର ସହିତ ସହଯୋଗ କରି ସାଙ୍ଗାତ ଭାବରେ ଚଳୁଥିଲେ ।''

ପ୍ରାଚୀନ କଳିଙ୍ଗର ଗୌରବୋଜ୍ଜ୍ୱଳ ନୌ-ବାଣିଜ୍ୟ ସର୍ବଗ୍ରାସୀ କାଳର କରାଳ ସ୍ରୋତରେ ବିଲୀନ ହୋଇଯାଇଛି । ଓଡ଼ିଆମାନଙ୍କଠାରୁ ପୂର୍ବର ସେ ବୀରତ୍ୱ ଓ ତେଜ ଆଜି ହଜିଯାଇଛି । ତଥାପି ଓଡ଼ିଆମାନେ ପୂର୍ବର ସେ ଗରିମାମୟ ନୌ-ବାଣିଜ୍ୟ ଓ ନୌ-ଚାଳନାକୁ ଭୁଲିପାରିନାହାନ୍ତି । ଏହି ସ୍ମୃତି ଅଦ୍ୟାବଧି ସେମାନଙ୍କ ମାନସପଟରେ ଉଜ୍ଜୀବିତ ହୋଇ ରହିଛି । ଓଡିଶାର ପୁର ପଲ୍ଲୀରେ ପାଳିତ ଓଷାବ୍ରତ, ପର୍ବପର୍ବାଣୀ, ଛାନିଯାତ୍ରା, କିମ୍ବଦନ୍ତୀ, ବ୍ରତକଥା ଓ ଲୋକକଥାମାନଙ୍କରେ ଅତୀତ ନୌ-ବାଣିଜ୍ୟର ସ୍ମୃତି ଅଦ୍ୟାପି ଜଡ଼ିତ ରହିଛି । ତନ୍ମଧ୍ୟରୁ ଭାଦ୍ରବମାସର ଖୁଦୁରୁକୁଣୀ ଓଷା ଓ କାର୍ତ୍ତିକ ପୂର୍ଣ୍ଣମୀର ବୋଇତ ବନ୍ଦାଣ ହଜିଲା ସ୍ମୃତିକୁ ଜନ ମାନସରେ ଜାଗ୍ରତ କରିଥାଏ । ପ୍ରତିବର୍ଷ କାର୍ତ୍ତିକ ମାସର ପୂର୍ଣ୍ଣମୀଦିନ ପ୍ରତ୍ୟୁଷରେ ଓଡ଼ିଶାର ଆବାଳ ବୃଦ୍ଧବନିତା ପୁଷ୍କରିଣୀ, ନଦୀ ବା ସମୁଦ୍ରରେ ବୁଡ଼ ପକାଇ କଦଳୀ ବାହୁଙ୍ଗା ନିର୍ମିତ ଡଙ୍ଗାରେ ଦୀପଜାଳି ସେଥିରେ ପାନ,ଗୁଆ, ଲୁଣ, ସୋରିଷ, ଯଅ, ଥୋଇ ''ଆକାମାଭୈ, ପାନଗୁଆ ଥୋଇ ପାନଗୁଆ ତୋର, ମାସକ ଧର୍ମ ମୋର'' କହି ଯେଉଁ ନୌକା ଭସାଣି ଉତ୍ସବ କରୁଛନ୍ତି, ତାହା ବହୁ ପ୍ରାଚୀନ ଏବଂ କଳିଙ୍ଗର ପୂର୍ବପୁରୁଷମାନଙ୍କ ଜଳଯାତ୍ରାର ସ୍ମୃତି ସହିତ ଘନିଷ୍ଠ ଭାବେ ଜଡ଼ିତ। ଆଦିକବି ସାରଳା ଦାସ ତାଙ୍କ ରଚିତ ମହାଭାରତର ଆଦି ପର୍ବରେ ଲେଖିଛନ୍ତି-

''କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ବୁଧବାର ଯେ ପୂର୍ଣ୍ଣମୀ
ଆକାମାଭଇ ସ୍ନାନ ଦିନ ଗଙ୍ଗାକୁ ଗଲେ କୁନ୍ତିଭୋଜ ସ୍ୱାମୀ ।
ସେହି ଗଙ୍ଗା ସ୍ନାହାନକୁ ଜାଏଣ୍ଟେ ଯେ ଅଇଲେ କୁନ୍ତିଭୋଜ
ରାଜା ସଙ୍ଗେ ମଇତ୍ର ହୋଇଲେ ।''

କାର୍ତ୍ତିକ ପୂର୍ଣ୍ଣିମା ପ୍ରତ୍ୟୁଷରେ ଆତ୍ମୀୟ ସ୍ୱଜନ ମାନଙ୍କ ଦ୍ୱାରା ବୋଇତ ବନ୍ଦାଣ ଉତ୍ସବ ସମାପନ ପରେ ଓଡ଼ିଆମାନେ ଯେତେବେଳେ ବୋଇତ ପୃଷ୍ଠରେ ନୀଳ ଜଳରାଶି ଉପରେ ଭାସିଭାସି କୂଳରୁ କ୍ରମେ କ୍ରମେ ଅପସରି ଯାଉଥିଲେ ସେତେବେଳେ ସମବେତ ଆତ୍ମୀୟ ସ୍ୱଜନଙ୍କୁ ବିଦାୟକାଳୀନ ନିର୍ଭୟ ବାଣୀ '' ଆକାମାଭୈ'' ଶୁଣାଉଥିଲେ , ଅର୍ଥାତ୍ ଆଷାଢ଼ଠାରୁ କାର୍ତ୍ତିକ ମଧ୍ୟରେ ଫେରିବି, ଭୟକରନା । ଓଡ଼ିଶା ବ୍ୟତୀତ ଭାରତର ଅନ୍ୟ ଅଞ୍ଚଳମାନଙ୍କରେ କାର୍ତ୍ତିକ ପୂର୍ଣ୍ଣିମାଦିନ ନୌକା ଭସାଇବାର ପ୍ରଥା ବା ବୋଇତ ବନ୍ଦାଣ ଉତ୍ସବ ନାହିଁ । କାର୍ତ୍ତିକ ପୂର୍ଣ୍ଣମୀର ପ୍ରତ୍ୟୁଷରୁ ଓଡ଼ିଶାର ସାଧବ ସୌଦାଗରମାନେ ବର୍ଷସାରା ସଂଗୃହୀତ ଓ କାର୍ତ୍ତିକ ଦୀପାବଳୀ ଅମାବାସ୍ୟା ଠାରୁ କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ବୋଇତରେ ସଜ୍ଜିତ ସ୍ୱଦେଶୀ ପଣ୍ୟ ସମ୍ଭାର- ରେଶମୀପାଟ, ସୂକ୍ଷ୍ମବସ୍ତ୍ର, ବିଭିନ୍ନ ସୁଗନ୍ଧ ଦ୍ରବ୍ୟ, ହାତୀଦାନ୍ତ, କାରିଗରି ଶିଳ୍ପ ସାମଗ୍ରୀ ଓ ସମ୍ବଲପୁର ଅଞ୍ଚଳର ବିଖ୍ୟାତ ହୀରା ଇତ୍ୟାଦି ପାଲଟଣା ବୋଇତମାନଙ୍କରେ ନେଇ ସୁଦୂର ଜାଭା, ବାଲି, ସୁମାତ୍ରା, ବୋର୍ଣ୍ଣିଓ, ସିଂହଳ ଦ୍ୱୀପ ପ୍ରଭୃତିକୁ ଜଳଯାତ୍ରା କରୁଥିଲେ ଓ ସେହି ଦ୍ୱୀପମାନଙ୍କରେ ବିକ୍ରିକରି ସ୍ୱଦେଶ ଅଭିମୁଖେ ବିପୁଳ ଧନ, ରତ୍ନ, ମଣି, ମୁକ୍ତା ଓ ଅଜସ୍ର ସଂପଦ ଧରି ପ୍ରତ୍ୟାବର୍ତ୍ତନ କରୁଥିଲେ ।

ମନରେ ପ୍ରଶ୍ନଉଠେ କାହିଁକି କାର୍ତ୍ତିକ ପୂର୍ଣ୍ଣମୀ ଦିନ ସେମାନେ ଜଳଯାତ୍ରା କରୁଥିଲେ ? କାର୍ତ୍ତିକ ପୂର୍ଣ୍ଣମୀର ପ୍ରତ୍ୟୁଷକୁ କାହିଁକି ସେମାନେ ଜଳଯାତ୍ରା ଆରମ୍ଭର ସମୟ ବୋଲି ସ୍ଥିର କରିଥିଲେ ? ଭୌଗୋଳିକ ଦୃଷ୍ଟିକୋଣରୁ ତର୍ଜମା କଲେ ଜଣାଯାଏ ପ୍ରତିବର୍ଷ ଏହି କାର୍ତ୍ତିକ ପୂର୍ଣ୍ଣିମା ବେଳକୁ ଦକ୍ଷିଣ-ପୂର୍ବ ଏସୀୟ ଦେଶମାନଙ୍କୁ ନୌ-ଚାଳନା ପାଇଁ ଅନୁକୂଳ ଉତ୍ତରା ପବନ ବହିଥାଏ । ପାଲଟଣା ବୋଇତଗୁଡ଼ିକ ଅବାଧରେ ଅଗାଧ ସମୁଦ୍ରର ତରଙ୍ଗାୟିତ ବିକ୍ଷୁବ୍ଧ ଜଳରାଶି ଅତିକ୍ରମ କରି ଉପରୋକ୍ତ ଦ୍ୱୀପମାନଙ୍କରେ ପହଞ୍ଚି ଯାଇ ପାରିଥାଏ । ଦ୍ୱିତୀୟତଃ କାର୍ତ୍ତିକ ପୂର୍ଣ୍ଣମୀ ବେଳକୁ ବର୍ଷାକାଳ ଶେଷ ହୋଇଥାଏ ଓ ଜଳଯାତ୍ରା ପାଇଁ ଜଳପଥ ସୁଗମ ହୋଇଥାଏ । ତେଣୁ ବୋଧେ କାର୍ତ୍ତିକ ପୂର୍ଣ୍ଣିମାର ପ୍ରତ୍ୟୁଷ ଏ ପ୍ରକାର ଜଳଯାତ୍ରା ପାଇଁ ପ୍ରକୃଷ୍ଟ ସମୟ ବୋଲି ନିର୍ଦ୍ଧାରଣ କରାଯାଇଥିଲା । ଏତଦ୍ ବ୍ୟତୀତ କାର୍ତ୍ତିକ ମାସର ''ଆକାଶ ଦ୍ୱୀପ'' ପ୍ରଥା ନୌ-ଯାତ୍ରୀମାନଙ୍କୁ ବତୀଘର ରୂପେ ଅନ୍ଧକାର ରାତ୍ରିରେ ଦିଗ୍ ଦର୍ଶନ ଦେଉଥିଲା ବୋଲି ଅନୁମାନ କରାଯାଇପାରେ ।

ପ୍ରାଚୀନ କାଳରେ ଓଡ଼ିଆମାନେ ଦକ୍ଷିଣ-ପୂର୍ବ ଏସିଆର ଯେଉଁ ଦ୍ୱୀପଗୁଡ଼ିକ ସହିତ ନୌ-ବାଣିଜ୍ୟ କରୁଥିଲେ 'ବାଲିଦ୍ୱୀପ' ସେମାନଙ୍କ ମଧ୍ୟରେ ପ୍ରଧାନ । ଓଡିଆମାନେ କେବଳ ବାଲି ସହିତ ନୌ-ବାଣିଜ୍ୟ ସମ୍ପର୍କ ରଖିନଥିଲେ, କାଳକ୍ରମେ ସେଠାରେ ନିଜର କଳା, ସଂସ୍କୃତି, ସଭ୍ୟତାର ପ୍ରଭାବ ବିସ୍ତାର କରିପାରିଥିଲେ । ଜଣାଯାଏ ବାଲିଦ୍ୱୀପରେ ହିନ୍ଦୁକରଣ ପ୍ରକ୍ରିୟା ପ୍ରଥମ ଶତାବ୍ଦୀରୁ ହୋଇଥିଲା । ବାଲିର ଅଧିବାସୀମାନେ ସାଧାରଣତଃ ହିନ୍ଦୁ ଓ ବାଲିରେ ହିନ୍ଦୁ ସଭ୍ୟତାର ବିକାଶପାଇଁ କଳିଙ୍ଗର ଦାନ ଅତୁଳନୀୟ । ଏବେ ମଧ୍ୟ ବାଲିରେ ପ୍ରଚଳିତ ବେଶ ଭୂଷା, ଆଚାର ବ୍ୟବହାର, ହାତକାମ, ପୂଜାପଦ୍ଧତି ପର୍ବପର୍ବାଣୀ, ଖାଦ୍ୟାଭ୍ୟାସ ପ୍ରଭୃତିରେ ଉତ୍କଳୀୟ ପ୍ରଭାବ ପରିସ୍ଫୁଟ । ଓଡ଼ିଶାରେ କୁହାଯାଉଥିବା 'ବୋଉ' (ମା) , 'ଗୁଆ' 'ଚିନାବାଦାମ୍', ଅରୁଆ ଚାଉଳ, ପେଜକୁ ବାଲିରେ 'ବୁ', 'ବୁଆ', 'ଚିନା', ଅରୁଆ ଓ ପେଜ ବୋଲି ଅଦ୍ୟାପି

ଜୁହାଯାଉଛି । ବାଲିବାସୀଙ୍କର ଖାଦ୍ୟାଭ୍ୟାସକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ବାଲିବାସୀ ଓଡ଼ିଆଙ୍କପରି ସଜନାଶାଗ, କଦଳୀଭଣ୍ଡା ଓ ମଞ୍ଜା ଖାଇବାକୁ ଭଲ ପାଆନ୍ତି । ଓଡ଼ିଆଙ୍କ ପରି ବାଲିବାସୀ ମଧ୍ୟ ମଣ୍ଡା ଓ ଏଣ୍ଡୁରି ପିଠା ଖାଇବାକୁ ଭଲପାଆନ୍ତି । ପୂଜା ପଦ୍ଧତି ଓ ଦେବଦେବୀଙ୍କ ନାମରେ ମଧ୍ୟ ଉଭୟ ସ୍ଥାନର ଲୋକଙ୍କ ମଧ୍ୟରେ ସାମଞ୍ଜସ୍ୟ ଦେଖାଯାଏ । ଓଡିଶାର ଲୋକେ ଧନଦେବୀ ଲକ୍ଷ୍ମୀଠାକୁରାଣୀଙ୍କୁ ପୂଜାକରୁଥିବାବେଳେ ବାଲିର ଲୋକେ ଧନଦେବୀ ଶ୍ରୀଦେବୀଙ୍କୁ ପୂଜାକରିଥାଆନ୍ତି । ଓଡ଼ିଆମାନଙ୍କ ଲକ୍ଷ୍ମୀଠାକୁରାଣୀ ପୂଜା ଓ ବାଲିବାସୀଙ୍କର ଶ୍ରୀଦେବୀ ପୂଜାରେ ଉଭୟ ସ୍ଥାନର ଲୋକେ ଧାନ ବେଣୀକୁ ପୂଜାକରି ଧନଦେବୀଙ୍କୁ ସମ୍ମାନ ଜଣାଇଥାନ୍ତି । ଏପରିକି ସେମାନଙ୍କ ଆଚାର ବ୍ୟବହାରକୁ ଲକ୍ଷ୍ୟକଲେ ଜଣାଯାଏ ଅଦ୍ୟାପି ବାଲିରେ ଜଣେ ଗୁରୁଜନଙ୍କ ନିକଟରେ କିମ୍ବା ସମ୍ମୁଖରେ ଗଲାବେଳେ ଓଡ଼ିଆଙ୍କ ପରି ଡାହାଣ ହାତ ତଳକୁ ରଖି ନଇଁ କରି ଯାଆନ୍ତି । ଏହିପରି ବିଭିନ୍ନ କ୍ଷେତ୍ରରେ ଓଡ଼ିଆମାନଙ୍କର ପ୍ରଭାବ ବାଲିବାସୀଙ୍କଠାରେ ଅନେକାଂଶରେ ପ୍ରତିଫଳିତ ହୋଇଛି ।

ଅତୀତରେ ବାଲି ସହିତ ଓଡ଼ିଶାର ନୌ-ବାଣିଜ୍ୟ ସଂପର୍କ ବିଲୁପ୍ତ ହୋଇ ଆଜି କିମ୍ବଦନ୍ତୀର ବିଷୟବସ୍ତୁ ହୋଇଛି । କିନ୍ତୁ ପୂର୍ବର ସେହି ଗୌରବମୟ ଐତିହ୍ୟ ଓ ସ୍ମୃତିକୁ ମନେ ପକାଇବା ପାଇଁ ପ୍ରତିବର୍ଷ କଟକନଗରୀ ଉପକଣ୍ଠସ୍ଥ ବାରବାଟୀ ଦୁର୍ଗ ନିକଟବର୍ତ୍ତୀ ମହାନଦୀ ତଟ ଗଡ଼ଗଡ଼ିଆ ଘାଟଠାରେ ''ବାଲିଯାତ୍ରା'' ଉତ୍ସବ ଓ ଅନ୍ୟତ୍ର କାର୍ତ୍ତିକ ବୋଇତ ବନ୍ଦାଣ ଉତ୍ସବ ମହାସମାରୋହରେ ପାଳନ କରାଯାଉଛି । କଟକର ଏହି ବାଲିଯାତ୍ରା ଉତ୍ସବ ଓ ବାଲିଯାତ୍ରା ପଡ଼ିଆରେ ଅନୁଷ୍ଠିତ ଯାତ୍ରା ଓଡ଼ିଶାରେ ପ୍ରସିଦ୍ଧ । ଓଡ଼ିଶାର ବିଲୁପ୍ତ ନୌ-ପରମ୍ପରା ସହିତ ଏହି ଉତ୍ସବ ଅଙ୍ଗାଙ୍ଗୀଭାବେ ଜଡ଼ିତ । ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାଦିନ ପୁଣ୍ୟତୋୟା ମହାନଦୀରେ ସ୍ନାନକରି ଜଳଯାତ୍ରାରେ ଯାଉଥିବା ନିଜର ଆତ୍ମୀୟସ୍ୱଜନଙ୍କୁ ବୋଇତ ବନ୍ଦାଣ ଉତ୍ସବ ମାଧ୍ୟମରେ ବିଦାୟଦେବା ଓ ବିଶେଷକରି ରାଇ- ଦାମୋଦର (ରାଧାକୃଷ୍ଣ)ଙ୍କ ପୂଜାକରି ସମୁଦ୍ରଯାତ୍ରୀଙ୍କର ମଙ୍ଗଳ କାମନା କରିବା ଏହି ଉତ୍ସବର ମୂଳ ଲକ୍ଷ୍ୟ ।

ଏହି ପ୍ରସିଦ୍ଧ ବାଲିଯାତ୍ରା ନାମକରଣ ନେଇ ବିଭିନ୍ନ ଲୋକ ବିଭିନ୍ନ ମତ ପୋଷଣ କରିଥାନ୍ତି । ପ୍ରଥମ ମତଟି ହେଲା ଏହି ଯାତ୍ରା ମହାନଦୀ ତଟଦେଶସ୍ଥ ବିସ୍ତୀର୍ଣ୍ଣ ବାଲୁକା ପ୍ରାନ୍ତରରେ ଅନୁଷ୍ଠିତ ହେଉଥିବାରୁ ଏହାର ନାମକରଣ ବାଲିଯାତ୍ରା କରାଯାଇଛି । ଗବେଷକମାନଙ୍କ ମତରେ ସାଧବମାନେ ବାଣିଜ୍ୟକୁ ନେବା ପାଇଁ ରଖିଥିବା ବିଭିନ୍ନ ବସ୍ତୁ ଓ ବାଣିଜ୍ୟରୁ ଫେରିବା ପରେ ବିଦେଶରୁ ଆଣିଥିବା ବିଭିନ୍ନ ସାମଗ୍ରୀର ବିକ୍ରୀ ପାଇଁ ଏହି ଗଡ଼ଗଡ଼ିଆ ଘାଟରେ ରଖୁଥିଲେ ଏବଂ ଏଥି ପାଇଁ ଯେଉଁ ଜନସମାବେଶ ଓ ଯାତ୍ରା ଅନୁଷ୍ଠିତ ହେଲା ତାହା ବାଲିଯାତ୍ରା ନାମରେ ଅଭିହିତ ହେଲା । ପ୍ରଫେସର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଏହି ମତ ସପକ୍ଷରେ ତାଙ୍କର ଯୁକ୍ତି ଉପସ୍ଥାପନା କରିଛନ୍ତି । ତାଙ୍କ ମତରେ ସଂସ୍କୃତ ସାହିତ୍ୟରେ ଜାଭା, ବୋର୍ଣ୍ଣିଓ , ସୁମାତ୍ରା ଓ ବାଲିର ନାମ ଯଥାକ୍ରମେ ଯବଦ୍ୱୀପ, ବରୁଣ ଦ୍ୱୀପ, ସ୍ୱର୍ଣ୍ଣଦ୍ୱୀପ ଓ ବଳୀଦ୍ୱୀପ ରୂପେ ଉଲ୍ଲେଖ କରାଯାଇଛି । କିନ୍ତୁ ପରବର୍ତ୍ତୀ ସମୟରେ ବ୍ରିଟିଶ ଶାସନ ସମୟରେ ଇଂରେଜମାନେ ବଳୀକୁ ଲେଖିଲେ Bali ଏବଂ ଉଚ୍ଚାରଣ କଲେ ବାଲି । ଇଂରାଜୀ ପଢୁଆ ସେତେବେଳର ଭାରତୀୟମାନେ ମଧ୍ୟ ଇଂରେଜମାନଙ୍କୁ ଅନୁକରଣ କରି ଏହାକୁ କହିଲେ ବାଲି । ତେବେ ପ୍ରଫେସର ପାଣିଗ୍ରାହୀଙ୍କ ମତରେ, ''କଟକର ଗଡ଼ଗଡ଼ିଆ ଘାଟରେ କାର୍ତ୍ତିକ ପୂର୍ଣ୍ଣମୀ ଦିନ ଯେଉଁ ବାଲିଯାତ୍ରା ଅନୁଷ୍ଠିତ ହେଉଛି, ତାହା ଯଦି ପ୍ରାଚୀନ ଓଡ଼ିଶାବାସୀମାନଙ୍କ ବଳୀଦ୍ୱୀପକୁ ଯାତ୍ରାର ସ୍ମୃତି ସହିତ ସଂଶ୍ଳିଷ୍ଟ ହୋଇଥାନ୍ତା ତେବେ ଏହାର ନାମ ବାଲିଯାତ୍ରା ନ ହୋଇ ବଳୀଯାତ୍ରା ହୋଇଥାନ୍ତା । ସ୍ଥାନମାନଙ୍କ ନାମାନୁସାରେ ଯାତ୍ରାମାନଙ୍କ ନାମକରଣ ହେଲାପରି 'ମହାନଦୀର ବାଲିରେ ଏହି ଯାତ୍ରା ବସୁଥିବାରୁ ଏହାର ନାମ ବାଲିଯାତ୍ରା ହୋଇଛି ।''

ଦ୍ୱିତୀୟ ମତଟି ହେଲା ୧୫୦୯ ମସିହାରେ ବୈଷ୍ଣବଧର୍ମ ପ୍ରବର୍ତ୍ତକ ଶ୍ରୀ ଚୈତନ୍ୟ ମହାପ୍ରଭୁ ପୁରୁଷୋତ୍ତମ ଧାମ ଶ୍ରୀକ୍ଷେତ୍ରକୁ ଆଗମନ କରିବା ବାଟରେ କାର୍ତ୍ତିକ ପୂର୍ଣ୍ଣମୀ ଦିନ ପ୍ରଥମେ ଏହି ଗଡ଼ଗଡ଼ିଆ ଘାଟଠାରୁ ବାଲିରେ ଚାଲିଚାଲି ଯାତ୍ରାଆରମ୍ଭ କରିଥିବାରୁ ଏହି ଯାତ୍ରାର ନାମ ବାଲିଯାତ୍ରା ହୋଇଛି । ଶ୍ରୀଯୁକ୍ତ ପାର୍ବତୀଚରଣ ଦାସ ୧୯୧୧ ମସିହା ମୁକୁରରେ ପ୍ରକାଶିତ 'ବାଲିଯାତ୍ରା' ଶୀର୍ଷକ ଏକ ପ୍ରବନ୍ଧରେ ମତ ପ୍ରକାଶ କରିଛନ୍ତି ଯେ କଟକରୁ ବୃନ୍ଦାବନ (ଶ୍ରୀକ୍ଷେତ୍ର) ଯାତ୍ରା ଉପଲକ୍ଷେ ଶ୍ରୀଚୈତନ୍ୟଙ୍କ ବିଦାୟ କାଳରେ ଗଜପତି ପ୍ରତାପରୁଦ୍ର ଦେବ ମହାନଦୀ କୂଳ ଗଡ଼ଗଡ଼ିଆ ଘାଟଠାରେ ଗୋଟିଏ ଜୟସ୍ତମ୍ଭ ନିର୍ମାଣ କରିଥିଲେ ଏବଂ 'ବାଲିଯାତ୍ରା' ପ୍ରବର୍ତ୍ତନ କରିଥିଲେ ।

ଶେଷ ମତଟି ହେଲା କାର୍ତ୍ତିକ ପୂର୍ଣ୍ଣିମାଠାରୁ ଓଡ଼ିଆ ସାଧବ ପୁଅମାନଙ୍କର ଦକ୍ଷିଣ - ପୂର୍ବ ଏସୀୟ- ବାଲିଦ୍ୱୀପ ଇଣ୍ଡୋନେସିଆରେ ଜଳଯାତ୍ରା ଓ ସେଠାରେ ଉପନିବେଶ ସ୍ଥାପନକୁ ସ୍ମରଣ ରଖିବା ପାଇଁ ମହାନଦୀର ବାଲିରେ ଅନୁଷ୍ଠିତ ଉକ୍ତ ଯାତ୍ରାର ନାମ

'ବାଲିଯାତ୍ରା' କରାଯାଉଛି । ଏ ତିନୋଟିରୁ ତୃତୀୟ ମତ ଯେ ଅଧିକ ଯୁକ୍ତି ଯୁକ୍ତ ଓ ସତ୍ୟ ଏହା ନିଃସନ୍ଦେହରେ କୁହାଯାଇପାରେ । ଓଡ଼ିଆ ପୁଅମାନେ ବାଲିଦ୍ୱୀପ ସହିତ ଘନିଷ୍ଠ ନୌ- ବାଣିଜ୍ୟ ସଂପର୍କ ସ୍ଥାପନ କରିଥିଲେ । ବାଲିର ରାଜନୈତିକ, ସାଂସ୍କୃତିକ ଜୀବନ ଉପରେ ବିଶେଷ ପ୍ରଭାବ ପକାଇ ଥିଲେ । ତେଣୁ ବାଲି ଅଭିମୁଖେ ନୌ- ବାଣିଜ୍ୟ ପାଇଁ ସ୍ମାରକୀ ରୂପେ ଏହି ବାଲିଯାତ୍ରା ଯେ ଅନୁଷ୍ଠିତ ହେଉଥିବ ଏବଂ ହେଉଛି ଏହା କହିବା ଅଧିକା ସମୀଚୀନ ମନେହୁଏ । ବାଲିଯାତ୍ରା ବିଷୟରେ ମତପୋଷଣକରି A.K. Mishra କହନ୍ତି " to the people of Orissa it is not a mere festival; the whole race, the descendants of the ancient Kalingans, becomes nostalgic about their past associations with Bali and the glorious maritime, tradition of trans-oceanic voyages they had had with South East Asian Countries ସର୍ମ୍ପୃକ୍ତ ଉଡ଼ିଯାଇ କେବଳ କନା ଖଣ୍ଡିକ ପଡ଼ି ରହିଛି । ସେଦିନର ସତ୍ୟ ଆଜି ସ୍ମୃତିରେ ପରିଣତ ହୋଇଛି । କାର୍ତ୍ତିକ ପୂର୍ଣ୍ଣିମାର ବୋଇତ ବନ୍ଦାଣ ଉତ୍ସବ ଓ ଗଡ଼ଗଡ଼ିଆ ଘାଟର ବାଲିଯାତ୍ରା ଉତ୍ସବ ସ୍ମୃତି ରୋମନ୍ଥନ କରି ଅତୀତ ଓଡ଼ିଶାର ନୌ-ବାଣିଜ୍ୟ ଗୌରବକୁ ଆମ ପାଖରେ ଉଜ୍ଜୀବିତ କରି ରଖିଛି ଏବଂ ହୃତ ଗୌରବକୁ ବିସ୍ମୃତି ମଧ୍ୟରୁ ଟାଣି ଆଣି ଆମକୁ ପ୍ରେରଣା, ଉତ୍ସାହ ଓ ଉଦ୍ଦୀପନା ଯୋଗାଉଛି ।

ସ୍ନାତକୋତ୍ତର ଇତିହାସ ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ,
ବ୍ରହ୍ମପୁର-୭୬୦୦୦୭




ହୋଟେଲ ଦୃଷ୍ଟିଠାରେ ଏସିଆ ମହାଦେଶର ଗ୍ରାମାଞ୍ଚଳରେ ପ୍ରୌଢ଼ମାନଙ୍କ ପାଇଁ ସାକ୍ଷରତା ସଂପର୍କିତ ଏକ କର୍ମଶାଳାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଭାଷଣ ଦେଉଛନ୍ତି

# କଳାଭୂମି ଉତ୍କଳ

ଅଧ୍ୟାପକ ଡଃ ରବି ନାୟକ

ମୁଁ ଗାଉଛି ସେହି ଉତ୍କଳର ଗାଥା ଯିଏକି ଦିନେ କଳା, ସ୍ଥାପତ୍ୟ ତଥା କାରିଗରୀ ବିଦ୍ୟାରେ ସମଗ୍ର ବିଶ୍ୱରେ ଶୀର୍ଷ ସୀମାରେ ପହଞ୍ଚି ପାରିଥିଲା । କଳାଭୂମି ରୂପେ ତା'ର ନାମକୁ ସାର୍ଥକ କରି ପାରିଥିଲା ବିଶ୍ୱ ଦରବାରରେ । ସାଧବପୁଅ ତା'ର ବାଣିଜ୍ୟତରୀ ମେଲାଇ ଦେଉଥିଲା ଯାଭା, ବୋର୍ଣ୍ଣିଓ, ସୁମାତ୍ରା ଆଦି ଦ୍ୱୀପ ପୁଞ୍ଜକୁ । ଏ ଦେଶକୁ ଧନ ଧାନ୍ୟରେ ଭରି ଦେଉଥିଲା ନିଜ ଦେଶ କାରିଗରର କଳାନୈପୁଣ୍ୟ ହସ୍ତର ଶିଳ୍ପ ଚାତୁରୀକୁ । ବିକ୍ରୟ କରି, ପଥର ବାସନ, ହାତୀଦାନ୍ତର କାମ, ତନ୍ତୀବାପୁଡ଼ାର ହାତବୁଣା ବସ୍ତ୍ର ସବୁର ଆଦର ଥିଲା, ଚାହିଦା ଥିଲା ଦେଶ ବିଦେଶରେ । କଟକର ତାରକସି କାମ ଦେଖି ସମଗ୍ର ବିଶ୍ୱ ଚମତ୍କୃତ ହେଉଥିଲା । ଆଜିବି ସ୍ମାରକୀ ସଦୃଶ ଓଡ଼ିଆ ଘରର ବୋହୂ କଦଳୀ ପାଟୁଙ୍ଗା ବା ସୋଲର ଡଙ୍ଗା କରି କାର୍ତ୍ତିକ ପୂର୍ଣ୍ଣମୀର ଶୁଭ ସକାଳରେ ଆକାମା ବୈ, ପାନଗୁଆ ଖାଇ, ପାନଗୁଆ ଯାକ ତୋର, ମାସକ ଧରମ ମୋର କହି ଡଙ୍ଗାଟି ଭସାଇ ଦିଏ । ବଳିତା ନିଷ୍ଠାମର ପ୍ରତୀକ । ପାନ ଗୁଆ ମୈତ୍ରୀର ସ୍ମାରକୀ । ଏକ କାମନା ଶୂନ୍ୟ ହୃଦୟରେ ମିତ୍ରତା ସ୍ଥାପନ ଉଦ୍ଦେଶ୍ୟରେ ଡଙ୍ଗାଟି ଭାସି ଭାସି ଯାଏ ମୃଦୁ ସମୀରଣର ମୃଦୁ ସ୍ପର୍ଶ ପାଇ, ଆମେ ଆସିଛୁ ଓଡ଼ିଶାରୁ । ଆମେ ଓଡ଼ିଆ ଆମ ସଂସ୍କୃତିର ବନ୍ଧନରେ ତୁମକୁ ଆବଦ୍ଧ କରି ବିଦାୟ ନେବୁ । କିନ୍ତୁ ରଖିଦେଇଯିବୁ ତୁମର ମାନସ ଚାରଣ ପାଇଁ ଆମ ଦେଶର ଗୌରବମୟ ଅତୀତର ଅବିସ୍ମରଣୀୟ ଗାଥାର ସ୍ମାରକୀକୁ ।

ଏବେ କଣ୍ଟିଲୋର ପିତଳ ବାସନ ଅଛି, କଟକର ତାରକସି କାମ ଅଛି, ମାଣିଆବନ୍ଧର ଗାମୁଛା ଅଛି, ସମ୍ବଲପୁରର ଶାଢ଼ୀ ଅଛି, କୋଣାର୍କ ଛିଡ଼ା ହୋଇଛି, କଳାବର୍ଜିତ ଶ୍ରୀହୀନ ମୂକସାକ୍ଷୀ ରୂପେ । ପୁରୀ ମନ୍ଦିରରୁ ପଥର ଖସୁଛି । ଦୀର୍ଘ ବାରବର୍ଷ ତପସ୍ୟାର ଫଳ, ବିଶୁମହାରଣା ସମେତ ବାରଶହ ବଢ଼େଇର ସାଧନା କୋଣାର୍କ ଆଜି ଭାଙ୍ଗି ପଡୁଛି ଖଣ୍ଡବିଖଣ୍ଡିତ ହୋଇ । ନବଗ୍ରହ ମୂର୍ତ୍ତିବି ସ୍ଥାନାନ୍ତରିତ । ପର୍ଯ୍ୟଟକ ଆସୁଛନ୍ତି, ଆଖି ଲାଗିରହୁନି, ମନପଡ଼ୁଛି ଅତୀତ ଗର୍ଭକୁ । କୁଆଡ଼େଗଲା ସେ ଶକ୍ତିଶାଳୀ ଚୁମ୍ବକ, ଯିଏକି ଦିନେ ସମୁଦ୍ରର ପୋତମାନଙ୍କୁ ଟାଣି ଆଣୁଥିଲା । ଆଜି ସମୁଦ୍ର ବହୁ ଦୂରରେ । କେବଳ ବାଲୁକାର ସ୍ତର ପରେ ସ୍ତର । ଭାସି ଆସୁଛି ଝାଉଁବଣରୁ ପବନ ମାଧ୍ୟମରେ ସେହି ଅତୀତ କୀରତିର ଗାଥା । ଦିନେ ସବୁଥିଲା ଆଜି କିନ୍ତୁ କିଛି ନାହିଁ, କର୍ପୂର ଉଡ଼ିଛି , କନା ପଡ଼ିଛି । ଶିବେଇ ସାନ୍ତରା ଏକ କାହାଣୀର ଚରିତ୍ର । ବାରବର୍ଷର ବାଳୁତ ଧରମା ଏକ କାବ୍ୟର ନାୟକ । ଦଧି ନଉତି ସ୍ଥାନ ଭ୍ରଷ୍ଟ ।

ଏ ଦେଶର ସଂସ୍କୃତି ମହାନ୍, ଜଗତର ଆରାଧ୍ୟ ଜଗନ୍ନାଥଙ୍କୁ କେନ୍ଦ୍ରକରି । ସେ ଏକମାତ୍ର ଦାରୁ ଦେବତା କାଠରେ ନିର୍ମିତ, ଅନ୍ୟ ଦେବତାଙ୍କ ପରି ଧାତୁ ବା ପଥରରେ ନିର୍ମିତ ନୁହେଁ । ସେ ଦାରୁ ପୁଣି ନିମ୍ବ । ନିମ୍ବ ଅଶୁଭ ଗ୍ରହର ପ୍ରତିରୋଧକ, ପ୍ରଥମ ପର୍ଯ୍ୟାୟରେ ପିତା, ପରବର୍ତ୍ତୀ ମୁହୂର୍ତ୍ତରେ ମିଠା । ମୋକ୍ଷ ଗୁଣର ଏକମାତ୍ର ଅଧିକାରୀ ସେ । ଶବର ରାଜ ବିଶ୍ୱାବସୁଙ୍କ ଠାରୁ ଆର୍ଯ୍ୟ ଇନ୍ଦ୍ରଦ୍ୟୁମ୍ନ ଓ ରାଣୀ ଗୁଣ୍ଡିଚାଙ୍କ ପର୍ଯ୍ୟନ୍ତ ତାଙ୍କ ନିର୍ମାଣ ରହସ୍ୟ କାହାଣୀ ଲମ୍ବି ଯାଇଛି । ଜଗନ୍ନାଥ, ଜ୍ୟେଷ୍ଠ ଭ୍ରାତା ବଳଭଦ୍ର, ଭଗ୍ନୀ ସୁଭଦ୍ରା ଓ ଆୟୁଧ ସୁଦର୍ଶନଙ୍କୁ ନେଇ ଚତୁର୍ଦ୍ଧା ମୂରତି ନୀଳାଚଳରେ ବିଦ୍ୟମାନ । ଯଦି ଗୁଣ୍ଡିଚା ଓ ବିଶ୍ୱ କର୍ମାଙ୍କ କାହାଣୀକୁ ଅଧିକ ଯୁକ୍ତି ସମ୍ମତ ବୋଲି ଧରି ନିଆଯାଏ , ସେ ଅସଂପୂର୍ଣ୍ଣ ପୁଣି ପୂର୍ଣ୍ଣତମ, ସେ ରଙ୍ଗହୀନ ପୁନର୍ବାର ସକଳ ରଙ୍ଗ ଯୁକ୍ତ । କେତେବେଳେ ସେ ଶ୍ରୀକୃଷ୍ଣଙ୍କ ଦେହାବଶେଷ ତ କେତେବେଳେ ମର୍ଯ୍ୟାଦା ପୁରୁଷୋତ୍ତମ ରାମଚନ୍ଦ୍ର, ଆଉ କେତେବେଳେ ବୁଦ୍ଧ ତ କେତେବେଳେ ମହାବୀର । ସବୁ ଧର୍ମ ହାର ମାନେ, ସକଳ ଶାସ୍ତ୍ର ପରାଜୟ ଲଭେ । ଆର୍ଯ୍ୟ - ଅନାର୍ଯ୍ୟ ସଂସ୍କୃତିର ମିଳନ ଘଟେ । ଜଗନ୍ତା, ଜଗତ୍ତାରୋ ଶବ୍ଦରୁ ସେ ପୁଣି ଜଗନ୍ନାଥ ହୁଅନ୍ତି । ସବୁ ରୂପକୁ କଳନା କରିହୁଏ ତାଙ୍କରି ରୂପ ମଧ୍ୟରେ । ସେ ପୁଣି ସାକାର ତ କେତେବେଳେ ନିରାକାର, ମଣିଷ ଭଳି ସେ ରୋଗାକ୍ରାନ୍ତ ହୁଅନ୍ତି, ଔଷଧ ସେବନ କରନ୍ତି । ନବକଳେବର ଗ୍ରହଣ କରନ୍ତି । ପୁରୁଣା

ଘଟ ସମାଧିସ୍ଥ ହୁଏ । ଦଇତା ପତିମାନଙ୍କୁ ସ୍ୱପ୍ନାଦେଶ ହୁଏ, ଦାରୁର ସନ୍ଧାନ ମିଳେ, ସେ କଳେବର ପରିବର୍ତ୍ତନ କରନ୍ତି ।

ସେ ଭକ୍ତାଧୀନ । ଭକ୍ତ ପାଖକୁ ସେ ଆସନ୍ତି । ବଳରାମଙ୍କ ଡାଲୁକାରଥିକୁ ସେ ଆସିପାରନ୍ତି । ବାଉଗଣ ବିକାଳୀ ବୁଢ଼ୀର ଗୀତ ଗୋବିନ୍ଦ ଶୁଣିବା ପାଇଁ କ୍ଷତ ବିକ୍ଷତ ହୁଅନ୍ତି । ଭକ୍ତ କବୀର ଓ ଦୀନକୃଷ୍ଣଙ୍କୁ ମୁକ୍ତିଦେବା ପାଇଁ ରାଜାଙ୍କୁ ସ୍ୱପ୍ନାଦେଶ ଦିଅନ୍ତି । ଆଉ ଜୟଦେବ ବେଶରେ ଆସି ପୋଥିରେ ପଦ ପୂରଣ କରନ୍ତି, ଆଉ କେତେବେଳେ ପୋଥିକୁ ମଧ୍ୟ ଓଲଟ ପାଲଟ କରି ଦିଅନ୍ତି । କାଛରେ ଚନ୍ଦନ ଲାଗିଲେ ତାଙ୍କ ଦେହରୁ ବାସ ବହେ । ସବୁ ଧର୍ମର ସମନ୍ୱୟ ସେହିଠାରେ, ସବୁ ମନ୍ତ୍ରର ମୂଳାଧାର ସେ । ତେଣୁ ସେ ଜଗତର ନାଥ, ଜଗନ୍ନାଥ । ଏହି ସଂସ୍କୃତିକୁ ମୂଳମନ୍ତ୍ର କରି ଓଡ଼ିଶା ତା'ର ସ୍ୱାତନ୍ତ୍ର୍ୟ ବଜାୟ ରଖିପାରିଛି ଅନ୍ୟଦେଶ ନିକଟରେ । ଜଗନ୍ନାଥର ଦେଶକୁ ବହୁ ସାଧୁସନ୍ଥ ଆସିଛନ୍ତି । ନିଜର ମତବାଦ ପ୍ରଚାର କରିଛନ୍ତି । ସବୁଧର୍ମ, ସବୁ ମତ, ସବୁ ସଂସ୍କୃତି ଉପରେ ଜଗନ୍ନାଥ ସଂସ୍କୃତିର ମହତ୍ତ୍ୱ, ସ୍ୱତନ୍ତ୍ରତା ବଜାୟ ରହିପାରିଛି । ଆର୍ଯ୍ୟ ଓ ଅନାର୍ଯ୍ୟ ସମ୍ମିଶ୍ରଣରେ ଗଢ଼ିଉଠିଥିବା ଦିଅଁ, ସବୁଠି ବଡ଼ ଦିଅଁ । ଦାଣ୍ଡ ବଡ଼ଦାଣ୍ଡ । ପଣ୍ଡା ବଡ଼ପଣ୍ଡା, ପ୍ରସାଦ ମହାପ୍ରସାଦ, ବାନା ପତିତପାବନ ବାନା, ବଜାର ଆନନ୍ଦ ବଜାର । ଦେଉଳ ବଡ଼ ଦେଉଳ । ସକଳ ଦେବଦେବୀ ତାଙ୍କର ଦର୍ଶନ ପାଇଁ ଆସନ୍ତି । ବେଢ଼ା ମଧ୍ୟରେ ଅବସ୍ଥାନ କରନ୍ତି ଦର୍ଶନ ଆଶାରେ, ସବୁ ପାପ ଦୂରୀଭୂତ ହୁଏ ନୀଳାଚଳରେ ପାଦ ଥାପିଲେ, ବଡ଼ ଦାଣ୍ଡର ଧୂଳି ମଥାରେ ବୋଳିଲେ । ଜାତି ଧର୍ମର ବାଛ ବିଚାର ନାହିଁ । ବଡ଼ ସାନର ଭେଦାଭେଦ ନାହିଁ । ଦେବଶୂଦ୍ର ଭାଇ ବୋହୂର ଛୁଆଁ ଅଛୁଆଁ ନାହିଁ । ଆନନ୍ଦ ବଜାରରେ ସମସ୍ତେ ଏକାକାର । ଗୋଟିଏ ପତ୍ରରେ ଖାଇବେ । ସମସ୍ତେ ମଣିଷ । ସେହି ପରମ ପିତାଙ୍କର ସନ୍ତାନ । ସାର୍ବଜନୀନ ପ୍ରୀତି ଆଉ ମୈତ୍ରୀର କେନ୍ଦ୍ରସ୍ଥଳୀ ନୀଳାଚଳ ଧାମ । ସଂପ୍ରତି ଜଗନ୍ନାଥ ସମସ୍ତଙ୍କ ପାଇଁ ମୁକ୍ତ ନୁହନ୍ତି, ଯଦିଓ ରଥଯାତ୍ରା ସମୟରେ ଏହାର ବ୍ୟତିକ୍ରମ ଦେଖାଯାଏ ।

ସେହିପରି ଓଡ଼ିଶାର ନଦ, ନଦୀ ପାହାଡ଼, ପର୍ବତ, ହ୍ରଦ ଏପରିକି ପ୍ରାକୃତିକ ସୁଷମାଭରା, ସବୁଜ ଅରଣ୍ୟାନି । କବିବର ରାଧାନାଥଙ୍କ ଭାଷାରେ ଶୋକ ପାଶୋରା ଅପସରା ଭୁବନ ଚିଲିକାର ପ୍ରାକୃତିକ ଶୋଭା ଏତେ ମଞ୍ଜୁଳ ଯେ ବିଦେଶାଗତ ପକ୍ଷୀମାନେବି ଦୂରଦୂରାନ୍ତରୁ ଆକୃଷ୍ଟ ହୋଇ ଉଡ଼ିଆସନ୍ତି ଏହି ହ୍ରଦକୁ । ଏହାର ନୀଳ ଜଳରାଶି, ପକ୍ଷୀମାନଙ୍କ କଳରବ, ମନ୍ଦ ସମୀରଣର ପ୍ରବାହରେ ଧୀବର ମାନଙ୍କର ନୌକା ଚାଳନା, ତରଙ୍ଗାୟିତ ଜଳରାଶିରେ ମତ୍ସ୍ୟମାନଙ୍କର ସନ୍ତରଣ, ଚିଲିକା ମଧ୍ୟରେ କାଳିଯାଈର ଶୋଭା ପ୍ରତ୍ୟେକ ଶୋଭନୀୟ, ମାନବଙ୍କର ଚିତ୍ତ ଉଲ୍ଲାସକାରୀ । ଉତ୍କଳ କମଳାଙ୍କର ଏହି ବିଳାସ ସରୋବର ବହୁ ପର୍ଯ୍ୟଟକଙ୍କର ଦର୍ଶନୀୟ କ୍ଷେତ୍ର ହେଲେ ବି ସଂପ୍ରତି ଏହାର ଆକୃତି ତଥା ଗଭୀରତା କ୍ରମଶଃ ହ୍ରାସ ପାଇବାରେ ଲାଗିଛି । ପକ୍ଷୀ ଶିକାର ନ କରିବା ପାଇଁ ନିର୍ଦ୍ଦେଶ ଥିଲେ ମଧ୍ୟ ବହୁ ମାଂସ ଲୋଭୀ ଶିକାରୀ ଅବାଧରେ ପକ୍ଷୀ ଶିକାର କରିଚାଲିଛନ୍ତି । ସେହିପରି ସପ୍ତଶଯ୍ୟାର ସାତଟି ପାହାଡ଼ ଘେରା ସମତଳ ଶଯ୍ୟା, କୁଳୁକୁଳୁ ନାଦରେ ବହିଆସୁଥିବା ଝରଣା, ପର୍ବତର ଶୀର୍ଷ ଦେଶରେ ସପ୍ତର୍ଷିଙ୍କର ପ୍ରତିମୂର୍ତ୍ତି, ରାମ, ଲକ୍ଷ୍ମଣ, ସୀତାଙ୍କ ମନ୍ଦିର ପ୍ରତ୍ୟେକ ଆକର୍ଷଣୀୟ । ଚଣ୍ଡିଖୋଲସ୍ଥିତ ପାହାଡ଼, ପାହାଡ଼ର ଶୀର୍ଷ ଦେଶରୁ ଅଙ୍କା ବଙ୍କା ରାସ୍ତା ଦେଇ ସ୍ନାନକୁଣ୍ଡରେ ପଡ଼ୁଥିବା ସୁଶୀତଳ ଜଳ, ପାହାଡ ଉପରି ଭାଗରେ ନିର୍ମିତ ମନ୍ଦିର, ବୃକ୍ଷରାଜିର ଅପୂର୍ବ ସମାବେଶ, ସବୁଜ ବର୍ଣ୍ଣ ଧାରଣ କରିଥିବା ପର୍ବତର ଉପରି ଭାଗ ପ୍ରତ୍ୟେକଟିରେ ସୁଷମା ଭରି ରହିଛି । ଏହି ଛବିଳ ଉତ୍କଳର ଉଟାଗିରି ଠାରୁ ଟିକରପଡ଼ା, ସାତକୋଶିଆ ଗଣ୍ଡ, ନୃସିଂହନାଥ, କେନ୍ଦୁଝର ସ୍ଥିତ ଦୈତାରୀ, ହଦଗଡ଼, ଏପରିକି ପାରାଦ୍ୱୀପର ହୁକ୍‌ଟେଲା ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ଥାନରେ ଭରି ରହିଛି ଅପୂର୍ବ ସୌନ୍ଦର୍ଯ୍ୟ, ଅପୂରନ୍ତ ସୁଷମା । ଭୁବନେଶ୍ୱରସ୍ଥିତ ବହୁଚର୍ଚ୍ଚିତ ବିଶିଷ୍ଟ ଲିଙ୍ଗରାଜ ମନ୍ଦିର କେବଳ ଧର୍ମର କେନ୍ଦ୍ରସ୍ଥଳୀ ହୋଇନି, ଅଧିକନ୍ତୁ ଶିଳ୍ପୀର ନିହାଣ ମୁନର କାରୁକାର୍ଯ୍ୟ ପ୍ରତ୍ୟେକ ଦର୍ଶକଙ୍କୁ ବିସ୍ମିତ କରିଛି ।

ବହୁ ଦେବଦେବୀ ମନ୍ଦିର ପୂର୍ଣ୍ଣ ଉତ୍କଳ ଯଥାର୍ଥରେ କଳାଭୂମି ବୋଲି ନିଜକୁ ପ୍ରତିଷ୍ଠିତ କରିପାରିଛି । ଶିଳ୍ପୀ ହାତର କଳାକୃତି, କଳା ନୈପୁଣ୍ୟ ଚିତ୍ରିତ ହୋଇଛି ମନ୍ଦିର ଗାତ୍ରରେ, ପାଷାଣ ଦେହରେ । ଓଡ଼ିଶାର କିଶୋରୀ ମେଳରେ ଝୋଟି ତଥା ମୁରୁଜ ପ୍ରତିଯୋଗିତାକୁ ଲକ୍ଷ୍ୟ କରିବାର କଥା । ବିଭିନ୍ନ ପର୍ବପର୍ବାଣୀରେ ଗୋବର ଓ ବନ ମାଟି ଲିପା କାନ୍ଥରେ, ଚୂନବୋଳା ପାଚେରୀରେ, ଚଉରାମୂଳରେ ବିଭିନ୍ନ ରଙ୍ଗ ଆଉ ମୁରୁଜରେ ସେ ଯେଉଁ ଚିତ୍ର ଆଙ୍କେ ତାହା ଅନିନ୍ଦ୍ୟ ସୌନ୍ଦର୍ଯ୍ୟ ଭରା । ଅରୁଆ ଚାଉଳର ପିଠଉ, ପୋଇ ମଞ୍ଜିର ଅଳତା ରଙ୍ଗ, ଶିମ୍ବପତ୍ରର ସବୁଜ ରଙ୍ଗ ମଧ୍ୟରେ ଧାନ କୋଠି ଠାରୁ ଲକ୍ଷ୍ମୀଙ୍କ ପାଦ ପର୍ଯ୍ୟନ୍ତ ଏବଂ ଫଳ ଫୁଲ ଠାରୁ ବିଭିନ୍ନ ପ୍ରକାରର ଫୁଲର ଚିତ୍ର ମଧ୍ୟରେ ନିଜ ହାତର କାରିଗରୀ କୌଶଳ ଦେଖାଇ ସେ ଆତ୍ମପ୍ରସାଦ ଲାଭ କରେ । ଦ୍ୱିଧା ନାହିଁ, ଗ୍ଲାନି ନାହିଁ, ବିରକ୍ତିର ସୂଚନା ମଧ୍ୟ ନାହିଁ, ଗୋଟିଏ ପରେ ଗୋଟିଏ ଚିତ୍ର ସେ ଅଙ୍କନ କରିଚାଲେ । ପ୍ରଶଂସାପତ୍ର ପାଇଁ ଅପେକ୍ଷା କରେନାହିଁ, କେହି ତାର ହାତର କାରିଗରୀକୁ ଚାହିଁ

କରୁ ବା ନ କରୁ ସେଥିପାଇଁ ପ୍ରତୀକ୍ଷା ନ କରି ସ୍ୱତଃସ୍ଫୁର୍ତ୍ତ ଭାବରେ ସେ ଯେଉଁ ଛବି ଅଙ୍କନ କରେ, ସେଥିରୁ କଳାତ୍ମକ ଅନ୍ତରର ପରିଚୟ ମିଳିଥାଏ ।

ବିଭିନ୍ନ ପ୍ରକାର ପିଠା ତିଆରି କରିବାରେ ଓଡ଼ିଆ ଘରର ବୋହୂ ସିଦ୍ଧହସ୍ତ । ପିଠାରେ ବିଭିନ୍ନ ପ୍ରକାର କମ (ଚିତ୍ର) କରି, ନଡ଼ିଆ, ଛେନା, ମଟର, ଆଳୁ, ବୁଟ, ମୁଗ, ଗୁଡ଼ର ପୁରଦେଇ ପରିବାର, ଆତ୍ମୀୟ ସ୍ୱଜନ ତଥା ଅତିଥି ଚର୍ଚ୍ଚା କରିବାରେ ସେ ଆନନ୍ଦ ପାଏ । ବିଭିନ୍ନ ପର୍ବ ପର୍ବାଣୀରେ ପିଠାର ନାମ ବଦଳେ, ବଉଳ ଅମାବାସ୍ୟାରେ ଗଇଁଠାତ, ଚିତାଲାଗି ଅମାବାସ୍ୟାରେ ଚିତାଉ , ଅଷ୍ଟମୀରେ ହଳଦିପତ୍ର ଦିଆ ଏଣ୍ଡୁରୀ, କେତେବେଳେ ଅବା ଝୁଣ୍ଟିପତ୍ର, ମଣ୍ଡା ଆରିସା, ଚକୁଳି ପ୍ରଭୃତି ପିଠା କରିବାରେ ସେ ଯେତିକି ଆନନ୍ଦ ପାଏ, ଚୁଲି ପାଖରେ ବସି ପଲମ, ତାଉଆ, ଲୁହାଖଡ଼ିକା ଆଉ ନଡ଼ିଆର ନାସିରେ ତେଲର ସଂଯୋଗ ସହ ତାଉଆର ସେଁ, ସାଁ ମଧ୍ୟରେ ଶରୀର ଜନିତ କଷ୍ଟ ହାର ମାନେ । କେବଳ ପିଠା ନୁହେଁ, ବିଭିନ୍ନ ପର୍ବ ପର୍ବାଣୀରେ ଶାମ୍ବଦଶମୀରେ ଚାଉ, କେତେବେଳେ ଅବା ଖେଚୁଡ଼ି, ଅଧରପଣା, ସରପୁଳି, ଶାକର, ମଧୁଅଚି ପ୍ରଭୃତି କରିବାରେ ତା ହାତର ନୈପୁଣ୍ୟ ପ୍ରକଟିତ ହୋଇଥାଏ । ସେହିପରି ବିଭିନ୍ନ ଖାଦ୍ୟ ପ୍ରସ୍ତୁତ କରିବାରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ମଧ୍ୟ ପ୍ରସିଦ୍ଧି ରହିଅଛି । କେନ୍ଦ୍ରାପଡ଼ାର ରସାବଳୀ, ସାଲେପୁରର ରସଗୋଲା, କେନ୍ଦୁପାଟଣାର ଛେନାଝିଲିପି, ନୟାଗଡ଼ର ଛେନା ପୋଡ଼, ଢେଙ୍କାନାଳର ବରା, ବାରିପଦାର ମୁଢ଼ି, କେନ୍ଦୁଝରର ବଡ଼ି, ପୁରୀର ଖିରିସାଗର, ଭୁବନେଶ୍ୱରର ମୁଆଁ, ଘଟଗାଁ ତାରେଣୀଙ୍କ ନଡ଼ିଆ କୋରା, ବାଙ୍କୀର ଛେନାଖଇ ପ୍ରସ୍ତୁତ କରିବାରେ ଓଡ଼ିଆ କାରିଗରର ହସ୍ତ ନିପୁଣତା ବିଦ୍ୟମାନ ।

ଓଡ଼ିଆ ଶିଳ୍ପୀ କଳା, ସ୍ଥାପତ୍ୟ ଚିତ୍ର ଅଙ୍କନ କରିବାରେ ଯେପରି ସିଦ୍ଧ ହସ୍ତ , ଓଡ଼ିଆ ପାଇକ ରଣକ୍ଷେତ୍ରରେ ନିଜର ଶକ୍ତିମତ୍ତା ପ୍ରଦର୍ଶନ କରିବାରେ ସେହିପରି ପଟୁ । କଟକର ଐତିହାସିକ ବାରବାଟୀ ଦୁର୍ଗ, ଖୋର୍ଦ୍ଧାର ପାଇକ ମାନଙ୍କର ବୀରତ୍ୱର ଗାଥା ଓଡ଼ିଶାର ଇତିହାସକୁ ରଞ୍ଜିତ କରିଛି । ଏପର୍ଯ୍ୟନ୍ତ ବି ବକ୍ସିଜଗବନ୍ଧୁ, ଜୟୀ ରାଜଗୁରୁଙ୍କ କାହାଣୀ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି । କବି ପଦ୍ମଚରଣ ଖୋରଧା ଭୂମିରେ ପାଦ ଦେଇ *''କି ଭୂମିରେ ଆଜି ଦେଲି ମୁହିଁ ପାଦ, କି କଲି କି କଲି କେତେ ଅପରାଧ''* ବୋଲି ନିଜର ବିନମ୍ରତା ପ୍ରକାଶ କରି ସେହି ପବିତ୍ର ଧୂଳିକୁ ମଥାରେ ବୋଳି ଦେବାର ନିଷ୍ପତ୍ତି ଗ୍ରହଣ କରିଛନ୍ତି । ବୀରମାନଙ୍କର ରକ୍ତ, ମାଂସ, ଚର୍ମ, ମେଦ ଆଦି ମିଶି ଯାଇଥିବା ମାଟି ଉପରେ ବାରବାଟୀ ଦୁର୍ଗ ଗଢିଛଠି ଏ ଜାତିର ବୀରଗାଥା ଗାନ କରିଛି । ଓଡ଼ିଶାର ଗଜପତି କପିଳେନ୍ଦ୍ର ଦେବ ନିଜ ରାଜ୍ୟର ସୀମାକୁ ବର୍ଦ୍ଧିତ କରିବାକୁ ଯାଇ ପ୍ରାନ୍ତୀୟ ରାଜାମାନଙ୍କୁ ପରାସ୍ତ କରି ନିଜକୁ ବୀରଶ୍ରୀ ଗଜପତି ଗୌଡ଼େଶ୍ୱର ନବକୋଟୀ କର୍ଣ୍ଣାଟ କଳବର୍ଗେଶ୍ୱର ଉପାଧିରେ ଭୂଷିତ କରିଛନ୍ତି । ସେହିପରି ପୁରୁଷୋତ୍ତମ ଦେବ କାଞ୍ଚି ଜୟ କରି କେବଳ ରାଜଜେମା ପଦ୍ମାବତୀଙ୍କୁ ଆଣି ନାହାଁନ୍ତି, ପରନ୍ତୁ ତାଙ୍କର ଆରାଧଦେବ ଗଣେଶ ମୂର୍ତ୍ତିଙ୍କୁ ମଧ୍ୟ ଆଣିପାରିଛନ୍ତି ।

ଓଡ଼ିଶାର କଳାଭୂମିରେ ଅନେକ କବି ଜନ୍ମ ନେଇଛନ୍ତି ଯେଉଁମାନଙ୍କ ସାହିତ୍ୟ ସାଧନାରେ ଓଡ଼ିଶା ମାଟି କେବଳ ଧନ୍ୟ ହୋଇନି, ଅଧିକନ୍ତୁ ପ୍ରାନ୍ତୀୟ ରାଜ୍ୟର କବିମାନେ ବହୁଭାବେ ପ୍ରଭାବିତ ହୋଇ ପାରିଛନ୍ତି । ଚର୍ଯ୍ୟା ଗୀତିକାର କାହ୍ନୁ ପା (କୃଷ୍ଣପାଦ) ଙ୍କ ଠାରୁ କବି ସମ୍ରାଟ ଉପେନ୍ଦ୍ରଙ୍କ ପର୍ଯ୍ୟନ୍ତ ବହୁକବିଙ୍କ ରଚନାବଳୀ ପ୍ରାନ୍ତୀୟ ସାହିତ୍ୟକୁ ପ୍ରଭାବିତ କରିଛି । ଗଜପତି କପିଳେନ୍ଦ୍ରଦେବଙ୍କ ସମସାମୟିକ ଝଙ୍କଡ଼ ପୀଠରେ କନକ ପୁର ଗ୍ରାମ (ପ୍ରଥମ ନାମ କନକାବତୀ ପାଟଣା) ର ସିଦ୍ଧେଶ୍ୱର ପରିଡ଼ା କାଳକ୍ରମେ ଅଧିଷ୍ଠାତ୍ରୀ ଦେବୀ ଶ୍ରୀ ସାରଳାଙ୍କ ବରପୁତ୍ର ହୋଇ ଯେଉଁ ଅଠର ଖଣ୍ଡ ମହାଭାରତ, ଚଣ୍ଡୀପୁରାଣ, ବିଲଙ୍କା ରାମାୟଣ, ଲକ୍ଷ୍ମୀ ନାରାୟଣୀ ବଚନିକା, ବିଚିତ୍ର ରାମାୟଣ ପ୍ରଭୃତି ଗ୍ରନ୍ଥ ରଚନା କରିଛନ୍ତି ତାହା ପ୍ରାନ୍ତୀୟ ସାହିତ୍ୟରେ ଦୁର୍ଲଭ । ବ୍ୟାସଦେବ (ଅନ୍ୟ ଅର୍ଥରେ ପୁରାଣ ପଣ୍ଡା) ଙ୍କ ରଚିତ ସଂସ୍କୃତ ମହାଭାରତର ଏହା ଆକ୍ଷରିକ ଅନୁବାଦ ନହୋଇ ପ୍ରଚଳିତ ଲୋକକଥାକୁ ପାଥେୟକରି ଯେଉଁ ମୌଳିକ ସୁଷମାରେ ବିମଣ୍ଡିତ ହୋଇଛି, ତାହା ଯଥାର୍ଥରେ ସାରଳାଦାସଙ୍କୁ ଆଦିକବି ତଥା ଶୂଦ୍ରମୁନି ଆଖ୍ୟାରେ ଆଖ୍ୟାୟିତ କରିପାରିଛି । ସେଥିପାଇଁ କୁହାଯାଇଛି *''ଯାହା ନାହିଁ ଭାରତେ, ତାହା ନାହିଁ ଭାରତେ''* । ତୁଳାଦଣ୍ଡର ଗୋଟିଏ ପାର୍ଶ୍ୱରେ ମହାଭାରତକୁ ରଖି ଅନ୍ୟ ପାର୍ଶ୍ୱରେ ଅଷ୍ଟାଦଶ ପୁରାଣ ତଥା ଉପପୁରାଣକୁ ରଖିଲେ ଗୁଣାତ୍ମ ଦୃଷ୍ଟିରୁ ଏହା ମହାଭାରତ ତେଣୁ ନାମ ହୋଇଛି ମହାଭାରତ ।

ସେହିପରି ପଞ୍ଚସଖା ଯୁଗର ବରେଣ୍ୟ ସାଧକ ଜଗନ୍ନାଥ ଦାସଙ୍କ ଭାଗବତର ପ୍ରଭାବ ଓ ପ୍ରତିଷ୍ଠା ଓଡ଼ିଶାର ପୁର ପଲ୍ଲୀଠାରୁ ପ୍ରାନ୍ତୀୟ ରାଜ୍ୟରେ କବିମାନଙ୍କୁ ଏଭଳି ଆକୃଷ୍ଟ କରିଛି ଯେ, ବଙ୍ଗଳା ସାହିତ୍ୟର କବି ମାଳାଧର ବସୁ ସଂପୂର୍ଣ୍ଣ ଭାଗବତକୁ ବଙ୍ଗଳା ଭାଷାରେ ଅନୁଦିତ କରିବାକୁ ଚେଷ୍ଟା କରି ଅସଫଳ ହୋଇଛନ୍ତି ଓ ସନାତନ ଚକ୍ରବର୍ତ୍ତୀ ବଙ୍ଗଳା ଭାଷା ସହ ଓଡ଼ିଆ ଭାଷାକୁ ମିଶାଇ ଭାଗବତ ରଚନା କରିଛନ୍ତି । ଖ୍ରୀଷ୍ଟଧର୍ମର ବାଇବେଲ, ଇସଲାମ ଧର୍ମର କୋରାନ୍ ଭଳି ହିନ୍ଦୁଧର୍ମର ଭାଗବତ

ପୂଜା ପାଇ ଆସିଛି । ଭାଗବତ ଗାଦିରେ ଏହା ରଖାଯାଇ ଭାଗବତ ଟୁଙ୍ଗି ମାନ ଗଢ଼ି ଉଠି, ଭକ୍ତି ମଧୁର ପଦାବଳୀର ଆବୃତ୍ତିରେ ସବୁ ଯୁକ୍ତିତର୍କ ତଥା ମତାନ୍ତରର ସମାଧାନ ଘଟିଛି । ଏହାର ଭାବ ଜ୍ଞାନ, ବ୍ରହ୍ମତତ୍ତ୍ୱ ଲୋକମାନଙ୍କ ମନକୁ ଏପରି ଭେଦିଯାଇଛି ଯେ, ତାହା ପରମ ପବିତ୍ର ଗ୍ରନ୍ଥ ରୂପେ ପୂଜିତ ହେଉଛି ।

ରୀତିଯୁଗର ଶ୍ରେଷ୍ଠ ସାଧକ କବି ସମ୍ରାଟ ଉପେନ୍ଦ୍ରଭଞ୍ଜଙ୍କ ଲେଖନୀ ଚାଳନ ମଧ ଓଡ଼ିଆ ଜାତି ପକ୍ଷରେ ଗର୍ବ ତଥା ଗୌରବର କଥା ତାଙ୍କ ସାହିତ୍ୟ ଦରବାରୀ ସାହିତ୍ୟ ବା ପଣ୍ଡିତ ଗୋଷ୍ଠୀ ମଧ୍ୟରେ ଆବଦ୍ଧ ହେଲେ ମଧ୍ୟ ବିଭିନ୍ନ ଅଳଙ୍କାରର ପ୍ରୟୋଗ, ଶବ୍ଦର କସରତ, ଭାଷାର ଇନ୍ଦ୍ରଜାଲ ପ୍ରାନ୍ତୀୟ କବି ଓ ପଣ୍ଡିତମାନଙ୍କୁ ଚମତ୍କୃତ କରିପାରିଛି । ପରବର୍ତ୍ତୀ ବଙ୍ଗୀୟ କବି ରାଧାନାଥ ଓଡ଼ିଶାର ଶୂରଭୂମି ସୋରରେ ଜନ୍ମନେଇ ପ୍ରଥମେ ବଙ୍ଗଳା ଭାଷାରେ କବିତା ରଚନା କରିବାକୁ ଯାଇ ତଦାନୀନ୍ତନ ସ୍କୁଲ ବିଭାଗର ସର୍ବୋଚ୍ଚ କର୍ତ୍ତା ଭୂଦେବ ବାବୁଙ୍କ କଣ୍ଠରେ ଓଡ଼ିଶାର ପ୍ରଶଂସା ଶୁଣି ଲେଖନୀର ଦିଗ ପରିବର୍ତ୍ତନ କରିଛନ୍ତି । ଓଡ଼ିଆ ସାହିତ୍ୟ ପାଇଁ ଯେଉଁ ଉତ୍ସ ସାଇତି ଦେଇ ଯାଇଛନ୍ତି, ତାହା ବଙ୍ଗୀୟ ସମାଲୋଚକ ଅଧ୍ୟାପକ ପ୍ରିୟରଞ୍ଜନ ସେନଙ୍କ ଲେଖନୀରେ ଉଚ୍ଚ ପ୍ରଶଂସିତ ହୋଇଛି ।

ପ୍ରାକୃତିକ ସୁଷମାଭରା ଓଡ଼ିଶା ସର୍ବତ୍ର ତା'ର ଉତ୍କର୍ଷତାର ବିଜୟ ନିଶାଣ ଉଡ଼ାଇଛି । ଓଡ଼ିଶାର ପଲ୍ଲୀ ପ୍ରକୃତି, ସରଳ, ନିରାଡ଼ମ୍ବର ଜୀବନ ଯାପନ, ଶସ୍ୟ କ୍ଷେତ୍ର, ଖାଦ୍ୟ ପେୟ, ଅତିଥିଚର୍ଚ୍ଚା, ବନ୍ଧୁ ସଙ୍ଖୋଳା, ପର୍ବ ପର୍ବାଣୀ ପ୍ରତ୍ୟେକଟିରେ ସ୍ୱତନ୍ତ୍ରତା ଫୁଟି ଉଠିଛି । ସଂଧ୍ୟା ନଇଁଲେ ସମଗ୍ର ପରିବାର ତଥା ଦେଶ ଦଶର କଲ୍ୟାଣ ମନାସି ଓଡ଼ିଆ ଘରର ବୋହୂର ବୃନ୍ଦାବତୀ ନିକଟରେ ସଞ୍ଜବତୀ ଜାଳିବାଠାରୁ ବିଶ୍ୱଶାନ୍ତି ଉଦ୍ଦେଶ୍ୟରେ ଯଜ୍ଞ, ଏପରିକି ବାରମାସରେ ତେର ପର୍ବ ପାଳନ ଭିତରେ କେବଳ ଧର୍ମଗତ ଚିନ୍ତାଧାରାର ଉଦ୍ରେକ ଘଟିନି, ଅଧିକନ୍ତୁ ତା'ର ଉଦାରତାର ପରିଚୟ ମିଳି ପାରିଛି । ଯଦି ଜଣେ କନ୍ଧ ତଥା ଅନ୍ଧ କବି ଗାଇ ପାରିଲା "ମୋ ଜୀବନ ପଛେ ନର୍କେ ପଡ଼ିଥାଉ, ଜଗତ ଉଦ୍ଧାର ହେଉ', ଆଉ ଜଣେ ଆଦର୍ଶ ଶିକ୍ଷକ କହିଉଠିଲା 'ମିଶୁ ମୋର ଦେହ ଏ ଦେଶ ମାଟିରେ, ଦେଶବାସୀ ଚାଲିଯାଆନ୍ତୁ ପିଠିରେ' ତେବେ ଏହାଠାରୁ ବଳି ତ୍ୟାଗର ଚରମ ନିଦର୍ଶନ ଆଉ କେଉଁଠାରେ ?

ଏ ଜାତି ବଞ୍ଚିଛି ଆତ୍ମୋତ୍ସର୍ଗ ତଥା ଆତ୍ମାହୁତି ମାଧ୍ୟମରେ ବିଶ୍ୱର କଲ୍ୟାଣ ପାଇଁ । ବୀରତ୍ୱର ପରାକାଷ୍ଠା ପ୍ରମାଣିତ କରିଛି ଯୁଦ୍ଧଭୂମିରେ 'ମର ଅବା ମାର' ଏହି ନୀତିର ଆଶ୍ରୟ କରି ଅନେକ ବୀର ଶହୀଦ୍ ହୋଇଛନ୍ତି ଏହି ଭୂମିରେ । ଏ ଜାତି ହାରି ନାହିଁ, ବୃଥାରେ ହୁରି କରି ନାହିଁ । କାହା ନିକଟରେ ହାତପାତି ଭିକ୍ଷା କରିନାହିଁ । ସ୍ୱାଭିମାନ, ଜାତିର ବୀରତ୍ୱ, ଐକ୍ୟ ଓ ସଂହତି ରକ୍ଷା ଲାଗି ସେ ପ୍ରାଣ ପର୍ଯ୍ୟନ୍ତ ବିସର୍ଜନ କରିବାକୁ କୁଣ୍ଠାବୋଧ କରିନାହିଁ । ଏ ଜାତିର କିମ୍ବଦନ୍ତୀ ପୁରୁଷବି ଗାଇଉଠିଛି "ଜାତି ପ୍ରେମ ବହ୍ନି ପ୍ରଜ୍ୱଳିତ କର ସ୍ୱାର୍ଥକୁ ଦିଅ ଆହୁତି" । ଯଦି ସାମାନ୍ୟ ଟିକିଏ ତ୍ରୁଟିରେ ଜାତିର ସ୍ୱାଭିମାନ କ୍ଷୁଣ୍ଣ ହେବ ବୋଲି ଚିନ୍ତାକରି ଉତ୍କଳ ଟାନେରୀ ଭଳି ସମଗ୍ର ଜୋତା କାରଖାନାକୁ ପୋଡ଼ି ଦିଆଯାଇପାରେ, ସେ ଜାତିର ଐତିହ୍ୟ, ସ୍ୱାଭିମାନ କିପରି ସୁରକ୍ଷିତ ତାହା ସହଜେ ଅନୁମେୟ ।

ସାଂପ୍ରତିକ ପରିସ୍ଥିତିରେ ପ୍ରଶ୍ନ ଉଠେ, ଏ ଜାତି ଯେପରି ନିଷ୍ପ୍ରଭ, ନିଷ୍କ୍ରିୟ, ହୀନବଳ, ଶକ୍ତିସାମର୍ଥ୍ୟ ରହିତ ହୋଇପଡ଼ିଛି । କଳାକ୍ଷେତ୍ର ଆଜି ଶ୍ରୀହୀନ, ଆଉ ସେ ତନ୍ତୀ ବାପୁଡ଼ାର ହାତ ତିଆରି ଲୁଗା ନାହିଁକି ଶିଳ୍ପୀର ନିହାଣ ମୁଗୁର ନାହିଁ, ଖଣ୍ଡାୟତର ଖଣ୍ଡା ଆଜି କଅଁକିଲଗା । ସେହି ଓଡ଼ିଶାତ ଅଛି । ଓଡ଼ିଆ ଜାତି ଅଛନ୍ତି, ଓଡ଼ିଶା ଆଜି ଖଣ୍ଡ ବିଖଣ୍ଡିତ ହୋଇପଡ଼ିଛି, "ଗଙ୍ଗାଧୋଉଥିଲା ଚିକୁର ଯାହାର କୃଷ୍ଣା ଚରଣ ତଳ" ର ସୀମା ଆଜି ସଙ୍କୁଚିତ । ହୀନ ମନ୍ୟତା, ପରଶ୍ରୀ କାତରତା, ବାଦାନୁବାଦ ସମାଜ ଜୀବନକୁ ଗ୍ରାସ କରିଛି । "ଜୟଦେବ" ଓଡ଼ିଶାର କି ବଙ୍ଗଳାର ସେ ବାଦାନୁବାଦ ସମାଧିତ ହୋଇନାହିଁ । ସଭ୍ୟତା ଆଗେଇଛି । ବିଜ୍ଞାନ ଚମକିଛି, କିନ୍ତୁ ଜାତି ପଛେଇଛି ।

ଏକ ସୁଦୃଶ୍ୟ ହର୍ମ୍ୟର ସ୍ଥିତି ଓ ସ୍ଥାୟିତ୍ୱ ନିର୍ଭର କରେ ତା'ର ସୁଦୃଢ଼ ଭିତ୍ତିଭୂମି ଉପରେ । ତେଣୁ ଓଡ଼ିଶାର ଗୌରବାବହ ଅତୀତ ଯେତେବେଳେ ସୁଦୃଢ଼ ଭିତ୍ତିଭୂମି ସେଠାରେ ଭୟ କାହାକୁ ? ହୀନ ମନ୍ୟତାର କାରଣ କ'ଣ ? ମୁଁ ମରେ କିନ୍ତୁ ଜାତିର ସ୍ୱାଭିମାନ ଅତୁଟ ରହୁ, ସମଗ୍ର ଓଡ଼ିଶାର ଉନ୍ନତି ହେଉ, ଏ କଳ୍ପନା ସମସ୍ତଙ୍କର ହେବା ବିଧେୟ । ମୃତ୍ୟୁତ ଆସିବ, କିଏ ବଞ୍ଚିଛି ଯେ, ନାମ ଏଠାରେ ଜୀବ, ସେ ଯିବ, କିନ୍ତୁ ମହିମା ମଣ୍ଡିତ ଓଡ଼ିଶା ଭୂଇଁରେ ଜନ୍ମ ନେଇ, ଏ କଳାଭୂମିର ସନ୍ତାନ ହୋଇ, ଏ ବୀରଭୂମିର ଦାୟାଦ ହୋଇ ଭୟ କାହାକୁ ? ତେଣୁ " ଉଠୁ ଜଙ୍ଗାନ, ଛିଡୁ ଶୃଙ୍ଖଳ, ଜାଗ ଦୁର୍ବଳ ଆଜି, ଉଠୁ ଗତ ଗୌରବ, ହୃତ ଗୌରବ, ମୃତ ଗୌରବ ରାଜି ।"

ଦୀନର ବନ୍ଧୁ ଜଗତର ନାଥ, ଜଗନ୍ନାଥଙ୍କ ଆଶ୍ରିତ ହୋଇ ଶପଥ ନେବା, ଜାତିର ଉନ୍ନତି, ଦେଶର ଉନ୍ନତି ହିଁ ଆମର ଚରମ ଲକ୍ଷ୍ୟ ହେଉ ।

ବିଶ୍ୱନାଥ ମହିଁ
ଚାନ୍ଦିବଜାର, କଟକ-୨

# ଓଡ଼ିଶାର ସାମରିକ ପରମ୍ପରା

ଶ୍ରୀ ବ୍ରଜ ପାଇକରାୟ

କୌଣସି ଦେଶ ବା ରାଜ୍ୟର ସାଂସ୍କୃତିକ ଇତିହାସ ଅଧ୍ୟୟନ କଲେ ଯେଉଁଳି ସେଠାକାର ସାହିତ୍ୟ, କଳା ଏବଂ ଧର୍ମର ବିକାଶଧାରା ଏବଂ ଜନ ସାଧାରଣଙ୍କର ଚାଲିଚଳନ, ଆଚାର ବ୍ୟବହାର ସଂପର୍କରେ ଜାଣିହୁଏ ଠିକ୍ ସେହିପରି ରାଜନୈତିକ ଇତିହାସ ଅନୁଧ୍ୟାନ କଲେ ସେ ଅଂଚଳରେ ରାଜତ୍ୱ କରୁଥିବା ବିଭିନ୍ନ ରାଜବଂଶର ଉତ୍ଥାନ, ପତନ ଏବଂ ସାମରିକ ପରମ୍ପରା ସଂପର୍କରେ ସୂଚନା ମିଳିଥାଏ ।

ରାଜନୈତିକ ପ୍ରଭୁତ୍ୱ ଲାଭ ପାଇଁ ଶୃଙ୍ଖଳିତ ରାଜ୍ୟ ଶାସନ ପାଇଁ, ମର୍ଯ୍ୟାଦା ସଂପନ୍ନ ଜୀବନ ଯାପନ ପାଇଁ ଏବଂ ବାହ୍ୟ ଶତ୍ରୁ ଆକ୍ରମଣରୁ ଦେଶକୁ ସୁରକ୍ଷିତ କରି ସ୍ୱାଧୀନ ଭାବରେ ପୃଥିବୀର ପ୍ରତ୍ୟେକ ଅଂଚଳରେ ସବୁ ଯୁଗରେ ସାମରିକ ଅଭିଯାନର ଗୁରୁତ୍ୱ ରହିଛି । କୌଣସି ନିର୍ଦ୍ଦିଷ୍ଟ ଅଂଚଳର ସାମରିକ ଗୁରୁତ୍ୱକୁ ବିଚାରକୁ ନେବା ସମୟରେ ସେ ରାଜ୍ୟର ଅଧିବାସୀମାନଙ୍କର ସାମରିକ ସଫଳତା ହାସଲର ଇତିହାସ ସଂପର୍କରେ ଜାଣିବାକୁ ପଡ଼େ । ପ୍ରାଚୀନ କାଳ ଓ ମଧ୍ୟ ଯୁଗର ସମର କୌଶଳ ଏବଂ ଯୁଦ୍ଧରେ ବ୍ୟବହୃତ ଅସ୍ତ୍ରଶସ୍ତ୍ର ଏବଂ ଆଧୁନିକ କାଳର ସମର ସଜ୍ଜା ଏବଂ ଅସ୍ତ୍ର ଶସ୍ତ୍ର ମଧ୍ୟରେ ବହୁବିଧ ପାର୍ଥକ୍ୟ ପରିଲକ୍ଷିତ ହୋଇଥାଏ । ଶକ୍ତିଶାଳୀ ତତ୍କାଳୀନ ପ୍ରାଚୀନ କଳିଙ୍ଗ ବା ବର୍ତ୍ତମାନର ଓଡ଼ିଶାର ସାମରିକ ପରମ୍ପରା ସମ୍ବନ୍ଧରେ ଏହି ପ୍ରବଂଧରେ ଆଲୋକପାତ କରାଯାଇଛି ।

ଶାସନଗତ ଓ ରାଜନୈତିକ ଦୃଷ୍ଟିକୋଣରୁ ପ୍ରାଚୀନ ଓଡ଼ିଶା ଉତ୍କଳ, କଳିଙ୍ଗ ଓଡ୍ର ଏବଂ କୋଶଳ ଇତ୍ୟାଦି ବିଭିନ୍ନ ନାମରେ ପରିଚିତ ଥିଲା । ଉପରୋକ୍ତ ଚାରିଗୋଟି ରାଜନୈତିକ ଅଂଚଳ ମଧ୍ୟରୁ କଳିଙ୍ଗ ଶକ୍ତି ଓ ସାମରିକ ସାମର୍ଥ୍ୟ ଦୃଷ୍ଟିରୁ ସର୍ବଶ୍ରେଷ୍ଠ ଥିଲା । ଉତ୍ତରରେ ଗଙ୍ଗା, ଦକ୍ଷିଣରେ ଗୋଦାବରୀ ନଦୀ, ପୂର୍ବରେ ସମୁଦ୍ର ଏବଂ ପଶ୍ଚିମରେ ଅମରକଣ୍ଟକ ପର୍ବତ ପର୍ଯ୍ୟନ୍ତ କଳିଙ୍ଗ ସାମ୍ରାଜ୍ୟ ବିସ୍ତୃତ ଥିଲା । ମହାଭାରତରେ ଉତ୍କଳ, ଓଡ୍ର ଏବଂ କଳିଙ୍ଗ ରାଜ୍ୟର ଉଲ୍ଲେଖ ରହିଛି । ମହାଭାରତ ଯୁଦ୍ଧରେ କଳିଙ୍ଗ ସମ୍ରାଟ ଶ୍ରୁତାୟୁ କୌରବ ପକ୍ଷରେ ଯୋଗଦେଇ ଭୀମଙ୍କ ସହ ବୀରତ୍ୱ ସହକାରେ ଲଢ଼ି ନିହତ ହୋଇ ଥିବାର ଜଣାଯାଏ ।

ମଗଧ ସମ୍ରାଟ ମହାପଦ୍ମନନ୍ଦ କଳିଙ୍ଗକୁ ପରାଜିତ କରି ନେଇ ଯାଇଥିବା ଜୀନ୍ ମୂର୍ତ୍ତି କଳିଙ୍ଗର ମହା ପରାକ୍ରମୀ ସମ୍ରାଟ ମହାମେଘବାହନ ଐର ଖାରବେଳ ପରବର୍ତ୍ତୀ ସମୟରେ ମଗଧକୁ ପଦାନତ କରି ପୁନର୍ବାର ଫେରାଇ ଆଣି ଥିବାର ଜଣାଯାଏ । ନନ୍ଦବଂଶର ପତନ ପରେ ମଗଧ ସମ୍ରାଟ ଚନ୍ଦ୍ରଗୁପ୍ତଙ୍କ ରାଜତ୍ୱ କାଳରେ ମୌର୍ଯ୍ୟ ସାମ୍ରାଜ୍ୟ ଉତ୍ତର ପୂର୍ବରେ ହିନ୍ଦୁକୁଶ ପର୍ବତ ଏବଂ ଦକ୍ଷିଣରେ ମହୀଶୂର ପର୍ଯ୍ୟନ୍ତ ବିସ୍ତୃତି ଲାଭ କରିଥିଲେ ମଧ୍ୟ ମଗଧର ପୂର୍ବ ଦିଗରେ ଅବସ୍ଥିତ କଳିଙ୍ଗ ସ୍ୱାଧୀନ ରାଜ୍ୟ ଥିଲା । ଏପରିକି ସମଗ୍ର ଭାରତବର୍ଷ ଏବଂ ଗ୍ରୀକ୍‌ମାନଙ୍କୁ ପରାଜିତ କରିବା ପରେ ମଧ୍ୟ ସାମରିକ ଦୃଷ୍ଟିରୁ ଶକ୍ତିଶାଳୀ କଳିଙ୍ଗ ସହ ସଂଗ୍ରାମରେ ଲିପ୍ତ ହେବା ପାଇଁ ସମ୍ରାଟ ଚନ୍ଦ୍ରଗୁପ୍ତ ସାହସ କରି ନଥିଲେ ।

ଚନ୍ଦ୍ରଗୁପ୍ତଙ୍କ ପୁତ୍ର ବିନ୍ଦୁସାର ନିଜ ସାମ୍ରାଜ୍ୟର ଆଭ୍ୟନ୍ତରୀଣ ବିଦ୍ରୋହ ଦମନରେ ଲିପ୍ତ ଥିବାବେଳେ କଳିଙ୍ଗ ବର୍ମା ଏବଂ ଫିଲିପାଇନସ ଦ୍ୱୀପରେ ଉପନିବେଶ ସ୍ଥାପନ ପୂର୍ବକ ନିଜର ଶକ୍ତି ବୃଦ୍ଧି କରିଥିଲା । ବିନ୍ଦୁସାରଙ୍କ ମୃତ୍ୟୁପରେ ତାଙ୍କ ପୁତ୍ର ଅଶୋକ ଖ୍ରୀଷ୍ଟ ପୂର୍ବ ୨୬୯ରେ ମଗଧ ସିଂହାସନ ଆରୋହଣ କରିଥିଲେ । ଶକ୍ତିଶାଳୀ କଳିଙ୍ଗର ଅର୍ଥନୀତି ଏବଂ ନୌବାଣିଜ୍ୟକୁ ସଂପୂର୍ଣ୍ଣ ଭାବରେ ଧ୍ୱଂସ କରି ସମୁଦ୍ରରେ ଆଧିପତ୍ୟ ବିସ୍ତାର କରିବା ପାଇଁ ସମ୍ରାଟ ଅଶୋକ ଖ୍ରୀଷ୍ଟପୂର୍ବ ୨୬୧ରେ କଳିଙ୍ଗ ଆକ୍ରମଣ କରିଥିଲେ । ଗୋଟିଏ ପକ୍ଷରେ ସମଗ୍ର ଭାରତ ବିସ୍ତୃତ ମଗଧ

ସାମ୍ରାଜ୍ୟ ଏବଂ ଅନ୍ୟପକ୍ଷରେ ସ୍ୱଶକ୍ତିରେ ବଳୀୟାନ କଳିଙ୍ଗର ଦେଶପ୍ରେମୀ ଓ ସ୍ୱାଧୀନଚେତା ଜନସାଧାରଣ ଶତ୍ରୁକୁ ଉପଯୁକ୍ତ ମୁକାବିଲା କରିଥିଲେ । କଳିଙ୍ଗର ଏକଲକ୍ଷ ବ୍ୟକ୍ତି ଯୁଦ୍ଧ କ୍ଷେତ୍ରରେ ନିହତ ଏବଂ ଦେଢଲକ୍ଷ ବ୍ୟକ୍ତି ବନ୍ଦୀ ହୋଇଥିଲେ । କଳିଙ୍ଗର ସମୁଦ୍ର ଉପକୂଳବର୍ତ୍ତୀ ସମତଳ ଅଂଚଳକୁ ଜୟ କରିଥିଲେ ମଧ୍ୟ ପଶ୍ଚିମ ପାର୍ବତ୍ୟାଞ୍ଚଳକୁ ଜୟ କରିବାକୁ ସମ୍ରାଟ ଅଶୋକ ସମର୍ଥ ହୋଇପାରି ନଥିଲେ । ମୌର୍ଯ୍ୟ ସାମ୍ରାଜ୍ୟର ପତନ ପରେ କଳିଙ୍ଗ ସମ୍ରାଟ ମହାମେଘ ବାହାନ ଐର ଖାରବେଳଙ୍କ ଅଭ୍ୟୁଦୟ ଘଟିଥିଲା । ଭୁବନେଶ୍ୱରସ୍ଥ ଉଦୟଗିରି ହାତୀଗୁମ୍ଫା ଶିଳାଲେଖରୁ ସମ୍ରାଟ ଖାରବେଳଙ୍କ ରାଜ୍ୟଜୟ ସଂପର୍କୀୟ ବିସ୍ତୃତ ବିବରଣୀ ମିଳେ ।

ସମ୍ରାଟ ଖାରବେଳ କଳିଙ୍ଗ ସିଂହାସନ ଆରୋହଣ କରିବା ସଂଗେ ସଂଗେ ଦିଗ୍‌ବିଜୟ ଯାତ୍ରା ଆରମ୍ଭ କରିଥିଲେ । ସର୍ବପ୍ରଥମେ ଆନ୍ଧ୍ରର ଶକ୍ତିଶାଳୀ ସମ୍ରାଟ ସାତକର୍ଣ୍ଣୀଙ୍କୁ ପରାସ୍ତ କରିବା ପରେ କଳିଙ୍ଗର ପଶ୍ଚିମରେ ଅବସ୍ଥିତ ମୂଷିକ ରାଷ୍ଟ୍ରକୁ ଓ ଭୋଜକର ଶାସକମାନଙ୍କୁ ପରାଜିତ କରିଥିଲେ । ରାଜ୍ୟ ଶାସନର ସପ୍ତ ବର୍ଷରେ ପ୍ରଜାମାନଙ୍କ ନିମନ୍ତେ ଏକ ସାମରିକ ପ୍ରଦର୍ଶନୀ ଆୟୋଜନ କରିଥିଲେ । କଳିଙ୍ଗ ସେନାର ସମର ନୈପୁଣ୍ୟ ପ୍ରଦର୍ଶନ ଉକ୍ତ ପ୍ରଦର୍ଶନୀର ଲକ୍ଷ୍ୟ ଥିଲା । ଖାରବେଳ ଶକ୍ତିଶାଳୀ ମଗଧ ସାମ୍ରାଜ୍ୟକୁ ଆକ୍ରମଣ କରି ପରାଜିତ ଓ ପଦାନତ କରିଥିଲେ ଶାସନର ଦଶମ ବର୍ଷରେ ଉତ୍ତର ଭାରତ ଏବଂ ଏକାଦଶ ବର୍ଷରେ ଦାକ୍ଷିଣାତ୍ୟ ବିଜୟ କରିଥିଲେ । ପୁନର୍ବାର ଶାସନର ଦ୍ୱାଦଶ ବର୍ଷରେ ସମ୍ରାଟ ଖାରବେଳ ଉତ୍ତର ଭାରତକୁ ସାମରିକ ଅଭିଯାନ କରି ପରାଜିତ କରିଥିଲେ ଏବଂ ଫେରିବା ପଥରେ ଅଂଗ ଏବଂ ମଗଧର ସମ୍ରାଟ ବୃହସ୍ପତି ମିତ୍ରକୁ ପରାସ୍ତ ଓ ପଦାନତ କରିଥିଲେ ଏବଂ ଖାରବେଳଙ୍କ ସମୟରେ ଯୁଦ୍ଧ ପାଇଁ ଖଣ୍ଡା, ବର୍ଚ୍ଛା, ଗଦା ଓ ଧନୁଶର ଇତ୍ୟାଦି ଅସ୍ତ୍ର ବ୍ୟବହାର କରାଯାଉଥିବା ବିଷୟ ଖଣ୍ଡଗିରି ଏବଂ ଉଦୟଗିରିର ରାଣୀଗୁମ୍ଫା ଏବଂ ଗଣେଶ ଗୁମ୍ଫା ଶିଳାଲେଖରୁ ଜଣାଯାଏ । ଐତିହାସିକମାନଙ୍କ ମତରେ ଖାରବେଳଙ୍କ ରାଜଧାନୀ କଳିଙ୍ଗ ନଗର ଆଧୁନିକ ଶିଶୁପାଳ ଗଡ଼ଠାରେ ଅବସ୍ଥିତ ଥିଲା । ଖାରବେଳଙ୍କ ରାଜତ୍ୱ କାଳରେ ମହାସେନାନୀ, ସେନାପତି, ନଗରରକ୍ଷୀ, ପ୍ରତିହର, ରଥିକ (Superintendent of Chariot), ହସ୍ତୀପାଳ (Superintendent of elephants) ପ୍ରଭୃତି ସମ୍ମାନାସ୍ପଦ ସାମରିକ ପଦାଧିକାରୀ ଥିଲେ ।

ଷଷ୍ଠ ଓ ସପ୍ତମ ଶତାବ୍ଦୀରେ ଶୈଳୋଦ୍‌ଭବ ବଂଶୀୟ ରାଜାମାନେ ଚିଲିକା ଓ ଗଂଜାମର ମଧ୍ୟବର୍ତ୍ତୀ ଅଞ୍ଚଳକୁ ଶାସନ କରୁଥିଲେ । ସେମାନଙ୍କ ରାଜଧାନୀକୁ କଙ୍ଗୋଦ କୁହାଯାଉଥିଲା । ଐତିହାସିକମାନଙ୍କ ମତରେ ଶୈଳୋଦ୍‌ଭବ ବଂଶୀୟ ରାଜାଙ୍କ ରାଜଧାନୀ କଙ୍ଗୋଦ ବାଣପୁର ନିକଟବର୍ତ୍ତୀ ବଙ୍କାଡଗଡଠାରେ ଅବସ୍ଥିତ ଥିଲା । ଶୈଳୋଦଭବ ବଂଶୀୟ ରାଜାଙ୍କ ଶାସନ କାଳରେ ଅନ୍ତରଂଗ 'ଦଣ୍ଡପାଣିକ' ସନ୍ଧି ବିଗ୍ରହକ ଏବଂ ଭଟ୍ଟ ଇତ୍ୟାଦି ସାମରିକ ପଦ ପଦବୀର ପ୍ରଚଳନ ଥିଲା ।

ଶୈଳୋଦ୍‌ଭବ ରାଜବଂଶର ପତନ ପରେ ଭୌମକର ବଂଶୀୟ ରାଜାମାନେ ଉତ୍କଳ ଏବଂ ସୋମବଂଶୀ ରାଜାମାନେ କୋଶଳ ଅଂଚଳ ଶାସନ କରୁଥିଲେ । ଭୌମକର ବଂଶୀୟ ଶାସକମାନଙ୍କ ମଧ୍ୟରେ ଶୁଭକର ଦେବ, ଶାନ୍ତିକର ଦେବ, ଶୁଭକର ଦେବ - ୨ୟ, ଶାନ୍ତିକର ଦେବ- ୨ୟ ଏବଂ ରାଣୀ ଦଣ୍ଡୀ ମହାଦେବୀ ଓ ରାଣୀ ତ୍ରିଭୁବନ ମହାଦେବୀଙ୍କ ନାମ ବିଶେଷ ଭାବରେ ଉଲ୍ଲେଖଯୋଗ୍ୟ । ଭୌମକର ବଂଶର ଛଅଜଣ ବୀରା ରମଣୀ ଓଡ଼ିଶା ଶାସନ କରିଥିଲେ ।

ହିନ୍ଦୁ ରାଜବଂଶ ଶାସନ କାଳରେ କାକତୀୟ ବଂଶର 'ରୁଦ୍ରାମ୍ବା' ଏବଂ କାଶ୍ମୀରର ରାଣୀ ଦିଦ୍ଦା (Didda) ଙ୍କ ବ୍ୟତୀତ ଭାରତବର୍ଷର ଅନ୍ୟ କୌଣସି ରାଜ୍ୟରେ ଏତେ ସଂଖ୍ୟକ ମହିଳା ଶାସକ ଆମମାନଙ୍କ ନଜରକୁ ଆସନ୍ତି ନାହିଁ । ଭୌମକରମାନଙ୍କ ସାମ୍ରାଜ୍ୟ ଉତ୍ତରରେ ମେଦିନୀପୁର, ମୟୂରଭଞ୍ଜ, କେନ୍ଦୁଝର, ପଶ୍ଚିମରେ ଢେଙ୍କାନାଳ, ବଉଦ, ଫୁଲବାଣୀ, ଦକ୍ଷିଣରେ ଗଂଜାମ ଏବଂ ପୂର୍ବରେ ଅବିଭକ୍ତ ପୁରୀ, କଟକ ଓ ବାଲେଶ୍ୱର ଜିଲ୍ଲା ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଭୌମକର ବଂଶଧର ରାଜାମାନେ ନିଜେ ଯୁଦ୍ଧ କ୍ଷେତ୍ରରେ ରହି ଶତ୍ରୁମାନଙ୍କ ବିରୁଦ୍ଧରେ ଲଢୁଥିଲେ । ଭୌମକର ମାନଙ୍କ ସୈନ୍ୟବାହିନୀରେ ପଦାତିକ, ଅଶ୍ୱାରୋହୀ ଏବଂ ଗଜାରୋହୀମାନେ ଥିଲେ ଏବଂ ଯୁଦ୍ଧରେ ଦୁଇଧାର ଯୁକ୍ତ ଖଣ୍ଡା, ଛୋଟ ଛୁରୀ, ବର୍ଚ୍ଛା, ଗଦା, ଚକ୍ର, ଫାଶୀ, କୁଠାର (Battle axe) ଇତ୍ୟାଦି ଅସ୍ତ୍ର ଶସ୍ତ୍ର ବ୍ୟବହାର କରୁଥିଲେ ।

ଓଡ଼ିଶାରେ ସୋମବଂଶୀ ନରପତିଗଣ ପ୍ରାୟ ଦୁଇଶହ ବର୍ଷ ଧରି ଶାସନ କରିଥିଲେ । ୭ମ ଶତାବ୍ଦୀରେ କୋଶଳ ଅଂଚଳ ଶାସନ କରୁଥିବା ସୋମବଂଶୀମାନେ ନିଜର ଦକ୍ଷତା ପ୍ରଦର୍ଶନ କରି କାଳକ୍ରମେ କଳିଙ୍ଗ, ଉତ୍କଳ, କୋଙ୍ଗଦ ଏବଂ କୋଶଳ ଅଂଚଳ ଉପରେ ନିଜର ପ୍ରଭୁତ୍ୱ ଅକ୍ଷୁଣ୍ଣ ରଖିଥିଲେ । ସୋମବଂଶୀମାନେ କେଶରୀ ଉପାଧି ବ୍ୟବହାର କରୁଥିଲେ । ଉକ୍ତ ବଂଶର ଯଯାତି କେଶରୀ ଯାଜପୁରଠାରେ ଅଶ୍ୱମେଧ ଯଜ୍ଞ କରିଥିଲେ ଏବଂ ଦଶହଜାର ବ୍ରାହ୍ମଣ କାନ୍ୟକୁବଜ ବା କନୌଜରୁ ଓଡ଼ିଶାକୁ ଆଣିଥିଲେ । ସୋମବଂଶୀମାନଙ୍କ ରାଜତ୍ୱ କାଳରେ ଓଡ଼ିଶାର ଭୁବନେଶ୍ୱରକୁ କେନ୍ଦ୍ର ଭାବେ ଗ୍ରହଣ କରି ବିଭିନ୍ନ ସ୍ଥାନରେ ମନ୍ଦିର

ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା ବୋଲି ଐତିହାସିକମାନେ ମତ ଦିଅନ୍ତି ।

ସାମରିକ ଦୃଷ୍ଟିରୁ ଶକ୍ତିଶାଳୀ ରାଷ୍ଟ୍ର ବା ରାଜ୍ୟରେ ଉତ୍ତମ ଶାସନ ସମ୍ଭବପର ହୋଇଥାଏ । ସୋମବଂଶୀ ନରପତିଗଣ ଏକାଧାରରେ ବିଚକ୍ଷଣ ଯୋଦ୍ଧା ଏବଂ ଦକ୍ଷ ଶାସକ ଭାବରେ ପ୍ରତିଷ୍ଠା ଲାଭ କରିଥିଲେ । ନବମ ଶତାବ୍ଦୀର ମଧ୍ୟ ଭାଗରେ ସିଂହାସନ ଆରୋହଣ କରିଥିବା ମହାଭବଗୁପ୍ତ ଜନ୍ମେଜୟ ସୋମବଂଶର ପ୍ରତିଷ୍ଠାତା ଥିଲେ । ତାଙ୍କ ରାଜତ୍ୱ କାଳରେ ସୋମବଂଶର ମର୍ଯ୍ୟାଦା ଓ ଗୌରବ ବୃଦ୍ଧି ହୋଇଥିଲା । ପିତାଙ୍କ ପଦାଙ୍କ ଅନୁସରଣ କରି ତାଙ୍କ ପୁତ୍ର ଯଯାତି କେଶରୀ- ୧ମ ଶାସନ ଓ ସଂଗ୍ରାମ ଉଭୟରେ ନିଜର ଦକ୍ଷତା ପ୍ରତିପାଦନ କରିଥିଲେ । ସୋମବଂଶୀମାନଙ୍କ ଶାସନ ସମୟରେ ସ୍ଥାୟୀ ସୈନ୍ୟମାନଙ୍କୁ (Regular army) ଅର୍ଥ ଏବଂ ନିଷ୍କର ଭୂସମ୍ପତ୍ତି ପ୍ରଦାନ କରାଯାଉଥିଲା ଏବଂ ସାମୟିକ ସୈନ୍ୟ (Irregular troops) ମାନଙ୍କୁ କେବଳ ନିଷ୍କର ଭୂସମ୍ପତ୍ତି ପ୍ରଦାନ କରାଯାଉଥିଲା । ସୈନ୍ୟବାହିନୀର ଉପଯୁକ୍ତ ରକ୍ଷଣାବେକ୍ଷଣ ପାଇଁ ପ୍ରଜାମାନଙ୍କଠାରୁ ପଦାତିଜୀବ୍ୟା ନାମରେ ଏକ ପ୍ରକାର କର ଆଦାୟ କରାଯାଉଥିଲା । ସୈନ୍ୟବାହିନୀ ବା ପଦାତିକ ସୈନ୍ୟ, ଅଶ୍ୱାରୋହୀ ସୈନ୍ୟ, ଗଜାରୋହୀ ସୈନ୍ୟରେ ହସ୍ତୀବଳ ଏବଂ ଗୁପ୍ତଚର ଇତ୍ୟାଦି କାର୍ଯ୍ୟ କରୁଥିବାର ଜଣାଯାଏ । ସୋମବଂଶୀ ନରପତିମାନଙ୍କ ଦ୍ୱାରା ନିର୍ମିତ ଲିଙ୍ଗରାଜ ମନ୍ଦିର ଓ ବ୍ରହ୍ମେଶ୍ୱର ମନ୍ଦିର ଗାତ୍ରରୁ ସେ ସମୟର ପ୍ରଚଳିତ ଯୁଦ୍ଧ ଅସ୍ତ୍ର, ପଦାତିକ ସୈନ୍ୟମାନଙ୍କ ପୋଷାକ, ଅଶ୍ୱାରୋହୀ ଓ ଗଜାରୋହୀ ବାହିନୀର ଯୁଦ୍ଧଯାତ୍ରା ଇତ୍ୟାଦି ସମ୍ବନ୍ଧରେ ଅନେକ ତଥ୍ୟ ମିଳିଥାଏ । ଉକ୍ତ ତଥ୍ୟ ଅନୁଯାୟୀ ଯୁଦ୍ଧ ଅଭିଯାନ ସମୟରେ ସର୍ବାଗ୍ରେ ହସ୍ତୀବଳ, ତତ୍‌ପରେ ଅଶ୍ୱବଳ ଏବଂ ସବାଶେଷରେ ପଦାତିକ ସୈନ୍ୟମାନେ ରହୁଥିଲେ । ରାଜା ଓ ମୁଖ୍ୟ ସେନାପତିମାନେ ବିଶେଷ ଭାବରେ ସଜ୍ଜିତ ପାଟହାତୀ ଆରୋହଣ କରି ଯୁଦ୍ଧ ଯାତ୍ରା କରୁଥିଲେ ଏବଂ ସେମାନଙ୍କୁ ଛତ୍ରଧାରୀମାନେ ଅନୁସରଣ କରୁଥିଲେ । ପଦାତିକ ସୈନ୍ୟମାନେ ଦୁଇଧାର ଯୁକ୍ତ ଲମ୍ବା ଖଣ୍ଡା, ବର୍ଚ୍ଛା, ଆତ୍ମରକ୍ଷାକାରୀ ଢାଲ ଏବଂ ଅଶ୍ୱାରୋହୀମାନେ ଖଣ୍ଡା, ବର୍ଚ୍ଛା ଓ ଢାଲର ବ୍ୟବହାର କରୁଥିଲେ । ଢାଲଗୁଡ଼ିକ ବୃତ୍ତାକାର (Circular) ଏବଂ ଚତୁଷ୍କୋଣ ବିଶିଷ୍ଟ (Rectangular) ଥିଲା । ସୈନ୍ୟମାନେ ସାଞ୍ଜୁ ଏବଂ ଆତ୍ମରକ୍ଷାକାରୀ ବୁଟ୍ ଯୋତା ଇତ୍ୟାଦି ପରିଧାନ କରୁଥିଲେ । ଗଦା, ମୁଦ୍‌ଗର, ଚକ୍ର, ଧନୁ, ତୀର, ଛୋଟଛୁରୀ ଏବଂ କୁଠାର (Battle axe) ଇତ୍ୟାଦି ଅସ୍ତ୍ର ଯୁଦ୍ଧରେ ବ୍ୟବହୃତ ହେଉଥିଲା ।

ସୋମବଂଶୀଙ୍କ ସମୟରେ 'ଭୁଜବଳ' ସାମରିକ ଉପାଧିର ପ୍ରଚଳନ ଥିଲା । ମାଦଳା ପାଂଜି ବିବରଣୀରୁ ଜଣାଯାଏ ଯେ ସୋମବଂଶୀ ରାଜା କର୍ଣ୍ଣଦେବଙ୍କ ମୁଖ୍ୟ ସେନାପତି ବାସୁଦେବ ରଥ ବିଶ୍ୱାସ ଘାତକତା କରି ଗଙ୍ଗବଂଶୀ ରାଜା ଚୋଡ ଗଙ୍ଗଦେବଙ୍କୁ ଓଡ଼ିଶା ଆକ୍ରମଣ କରିବା ପାଇଁ ନିମନ୍ତ୍ରଣ କରିଥିବାରୁ ସୋମବଂଶର ପତନ ହୋଇଥିଲା ।

ସୋମବଂଶର ପତନ ପରେ ଅନନ୍ତବର୍ମନ ଚୋଡଗଙ୍ଗ ଦେବ ୧୦୭୮ ଖ୍ରୀଷ୍ଟାବ୍ଦରେ ଓଡ଼ିଶା ସିଂହାସନ ଆରୋହଣ କରି ଏକ ଶକ୍ତିଶାଳୀ ହିନ୍ଦୁ ସାମ୍ରାଜ୍ୟର ମୂଳଦୁଆ ସ୍ଥାପନ କରିଥିଲେ । ଚୋଡଗଙ୍ଗଦେବ ଏବଂ ତାଙ୍କର ସୁଯୋଗ୍ୟ ଉତ୍ତରାଧିକାରୀ ମାନେ ତିନିଶହ ବର୍ଷରୁ ଅଧିକ କାଳ ଓଡ଼ିଶା ଶାସନ କରିଥିଲେ । ବଙ୍ଗଳାର ସୁଲତାନମାନଙ୍କ ଆକ୍ରମଣକୁ ସେ ସଫଳତାର ସହ ପ୍ରତିହତ କରିଥିଲେ । ଚୋଡଗଙ୍ଗ ଦେବଙ୍କ ଶାସନ ସମୟରେ କଟକ ଓଡ଼ିଶାର ରାଜଧାନୀ ରୂପେ ମାନ୍ୟତା ପାଇଲା । ସେ ଯାଜପୁର, ଛତିଆ ନିକଟବର୍ତ୍ତୀ ଅମରାବତୀ, ଚୌଦ୍ୱାର, କଟକ ଏବଂ ବାରଙ୍ଗ ନିକଟବର୍ତ୍ତୀ ସାରଂଗ ଗଡ଼ଠାରେ ଦୁର୍ଗ ନିର୍ମାଣ କରିଥିଲେ । ଚୋଡ଼ଗଙ୍ଗ ଦେବଙ୍କ ଉପଯୁକ୍ତ ଉତ୍ତରାଧିକାରୀ ଅନଙ୍ଗଭୀମ ଦେବ - ୩ୟ ଏବଂ ନରସିଂହ ଦେବ - ୧ମ ବିଚକ୍ଷଣ ଯୋଦ୍ଧା ଥିଲେ ଏବଂ ବଙ୍ଗଳାର ମୁସଲମାନ ଶାସକମାନଙ୍କ ଆକ୍ରମଣକୁ ସଫଳତାର ସହ ପ୍ରତିହତ କରିଥିଲେ । ନରସିଂହ ଦେବ - ୧ମଙ୍କ ପରେ ଯେଉଁ ସାତଜଣ ଗଙ୍ଗବଂଶୀ ରାଜା ଓଡ଼ିଶା ଶାସନ କରିଥିଲେ ସେମାନଙ୍କ ମଧ୍ୟରୁ ତିନିଜଣ ନରସିଂହ ଦେବ ଏବଂ ଚାରିଜଣ ଭାନୁଦେବ ନାମ ଧାରଣ କରିଥିଲେ । ଭାନୁଗଙ୍ଗ ଦେବ - ୪ର୍ଥଙ୍କ ପରେ ସୂର୍ଯ୍ୟବଂଶୀ ଗଜପତି ରାଜାମାନେ ଓଡ଼ିଶା ଶାସନ କରିଥିଲେ । ବିଶ୍ୱନାଥ କବିରାଜ ତାଙ୍କ ରଚିତ ନରସିଂହ ବିଜୟ ନାଟକରେ ଗଙ୍ଗବଂଶୀ ରାଜାମାନଙ୍କର ଶତ୍ରୁମାନଙ୍କ ବିରୁଦ୍ଧରେ ଯୁଦ୍ଧଯାତ୍ରା ଏବଂ ବିଜୟର ସଫଳ କାହାଣୀ ଲିପିବଦ୍ଧ କରିଛନ୍ତି । ଅନଙ୍ଗଭୀମ ଦେବ-୩ୟ ପ୍ରଥମେ ନିଜକୁ ପ୍ରଭୁ ଜଗନ୍ନାଥଙ୍କ ରାଉତ ବା ପ୍ରତିନିଧି ବୋଲି ପରିଚୟ ଦେଇ ରାଜନୀତି ଏବଂ ଶାସନରେ ଧର୍ମ ପ୍ରବେଶ କରାଇଥିଲେ । ଜଗନ୍ନାଥଙ୍କ ଚରଣ ତଳେ ରାଜ୍ୟ, ରାଜଧାନୀ ଏବଂ ସର୍ବସ୍ୱ ସମର୍ପଣ କରି ଅନଙ୍ଗ ଭୀମ ଦେବ-୩ୟ ଜଗନ୍ନାଥଙ୍କ ପ୍ରତିନିଧି ଭାବରେ ଓଡ଼ିଶା ଶାସନ କରିଥିଲେ । ଗଙ୍ଗବଂଶୀ ସମ୍ରାଟମାନେ ନିଜ ସ୍ୱାର୍ଥ ପାଇଁ ନୁହେଁ ବରଂ ପୁରୁଷୋତ୍ତମ କ୍ଷେତ୍ର ଏବଂ ଜଗନ୍ନାଥଙ୍କ ସାମ୍ରାଜ୍ୟ ରକ୍ଷା ପାଇଁ ଯୁଦ୍ଧ ଯାତ୍ରା କରୁଥିଲେ ବୋଲି ଓଡ଼ିଶାର ଜନସାଧାରଣଙ୍କ ମନରେ ଏକପ୍ରକାର ଧାରଣା ଓ ବିଶ୍ୱାସ ସୃଷ୍ଟି କରିବାକୁ ସମର୍ଥ

ହୋଇଥିଲେ । ଫଳ ସ୍ୱରୂପ ନୈତିକ ଦୃଷ୍ଟିରୁ ବଳୀୟାନ ଓଡ଼ିଆମାନେ ଏକ ଦୁର୍ଦ୍ଧର୍ଷ ସାମରିକ ଜାତିରେ ପରିଣତ ହୋଇଥିଲେ । ସାମରିକ କ୍ଷେତ୍ରରେ ବିଶେଷ ପାରଦର୍ଶିତା ପ୍ରଦର୍ଶନ କରିଥିବା ବ୍ୟକ୍ତିମାନେ ସେନାପତି, ମହା ସେନାପତି ଏବଂ ସାସମଲ୍ଲ ଉପାଧି ପ୍ରାପ୍ତ ହୋଇଥିଲେ । ରାଜ୍ୟର ପୋଲିସ୍‌ମୁଖ୍ୟଙ୍କୁ ମହାଦଣ୍ଡପାଣି ବୋଲି କୁହାଯାଉଥିଲା । ଚୋଡଗଙ୍ଗଦେବଙ୍କର ସହସ୍ରାଧିକ ହସ୍ତୀ ଥିବାରୁ ସେ ନବନବତି ସହସ୍ର କୁଂଜରାଧିଶ୍ୱର ଉପାଧି ଧାରଣ କରିଥିଲେ । ମଧ୍ୟଯୁଗୀୟ ଯୁଦ୍ଧ ଯାତ୍ରାବେଳେ ହସ୍ତୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା । କଳିଙ୍ଗ ଉତ୍ତମ ଶ୍ରେଣୀୟ ହସ୍ତୀ ପାଇଁ ପ୍ରସିଦ୍ଧ ଥିଲା ବୋଲି କୌଟିଲ୍ୟଙ୍କ ଅର୍ଥଶାସ୍ତ୍ର ପୁସ୍ତକରୁ ଜଣାଯାଏ । ଗଙ୍ଗବଂଶୀ ନରପତି ନରସିଂହ ଦେବ - ୧ମଙ୍କ ଦ୍ୱାରା ନିର୍ମିତ କୋଣାର୍କ ମନ୍ଦିର ଗାତ୍ରରେ ଖଣ୍ଡା ଓ ଢାଲ ଧରି ସୈନିକମାନେ ଯୁଦ୍ଧରେ ଲଢୁଥିବାର ଦୃଶ୍ୟ ଏବଂ ଲମ୍ବା ବର୍ଛା ସାହାଯ୍ୟରେ କ୍ରୁଦ୍ଧ ହସ୍ତୀ ସହ ଲଢୁଥିବାର ଦୃଶ୍ୟ ଦୃଷ୍ଟିଗୋଚର ହୋଇଥାଏ । ପରାଜିତ ରାଜା ବିଜୟୀ ରାଜାଙ୍କ ପଦ ତଳେ ଆତ୍ମ ସମର୍ପଣ କରୁଥିବା ସମୟରେ ବିଜୟୀରାଜା ଗର୍ବର ସହ ଉପରକୁ ଖଣ୍ଡା ଟେକି ଥିବାର ଦୃଶ୍ୟ ମଧ୍ୟ ଦେଖିବାକୁ ମିଳେ ।

ଗଙ୍ଗବଂଶ ରାଜତ୍ୱ ସମୟରେ ପ୍ରଧାନ ସେନାପତିଙ୍କୁ ସକଳ ଦଳପତି ବୋଲି କୁହାଯାଉଥିଲା । ଅଶ୍ୱାରୋହୀ ଏବଂ ଗଜାରୋହୀ ସୈନ୍ୟମାନଙ୍କର ପ୍ରିୟତମ ଅସ୍ତ୍ର ଥିଲା ବର୍ଛା । ଆତ୍ମରକ୍ଷା ପାଇଁ ଯୋଦ୍ଧାମାନେ ଢାଲର ବ୍ୟବହାର କରୁଥିଲେ । ଯୁଦ୍ଧରେ ବ୍ୟବହୃତ ହେଉଥିବା ଧନୁ, କାଠ, ବାଉଁଶ ଓ ଲୌହରେ ନିର୍ମିତ ହେଉଥିଲା ।

ଗଙ୍ଗବଂଶ ଶାସନର ଅନ୍ତିମ ପର୍ଯ୍ୟାୟରେ ସୂର୍ଯ୍ୟବଂଶୀ ରାଜା କପିଳେନ୍ଦ୍ର ଦେବ ଓଡ଼ିଶାର ସିଂହାସନ ଆରୋହଣ କରିଥିଲେ । ସେ ନିଜର ସାମରିକ ଦକ୍ଷତା ଏବଂ ସାହସ ଯୋଗୁଁ ଓଡ଼ିଶାର ପୂର୍ବ ଗୌରବ ଓ ମର୍ଯ୍ୟାଦା ଅକ୍ଷୁଣ୍ଣ ରଖିବା ସହ ଆକ୍ରମଣକାରୀ ବଙ୍ଗଳା ଓ ବାହାମନିର ସୁଲତାନ ଏବଂ ବିଜୟ ନଗରର ରାଜାଙ୍କୁ ଯୁଦ୍ଧରେ ପରାଜିତ କରି ସେମାନଙ୍କର ରାଜ୍ୟକୁ କଳିଙ୍ଗ ସାମ୍ରାଜ୍ୟ ସହ ମିଶ୍ରଣ କରିଥିଲେ । ଓଡ଼ିଆ ସମ୍ରାଟମାନଙ୍କ ମଧ୍ୟରେ ଖାରବେଳଙ୍କ ବ୍ୟତୀତ ଅନ୍ୟ କୌଣସି ରାଜା କପିଳେନ୍ଦ୍ର ଦେବଙ୍କ ଭଳି ଓଡ଼ିଶାର ଆୟତନକୁ ଏତେ ବେଶୀ ବିସ୍ତୃତ କରିବାକୁ ସମର୍ଥ ହୋଇ ନଥିଲେ । କପିଳେନ୍ଦ୍ର ଦେବଙ୍କ ଭଳି ସମକକ୍ଷ ଯୋଦ୍ଧା ତତ୍‌କାଳୀନ ଭାରତବର୍ଷରେ ବିରଳ ଥିଲେ । ଭାନୁଗଙ୍ଗ ଦେବ - ୪ର୍ଥଙ୍କ ଶାସନର ଅନ୍ତିମ ଭାଗରେ ନିଜକୁ ସ୍ୱାଧୀନ ଘୋଷଣା କରିଥିବା ସାମନ୍ତରାଜା ସାନଖେମୁଣ୍ଡି, ବଡଖେମୁଣ୍ଡି ଏବଂ ପାରଳାଖେମୁଣ୍ଡିର ଶାସକମାନଙ୍କୁ ସେ ଦୃଢହସ୍ତରେ ଦମନ କରିଥିଲେ । ତତ୍‌ପରେ ବଙ୍ଗଳା ଓ ମାଳବର ମୁସଲମାନ ସୁଲତାନଙ୍କ ବିରୁଦ୍ଧରେ ଯୁଦ୍ଧଯାତ୍ରା କରି ସେମାନଙ୍କୁ ପରାସ୍ତ ଓ ପଦାନତ କରିଥିଲେ । କପିଳେନ୍ଦ୍ରଙ୍କ ସୈନ୍ୟବାହିନୀରେ ବହୁ ଯୁଦ୍ଧ ହସ୍ତୀ ଥିବା ଯୋଗୁ ସେ 'ଗଜପତି' ଉପାଧି ଏବଂ ବଂଗଳା ବା ଗୌଡ ଜୟ କରିବା ପରେ 'ଗୌଡେଶ୍ୱର' ଉପାଧି ଧାରଣ କରିଥିଲେ । କପିଳେନ୍ଦ୍ରଙ୍କ ଜ୍ୟେଷ୍ଠ ପୁତ୍ର ହମ୍ବୀର ଦେବ ରାଜ ମହେନ୍ଦ୍ରୀର କ୍ଷମତାଶାଳୀ ରେଡ୍ଡିମାନଙ୍କୁ ଯୁଦ୍ଧରେ ପରାଜିତ କରି ରାଜମହେନ୍ଦ୍ରୀକୁ ଓଡ଼ିଶା ସହ ମିଶ୍ରଣ କରିଥିଲେ । ସେ ଦାକ୍ଷିଣାତ୍ୟର ବାହାମନି ସୁଲତାନଙ୍କୁ ଯୁଦ୍ଧରେ ପରାଜିତ କରି ଗୁଲବର୍ଗ ଏବଂ କଲବର୍ଗ ଅଂଚଳକୁ ଓଡ଼ିଶା ସହ ମିଶ୍ରଣ କରି 'କଲବର୍ଗେଶ୍ୱର' ଉପାଧି ଧାରଣ କରିଥିଲେ । କପିଳେନ୍ଦ୍ର ଦେବ କୌଣସି ରାଜବଂଶରେ ଜନ୍ମ ଗ୍ରହଣ ନ କରି ମଧ୍ୟ ନିଜର ସାମରିକ ଦକ୍ଷତା ବଳରେ ଓଡ଼ିଶାର ସୀମାକୁ ଉତ୍ତରରେ ହୁଗୁଳି ନଦୀଠାରୁ ଦକ୍ଷିଣରେ କାବେରୀ ନଦୀ ପର୍ଯ୍ୟନ୍ତ ବିସ୍ତୃତ କରିବାକୁ ସକ୍ଷମ ହୋଇଥିଲେ ।

କପିଳେନ୍ଦ୍ର ଦେବଙ୍କ ମୃତ୍ୟୁ ପରେ ତାଙ୍କର କନିଷ୍ଠ ପୁତ୍ର ପୁରୁଷୋତ୍ତମ ଦେବ ଉତ୍କଳ ସିଂହାସନ ଅଳଙ୍କୃତ କରିଥିଲେ । ଏଥିରେ କ୍ଷୁବ୍ଧ ହୋଇ କପିଳେନ୍ଦ୍ରଙ୍କ ଜ୍ୟେଷ୍ଠପୁତ୍ର ହମ୍ବୀର ଦେବ ବିଦ୍ରୋହ କରିଥିଲେ । ଓଡ଼ିଶା ଅନ୍ତର୍ଦ୍ୱନ୍ଦ୍ୱର ସୁଯୋଗ ନେଇ ବାହାମନି ସୁଲତାନ ଉତ୍କଳ ଅଧିକୃତ ରାଜ ମହେନ୍ଦ୍ରୀ ଏବଂ କୋଣ୍ଡାପଲ୍ଲି ଅଂଚଳକୁ ଦଖଲ କରିନେଲେ । କିନ୍ତୁ ବାହାମନି ସୁଲତାନ ମହମ୍ମଦ ଶାହ-୨ୟଙ୍କ ମୃତ୍ୟୁ ପରେ ପୁରୁଷୋତ୍ତମ ଦେବ ବାହାମନି ରାଜ୍ୟର ତେଲିଙ୍ଗାନା ଅଞ୍ଚଳ ଆକ୍ରମଣ କରି ବାହାମନି ସୈନ୍ୟମାନଙ୍କୁ ପରାଜିତ କରିଥିଲେ ଏବଂ କୃଷ୍ଣା ଗୋଦାବରୀ ନଦୀର ତ୍ରିକୋଣ ଭୂମି ଅଞ୍ଚଳକୁ ପୁନର୍ବାର ଦଖଲ କରିଥିଲେ । ତତ୍‌ପରେ ସେ ଦାକ୍ଷିଣାତ୍ୟର ଶକ୍ତିଶାଳୀ ରାଜ୍ୟ ବିଜୟ ନଗରକୁ ଜୟ କରିଥିଲେ ।

ଗଜପତି ପୁରୁଷୋତ୍ତମ ଦେବଙ୍କ ପରେ ତାଙ୍କ ପୁତ୍ର ପ୍ରତାପରୁଦ୍ର ଦେବ ଓଡ଼ିଶାର ସିଂହାସନ ଆରୋହଣ କରିଥିଲେ । ରାଜା କୃଷ୍ଣଦେବ ରାୟ ବିଜୟ ନଗର ସିଂହାସନରେ ଅଭିଷିକ୍ତ ହେବା ପରେ ଓଡ଼ିଶାର ସୂର୍ଯ୍ୟବଂଶ ଦ୍ୱାରା ଅଧିକୃତ ଦାକ୍ଷିଣାତ୍ୟ ଅଞ୍ଚଳକୁ ଆକ୍ରମଣ କରି ଦଖଲ କରିଥିଲେ । ଇତି ମଧ୍ୟରେ ବଙ୍ଗଳାର ସୁଲତାନ ଆଲ୍ଲାଉଦ୍ଦିନ ହୁସେନ ଶାହ ଓଡ଼ିଶା ସାମ୍ରାଜ୍ୟର ଏକ ବଡ଼ ଅଂଶ ଦଖଲ କରିନେଲେ ଏବଂ ଗୋଲକୁଣ୍ଡାର ସୁଲତାନ ଓଡ଼ିଶା ଅଧିକୃତ ତେଲିଙ୍ଗାନା ଅଞ୍ଚଳକୁ ଦଖଲ କରିନେଲେ ।

ଗଜପତି ପ୍ରତାପରୁଦ୍ର ଦେବ ଦାକ୍ଷିଣାତ୍ୟ ଅଞ୍ଚଳକୁ ସୈନ୍ୟ ଚାଳନା କରି ବିଜୟନଗର ଆକ୍ରମଣ କଲେ କିନ୍ତୁ ଦୁର୍ଭାଗ୍ୟ ବଶତଃ

ପରାଜିତ ହେଲେ । ବଙ୍ଗଳାର ସୁଲତାନ ଆଲ୍ଲାଉଦ୍ଦିନ ହୁସେନ ଶାହ ଗଜପତି ଦାକ୍ଷିଣାତ୍ୟରେ ଯୁଦ୍ଧ କରୁଥିବାର ସୁଯୋଗ ନେଇ ଉତ୍ତର ଦିଗରୁ ଓଡ଼ିଶା ଆକ୍ରମଣ କଲେ । ସୁଲତାନଙ୍କ ଆକ୍ରମଣ ର ଉପଯୁକ୍ତ ମୁକାବିଲା କରିବା ପାଇଁ ପ୍ରତାପରୁଦ୍ର ଉତ୍ତର ଦିଗକୁ ସୈନ୍ୟ ଚାଳନା କରି ବଙ୍ଗଳାର ମୁସଲମାନମାନଙ୍କୁ ସଂପୂର୍ଣ୍ଣ ରୂପେ ପରାଜିତ କରିଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ଗଜପତିଙ୍କ ବିଶ୍ୱାସୀ ସେନାପତି ଗୋବିନ୍ଦ ବିଦ୍ୟାଧର ବିଶ୍ୱାସ ଘାତକତା ପୂର୍ବକ ସୁଲତାନଙ୍କ ପକ୍ଷ ସମର୍ଥନ କରିଥିଲେ ।

କୋଣ୍ଡାବିଡୁ, ଉଦୟଗିରି ଏବଂ କୋଣ୍ଡାପଲ୍ଲି ଇତ୍ୟାଦି ବିଶିଷ୍ଟ ଦୁର୍ଗର ପତନ ଏବଂ ଶତ୍ରୁ କବଳିତ ହେବା, ଆପଣା ଲୋକମାନଙ୍କର ବିଶ୍ୱାସଘାତକତା, ପ୍ରିୟପୁତ୍ର ବୀରଭଦ୍ର ଦେବଙ୍କ ଆତ୍ମହତ୍ୟା, ଏବଂ ବିଜୟନଗର ରାଜାଙ୍କ ଦ୍ୱାରା ପରାଜିତ ହେବା କାରଣରୁ ଗଜପତି ପ୍ରତାପରୁଦ୍ର ୧୫୧୯ ଖ୍ରୀଷ୍ଟାବ୍ଦରେ ଶାନ୍ତି ସ୍ଥାପନ ନିମିତ୍ତ ରାଜା କୃଷ୍ଣଦେବ ରାୟଙ୍କ ସହ ସନ୍ଧି କଲେ । ସନ୍ଧିର ସର୍ତ୍ତ ଅନୁଯାୟୀ ଗଜପତି ପ୍ରତାପରୁଦ୍ର ଦେବ ନିଜର କନିଷ୍ଠା କନ୍ୟାଙ୍କୁ ବିଜୟନଗର ରାଜା କୃଷ୍ଣ ଦେବ ରାୟଙ୍କ ସହ ବିବାହ ଦେଲେ ଏବଂ କୃଷ୍ଣା ନଦୀକୁ ଓଡ଼ିଶା ଓ ବିଜୟନଗରର ସୀମା ଭାବେ ଉଭୟ ପକ୍ଷ ସ୍ୱୀକାର କଲେ ।

ସୂର୍ଯ୍ୟବଂଶୀ ପ୍ରତାପରୁଦ୍ରଙ୍କ ରାଜତ୍ୱ ସମୟରେ ଚୈତନ୍ୟଙ୍କ ଓଡ଼ିଶା ଆଗମନ ଏବଂ ନାମ ସଂକୀର୍ତ୍ତନର ପ୍ରଭାବ ଯୋଗୁ ଓଡ଼ିଶା ସାମ୍ରାଜ୍ୟର ବିସ୍ତୃତ ଅଞ୍ଚଳ ଶତ୍ରୁ କବଳିତ ହେବା ସହ ଓଡ଼ିଆମାନଙ୍କର ସାମରିକ ଶକ୍ତିର ଅବକ୍ଷୟ ଏବଂ ବିପର୍ଯ୍ୟୟ ଘଟିଥିଲା ।

ପ୍ରତାପରୁଦ୍ର ଦେବଙ୍କ ମୃତ୍ୟୁପରେ ତାଙ୍କର ବିଶ୍ୱାସଘାତକ ମନ୍ତ୍ରୀ ଓ ସେନାପତି ଗୋବିନ୍ଦ ବିଦ୍ୟାଧର ଷଡ଼ଯନ୍ତ୍ର କରି ପ୍ରତାପରୁଦ୍ରଙ୍କ ଅବଶିଷ୍ଟ ଦୁଇପୁତ୍ରଙ୍କୁ ହତ୍ୟାକରି ନିଜକୁ ଓଡ଼ିଶାର ଗଜପତି ରାଜା ଭାବେ ଘୋଷଣା କରିଥିଲେ ଏବଂ ୮ ବର୍ଷ ଧରି ରାଜ୍ୟ ଶାସନ କରିଥିଲେ । ଗୋବିନ୍ଦ ବିଦ୍ୟାଧରଙ୍କ ପରେ ତାଙ୍କ ପୁତ୍ର ଚକ୍ରପ୍ରତାପ ଓଡ଼ିଶା ସିଂହାସନ ଆରୋହଣ କରିଥିଲେ ଏବଂ ନିଜ ପୁତ୍ର ନୃସିଂହଙ୍କ ଦ୍ୱାରା ନିହତ ହୋଇଥିଲେ । ପିତୃ ହତ୍ୟାକାରୀ ନୃସିଂହଙ୍କୁ ତାଙ୍କ ସେନାପତି ମୁକୁନ୍ଦ ହରିଚନ୍ଦନ ହତ୍ୟା କରି ଅଳ୍ପ ଦିନ ପାଇଁ ନୃସିଂହଙ୍କ ସାନଭାଇ ରଘୁରାମଙ୍କୁ ଓଡ଼ିଶା ରାଜଗାଦୀରେ ବସାଇଥିଲେ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ତାଙ୍କୁ ହତ୍ୟା କରାଇ ନିଜକୁ ଓଡ଼ିଶାର ଗଜପତି ରାଜା ଭାବେ ଘୋଷଣା କରିଥିଲେ । ମୁକୁନ୍ଦ ହରିଚନ୍ଦନ ଦାକ୍ଷିଣାତ୍ୟର ଚାଲୁକ୍ୟବଂଶୀୟ ହୋଇଥିବାରୁ ତେଲିଙ୍ଗା ମୁକୁନ୍ଦଦେବ ଭାବରେ ଓଡ଼ିଶାରେ ପରିଚିତ ଥିଲେ । ତାଙ୍କର ପୂର୍ବପୁରୁଷ ଗଙ୍ଗବଂଶୀ ରାଜାଙ୍କ ଅମଳରୁ ରାଜକର୍ମଚାରୀ ଭାବେ ଓଡ଼ିଶାରେ ଅବସ୍ଥାନ କରି ଆସୁଥିଲେ ଏବଂ ସେମାନେ ମହାପାତ୍ର, ହରିଚନ୍ଦନ, ଶ୍ରୀଚନ୍ଦନ, ବାହୁବଳେନ୍ଦ୍ର ଇତ୍ୟାଦି ସାମରିକ ଉପାଧି ବ୍ୟବହାର କରୁଥିଲେ । ମୁକୁନ୍ଦଙ୍କ ପିତାଙ୍କ ନାମ ସର୍ବରାଜ ମହାପାତ୍ର ଏବଂ ପିତାମହଙ୍କ ନାମ ସିଂହରାଜ ମହାପାତ୍ର ବନାମ କୁମାର ବର୍ମା ଥିଲା । ଗୋବିନ୍ଦ ବିଦ୍ୟାଧରଙ୍କ ଶାସନ ସମୟରେ କଟକର ବାରବାଟି ଦୁର୍ଗକୁ ରଘୁଭଂଜ ଛୋଟରାୟଙ୍କ କବଳରୁ ରକ୍ଷାକରି ନିଜର ସାମର୍ଥ୍ୟ ବଳରେ ମୁକୁନ୍ଦ ହରିଚନ୍ଦନ ସେନାପତି ପଦକୁ ଉନ୍ନୀତ ହୋଇଥିଲେ । ଓଡ଼ିଶାର ରାଜଗାଦୀ ଅକ୍ତିଆର କରିବା ପରେ ଓଡ଼ିଶା ଆକ୍ରମଣକାରୀ ବଙ୍ଗଳାର ଗିୟାସୁଦ୍ଦିନ ଜଲାଲ ଶାହଙ୍କୁ ପରାସ୍ତ କରି ଉକ୍ତ ବିଜୟର ସ୍ମାରକୀ ସ୍ୱରୂପ ସେ ଗଙ୍ଗାନଦୀ କୂଳରେ ତ୍ରିବେଣୀ ଘାଟ ନିର୍ମାଣ କରିଥିଲେ ।

ପରବର୍ତ୍ତୀ ପର୍ଯ୍ୟାୟରେ ମୁକୁନ୍ଦଦେବ ବିଭିନ୍ନ କାରଣରୁ ବଙ୍ଗଳାର ସୁଲତାନ ସୁଲେମାନ କରରାଣୀଙ୍କ ଶତ୍ରୁତା ଅର୍ଜନ କରିଥିଲେ । ଓଡ଼ିଶାରେ ରାଜନୈତିକ ଅନ୍ତର୍ଦ୍ୱନ୍ଦର ସୁଯୋଗ ନେଇ ସୁଲେମାନ କରରାଣୀଙ୍କ ମୁସଲମାନ ସୈନ୍ୟମାନେ ଓଡ଼ିଶା ଆକ୍ରମଣ କରିଥିଲେ ଏବଂ ଶେଷରେ ଯାଜପୁର ନିକଟସ୍ଥ ଗୋହିରାଟିକିରି ଯୁଦ୍ଧରେ ବୀରତ୍ୱର ସହ ଶତ୍ରୁମାନଙ୍କ ସହ ଲଢ଼ି ୧୫୬୮ ଖ୍ରୀଷ୍ଟାବ୍ଦରେ ଶିଖି ଓ ମନାଇଙ୍କ ବିଶ୍ୱାସଘାତକତା ଯୋଗୁଁ ନିହତ ହୋଇଥିଲେ ।

ସୂର୍ଯ୍ୟ ବଂଶୀୟ ରାଜାମାନେ ଏକାଧାରରେ ରାଜନୈତିକ, ସାମରିକ ଏବଂ ବିଚାର କ୍ଷମତାର ମୂଳ ଉତ୍ସ ଥିଲେ । ଯୋଗ୍ୟ ପ୍ରାର୍ଥୀଙ୍କ ବ୍ୟତୀତ ମୁଖ୍ୟତଃ ରାଜପୁତ୍ର ଏବଂ ରାଜପୁରୁଷମାନେ ସୂର୍ଯ୍ୟବଂଶ ଶାସନ ସମୟରେ ଦାକ୍ଷିଣାତ୍ୟ ଅଞ୍ଚଳର ବିଶିଷ୍ଟ ଦୁର୍ଗଗୁଡ଼ିକର ଶାସନକର୍ତ୍ତା ଭାବେ ନିଯୁକ୍ତ ହେଉଥିଲେ । ଏହି ଦୁର୍ଗପତିମାନେ ସମସ୍ତ ରାଜକୀୟ ମର୍ଯ୍ୟାଦା ଉପଭୋଗ କରୁଥିଲେ ଏବଂ ଆବଶ୍ୟକ ବେଳେ ଯୁଦ୍ଧ କ୍ଷେତ୍ରରେ ସୈନ୍ୟ ବାହିନୀର ନେତୃତ୍ୱ ନେଉଥିଲେ । ସୂର୍ଯ୍ୟବଂଶୀୟ ରାଜାମାନଙ୍କ ମନ୍ତ୍ରୀମାନେ ଏକାଧାରରେ ପଣ୍ଡିତ, ଜ୍ଞାନୀ ଏବଂ ସାମରିକ ଦକ୍ଷତା ସଂପନ୍ନ ବ୍ୟକ୍ତି ଥିଲେ । ରଣକ୍ଷେତ୍ରରେ ବୀରତ୍ୱ ପ୍ରଦର୍ଶନ କରୁଥିବା ବୀରମାନଙ୍କୁ ସେନାପତି, ଜଗଦେବ, ହରିଚନ୍ଦନ, ରାୟସିଂହ, ପାଇକରାୟ, ସାମନ୍ତରାୟ, ରାଉତରାୟ, ସାମନ୍ତ ସିଂହାର, ଚଳିୟାରସିଂହ, ମର୍ଦ୍ଦରାଜ, ଭ୍ରମରବର, ଚମ୍ପତି, ବିଦ୍ୟାଧର, ପଶ୍ଚିମ କବାଟ, ଉତ୍ତର କବାଟ ଇତ୍ୟାଦି ସମ୍ମାନସୂଚକ ସାମରିକ ଉପାଧି ପ୍ରଦାନ କରାଯାଉଥିବା ମାଦଳା ପାଞ୍ଜି ବିବରଣୀରୁ ଜଣାପଡ଼େ । ସୂର୍ଯ୍ୟବଂଶ ଶାସନ ସମୟର ବିଶିଷ୍ଟ ଓଡ଼ିଆ କବି

ସାରଳା ଦାସଙ୍କ ରଚିତ ମହାଭାରତରୁ ଜଣାଯାଏ ଯେ ଯୁଦ୍ଧ ଅଭିଯାନ ବେଳେ ଅଗ୍ରଭାଗରେ ଗମନ କରୁଥିବା ସୈନ୍ୟଦଳଙ୍କୁ 'ହନ୍ତାକାରୁ' ଙ୍କ (Pioneer Force) ଦ୍ୱିତୀୟ ସୈନ୍ୟଦଳଙ୍କୁ ଆଗୁଆଣି ଥାଟ ବା ଆଗୁଆ ବାହିନୀ (Advance unit) ତୃତୀୟ ସୈନ୍ୟଦଳଙ୍କୁ ପ୍ରଧାନ ଦଳ ଏବଂ ଚତୁର୍ଥ ପର୍ଯ୍ୟାୟର ସୈନ୍ୟଦଳଙ୍କୁ ପଛି ଆଣି ଥାଟ (Rear Guards) ବୋଲି କୁହାଯାଉଥିଲା । ରାଜା ଏବଂ ମୁଖ୍ୟ ସାମରିକ ଅଧିକାରୀମାନଙ୍କ ଦେହରକ୍ଷୀମାନଙ୍କୁ ଅଂଗବଳ କୁହାଯାଉଥିଲା । ଐତିହାସିକ ନୁନିଜ (Nuniz) ଙ୍କ ମତରେ "The people of otisa (Orissa) are very good fighting men."

ସୂର୍ଯ୍ୟବଂଶୀ ଗଜପତି ରାଜାମାନଙ୍କ ପତନ ପରେ ଓଡ଼ିଶା କେନ୍ଦ୍ର ଶକ୍ତି ଦୁର୍ବଳତାର ସୁଯୋଗ ନେଇ ବିଭିନ୍ନ ସାମନ୍ତ ରାଜା ଏବଂ ଜମିଦାର ମାନେ ନିଜକୁ ସ୍ୱାଧୀନ ଘୋଷଣା କଲେ । ଗଜପତି ସାମ୍ରାଜ୍ୟର ସୁରକ୍ଷା ଓ ନିରାପତ୍ତା ନିମିତ୍ତ, ବାହ୍ୟ ଶତ୍ରୁ ଆକ୍ରମଣର ମୁକାବିଲା ପାଇଁ ଏବଂ ଗଜପତିଙ୍କ ସାମରିକ ଅଭିଯାନରେ ସାମିଲ ହୋଇ ଶତ୍ରୁ ବିରୁଦ୍ଧରେ ଲଢ଼ିବା ପାଇଁ ଶପଥବଦ୍ଧ ଥିବା ସାମନ୍ତମାନେ କାଳକ୍ରମେ ନିଜର ଶକ୍ତିବୃଦ୍ଧି କରି ନିଜ ଅଞ୍ଚଳର ରାଜା ବୋଲାଇଲେ । ଓଡ଼ିଶାର ଏ ଭଳି ଦୁର୍ଦ୍ଦିନ ସମୟରେ ଜଣେ ଶକ୍ତିଶାଳୀ ସାମରିକ ନେତାର ଆବଶ୍ୟକତା ଅନୁଭୂତ ହେଉଥିଲା । ଏଭଳି ଏକ ପରିସ୍ଥିତିର ପୂର୍ଣ୍ଣ ସଦୁପଯୋଗ କରି ଜନାର୍ଦ୍ଦନ ବିଦ୍ୟାଧରଙ୍କ ପୁତ୍ର ରମେଇ ରାଉତରାୟ ନିଜକୁ ଓଡ଼ିଶାର ଗଜପତି ରାଜା ରାମଚନ୍ଦ୍ର ଦେବ ନାମରେ ଘୋଷଣା କରିଥିଲେ । ଆନ୍ଧ୍ରପ୍ରଦେଶ ବିଶାଖାପାଟଣା ଜିଲ୍ଲାର ବାଜେଗୋଡ଼ା ଦୁର୍ଗରେ ନିଜକୁ ଓଡ଼ିଶାର ଗଜପତି ରାଜା ଭାବେ ଘୋଷଣା କରି ସେ ତାଙ୍କ ସମର୍ଥକମାନଙ୍କ ସହ ଓଡ଼ିଶାର ରାଜଧାନୀ କଟକ ଅଭିମୁଖେ ଯାତ୍ରା କଲେ । କିନ୍ତୁ ସେଠାରେ ଥିବା ଆଫଗାନ ସୈନ୍ୟବାହିନୀର ଶକ୍ତି କଳନା କରିବା ପରେ ଖୋର୍ଦ୍ଧା ଆସି ବରୁଣେଇ ପର୍ବତର ପାଦ ଦେଶରେ ରାଜଧାନୀ ପ୍ରତିଷ୍ଠା କରି ଓଡ଼ିଶାର ଗଜପତି ରାଜା ଭାବେ ଶାସନ କାର୍ଯ୍ୟ ଆରମ୍ଭ କଲେ । ରାମଚନ୍ଦ୍ର ଦେବଙ୍କ ଦ୍ୱାରା ପ୍ରତିଷ୍ଠିତ ରାଜବଂଶ ଇତିହାସରେ ଭୋଇବଂଶ ନାମରେ ପ୍ରସିଦ୍ଧ ହେଲା ।

୧୫୯୨ ଖ୍ରୀଷ୍ଟାବ୍ଦରେ ଆକବରଙ୍କ ସେନାପତି ମାନସିଂହ ବଙ୍ଗଳା ଅଧିକାର କରି ଓଡ଼ିଶାର ରାଜଧାନୀ କଟକ ଅଭିମୁଖେ ଅଗ୍ରସର ହେଲେ । କଟକରେ ଥିବା ଆଫଗାନ ସେନାପତିଙ୍କୁ ରାଜା ମାନସିଂହଙ୍କ ବିରୁଦ୍ଧରେ ଲଢ଼ିବା ପାଇଁ ଗଜପତି ରାମଚନ୍ଦ୍ରଦେବ ସବୁପ୍ରକାର ସାହାଯ୍ୟ କଲେ । କାରଣ ସେ ଆଶଙ୍କା କରୁଥିଲେ ଯେ ତେଲେଙ୍ଗା ରାମଚନ୍ଦ୍ର ଦେବ ହୁଏତ ଗଜପତି ରାଜା ହେବା ପାଇଁ ଦାବି କରିପାରନ୍ତି । ମାନସିଂହ କଟକଠାରେ ଆଫଗାନମାନଙ୍କୁ ପରାଜିତ କରିବା ପରେ ସେମାନେ ସାରଂଗଗଡ଼ଠାରେ ଅବସ୍ଥାନ କରୁଥିଲେ । କିନ୍ତୁ ମାନସିଂହ ସାରଙ୍ଗଗଡ଼କୁ ଅଧିକାର କରି ପିପିଲିଠାରେ ଅବସ୍ଥାନ କରିବାରୁ ପରିବର୍ତ୍ତିତ ରାଜନୈତିକ ପରିସ୍ଥିତିରେ ରାମଚନ୍ଦ୍ରଦେବ ନିଜ ପୁତ୍ରକୁ ଯଥେଷ୍ଟ ଉପହାର ସହ ମାନସିଂହଙ୍କ ପାଖକୁ ପଠାଇଥିଲେ। ଏସବୁ ସତ୍ତ୍ୱେ ମାନସିଂହ ତାଙ୍କ ପୁତ୍ର ଜଗତସିଂହଙ୍କୁ ଖୋର୍ଦ୍ଧା ଆକ୍ରମଣ କରିବା ପାଇଁ ନିର୍ଦ୍ଦେଶ ଦେଲେ । ଗଜପତି ରାମଚନ୍ଦ୍ରଙ୍କ ପ୍ରତି ଭାଗ୍ୟ ଅନୁକୂଳ ଥିବାରୁ ମାନସିଂହଙ୍କ ସୈନ୍ୟମାନେ ଖୋର୍ଦ୍ଧା ଅଧିକାର କରିବାକୁ ସମର୍ଥ ହୋଇ ନଥିଲେ । ଶେଷରେ ମୋଗଲ ସମ୍ରାଟ ଆକବରଙ୍କ ନିର୍ଦ୍ଦେଶ ପାଇ ମାନସିଂହ ରାମଚନ୍ଦ୍ର ଦେବଙ୍କୁ ଓଡ଼ିଶାର ଗଜପତି ରାଜା ଭାବେ ସ୍ୱୀକୃତି ଦେବା ସହ ଖୋର୍ଦ୍ଧା ଅଞ୍ଚଳର ୭୧ଟି ଦୁର୍ଗର ନିୟନ୍ତ୍ରଣ ଅଧିକାର ଏବଂ ୩୧ ଜଣ ସର୍ଦ୍ଦାରଙ୍କ ଉପରେ କ୍ଷମତା ଜାହିର କରିବାର ଅଧିକାର ପ୍ରଦାନ କଲେ । ଏତଦ୍‌ବ୍ୟତୀତ ଜଗନ୍ନାଥ ମନ୍ଦିରର ସମସ୍ତ ଦାୟିତ୍ୱ ପ୍ରଦାନ ସହ ରାମଚନ୍ଦ୍ର ଦେବଙ୍କୁ ମହାରାଜା ଉପାଧିରେ ଭୂଷିତ କରିଥିଲେ । ଜଗନ୍ନାଥ ମନ୍ଦିରର ରକ୍ଷଣାବେକ୍ଷଣ ଭାର ନ୍ୟସ୍ତ ହେବାରୁ ଭୋଇବଂଶ ସମଗ୍ର ଦେଶରେ ଯଥେଷ୍ଟ କ୍ଷମତା ଓ ମର୍ଯ୍ୟାଦାର ଅଧିକାରୀ ହୋଇଥିଲେ ।

ରାମଚନ୍ଦ୍ରଦେବ - ୧ମଙ୍କ ପରେ ତାଙ୍କ ପୁତ୍ର ପୁରୁଷୋତ୍ତମ ଦେବ ଖୋର୍ଦ୍ଧାର ରାଜା ହେଲେ । ଗଜପତି ପୁରୁଷୋତ୍ତମ ଦେବଙ୍କ ରାଜତ୍ୱ ସମୟରେ ମୋଗଲ ସମ୍ରାଟ ଜାହାଙ୍ଗୀର ଦିଲ୍ଲୀରେ ଶାସନ କରୁଥିଲେ । ଜାହାଙ୍ଗୀରଙ୍କ ସୁବେଦାର ହାସିମ୍ ଖାଁ, କଲ୍ୟାଣ ମଲ୍ଲ, ମକରମ ଖାଁ ପ୍ରଭୃତି ବାରମ୍ବାର ଜଗନ୍ନାଥ ମନ୍ଦିର ଏବଂ ଖୋର୍ଦ୍ଧା ଆକ୍ରମଣ କରିଥିଲେ । ସୁବେଦାର ହାସିମ ଖାଁଙ୍କ ରାଜପୁତ ସେନାପତି କେଶୋଦାସ ମାରୁ ଜଗନ୍ନାଥମନ୍ଦିରରୁ ଧନରତ୍ନ ଲୁଣ୍ଠନ କରିବା ଉଦ୍ଦେଶ୍ୟରେ ଆକ୍ରମଣ କରିଥିଲା । କେଶୋଦାସ ମାରୁର ଆକ୍ରମଣର ଉପଯୁକ୍ତ ମୁକାବିଲା କରିବା ପାଇଁ ଗଜପତି ପୁରୁଷୋତ୍ତମ ଦେବ ଖୋର୍ଦ୍ଧାଠାରୁ ୧୦ହଜାର ଅଶ୍ୱାରୋହୀ ଏବଂ ଯଥେଷ୍ଟ ପଦାତିକ ସୈନ୍ୟଙ୍କ ସହ ପୁରୀ ଅଭିଯାନ କଲେ । ଭାଗ୍ୟର ପ୍ରତିକୂଳ ପ୍ରଭାବରେ ଯୁଦ୍ଧରେ ହାରିଯାଇ ରାଜଗୁରୁ ଚକ୍ରଧର ମହାପାତ୍ରଙ୍କ ପରାମର୍ଶ ଅନୁଯାୟୀ କେଶୋଦାସମାରୁ ସହ ଗଜପତି ପୁରୁଷୋତ୍ତମ ଦେବ ସନ୍ଧି କରିଥିଲେ । ପରବର୍ତ୍ତୀ କାଳରେ ମୋଗଲ ସୁବେଦାର କଲ୍ୟାଣ ମଲ୍ଲ ଏବଂ ମକରମ ଖାଁ ଖୋର୍ଦ୍ଧା ଆକ୍ରମଣ କରିଥିଲେ । ୧୬୧୭ ଖ୍ରୀଷ୍ଟାବ୍ଦରେ ମକରମ ଖାଁ ଖୋର୍ଦ୍ଧା ଆକ୍ରମଣ କରି ଖୋର୍ଦ୍ଧା ଦୁର୍ଗକୁ ସଂପୂର୍ଣ୍ଣ ଧ୍ୱଂସ କରି ଦେଇଥିଲେ ଏବଂ

ରାଜପରିବାର ନିଜର ନିରାପତ୍ତା ପାଇଁ ଗଡ଼ ମାଣିତ୍ରୀ ଠାରେ ଆଶ୍ରୟ ନେଇଥିଲେ । ମକରମ ଖାଁ ଜଗନ୍ନାଥ ମନ୍ଦିର ଆକ୍ରମଣ କରିବା ପାଇଁ ପୁରୀ ଅଭିଯାନ କରୁଥିବା ଖବର ପାଇ ରାଜା ଜଗନ୍ନାଥଙ୍କୁ ବାଣପୁର ଅଞ୍ଚଳର ଏକ ଗୁପ୍ତ ଜାଗାକୁ ପଠାଇ ଦେଇଥିଲେ ।

ଭୋଇବଂଶର ରାଜା ନରସିଂହ ଦେବ ସିଂହାସନ ଅଧିକାର କରିବାପରେ ମୋଗଲମାନଙ୍କ ବିରୁଦ୍ଧରେ ବିଦ୍ରୋହ କରିବାପାଇ ଖୋର୍ଦ୍ଧାର ଜନସାଧାରଣଙ୍କୁ ଉତ୍ସାହିତ କରୁଥିବା ଖବର ପାଇଁ ମୋଗ୍‌ଲ ସୁବେଦାର ଅହମ୍ମଦ ବେଗ ଖୋର୍ଦ୍ଧା ଆକ୍ରମଣ କରିଥିଲେ । ବକ୍‌ସୀ ଭାନୁ ବିଦ୍ୟାଧର ଏବଂ ଧର୍ମଦେବ ରାଜଗୁରୁ ମୋଗଲସୈନ୍ୟମାନଙ୍କୁ ଯୁଦ୍ଧରେ ପରାଜିତ କରି ଅହମ୍ମଦ ବେଗଙ୍କୁ ଉପଯୁକ୍ତ ଶିକ୍ଷା ଦେଇଥିଲେ ।

ଗଜପତି ନରସିଂହ ଦେବ ପୁରୀର ବାଲିସାହିଠାରେ ଏକ ରାଜପ୍ରାସାଦ ନିର୍ମାଣ କରିବା ସହ ବସ ଗୋତ୍ରୀୟ ବ୍ରାହ୍ମଣମାନଙ୍କୁ ସାମନ୍ତ ବ୍ରାହ୍ମଣ ଭାବେ ସ୍ୱୀକୃତି ଦେଇଥିଲେ । ନରସିଂହ ଦେବଙ୍କ ଶାସନର ଶେଷ ପର୍ଯ୍ୟାୟରେ ସୁବେଦାର ମୁତାକ୍ୟାବ ଖାଁ (Mutaqad Khan) ଙ୍କ ସେନାପତି ଫତେ ଖାଁ ଖୋର୍ଦ୍ଧା ରାଜ ପରିବାରର ଆଭ୍ୟନ୍ତରୀଣ କଳହର ସୁଯୋଗ ନେଇ ଖୋର୍ଦ୍ଧା ଆକ୍ରମଣ କଲେ । ଦୁର୍ଭାଗ୍ୟବଶତଃ ଭୟାବହ ସଂଘର୍ଷ ସମୟରେ ନରସିଂହ ଦେବ ଯୁଦ୍ଧରେ ଆହତ ହେଲେ ଏବଂ ଜଗନ୍ନାଥ ମନ୍ଦିର ଲୁଣ୍ଠନ କରାଯାଇଥିଲା ।

ମୋଗଲ ସମ୍ରାଟ ଆଉରଂଗଜେବଙ୍କ ସୁବେଦାର ଖାଁ-ଇ-ଦୁରାନର ଅସୁସ୍ଥତାର ସୁଯୋଗ ନେଇ ଖୋର୍ଦ୍ଧା ରାଜା ମୁକୁନ୍ଦ ଦେବ-୧ମ ମୋଗଲମାନଙ୍କ ଆଧିପତ୍ୟ ବିରୁଦ୍ଧରେ ବିଦ୍ରୋହ ଆରମ୍ଭ କରିଥିଲେ । ହେଲେ ଖାଁ-ଇ-ଦୁରାନ ସୁସ୍ଥ ହେବାପରେ ଖୋର୍ଦ୍ଧା ଦୁର୍ଗ ଆକ୍ରମଣ କଲେ । ବିଶ୍ୱାସଘାତକ ଭରତ ପଟ୍ଟନାୟକ ମୋଗଲ ସୁବେଦାରଙ୍କୁ ଯୁଦ୍ଧର ସମସ୍ତ ତଥ୍ୟ ଜଣାଇ ଦେବାରୁ ଚାରିଦିନ ଉତ୍କ୍ରାନ୍ତ ସଂଘର୍ଷ ପରେ ଗଜପତି ମୁକୁନ୍ଦଦେବ - ୧ମ ପରାଜିତ ହେଲେ । ପ୍ରଥମେ ମୁକୁନ୍ଦ ଦେବ - ୧ମଙ୍କ ସାନ ଭାଇ ଭ୍ରମରବରଙ୍କୁ ମୋଗଲ ସୁବେଦାର ସିଂହାସନ ପ୍ରଦାନ କରିଥିଲେ ମଧ୍ୟ ପରବର୍ତ୍ତୀ ପର୍ଯ୍ୟାୟରେ ମୁକୁନ୍ଦ ଦେବ- ୧ମଙ୍କ ସହ ବୁଝାମଣା କରି ଖୋର୍ଦ୍ଧା ସିଂହାସନ ଫେରାଇ ଦେଇଥିଲେ । ମୁକୁନ୍ଦଦେବ - ୧ମ ଭ୍ରମରବରଙ୍କୁ ବନ୍ଦୀ କରି ଖୋର୍ଦ୍ଧା ନିକଟସ୍ଥ ରଥିପୁର ଗଡ଼ ଦୁର୍ଗରେ ଅଭିଷେକ ହୋଇଥିଲେ ।

ଗଜପତି ଦିବ୍ୟସିଂହ ଦେବଙ୍କ ରାଜତ୍ୱ କାଳରେ ମୋଗଲ ସୁବାଦାର ଏକ୍ରାମ ଖାଁ ଜଗନ୍ନାଥ ମନ୍ଦିର ଆକ୍ରମଣ କରିଥିଲେ । ଏହାପରେ ସୁବେଦାର ମୁର୍ଶିଦ କୁଲି ଖାଁଙ୍କ ସହକର୍ମୀ ସୁଜାଉଦ୍ଦିନ ୧୭୦୭ ଖ୍ରୀଷ୍ଟାବ୍ଦରେ ଖୋର୍ଦ୍ଧା ଆକ୍ରମଣ କରି ଗଜପତି ଦିବ୍ୟସିଂହ ଦେବଙ୍କ ଦ୍ୱାରା ପରାଜିତ ହୋଇଥିଲେ ।

ଭୋଇବଂଶୀୟ ଗଜପତି ଗୋପୀନାଥ ଦେବ ବାଙ୍କୀ ରାଣୀ ଶୁକଦେଇଙ୍କୁ ନିଜର କରିବା ପାଇଁ ଚାହିଁବାରୁ ବାଙ୍କୀରାଜା ତ୍ରୈଲୋକ ହରିଚନ୍ଦନଙ୍କ ସହ ସଂଘର୍ଷ ହୋଇଥିଲା । ଯୁଦ୍ଧରେ ବାଙ୍କୀରାଜା ନିହତ ହୋଇଥିଲେ ମଧ୍ୟ ରାଣୀ ଶୁକଦେଇ ଖୋର୍ଦ୍ଧା ରାଜାଙ୍କୁ ପରାସ୍ତ ଓ ବନ୍ଦୀ କରିଥିଲେ ଏବଂ ପରିଶେଷରେ କ୍ଷମା ପ୍ରଦାନ କରି ମୁକ୍ତି ଦେଇଥିଲେ । ଖୋର୍ଦ୍ଧା ଜିଲ୍ଲାସ୍ଥ କୁଶୁପଲା ଗ୍ରାମର ମୁଣ୍ଡ ଡେଉଳ ଏବେ ମଧ୍ୟ ଖୋର୍ଦ୍ଧା ଓ ବାଙ୍କୀ ଯୁଦ୍ଧର ମୂକ ସାକ୍ଷୀ ରୂପେ ବିଦ୍ୟମାନ । ପରବର୍ତ୍ତୀ ସମୟରେ ରଣପୁର ରାଜା ପୁରୀରୁ ଫେରୁଥିବା ପଥରେ ରାଜଜେମାଙ୍କ ସହ ଗୋପୀନାଥ ଦେବ ଖରାପ ଆଚରଣ ପ୍ରଦର୍ଶନ କରିଥିବାରୁ ରଣପୁର ରାଜାଙ୍କ ଷଡ଼ଯନ୍ତ୍ରକ୍ରମେ ତାଙ୍କୁ ନିଜର ଉଆସରେ ହତ୍ୟା କରାଯାଇଥିଲା ।

ଗୋପୀନାଥ ଦେବଙ୍କ ପରେ ତାଙ୍କ ସାନଭାଇ ରାମଚନ୍ଦ୍ର- ୨ୟ ଖୋର୍ଦ୍ଧା ସିଂହାସନ ଆରୋହଣ କରିଥିଲେ । ଏହି ସମୟରେ ନିଜାମଙ୍କ ସୈନ୍ୟମାନେ ଗଂଜାମ ଆକ୍ରମଣ କରିବାରୁ ଗଜପତି ରାମଚନ୍ଦ୍ର ଦେବ - ୨ୟ ଏଭଳି ଆକ୍ରମଣକୁ ପ୍ରତିହତ କରିବା ପାଇଁ ବିପୁଳ ରଣସଜ୍ଜା ଆରମ୍ଭ କରିଦେଲେ । ଯୁଦ୍ଧ ପାଇଁ ପାଇକ ନିଯୁକ୍ତି ସହ ତୋପ ଓ ବନ୍ଧୁକ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ । ନିଜାମଙ୍କ ସୈନ୍ୟମାନଙ୍କୁ ପ୍ରତିରୋଧ କରିବା ପାଇଁ ସମସ୍ତ ଚେଷ୍ଟା ସତ୍ତ୍ୱେ ରାମଚନ୍ଦ୍ର ଦେବ ପରାସ୍ତ ହୋଇଥିଲେ ।

୧୭୩୧ ଖ୍ରୀଷ୍ଟାବ୍ଦରେ ମହମ୍ମଦ.ତକି ଖାଁ ଖୋର୍ଦ୍ଧା ଆକ୍ରମଣ କରି ଶିଶୁପାଳଗଡ଼ ଧ୍ୱଂସ କରିବା ସହ ଧଉଳିଗଡ଼ ଓ ରଥିପୁର ଗଡ଼ ଆକ୍ରମଣ କରିଥିଲା । ଯୁଦ୍ଧର ପ୍ରଥମ ଭାଗରେ ପରାଜିତ ହୋଇଥିଲେ ମଧ୍ୟ ପରବର୍ତ୍ତୀ ପର୍ଯ୍ୟାୟରେ ଯୁଦ୍ଧର ଗତି ବଦଳିଯିବାରୁ ତକିଖାଁ ରାମଚନ୍ଦ୍ର ଦେବଙ୍କୁ ଖୋର୍ଦ୍ଧାଠାରେ ନଜର ବନ୍ଦୀ ଭାବରେ ରଖି କଟକ ପ୍ରତ୍ୟାବର୍ତ୍ତନ କଲା । ତକୀଖାଁ ମୁର୍ଶିଦାବାଦ ଯିବା ସମୟରେ ରାମଚନ୍ଦ୍ରଦେବ - ୨ୟ ପୁନର୍ବାର ଖୋର୍ଦ୍ଧା ସିଂହାସନ ଆରୋହଣ କରି ପୁରୀ ମନ୍ଦିରରେ ଜଗନ୍ନାଥ ମୂର୍ତ୍ତି ପ୍ରତିଷ୍ଠା କରିଥିଲେ । କିନ୍ତୁ ତକିଖାଁ ମୁର୍ଶିଦାବାଦରୁ ଫେରି ପୁନର୍ବାର ଖୋର୍ଦ୍ଧା ଆକ୍ରମଣ କରି ଗଜପତି ରାମଚନ୍ଦ୍ର ଦେବ - ୨ୟଙ୍କୁ ଗାଦିଚ୍ୟୁତ କରି କଟକର ବାରବାଟି ଦୁର୍ଗରେ ବନ୍ଦୀ କରି ରଖିଲା । ଖୋର୍ଦ୍ଧାର ରାଜଗୁରୁ ପରମଇଶ୍ୱରଙ୍କ ଯୋଜନା ଅନୁଯାୟୀ ଦୁଇଜଣ ଖଣ୍ଡାୟତ ଯୁବକ ମୁସଲମାନ ଫକୀର ଭାବେ ବାରବାଟି ଦୁର୍ଗକୁ ଯାଇ କାଳକ୍ରମେ ତକିଖାଁର ବିଶ୍ୱାସ ଭାଜନ ହୋଇଥିଲେ ।

ଏକଦା ରାତ୍ରିର ଘୋର ଅନ୍ଧକାରରେ ତକିଖାଁର ଗଳାଚିପି ହତ୍ୟା କରିଥିଲେ ରାମଚନ୍ଦ୍ର ଦେବ-୨ୟଙ୍କୁ ନାଏବ ନାଜିମ ମୁର୍ଶିଦ କୁଲିଖାଁ- ୨ୟ ବାରବାଟି ଦୁର୍ଗ ବନ୍ଦୀ ଜୀବନରୁ ମୁକ୍ତ କରିଥିଲେ ।

ଗଜପତି ରାମଚନ୍ଦ୍ର ଦେବ ପରିସ୍ଥିତିର ଚାପରେ ପଡ଼ି ମୁସଲମାନ ରାଜଜେମା ରିଜିୟା ବେଗମ୍‌ଙ୍କୁ ବିବାହ କରି ହାଫିଜ୍‌କାଦେର ବେଗ ନାମ ଧାରଣ କରିବା, ଧର୍ମାନ୍ତର ପରେ ଜଗନ୍ନାଥ ମନ୍ଦିରକୁ ବଳପୂର୍ବକ ଯବନୀ ରାଣୀଙ୍କ ସହ ପ୍ରବେଶ କରିବା ଏବଂ ପାଇକ ବାହିନୀର ସେନାପତି ଭାବେ ମୁସଲମାନଙ୍କୁ ନିଯୁକ୍ତି ଦେବା ଇତ୍ୟାଦି କାରଣରୁ ରୋଡ଼ଙ୍ଗର ବକ୍‌ସୀ ବିଦ୍ରୋହ କରିବାକୁ ପ୍ରସ୍ତୁତ ହେଲେ । ପରିଶେଷରେ ରାମଚନ୍ଦ୍ରଦେବ - ୨ୟ ନରସିଂହପୁର ଗଡ଼ଜାତକୁ ଯବନୀରାଣୀଙ୍କ ସହ ପଳାୟନ କରି ସେଠାରେ ଅବସ୍ଥାନ କାଳରେ ଅତ୍ୟନ୍ତ ମ୍ରିୟମାଣ ଅବସ୍ଥାରେ ବିଷପାନ କରି ଆତ୍ମହତ୍ୟା କରିଥିଲେ ।

ଖୋର୍ଦ୍ଧାର ଏଭଳି ଘଡ଼ିସନ୍ଧିକ୍ଷଣରେ ପଟିଆରାଜା ପଦ୍ମନାଭ ଦେବ ଖୋର୍ଦ୍ଧା ରାଜ ସିଂହାସନରେ ଅବସ୍ଥାପିତ ହୋଇଥିଲେ । ରାମଚନ୍ଦ୍ର ଦେବ - ୨ୟଙ୍କ ପୁତ୍ର ଭାଗିରଥି କୁମାର ଘୁମୁସର ରାଜା ଘନ ଭଂଜ ଏବଂ ମୁର୍ଶିଦ କୁଲି ଖାଁ - ୨ୟଙ୍କ ସହାୟତା କ୍ରମେ ସୈନ୍ୟଚାଳନା କରି ଖୋର୍ଦ୍ଧା ଜୟ କରିଥିଲେ ଏବଂ ଗଜପତି ବୀରକିଶୋର ଦେବ ନାମଧାରଣ କରି ସିଂହାସନ ଆରୋହଣ କରିଥିଲେ ।

ମୁର୍ଶିଦ କୁଲିଖାଁଙ୍କୁ ଯୁଦ୍ଧରେ ପରାସ୍ତ କରି ଆଲିବର୍ଦ୍ଦିଖାଁ ବଙ୍ଗଳାର ନବାବ ହୋଇଥିଲେ । ମରହଟ୍ଟାମାନେ ଆଲିବର୍ଦ୍ଦିଖାଁଙ୍କ ସାମ୍ରାଜ୍ୟକୁ ବାରମ୍ବାର ଆକ୍ରମଣ କରୁଥିବାରୁ ସେ ବାଧ୍ୟ ହୋଇ ମରହଟ୍ଟା ସର୍ଦ୍ଦାର ରଘୁଜୀ ଭୋନସିଲାଙ୍କ ସହ ୧୭୫୧ ଖ୍ରୀଷ୍ଟାବ୍ଦରେ ସନ୍ଧି କରିଥିଲେ ଏବଂ ସନ୍ଧିର ସର୍ତ୍ତ ଅନୁଯାୟୀ ଓଡ଼ିଶାର ସୁବର୍ଣ୍ଣରେଖା ନଦୀଠାରୁ ଚିଲିକା ପର୍ଯ୍ୟନ୍ତ ଅଞ୍ଚଳ ମରହଟ୍ଟାମାନଙ୍କୁ ଛାଡି ଦିଆଗଲା ଏବଂ ମୀରହବିବଙ୍କୁ ଓଡ଼ିଶାର ଶାସନକର୍ତ୍ତା ଭାବେ ନିଯୁକ୍ତି ପ୍ରଦାନ କରାଗଲା ।

୧୭୬୦ ଖ୍ରୀଷ୍ଟାବ୍ଦରେ ପାରଳାଖେମୁଣ୍ଡିର ରାଜା ଜଗନ୍ନାଥ ନାରାୟଣ ଦେବ ଖୋର୍ଦ୍ଧା ଆକ୍ରମଣ କରି ବୀରକିଶୋର ଦେବଙ୍କୁ ପରାଜିତ କରିଥିଲେ । ବୀରକିଶୋର ଦେବ ମରହଟ୍ଟା ଶାସନକର୍ତ୍ତା ସିଓ ଭଟ ସାଠେଙ୍କ ସହ ସାକ୍ଷାତ କରି ପାରଳାଖେମୁଣ୍ଡି ରାଜାଙ୍କ ବିରୁଦ୍ଧରେ ସାମରିକ ଅଭିଯାନ ପାଇଁ ସାହାଯ୍ୟ ପ୍ରାର୍ଥନା କଲେ ଏବଂ ଏଭଳି ସାହାଯ୍ୟ ପାଇଁ ୧ ଲକ୍ଷଟଙ୍କା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଲେ । ମରହଟ୍ଟାମାନେ ପାରଳାଖେମୁଣ୍ଡି ରାଜାଙ୍କ ବିରୁଦ୍ଧରେ ଯୁଦ୍ଧଯାତ୍ରା କରି ତାଙ୍କୁ ଖୋର୍ଦ୍ଧାରୁ ବିତାଡ଼ିତ କଲେ । ସୂତ୍ର ଅନୁଯାୟୀ ବୀରକିଶୋରଦେବ ଅର୍ଥ ଦେଇନପାରି ଲେମ୍ବାଇ, ରାହାଙ୍ଗ, ସିରେଇ ଓ ଚବିଶକୁଦ ପ୍ରଗଣା ଗୁଡ଼ିକ ମରହଟ୍ଟାମାନଙ୍କୁ ଅର୍ପଣ କରି ଏସବୁ ଅଞ୍ଚଳରୁ ଖଜଣା ଆଦାୟ କରିବାର କ୍ଷମତା ପ୍ରଦାନ କରିଥିଲେ । ଏତଦ୍‌ବ୍ୟତୀତ ୧୪ଟି ଗଡ଼ଜାତ ରାଜ୍ୟରୁ ଖଜଣା ଆଦାୟ କରିବା କ୍ଷମତା ମରହଟ୍ଟାମାନଙ୍କୁ ଦିଆଯାଇଥିଲା ।

ଗଜପତି - ବୀରକିଶୋର ଦେବଙ୍କ ଶାସନ କାଳରେ ବାଙ୍ଗରୋବା ପଟ୍ଟନାୟକ ପରିବାରର କୁମନ୍ତ୍ରଣା ଯୋଗୁଁ ସେ ଖୋର୍ଦ୍ଧା ରାଜ୍ୟର ପରମ ହିତୈଷୀ ରାଜଗୁରୁ ପରମ ଲକ୍ଷ୍ମୀଙ୍କୁ ଅପମାନିତ କରିଥିଲେ । ଫଳରେ ଖୋର୍ଦ୍ଧା ରାଜ୍ୟର ସମ୍ମାନାସ୍ପଦ ରାଜଗୁରୁ ନିଜ ପତ୍ନୀଙ୍କ ସହ ଖୋର୍ଦ୍ଧା ପରିତ୍ୟାଗ କରି ନରସିଂହପୁର ଗଡ଼ଜାତ ରାଜ୍ୟରେ ଅବସ୍ଥାନ କରି ସେଠାରେ ମୃତ୍ୟୁବରଣ କରିଥିଲେ । ଜୀବନର ଶେଷଭାଗ ବୀର କିଶୋର ଦେବ ମରହଟ୍ଟାମାନଙ୍କ ବନ୍ଦୀଶାଳାରେ କଟାଇଥିବାର ଜଣାଯାଏ ।

ବୀରକିଶୋର ଦେବଙ୍କ ପରେ ଦିବ୍ୟସିଂହ ଦେବ ଏବଂ ତାଙ୍କ ପରେ ମୁକୁନ୍ଦଦେବ - ୨ୟ ଖୋର୍ଦ୍ଧା ସିଂହାସନ ଆରୋହଣ କରିଥିଲେ । ଏହି ସମୟରେ ଓଡ଼ିଶାରେ ମରହଟ୍ଟା ଶକ୍ତିର ବିଲୟ ଏବଂ ବ୍ରିଟିଶ ଶକ୍ତିର ଅଭ୍ୟୁଦୟ ବିଶେଷ ଭାବରେ ଉଲ୍ଲେଖ-ଯୋଗ୍ୟ ।

ଖୋର୍ଦ୍ଧା ରାଜ ସିଂହାସନ ଆରୋହଣ କରିବା ସମୟରେ ମୁକୁନ୍ଦ ଦେବ-୨ୟ ନାବାଳକ ଥିବାରୁ ଖୋର୍ଦ୍ଧା ରାଜାଙ୍କ ରାଜଗୁରୁ, ଜୟକୃଷ୍ଣ ରାଜଗୁରୁ ବା ଜୟୀ ରାଜଗୁରୁ ଖୋର୍ଦ୍ଧାର ଶାସନକାର୍ଯ୍ୟ ପରିଚାଳନା କରୁଥିଲେ । ଏ ଭଳି ଏକ ସମୟରେ ମଧ୍ୟ ଖୋର୍ଦ୍ଧା ରାଜାଙ୍କୁ ଓଡ଼ିଶାର ମୁଖ୍ୟ ଶାସକ ଭାବରେ ପରିଗଣିତ କରାଯାଉଥିଲା ।

ବ୍ରିଟିଶ ସରକାର ଜାଣିଥିଲେ ଯେ ବଙ୍ଗଳାରୁ ଓଡ଼ିଶା ମଧ୍ୟ ଦେଇ ମାନ୍ଦ୍ରାସରେ ସୈନ୍ୟବାହିନୀ ପହଞ୍ଚିବା ଅଧିକ ସହଜ ହେବ । ଏଣୁ ଓଡ଼ିଶାକୁ ଅଧିକାର କରିବା ପାଇଁ ଇଂରେଜମାନେ ସୁଚିନ୍ତିତ ଯୋଜନା କରି ମରହଟ୍ଟାମାନଙ୍କ ଶକ୍ତି ସମ୍ବନ୍ଧରେ ଗୁପ୍ତତଥ୍ୟ ସଂଗ୍ରହ କରିବାପରେ ୧୮୦୩ ମସିହାରେ କଟକର ବାରବାଟି ଦୁର୍ଗ ଆକ୍ରମଣ କରି ଦଖଲ କରିଥିଲେ । କର୍ଣ୍ଣେଲ ହାରକୋର୍ଟଙ୍କ ନେତୃତ୍ୱରେ ବ୍ରିଟିଶ ସୈନ୍ୟବାହିନୀ ମରହଟ୍ଟାମାନଙ୍କ ବିରୁଦ୍ଧରେ ଯୁଦ୍ଧ ଅଭିଯାନ କରିବା ସମୟରେ ଖୋର୍ଦ୍ଧାରାଜା ୨ୟ - ମୁକୁନ୍ଦଦେବ ଇଂରେଜମାନଙ୍କୁ ସହାୟତା କରିଥିଲେ ଏବଂ ଏଭଳି ସାହାଯ୍ୟ ପାଇଁ ବ୍ରିଟିଶମାନେ ଏକଲକ୍ଷ ଟଙ୍କା ସହ ସିରେଇ, ଲେମ୍ବାଇ, ରାହାଙ୍ଗ

ଓ ଚଉଦିଶକୁଦ ଇତ୍ୟାଦି ପ୍ରଗଣା ରାଜାଙ୍କୁ ଦେବାପାଇଁ ପ୍ରତିଶ୍ରୁତି ମଧ ଦେଇଥିଲେ । ମରହଟ୍ଟାମାନଙ୍କୁ ଯୁଦ୍ଧରେ ପରାଜିତ କରିବା ପରେ ଇଂରେଜମାନେ ରାଜା ମୁକୁନ୍ଦଦେବଙ୍କୁ ଦେଇଥିବା ପ୍ରତିଶ୍ରୁତିରେ ଖିଲାପ କରି ମାତ୍ର ୫୦ ହଜାର ଟଙ୍କା ଦେଇଥିଲେ । ୧୮୦୪ ଖ୍ରୀଷ୍ଟାବ୍ଦରେ ଜୟୀ ରାଜଗୁରୁ କଟକଠାରେ କର୍ଣ୍ଣେଲ ହାରକୋର୍ଟଙ୍କୁ ସାକ୍ଷାତ କରି ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ବକେୟା ୫୦ ହଜାର ସହ ଉପରୋକ୍ତ ପ୍ରଗଣା ଗୁଡ଼ିକ ଦେବାପାଇଁ ଦାବୀ କରିଥିଲେ ମଧ କିଛି ଫଳ ହେଲାନି । ଜୟୀ ରାଜଗୁରୁ ନିରାଶ ମନରେ ଫେରି ଆସି ବ୍ରିଟିଶ ମାନଙ୍କ ସହ ସମ୍ଭାବିତ ସମର ଲାଗି ସାମରିକ ପ୍ରସ୍ତୁତି ଆରମ୍ଭ କରିଦେଲେ । ଅନ୍ୟ ପକ୍ଷରେ ଇଂରେଜ କର୍ତ୍ତୃପକ୍ଷ ଖୋର୍ଦ୍ଧାର ବିଭିନ୍ନ ଗଡ଼ର ଦଳବେହେରା ଏବଂ ଖଣ୍ଡାୟତମାନଙ୍କୁ ନିର୍ଦ୍ଦେଶନାମା ପଠାଇ ଖୋର୍ଦ୍ଧା ରାଜାଙ୍କୁ କୌଣସି ପ୍ରକାର ସାହାଯ୍ୟ ନ କରିବାକୁ ନିର୍ଦ୍ଦେଶ ଦେଲେ ଏବଂ ରାଜାଙ୍କୁ ଗାଦିଚ୍ୟୁତ କରାଗଲା ବୋଲି ଘୋଷଣା କଲେ ।

୧୮୦୪ ମସିହାରେ ଖୋର୍ଦ୍ଧାରାଜାଙ୍କ ବରୁଣେଇ ପର୍ବତ ନିକଟରେ ଅବସ୍ଥିତ ଦୁର୍ଗକୁ ମେଜର ଫ୍ଲେଚରଙ୍କ ନେତୃତ୍ୱରେ ବ୍ରିଟିଶ ସୈନ୍ୟମାନେ ଆକ୍ରମଣ କରିବା ସହ ତୋପମାଡ଼ରେ ଧୂଳିସାତ କଲେ । ଖୋର୍ଦ୍ଧାର ବୀର ପାଇକ ବାହିନୀ ପାରମ୍ପରିକ ଅସ୍ତ୍ରଶସ୍ତ୍ରରେ ବୀରତ୍ୱର ସହ ଲଢିଥିଲେ ମଧ ଇଂରେଜମାନଙ୍କ ଗୁଳି, ବନ୍ଧୁକ, ଏବଂ ତୋପ କମାଣ ଇତ୍ୟାଦି ଅସ୍ତ୍ରଶସ୍ତ୍ର ସାମ୍ନାରେ ଟିକି ପାରି ନଥିଲେ । ଦୁର୍ଗର ଗୁପ୍ତ ଦ୍ୱାର ଦେଇ ଜୟୀ ରାଜଗୁରୁ ଏବଂ ଗଜପତି-୨ୟ ମୁକୁନ୍ଦଦେବ ଖସି ଚାଲିଯାଇ ବରୁଣେଇ ଜଙ୍ଗଲରେ ଆତ୍ମ-ଗୋପନ କରିଥିଲେ ମଧ ପରିଶେଷରେ କର୍ଣ୍ଣେଲ ହାରକୋର୍ଟଙ୍କ ସୈନ୍ୟମାନଙ୍କ ଦ୍ୱାରା ଧରାପଡ଼ି ବନ୍ଦୀ ହୋଇଥିଲେ । ବ୍ରିଟିଶ ସରକାର ବିରୁଦ୍ଧରେ ବିଦ୍ରୋହର ନେତୃତ୍ୱ ନେଇଥିବା ଯୋଗୁଁ ଜୟୀ ରାଜଗୁରୁଙ୍କୁ ମେଦିନିପୁରର ବାଘିତୋଟାଠାରେ ବରଗଛର ଦୁଇଟି ଡାଳରେ ବାନ୍ଧି ଛାଡି ଦେବାରୁ ରାଜଗୁରୁ ଦୁଇଫାଳ ହୋଇ ଯାଇଥିଲେ ।

ଜୟୀ ରାଜଗୁରୁଙ୍କ ମୃତ୍ୟୁପରେ ୧୮୧୭ ମସିହାରେ ଓଡ଼ିଶାରେ ପ୍ରସିଦ୍ଧ ପାଇକ ବିଦ୍ରୋହ ସଂଗଠିତ ହୋଇଥିଲା । ଉକ୍ତ ବିଦ୍ରୋହର ନେତୃତ୍ୱ ନେଇଥିଲେ ଖୋର୍ଦ୍ଧା ରାଜାଙ୍କ ମୁଖ୍ୟ ସେନାପତି ବକ୍ସୀ ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଭ୍ରମରବର ରାୟ । ଖୋର୍ଦ୍ଧା ଅଞ୍ଚଳରେ ବ୍ରିଟିଶ ସରକାରଙ୍କ ବାରମ୍ବାର ବନ୍ଦୋବସ୍ତ (Land Settlement) ଫଳରେ ଅସ୍ୱାଭାବିକ ରାଜସ୍ୱ ବୃଦ୍ଧି, ପାଇକ ଏବଂ ଖଣ୍ଡାୟତମାନଙ୍କ ଜାଗିରି ଜମି ଉପରେ କରଧାର୍ଯ୍ୟ, ଚିଲିକା ଏବଂ ସମୁଦ୍ରରୁ ଲୁଣ ମାରିବାରେ କଟକଣା, କଉଡି ବଦଳରେ ଟଙ୍କା ଆକାରରେ ଖଜଣା ଦେବା ପାଇଁ ପ୍ରଜାମାନଙ୍କୁ ବାଧ କରିବା, ବ୍ରିଟିଶ ଏବଂ ବଙ୍ଗାଳୀ ଅମଲାମାନଙ୍କର ଜନସାଧାରଣଙ୍କ ପ୍ରତି ଦୁର୍ବ୍ୟବହାର ଏବଂ ବକ୍ସୀଜଗବନ୍ଧୁଙ୍କର ଜମିଦାରୀ ଉଚ୍ଛେଦ ଇତ୍ୟାଦି କାରଣ ଯୋଗୁଁ ପାଇକ ବିଦ୍ରୋହ ସଂଗଠିତ ହୋଇଥିଲା । ବଙ୍ଗାଳୀ ଅମଲା କୃଷ୍ଣଚନ୍ଦ୍ର ସିଂହ ଷଡ଼ଯନ୍ତ୍ରର ଜାଲ ବିଛାଇ ବକ୍ସୀ ଜଗବନ୍ଧୁଙ୍କୁ ରୋଡଙ୍ଗ ଜମିଦାରୀର ମାଲିକ ହୋଇଥିଲେ ମଧ ବକ୍ସୀ ଇଂରେଜ ମାନଙ୍କଠାରୁ ନ୍ୟାୟ ପାଇ ନଥିଲେ । ଫଳରେ ଖୋର୍ଦ୍ଧା ପାଇକମାନଙ୍କର ନେତୃତ୍ୱ ନେଇ ବକ୍ସୀ ଜଗବନ୍ଧୁ ବ୍ରିଟିଶ ସରକାର ବିରୁଦ୍ଧରେ ସଶସ୍ତ୍ର ସଂଗ୍ରାମ କରିଥିଲେ । ଦୀର୍ଘ ୮ ବର୍ଷ ଧରି ଆତ୍ମ ଗୋପନ କରିଥିବା ବକ୍ସୀ ଗରିଲା ସଂଗ୍ରାମ କରି ବ୍ରିଟିଶ ସରକାରଙ୍କୁ ଅସ୍ତବ୍ୟସ୍ତ କରି ଦେଇଥିଲେ ଏବଂ ଶେଷରେ ବ୍ରିଟିଶ ସରକାର ବକ୍ସୀ ଆତ୍ମ ସମର୍ପଣ କଲେ ତାଙ୍କୁ କୌଣସି ଦଣ୍ଡ ଦିଆଯିବ ନାହିଁ ଏବଂ ସେ ଏବଂ ତାଙ୍କର ପରିବାରର ଭରଣ ପୋଷଣ ଦାୟିତ୍ୱ ସରକାର ଗ୍ରହଣ କରିବେ ବୋଲି ଘୋଷଣା କରିବାରୁ ୧୮୨୫ ମସିହା ମେ ୨୭ ତାରିଖରେ ବକ୍ସୀ ଆତ୍ମ ସମର୍ପଣ କରିଥିଲେ । ବକ୍ସୀଙ୍କ ଅନ୍ତରଙ୍ଗ ସହକର୍ମୀ କୃଷ୍ଣଚନ୍ଦ୍ର ଭ୍ରମରବରରାୟ ଖୋର୍ଦ୍ଧାର ଜଏଣ୍ଟ ମାଜିଷ୍ଟ୍ରେଟଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ ।

ତାପଙ୍ଗ ଗଡ଼ର ଦଳବେହେରା ସାମନ୍ତ ମାଧବ ଚନ୍ଦ୍ର ରାଉତରାୟ ୧୮୨୭ ମସିହାରେ ବ୍ରିଟିଶ ସରକାର ବିରୁଦ୍ଧରେ ସଶସ୍ତ୍ର ସଂଗ୍ରାମ କରିଥିଲେ । ଖୋର୍ଦ୍ଧାର ବ୍ରିଟିଶ ଶାସନ ପ୍ରତିଷ୍ଠା ହେବା ପ୍ରାରମ୍ଭରେ ବ୍ରିଟିଶ ସରକାରଙ୍କର ଜଣେ ମୁନ୍ସୀ ୫୦ ଜଣ ସୈନ୍ୟଙ୍କ ସହ ୧୮୨୭ ମସିହା ମେ ମାସ ୨୩ ତାରିଖ ଦିନ ତାପଙ୍ଗ ଗଡ଼କୁ ଖଜଣା ଆଦାୟ କରିବା ପାଇଁ ଯାଇଥିଲେ । ତାପଙ୍ଗର ଚିନ୍ତାମଣି ପାହାଡସିଂହଙ୍କ ଅନୁପସ୍ଥିତିରେ ତାଙ୍କ ପତ୍ନୀ ହାରାମଣି ଦେବୀଙ୍କୁ ଖଜଣା ମାଗିବା ଆଳରେ ଅପମାନିତ କରିଥିବାରୁ ଦଳବେହେରାଙ୍କ ନିର୍ଦ୍ଦେଶକ୍ରମେ ଦୁଇଜଣ ବ୍ରିଟିଶ ସୈନ୍ୟଙ୍କୁ ହତ୍ୟା କରାଗଲା । କର୍ଣ୍ଣେଲ ହାରକୋର୍ଟ୍ ଦଳବେହେରାଙ୍କୁ ଦମନ କରିବା ପାଇଁ ଏକ ବିଶାଳ ସେନାବାହିନୀ ସହ ତାପଙ୍ଗ ଅଭିଯାନ କରିଥିଲେ । ପାଇକ ବାହିନୀ ଧନୁ, ତୀର, ଖଣ୍ଡା, ବର୍ଚ୍ଛା, ତୋପ ଏବଂ ବନ୍ଧୁକରେ ସଜ୍ଜିତ ହୋଇ ବ୍ରିଟିଶ ସୈନ୍ୟମାନଙ୍କ ମୁକାବିଲା କରିଥିଲେ । ଯୁଦ୍ଧରେ ଇଂରେଜ ପକ୍ଷ ଜିତିବାର ସମସ୍ତ ଆଶା ପରିତ୍ୟାଗ କରିଥିଲେ । ଠିକ୍ ସେଇ ସମୟରେ ଦଳବେହେରାଙ୍କ ଅଧୀନରେ ଚାକିରି କରିଥିବା ବଧମାଳଗାଡ଼ିଆ ଗ୍ରାମର ମଧୁସୂଦନ ପଟ୍ଟନାୟକ ବିଶ୍ୱାସ ଘାତକତା କରି ତାପଙ୍ଗର

ଗୁପ୍ତ ଅସ୍ତ୍ରାଗାର ସମ୍ବନ୍ଧୀୟ ସୂଚନା ବ୍ରିଟିଶ ପକ୍ଷକୁ ଜଣାଇ ଦେଲେ । ବ୍ରିଟିଶ ସୈନ୍ୟମାନେ ଗୁପ୍ତ ଅସ୍ତ୍ରାଗାରକୁ ଧ୍ୱଂସ କରି ଦେବା ଫଳରେ ପାଇକମାନେ ଯୁଦ୍ଧରେ ପରାଜିତ ହେଲେ ଏବଂ ଦଳବେହେରା ଜଙ୍ଗଲରେ ଆତ୍ମ ଗୋପନ କଲେ । ଦଳବେହେରାଙ୍କୁ ମୃତ ବା ଜୀବନ୍ତ ଅବସ୍ଥାରେ ଧରାଇଦେଲେ ପୁରସ୍କାର ଦିଆଯିବ ବୋଲି ଇଂରେଜ ସରକାର ଘୋଷଣା କରିଥିଲେ ମଧ୍ୟ ତାଙ୍କୁ ଗିରଫ କରାଯାଇପାରିଲା ନାହିଁ । ହେଲେ ଘଟଣା ଚକ୍ରରେ ଜଣେ ଗରିବ କେଉଟକୁ ସାହାଯ୍ୟ କରିବା ପାଇଁ ସେ ନିଜେ ଯାଇ ଖୋର୍ଦ୍ଧା କୋର୍ଟଠାରେ ଆତ୍ମ ସମର୍ପଣ କରି ତାଙ୍କ ନାମରେ ଘୋଷଣା କରାଯାଇଥିବା ଅର୍ଥ କେଉଟକୁ ପ୍ରଦାନ କରିବାକୁ ଇଂରେଜ ମାଜିଷ୍ଟ୍ରେଟଙ୍କୁ ଅନୁରୋଧ କରିଥିଲେ । ବ୍ରିଟିଶ କର୍ତ୍ତୃପକ୍ଷ ଏ ଭଳି ବ୍ୟକ୍ତିଙ୍କୁ ଦଣ୍ଡ ଦେଲେ ବିଦ୍ରୋହ ହୋଇପାରେ ଆଶଙ୍କା କରି ଦଣ୍ଡ ଦେବା ପରିବର୍ତ୍ତେ ଦଳବେହେରାଙ୍କୁ ମୁକ୍ତ କରିଦେଇଥିଲେ ।

୧୮୩୬ ମସିହା ଜୁନ୍ ୪ ତାରିଖ ବେଳକୁ ବାଣପୁର ଅଗାଙ୍ଗର ଦଳବେହେରା ଶ୍ୟାମସୁନ୍ଦର ପାଟଶାଣୀ ଥିଲେ । ତାଙ୍କ ବୀରପୁତ୍ର କୃତ୍ତିବାସ ପାଟଶାଣୀଙ୍କ ନେତୃତ୍ୱରେ ବାଣପୁରର କନ୍ଧ ଏବଂ ପାଇକମାନେ ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ସଶସ୍ତ୍ର ସଂଗ୍ରାମ କରି ବାଣପୁରକୁ ତିନିଦିନ ପାଇଁ ସ୍ୱାଧୀନ କରିଥିଲେ । ବ୍ରିଟିଶ ସୈନ୍ୟବାହିନୀ ସହ ବୀରତ୍ୱର ସହ ଲଢ଼ି ବିଶ୍ୱାସଘାତକତାର ଶିକାର ହୋଇ ଇଂରେଜମାନଙ୍କ ଦ୍ୱାରା ବନ୍ଦୀ ହୋଇଥିଲେ ।

ବ୍ରିଟିଶ ଶାସନର ବିଭିନ୍ନ ସମୟରେ ସମ୍ବଲପୁରର ବୀରସୁରେନ୍ଦ୍ରସାଏ, ଅନୁଗୋଳର ରାଜା ସୋମନାଥ ସିଂହ, କାଳିଆର ଜମିଦାର ରାମକୃଷ୍ଣ ସାମନ୍ତ ସିଂହାର, ପୁରୀର ଚାଖି ଖୁଣ୍ଟିଆ ପ୍ରଭୃତି ବ୍ରିଟିଶ ସରକାର ବିରୁଦ୍ଧରେ ସଶସ୍ତ୍ର ସଂଗ୍ରାମ କରିଥିଲେ ।

ଅଶୋକଙ୍କ ଶିଳାଲେଖ, ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖ, ବ୍ରହ୍ମେଶ୍ୱର ମନ୍ଦିର ଶିଳାଲେଖ, ଅନନ୍ତ ବାସୁଦେବ ମନ୍ଦିରର ଚନ୍ଦ୍ରିକାଦେବୀ ଶିଳାଲେଖ, ଲିଙ୍ଗରାଜ, ପୁରୀ, କୋଣାର୍କ ଏବଂ ପର୍ଶୁରାମେଶ୍ୱର ମନ୍ଦିର ଗାତ୍ର ଏବଂ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଥିବା ଭଗ୍ନ ଦୁର୍ଗ ସମୂହରୁ ଓଡ଼ିଶାର ସାମରିକ ଅଭିଯାନ, ସୈନ୍ୟସଜ୍ଜା, ଯୁଦ୍ଧରେ ବ୍ୟବହୃତ ଅସ୍ତ୍ର ଶସ୍ତ୍ର, ରଣ ସଂଗୀତ, ସୈନ୍ୟମାନଙ୍କର ବେଶ ପୋଷାକ ସମ୍ବନ୍ଧରେ ବହୁତଥ୍ୟ ମିଳିଥାଏ । ଓଡ଼ିଶା ରାଜ୍ୟ ସଂଗ୍ରହାଳୟ (Orissa State Museum) ଓଡ଼ିଶାର ପୁରାତନ ରାଜପ୍ରାସାଦ, ତାଳପତ୍ର ପୋଥି ଏବଂ ଖଣ୍ଡାୟତ ସଂପ୍ରଦାୟ ବାସ କରୁଥିବା ବିଭିନ୍ନ ଗଡ଼ ଇତ୍ୟାଦିରେ ରଖାଯାଇଥିବା ପାରମ୍ପରିକ ଅସ୍ତ୍ର ଶସ୍ତ୍ର ଇତ୍ୟାଦିରୁ ଆମ ରାଜ୍ୟର ସାମରିକ ପରମ୍ପରା ସମ୍ବନ୍ଧରେ ଅନେକ ସୂଚନା ମିଳିଥାଏ । ଏତଦ୍‌ବ୍ୟତୀତ ଓଡ଼ିଶାର କବି ଓ ଲେଖକମାନଙ୍କ ଦ୍ୱାରା ରଚିତ ବିଭିନ୍ନ ସମର ସଂପର୍କୀୟ ପୁସ୍ତକ ଯଥା - ଗୋଦାବର ମହାପାତ୍ରଙ୍କ ଜୟ ଚିନ୍ତାମଣି, ହରିହର ଚତୁରଙ୍ଗ, ବାସୁଦେବ ରଥଙ୍କ ଗଙ୍ଗ ବଂଶାନୁଚରିତମ୍, ଗୋପୀନାଥ ତୁଙ୍ଗଙ୍କ ବୀର ସର୍ବସ୍ୱ, ନୀଳକଣ୍ଠ ମିଶ୍ରଙ୍କ ଗଂଜ ମହୋଦୟମ୍, ପୁରୁଷୋତ୍ତମ ଦାସଙ୍କ କାଞ୍ଚି କାବେରୀ, ବ୍ରଜନାଥ ବଡ଼ଜେନାଙ୍କ ସମରତରଙ୍ଗ, ମଧୁସୂଦନ ବିପ୍ରଙ୍କ ଫିରିଙ୍ଗି କଳିଭାରତ, କହ୍ନେଇ ଚମ୍ପତିରାୟଙ୍କ ପାଇକ ଖେଦା, କବି ଭାଗିରଥିଙ୍କ ରଣ ତରଙ୍ଗ, ଚୈତନ୍ୟ ଦାସଙ୍କ ଖଲ୍ଲିକୋଟ ଯୁଦ୍ଧ, ଜଗନ୍ନାଥ ମନ୍ଦିରର ମାଦଳା ପାଞ୍ଜି ଏବଂ ସାରଳାଦାସଙ୍କ ମହାଭାରତ ଇତ୍ୟାଦିରୁ ଓଡ଼ିଆ ସୈନ୍ୟମାନଙ୍କର ସମର ଅଭିଯାନ, ଗୁପ୍ତଚର ସଂଗଠନ, ଯୁଦ୍ଧହସ୍ତୀ ଏବଂ ଅଶ୍ୱମାନଙ୍କୁ ତାଲିମ ପ୍ରଦାନ ଏବଂ ଯୁଦ୍ଧରେ ବୀରତ୍ୱ ପ୍ରଦର୍ଶନ କରୁଥିବା ବୀରମାନଙ୍କୁ ସାମରିକ ଉପାଧି ପ୍ରଦାନ ସଂପର୍କୀୟ ବହୁ ତଥ୍ୟ ମିଳିଥାଏ ।

ମାଦଳା ପାଂଜି ବିବରଣୀ ଅନୁଯାୟୀ ଓଡ଼ିଶାର ପଦାତିକ ବାହିନୀ ମୁଖ୍ୟତଃ ୪ ଗୋଟି ଶ୍ରେଣୀରେ ବିଭକ୍ତ ଥିଲା ଏବଂ ଯୁଦ୍ଧ କ୍ଷେତ୍ରରେ ବାହିନୀପତି, ପାଇକରାୟ (commanders of infantry Divisions) ଦଳବେହେରା (Officer commanding detachments) ନାୟକ, ଗଡ଼ନାୟକ (Garrison commandants) ଏବଂ ବାହୁବଳେନ୍ଦ୍ର (Officer-in-Charge of non-combatants) ପ୍ରଭୃତିଙ୍କ ନିର୍ଦ୍ଦେଶ ଅନୁଯାୟୀ ସୈନ୍ୟବାହିନୀ ପରିଚାଳିତ ହେଉଥିଲା । ପଦାତିକବାହିନୀରେ ଭଟିକାର (Lance bearers) ଧାନୁକୀ (Archers) ଏବଂ ଫଂଡିକାର (Swordsmen) ପ୍ରଭୃତି ରହିଥିଲେ । ଭଟିକାର ଏବଂ ଧାନୁକୀମାନେ ପାର୍ବତ୍ୟ ଅଞ୍ଚଳ ଏବଂ ଦୂରବର୍ତ୍ତୀ ସ୍ଥାନରେ ରହି ଶତ୍ରୁ ଆକ୍ରମଣକୁ ବିଫଳ କରି ଦେଉଥିଲେ ।

ଓଡ଼ିଶାର ପାଇକ ସୈନ୍ୟମାନଙ୍କୁ ପାହାରୀ, ବଣୁଆ ଏବଂ ଢେଙ୍କିଆ ନାମରେ ୩ ଭାଗରେ ବିଭକ୍ତ କରାଯାଇଥାଏ । ପାହାରୀମାନେ ସଳଖ ଲମ୍ବା ଖଣ୍ଡା ଏବଂ ବଡ ଢାଲ, ବଣୁଆମାନେ ନଳିବନ୍ଧୁକ, ଛୋଟ ଖଣ୍ଡା ଓ ଢାଲ ଏବଂ ଢେଙ୍କିଆମାନେ ଧନୁଶର ଏବଂ ଖଣ୍ଡା ଇତ୍ୟାଦି ଅସ୍ତ୍ର ସାହାଯ୍ୟରେ ଶତ୍ରୁ ବିରୁଦ୍ଧରେ ଲଢୁଥିଲେ । ସୈନିକମାନେ ଯୁଦ୍ଧକ୍ଷେତ୍ରକୁ ଅଭିଯାନ କରିବାବେଳେ ଦଳବଦ୍ଧ ହୋଇ ରଣ ସଂଗୀତର ତାଳେ ତାଳେ ଗତି କରୁଥିଲେ ।

ପାଇକମାନେ ମଥାରେ ମହାବଳ ବାଘ କିମ୍ବା ଚିତାବାଘ ଚର୍ମରେ ନିର୍ମିତ ଟୋପି ପରିଧାନ କରୁଥିଲେ । ସମଗ୍ର ଶରୀରରେ

ହଳଦିଆ କାଇମାଟି ଲଗାଇବା ସହ ମଥାରେ ସିନ୍ଦୁରର ବଡ଼ ଟୋପା ଦେଉଥିଲେ । କହ୍ନେଇ ଚମ୍ପତି ରାୟଙ୍କ ପାଇକଖେଳ ପୁସ୍ତକରେ ଉଲ୍ଲେଖ ଅଛି ଯେ ପାଇକମାନେ ଘଣ୍ଟିମାଳ, ଘାଗୁଡି, କବଚ, ଗଣ୍ଡିଆ, କଳିଙ୍ଗି, ବାହୁଟି, ବାଘପିଟି, ରୂପାଚନ୍ଦ୍ର, ରୁଦ୍ରିମାଳ, ଚକ୍ର ଇତ୍ୟାଦି ପରିଧାନ କରୁଥିଲେ । ପାଇକମାନେ ଯୁଦ୍ଧରେ ବ୍ୟବହାର କରୁଥିବା ଅସ୍ତ୍ରଶସ୍ତ୍ରମାନଙ୍କ ମଧ୍ୟରେ ନଳି, ଝୁଲିକଟା, ଶଗଡ଼ି ନଳି, ଓଲଟା ଧାର ଖଣ୍ଡା, ହସ୍ତବର ଖଣ୍ଡା, ଖପର ଢାଲ, କଟାରି, ବାଙ୍କ ଛୁରୀ, କଟି ଢାଲ, ଧନୁଶର ଇତ୍ୟାଦି ପ୍ରଧାନ ଥିଲା ।

ହାତୀଗୁମ୍ଫା ଅନୁଶାସନରେ ଉଲ୍ଲେଖ ଅଛି ଯେ ଖାରବେଳଙ୍କ ସୈନ୍ୟବାହିନୀରେ ଚତୁରଙ୍ଗ ବଳ ଯଥା - ପଦାତିକ, ଅଶ୍ୱାରୋହୀ, ଗଜାରୋହୀ ଏବଂ ରଥାରୋହୀ ପ୍ରଭୃତି ରହିଥିଲେ । କୋଣାର୍କ ମନ୍ଦିର ଗାତ୍ରରେ ଗଜାରୋହୀ ଓ ଅଶ୍ୱାରୋହୀ ସୈନିକମାନେ ବିଭିନ୍ନ ମାରଣାସ୍ତ୍ରରେ ସଜ୍ଜିତ ହୋଇ ରାଜକୀୟ ପତାକା ଧାରଣ କରି ଯୁଦ୍ଧ କ୍ଷେତ୍ରକୁ ଅଭିଯାନ କରୁଥିବାର ଚିତ୍ର ଦେଖିବାକୁ ମିଳିଥାଏ ।

ପ୍ରାଚୀନ ଓଡ଼ିଶାରେ ଯୁଦ୍ଧ ଅଭିଯାନ ପୂର୍ବରୁ ରାଜା ଜ୍ୟୋତିଷମାନଙ୍କ ସହ ପରାମର୍ଶ କରିବା ପରେ ଯୁଦ୍ଧରେ ବିଜୟ ପାଇଁ ଦେବୀଙ୍କ ପାଖରେ ପୂଜା ଅର୍ଚ୍ଚନା କରୁଥିଲେ । ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଶାରେ ରାଜାମାନେ ରଣଦେବୀମାନଙ୍କ ପାଇଁ ସ୍ୱତନ୍ତ୍ର ମନ୍ଦିର ସବୁ ନିର୍ମାଣ କରିଥିବାର ଜଣାଯାଏ । ଯୁଦ୍ଧରେ ବିଜୟ ଲାଭ ପାଇଁ ରଣଦେବୀମାନଙ୍କ ନିକଟରେ ପଶୁବଳି ଓ ନରବଳି ମଧ୍ୟ ଦିଆଯାଉଥିଲା । ଓଡ଼ିଶାର ରଣଦେବୀମାନଙ୍କ ମଧ୍ୟରେ ଗଡ଼ଚଣ୍ଡୀ କନକଦୁର୍ଗା, ଖିଚିଙ୍ଗେଶ୍ୱରୀ, ମାଣିକେଶ୍ୱରୀ, ପାଟଣେଶ୍ୱରୀ, ଚଣ୍ଡୀ, ବରୁଣେଇ, କାଳିକା, ହସ୍ତେଶ୍ୱରୀ, ନାରାୟଣୀ, ବ୍ୟାଘ୍ର ଦେବୀ, ଭଗବତୀ, ସମଲେଇ, ଚର୍ଚ୍ଚିକା, ଭଟ୍ଟାରିକା, ହିଙ୍ଗୁଳା, ପ୍ରବଳା ଦେବୀ, କାଳୁଆ ଦେବୀ, ମଣିନାଗେଶ୍ୱର (ମଣିନାଗ) ପ୍ରଭୃତିଙ୍କ ନାମ ବିଶେଷ ଭାବରେ ଉଲ୍ଲେଖଯୋଗ୍ୟ ।

ଯୁଦ୍ଧ ଅନୁକୂଳ ପାଇଁ, ଶୁଭ ସମୟ ସ୍ଥିର କରିବା ପାଇଁ ଜ୍ୟୋତିଷମାନଙ୍କ ସାହାଯ୍ୟ ନିଆଯାଉଥିଲା । ଶଂଖ ଧ୍ୱନି, ରଣ ବାଦ୍ୟ ଏବଂ ରଣ କୁହାଟ ମଧ୍ୟରେ ଯୁଦ୍ଧ ଅଭିଯାନ ଆରମ୍ଭ ହେଉଥିଲା । ଯୁଦ୍ଧ ସାମଗ୍ରୀଗୁଡ଼ିକ ସାଧାରଣତଃ ହସ୍ତୀ, ଓଟ, ବଳଦ ଏବଂ ଶଗଡ଼ ଗାଡ଼ି ସାହାଯ୍ୟରେ ନିଆଯାଉଥିଲା । ଜ୍ୟୋତିଷ ଏବଂ ସେନାପତିଙ୍କ ପରାମର୍ଶ ଏବଂ ବାସ୍ତୁବିଦ୍ୟା ଅନୁଯାୟୀ ସ୍ଥାନ ସ୍ଥିର କରାଯାଇ ଯୁଦ୍ଧ ଶିବିର (Military Camp) ସ୍ଥାପନ କରାଯାଉଥିଲା । ଶିବିରରେ ସୈନିକମାନଙ୍କ ବ୍ୟତୀତ ପୁରୋହିତ, ବ୍ୟବସାୟୀ, ରାଜକୀୟ ମହିଳା, ବେଶ୍ୟା, ଗୁପ୍ତଚର ଇତ୍ୟାଦି ରହୁଥିଲେ ।

ଅଷ୍ଟାଦଶ ଶତାବ୍ଦୀରେ ରଚିତ ଗୋପୀନାଥ ତୁଙ୍ଗଙ୍କ ବୀରସର୍ବସ୍ୱ ପୁସ୍ତକରୁ ଓଡ଼ିଶାର ପ୍ରାଚୀନ ଏବଂ ମଧ୍ୟଯୁଗୀୟ ଶାସକମାନେ ରଣ କ୍ଷେତ୍ରରେ କରୁଥିବା ବିଭିନ୍ନ ବ୍ୟୂହ ରଚନା (Battle order) ମଧ୍ୟରୁ ମୁଖ୍ୟତଃ 'ସର୍ବତୋ ଭଦ୍ର ବ୍ୟୂହ, କର୍କଟ ବ୍ୟୂହ, ଶୃଙ୍ଗ ବ୍ୟୂହ, ଅର୍ଦ୍ଧଚନ୍ଦ୍ରିକ ବୃହ, ବଜ୍ରବ୍ୟୂହ, ଗୋମୁତ୍ରିକା ବ୍ୟୂହ, ଅହିସଂଚାରି ବ୍ୟୂହ, ମକର ବ୍ୟୂହ, ବରାହ ବ୍ୟୂହ, ମୁଷ୍ଟିକ ବ୍ୟୂହ, ଭୁଜଙ୍ଗ ବ୍ୟୂହ, ପଦ୍ମବ୍ୟୂହ, ଶକଟ ବ୍ୟୂହ, କ୍ରୌଞ୍ଚ ବ୍ୟୂହ, ସିଂହ ବ୍ୟୂହ, ଚକ୍ର ବ୍ୟୂହ, ଅଗ୍ନି ବ୍ୟୂହ, ପୁଷ୍କରିଣୀ ବ୍ୟୂହ ଇତ୍ୟାଦି ପ୍ରଧାନ । ଐତିହାସିକମାନଙ୍କ ମତରେ ଓଡ଼ିଶାରେ ମୋଗଲ ଏବଂ ମରହଟ୍ଟା ଶାସନ ସମୟରେ ହିଁ ଯୁଦ୍ଧରେ ଆଗ୍ନେୟାସ୍ତ୍ରର ବ୍ୟବହାର କରାଗଲା । ମୋଗଲମାନଙ୍କ ଶାସନ ସମୟରେ ତୋପ, କମାଣ, ଗଇନଳ, ହାତନଳ, ଜମ୍ବୁରକ, ଧମକା, ତୁଫଙ୍ଗ ଏବଂ ବିଭିନ୍ନ ପ୍ରକାର ପିସ୍ତଲର ବ୍ୟବହାର କରାଗଲା । ମରହଟ୍ଟା ଶାସନ ସମୟରେ ମସ୍‌କେଟ୍ (Musket), ପିସ୍ତଲ, ରିଭଲଭର (With three and five barrels), ଜଞ୍ଜାଲ ଇତ୍ୟାଦି ଯୁଦ୍ଧରେ ବ୍ୟବହାର କରାଯାଉଥିଲା ।

ଢେଙ୍କାନାଳ ରାଜା ଏବଂ ମରହଟ୍ଟାମାନଙ୍କ ମଧ୍ୟରେ ହୋଇଥିବା ଯୁଦ୍ଧରେ ତୋପର ବହୁଳ ବ୍ୟବହାର ବିଷୟ ସମର ତରଙ୍ଗ କାବ୍ୟରେ ଉଲ୍ଲେଖ ରହିଛି । ଢେଙ୍କାନାଳ ରାଜାଙ୍କ ବିଭିନ୍ନ ତୋପର ନାମ କାଳିକା ପ୍ରସାଦ , ଶତ୍ରୁଦମନ ନିଶପତି ।

ମୁଲକମୈଦାନ, ଘୋର ଗର୍ଜନ, ମହାବଳ, ଦୁର୍ଗା, ଠେଙ୍ଗା ସୁନ୍ଦରୀ, ଚଣ୍ଡୀ ପ୍ରସାଦ ଚଉପାହାଳ ଏବଂ ମଦନ ମୋହନ ଥିଲା ବୋଲି 'ସମର ତରଙ୍ଗ' କାବ୍ୟରୁ ଜଣାପଡ଼େ ।

ଓଡ଼ିଆ କବି ଭାଗିରଥିଙ୍କ ରଚିତ, ରଣ ତରଙ୍ଗ'ରେ ଓଡ଼ିଆ ସୈନିକମାନେ ଜଞ୍ଜାଳିବନ୍ଧୁକ, ଗଣ୍ଡିଆ, ପେଟକଟା ଏବଂ ନଳି ଇତ୍ୟାଦି ଅସ୍ତ୍ର ଯୁଦ୍ଧରେ ବ୍ୟବହାର କରୁଥିବା ବିଷୟ ଉଲ୍ଲେଖ ରହିଛି । 'ଖଲ୍ଲିକୋଟ ଯୁଦ୍ଧ ଚରିତ'ରେ ମଧ୍ୟ ନଳି, ଚନ୍ଦ୍ରକନଳି, ଏବଂ ତୋପ ଇତ୍ୟାଦି ଆଗ୍ନେୟାସ୍ତ୍ରର ଉଲ୍ଲେଖ ରହିଛି । କୋରାପୁଟ ଜିଲ୍ଲାର ପୂର୍ବତନ ଜୟପୁର ମହାରାଜାଙ୍କ ଦ୍ୱାରା ସଂଗୃହୀତ ଅସ୍ତ୍ରଶସ୍ତ୍ର ମଧ୍ୟରେ ଓଡିଶାର ପାରମ୍ପରିକ ଆଗ୍ନେୟାସ୍ତ୍ର ଯଥା - ଓଡିଆ ନଳି କେପୁନଳି, ଝକମକି ନଳି, ପବନ ନଳି, ଗୋଟା ତୋପ, କେପୁପିସ୍ତଲ, ଓଡ଼ିଆ ପିସ୍ତଲ ଏବଂ ତୋପ ଇତ୍ୟାଦି ପ୍ରଧାନ । ଓଡ଼ିଶା ରାଜ୍ୟ ସଂଗ୍ରହାଳୟ (Orissa State Museum)

ମଧ୍ୟରେ ମୋଗଲ ଓ ମରହଟ୍ଟା ଶାସନ କାଳର ବିଭିନ୍ନ ଆଗ୍ନେୟାସ୍ତ୍ର ଯଥା - ବନ୍ଧୁକ, ତୋପ, ପିସ୍ତଲ, ଏବଂ ଗୋଳାବାରୁଦ ପାତ୍ର (Gum Powder caskets) ଏବଂ ବାରବାଟି ଦୁର୍ଗ ଅଞ୍ଚଳରୁ ମିଳିଥିବା ଆଠ ଗୋଟି ତୋପ ସଂରକ୍ଷିତ ହୋଇଛି ।

ଅଷ୍ଟାଦଶ ଶତାବ୍ଦୀର ଶେଷଭାଗ ଓ ଊନବିଂଶ ଶତାବ୍ଦୀରେ ଓଡ଼ିଶାରେ ସ୍ଥାନୀୟ ଜମିଦାର ଏବଂ ରାଜାମାନେ ଶତ୍ରୁ ଆକ୍ରମଣର ମୁକାବିଲା ନିମନ୍ତେ ତୋପ ଓ ବନ୍ଧୁକର ବ୍ୟବହାର କରୁଥିବା ବିଷୟ ଐତିହାସିକମାନେ ଲିପିବଦ୍ଧ କରିଛନ୍ତି ।

ଖୋର୍ଦ୍ଧା ଭୋଇବଂଶୀୟ ଗଜପତି ରାଜାଙ୍କ ଶାସନ କାଳରେ ବିଭିନ୍ନ ଗଡ଼ର ମୁଖ୍ୟ (Command forts) ମାନଙ୍କୁ ପ୍ରଦାନ କରାଯାଇଥିବା ସାମରିକ ଉପାଧି ସମ୍ବନ୍ଧରେ ଚକ୍ରଧର ମହାପାତ୍ରଙ୍କ ଉତ୍କଳ ଇତିହାସର ଅଜ୍ଞାତ ଅଧ୍ୟାୟ ପୁସ୍ତକରେ ଉଲ୍ଲେଖ ରହିଛି । ସେଗୁଡ଼ିକ ନିମ୍ନରେ ଉଲ୍ଲେଖ କରାଗଲା ।

| | | |
|---|---|---|
| ରଙ୍ଗପଡ଼ା | - | ବୈରୀ ଗଂଜନ |
| ବାଉଁଶ ଗଡ଼ | - | ଫତେ ସିଂହ |
| ଗଡ଼ ମାଣିତ୍ରୀ | - | ପାଇକରାୟ |
| ଘାଟିକିଆ ଗଡ଼ | - | ଚମ୍ପତିରାୟ |
| ରଥପୁର | - | ରଣ ସିଂହ |
| ସିକୋ | - | ବାହୁ ବଳେନ୍ଦ୍ର |
| ଝାରପଡ଼ା | - | ହରିଚନ୍ଦନ |
| କମାଗୁରୁ | - | ଝପଟସିଂହ |
| ରଣପୁର | - | ଦକ୍ଷିଣ କବାଟ |
| ବାଙ୍ଗ ରୋବା | - | ଉତ୍ତର କବାଟ |
| ନମଗାରିଆ | - | ରଣବାଡ଼ |
| ଅଣ୍ଡାରୁଆ | - | ଗଡ଼ ବାଡ଼ |
| ନନ୍ଦପୁର | - | ବଳିୟାର ସିଂହ |
| କାସନ୍ଦା | - | ଦଳବେହେରା |
| ବକ୍ରକୋଟ | - | ବାଘସିଂହ |

| | | |
|---|---|---|
| ବାଘମାରୀ | - | ମାନସିଂହ |
| ବୋଲଗଡ଼ | - | ରାୟସିଂହ |
| ଧଉଳିଗଡ଼ | - | ସଂଗ୍ରାମସିଂହ |
| ଖୁରିଆ | - | ମରଗଜ ସିଂହ |
| ହରିଡା ପଡ଼ା | - | ମଙ୍ଗରାଜ |
| କୁଶୁପଲା | - | ବଳବନ୍ତ ରାୟ |
| ଗିରିମା | - | ଚମ୍ପୁପତି |
| ରୋଡଙ୍ଗ | - | ବକ୍ସୀ ବିଦ୍ୟାଧର ମହାପାତ୍ର |
| | | ଭ୍ରବରବର ରାୟ |

*ଉପ-ସଭାପତି*
*ଓଡ଼ିଆ ଯୁବଲେଖକ ସମ୍ମେଳନ*
*୩୪୦, ଜାଗମରା (ଜଗବାଗି)*
*ୟୁନିଟ୍ - ୨୦, ଭୁବନେଶ୍ୱର - ୩୦*

- x -

# ଲୋକ ସଂସ୍କୃତିରେ ଚିତା

ଶ୍ରୀ ବିଦ୍ୟାଧର ବାରିକ

ଓଡ଼ିଆ ଲୋକସଂସ୍କୃତିରେ ପ୍ରାକ୍‌ଐତିହାସିକ କାଳରୁ ଚିତାର ଏକ ବୈଶିଷ୍ଟ୍ୟ ରହି ଆସିଛି । ସମସ୍ତ ବୈଦିକ ଓ ଧର୍ମୀୟ ପରମ୍ପରାରେ ଚିତା ଏକ ଅବିଚ୍ଛେଦ୍ୟ ଅଙ୍ଗ । ପ୍ରତ୍ୟେକ ମାଙ୍ଗଳିକ କାର୍ଯ୍ୟରେ ଚିତା ସର୍ବପ୍ରଥମେ ସ୍ଥାନପାଏ । ବୈଦିକ କର୍ମକାଣ୍ଡରେ ଚିତାର ଉଲ୍ଲେଖ ନ ଥିଲେ ମଧ ପ୍ରଥମେ ଚିତା ନ ପଡ଼ିଲେ କୌଣସି ଦେବାର୍ଚ୍ଚନା ହୁଏ ନାହିଁ । ବେଦ, ଉପବେଦ, ଉପନିଷଦ, କର୍ମକାଣ୍ଡ ଓ ପୁରାଣମାନଙ୍କରେ ଦେବାର୍ଚ୍ଚନା ଓ ଯଜ୍ଞାଦି କର୍ମ ପାଇଁ ଉଦ୍ଦିଷ୍ଟ ଥିବା ମୁରଜ ବ୍ୟବହାରର ଉଲ୍ଲେଖ ଥିଲେ ମଧ ଲୋକ ସଂସ୍କୃତିରେ ବ୍ୟବହାରିକ ଚିତାର କୌଣସି ଉଲ୍ଲେଖ ନାହିଁ । ଚିତା ପ୍ରାଚୀନ କାଳରୁ କେବେ ଓ କେମିତି ପ୍ରଚଳିତ ହେଲା ତା'ର ସଠିକ୍ ସମୟ ନିରୂପଣ କରିବା କଠିନ ବ୍ୟାପାର । ପ୍ରାୟତଃ ସୃଷ୍ଟି ସର୍ଜନା କାଳରୁ ଚିତା ଲୋକ ସଂସ୍କୃତିରେ ସ୍ଥାନ ପାଇଛି । ବିଭିନ୍ନ ଧର୍ମୀୟ ଦେବଦେବୀ ଅର୍ଚ୍ଚନାରେ·ଚିତା ଏବଂ ମୁରୁଜ ବ୍ୟବହାରର ଏକ ସ୍ୱତନ୍ତ୍ର ଶୈଳୀ ଥିବାବେଳେ ଲୋକସଂସ୍କୃତିରେ ଅନ୍ୟ ପ୍ରକାର ସ୍ୱତନ୍ତ୍ରତା ଉପଲବ୍ଧ ହୁଏ ।

ଲୋକ ସଂସ୍କୃତିରେ ହିନ୍ଦୁ ରମଣୀମାନେ ଚିତାପକା ପରମ୍ପରାରେ ଧୁରନ୍ଧର । ଚିତାପକା କେହି କାହାରିକୁ ଶିକ୍ଷାଦିଏ ନାହିଁ, କିମ୍ୱା କୌଣସି ବୈଷୟିକ ଜ୍ଞାନର ମଧ୍ୟ ପ୍ରୟୋଜନ ନାହିଁ । ଚିତାପକା ଯେପରି ମାତୃଗର୍ଭରେ ଶିଶୁ ଶିଖି ଭୂମିରେ ପାଦ ଦେଇ ଥାଏ । ପରମ୍ପରା ଭାବେ ପ୍ରତ୍ୟେକ ମାଆ ଠାରୁ ଝିଅ ଓ ଶାଶୁଠାରୁ ବୋହୂ ଦେଖି ଚିତା ପକାନ୍ତି । ପ୍ରତ୍ୟେକ ଓଷାବ୍ରତ, ପୁନେଇ ପାର୍ବଣ ଓ ଦେବ-ଦେବୀ ଅର୍ଚ୍ଚନାରେ ଓଡ଼ିଆ ରମଣୀମାନଙ୍କର ଚିତା ପକାର ପରମ୍ପରା ପରିଦୃଷ୍ଟ । ଏହା ଗତାନୁଗତିକ ଚଳି ଆସୁଛି ଓ ଚଳୁଥିବ ମଧ୍ୟ ।

ଲୋକ ସଂସ୍କୃତି ଏକ କୃଷି ପ୍ରଧାନ ସଂସ୍କୃତି । ପ୍ରତ୍ୟେକ କୃଷି ସମ୍ପର୍କିତ ଓଷାବ୍ରତ, ତିଥି, ନକ୍ଷତ୍ରକୁ ନେଇ ଚିତାର ଏକ ସ୍ୱତନ୍ତ୍ର ଶୈଳୀ ଅଛି । ଚିତା ପକାଇବା ପାଇଁ କୌଣସି ରଙ୍ଗ ବା ତୁଳୀର ଆବଶ୍ୟକତା ହୁଏ ନାହିଁ । କୃଷିଜାତ ଅରୁଆ ଚାଉଳକୁ ପାଣିରେ ଭିଜାଇ ତାହା ଶୀଳରେ ବାଟି, କପଡ଼ାରେ ଛାଣି ଦେଲେ ଯେଉଁ ପିଠୋଉ ପାଣି ବାହାରେ, ତାହା ଚିତାପକାର ଆଧାର ହୁଏ । ଏହାକୁ ଝୋଟି ପାଣି କୁହନ୍ତି । ଏହି ଝୋଟି ପାଣିକୁ ହାତ ସାହାଯ୍ୟରେ ବିଭିନ୍ନ ଶୈଳୀରେ ନିକ୍ଷେପ କଲେ ତାହା ସୁନ୍ଦର ଭାବେ ଚିତା ପଡ଼ିଯାଏ । କେତେକ କ୍ଷେତ୍ରରେ କାଠିରେ କପଡ଼ା ଗୁଡ଼ାଇ ତୁଳୀ କରାଯାଏ । ଏହି ତୁଳୀ ଦ୍ୱାରା ବିଭିନ୍ନ ପ୍ରକାର ଚିତ୍ର ଆଙ୍କିବାର ସୁବିଧା ହୁଏ । ମୁଖ୍ୟତଃ ହାତର ଆଙ୍ଗୁଳି ଛିଟା ଦ୍ୱାରା ଚିତା ପଡ଼େ । ଚିତା ଉପରେ ଆଙ୍ଗୁଳିଦ୍ୱାରା ଟିପା ଦେଇ ଅଧିକ ଆକର୍ଷଣୀୟ କରାଯାଏ । ଝୋଟି ସହିତ ହାଉ, ସିନ୍ଦୁର ଦେଇ ଚିତାକୁ ସୁନ୍ଦର ଭାବେ ସଜାଯାଏ ।

ନିତ୍ୟ ବ୍ୟବହାର୍ଯ୍ୟ ଓ ଦୈନନ୍ଦିନ ରୀତିରେ କୃଷିର ଶୁଭାରମ୍ଭ ବୈଶାଖ ମାସ ପଣା ସଂକ୍ରାନ୍ତିଠାରୁ ଆରମ୍ଭ ହୋଇ ଅକ୍ଷୟ ତୃତୀୟାରେ ଅନୁକୂଳ ହୁଏ । ଗୃହିଣୀମାନେ ପ୍ରାତଃକାଳରୁ ସ୍ନାନମାର୍ଜନ ହୋଇ ଗୋମୟ ଦ୍ୱାରା ଦାଣ୍ଡଦ୍ୱାର ଓ ପୂଜାମଣ୍ଡପ ଲିପାପୋଛା କରି ଚାଉଳମଣ୍ଡ ଝୋଟି ପାଣିରେ ଦ୍ୱାରବନ୍ଧ ଦୁଇକଡ଼ରେ ଚିତା ପକାନ୍ତି । ନିଜର ହାତ ଓ ଆଙ୍ଗୁଳି ଦ୍ୱାରା ଝୋଟି ପାଣିକୁ ଛିଞ୍ଚାଡ଼ି ଧାନ କେରାକେରା କରି ଧାନଗଛ ଚିତା କରି ଉପରି ଭାଗରେ ଆଙ୍ଗୁଳି ଦ୍ୱାରା ଧାନଚିତ୍ର ବା ଚାରି ଆଙ୍ଗୁଳି ଚିତା ଥାକ ଥାକ କରି ଦିଅନ୍ତି । ଚିତା ଉପରେ ସିନ୍ଦୁର ଦେଇ ଆକର୍ଷଣୀୟ କରନ୍ତି ଓ ଦ୍ୱାର ଦେଶ ଦକ୍ଷିଣ ପଟରେ କଳସ ବସାଇ ଝୋଟି ଦେଇ ପୂଜା କରନ୍ତି । ତତ୍‌ପରେ ଘର ଅଗଣାରେ ଅକ୍ଷିମୁଠୀ ପୂଜା ପାଇଁ ଝୋଟିରେ ଚିତା ପକାଇ ପୂଜାମଣ୍ଡପ ସଜାଡ଼ି ଦିଅନ୍ତି । ମଣ୍ଡପ ମଧ ଭାଗରେ ଝୋଟି ପାଣି ବୁନ୍ଦା ବୁନ୍ଦା କରି ଛିଞ୍ଚି ଦେଇଥାନ୍ତି ।

ଝୋଟିପକା ପ୍ରତ୍ୟେକ ଓଷା ବାରରେ ଏକ ସ୍ୱତନ୍ତ୍ର ରୂପ ନିଏ ।

ରଜ ପର୍ବ ଓଡ଼ିଶାର ଏକ ପ୍ରଧାନ କୃଷିପର୍ବ । ଏହି ପର୍ବର ଅବ୍ୟବହିତ ପୂର୍ବରୁ ରଜ ସଜବାଜ ଆରମ୍ଭ ହୁଏ । ପ୍ରତ୍ୟେକ କୃଷକ ଗୃହ କାନ୍ଥରେ ଝୋଟି ଚିତା ପଡ଼େ । କାନ୍ଥର ଦୁଇ ପାଖରେ ଝୋଟି ଦ୍ୱାରା ଥାକ ଥାକ ହୋଇ ଧାନ ଗଦାର ଚିତ୍ର ହୁଏ । ଗଦା ଉପରେ ହାତ ଆଙ୍ଗୁଳି ସାହାଯ୍ୟରେ ଧାନ ଶିଶା ଓ ଫୁଲର ଚିତ୍ର ହୋଇ ମଝିରେ ଡାଉ ବା ସିନ୍ଦୁର ଦିଆଯାଏ । କେତେକ ଆଧୁନିକ ଶୈଳୀରେ ବଗ, ବଗୁଲୀ, କପୋତ କପୋତୀ, ପାଞ୍ଚପାଖୁଡ଼ିଆ ଫୁଲ, ଛଅ ଆଖିଆ ବନ୍ଧନୀ ଇତ୍ୟାଦି କରି ଘରବାରଣ୍ଡା ଓ ପିଣ୍ଡାରେ ଝୋଟି ଚିତା ଦେଇ ସୁନ୍ଦର ଭାବେ ସଜାଇ ରଜପର୍ବକୁ ସ୍ୱାଗତ କରି ଥାଆନ୍ତି । ରଜ ପର୍ବର ବିଦାୟ ସମ୍ବର୍ଦ୍ଧନାରେ ବସୁମତୀ ଗାଧୁଆ ପାଳନ କରି କୃଷକ ଗୃହିଣୀ ପୃଥିବୀ ମାତାଙ୍କୁ ସମ୍ମାନିତ କରେ । ଭୂଇଁ ନଅଣ ଦିନ ପ୍ରଭାତରୁ ଘର ଅଗଣା ଲିପି ପୋଛି ଝୋଟି ଚିତା ଦେଇ ମଣ୍ଡପ ସଜାଡ଼ି ଦିଏ । ଏହି ମଣ୍ଡପ ଉପରେ ପୀଢ଼ା ଉପରେ ଶିଳପୁଆ ରଖି ସୋରିଷ, ତୁଳା ହଳଦୀ ଦେଇ ବସୁମତୀଙ୍କୁ ଗାଧୋଇ ଦିଏ ।

ଝୋଟି ଚିତା ପ୍ରତ୍ୟେକ ପର୍ବ ପାଇଁ ସ୍ୱତନ୍ତ୍ର ଭାବେ ଗ୍ରହଣ କରାଯାଏ । ରାକ୍ଷୀ ବା ଗହ୍ମା ପୂର୍ଣ୍ଣମୀରେ କୃଷକ ଗୃହିଣୀ ସଯତ୍ନେ ଲିପାପୋଛା କରି , ଗୁହାଳ କାନ୍ଥରେ କୃଷିରେ ବ୍ୟବହୃତ ଲଙ୍ଗଳ, ୟୁଆଳୀ, କୋଡ଼ି, କୋଦାଳ, ମଇ,ବିଦା ପାଞ୍ଚଣ ଇତ୍ୟାଦି ଚିତ୍ର ଆଙ୍କେ । ବଳଦ ଓ ଗାଈ ବନ୍ଧା ହେଉଥିବା ଖୁଣ୍ଟ ପାଖ କାନ୍ଥରେ ସେହି ସବୁ ଗାଈ, ବଳଦ ଓ ବାଛୁରୀମାନଙ୍କର ଚିତ୍ର ଝୋଟି ସାହାଯ୍ୟରେ କରି, ସିନ୍ଦୁର ଦେଇ ସଜାଇ ଦିଏ । ସନ୍ଧ୍ୟାରେ ଗାଈ ଗୋରୁଙ୍କୁ ଫୁଲ ଚନ୍ଦନ ଦେଇ ବନ୍ଦାପନା କରି ପିଠା ଖୋଇ ଦିଏ ।

କେତେକ ଗୋରୁ ଗୁହାଳରେ ନିଜ ବା ଖରୀ ରାନ୍ଧି ଚାଷ କାର୍ଯ୍ୟରେ ବ୍ୟବହୃତ ଚିତ୍ର ନିକଟରେ ନୈବେଦ୍ୟ ଦେଇଥାନ୍ତି ।

ଆଶ୍ୱିନ ମାସରେ ଦୁର୍ଗାଦେବୀଙ୍କର ଷୋଡଶ ଦିବସୀୟ ପୂଜା ଅବସରରେ କୃଷକ ଗୃହିଣୀ ଦୁର୍ଗାଷ୍ଟମୀ ଅବ୍ୟବହିତ ପୂର୍ବରୁ ବାସଗୃହ ପ୍ରବେଶ ଦ୍ୱାର ଦୁଇ ପାର୍ଶ୍ୱ କାନ୍ଥରେ ଏକ ସ୍ୱତନ୍ତ୍ର ଧରଣର ଚିତା ଆଙ୍କେ । ଏହା ଭକ୍ତ ପକ୍ଷ ଓ ଦେବୀ ଦୁର୍ଗାଙ୍କୁ ସ୍ୱାଗତ କରି ଦ୍ୱାର ବନ୍ଧ କାନ୍ଥ କଡ଼ରେ ପ୍ରଥମେ ଝୋଟିରେ କୋଠୀ କଟାଯାଇ ମଝିରେ ଡାଉ ପଥର ଘୋରା ଡାଉ ରଙ୍ଗର ଟୋପା ଦିଆଯାଇ ଏକ ସୁନ୍ଦର ପରିପାଟିରେ ମଣ୍ଡିତ କରାଯାଏ । ପ୍ରାୟ ସମସ୍ତ ହିନ୍ଦୁ ଗୃହ କାନ୍ଥରେ ଏହି ଚିତ୍ର ଅଙ୍କାଯାଏ । ଏହି ଅବସରରେ ପରିବାରର କୌଳିକ ପୂଜା କେତେକ ପାଳନ କରନ୍ତି । ସେମାନେ ନିଜ କାନ୍ଥରେ ଝୋଟି ଦ୍ୱାରା ଧାନଗଦା ଥାକ୍ ଥାକ କରି ଶୀର୍ଷ ଦେଶରେ ଆଙ୍ଗୁଳି ଚିହ୍ନରେ ଟୋପା ଦେଇ ସଜାନ୍ତି ଓ ସିନ୍ଦୁର ଡାଉ ଦ୍ୱାରା ବିଭିନ୍ନ ଫୁଲ, ଫଳ ଓ ଗଛର ଚିତ୍ର ମଧ୍ୟ କରିଥାଆନ୍ତି ।

କାର୍ତ୍ତିକ ବ୍ରତ ପାଳନ ଅବସରରେ କାର୍ତ୍ତିକ ପୂର୍ଣ୍ଣମୀ ପର୍ଯ୍ୟନ୍ତ ପ୍ରଭାତରୁ ସ୍ନାନ କରି ବାସଗୃହ ପ୍ରାଙ୍ଗଣରେ ଥିବା ତୁଳସୀ ଚଉରା ମୂଳକୁ ଗୋମୟରେ ଲିପି ଝୋଟି ଦେଇ ପଞ୍ଚରଙ୍ଗୀ ମୁରୁଜରେ ବିଭିନ୍ନ ଦେବଦେବୀ ଓ ଜୀବଜନ୍ତ ତଥା ଫଳ ଫୁଲ ଚିତ୍ର ଅଙ୍କାଯାଏ । ଏହି ପଞ୍ଚରଙ୍ଗୀ ମୁରୁଜରେ ପ୍ରାକୃତିକ ଅରୁଆ ଚାଉଳ ଗୁଣ୍ଡ, ଅଙ୍ଗାରଗୁଣ୍ଡ, ଇଟା ବା ଡାଉ ଗୁଣ୍ଡ, ହଳଦୀଗୁଣ୍ଡ ଓ ସିନ୍ଦୁରକୁ ବ୍ୟବହାର କରାଯାଏ । ଆକାଶ ଦୀପରେ ବ୍ୟବହୃତ ମାଟି ହାଣ୍ଡିରେ ଦୀପ ସହିତ ଝୋଟି ଦ୍ୱାରା ବିଭିନ୍ନ ଚିତ୍ର ବିଚିତ୍ର କରାଯାଇ ଆକାଶ ଦୀପ ଦିଆଯାଏ ।

ମାର୍ଗଶିର ମାସରେ ପ୍ରତ୍ୟେକ କୃଷକ ଗୃହିଣୀ ମାଲକ୍ଷ୍ମୀଙ୍କୁ ଆବାହନ କରେ । ପ୍ରତ୍ୟେକ ଗୁରୁବାର ଦିନ ପ୍ରଭାତରୁ ଗୃହ ଲିପି କାନ୍ଥରେ ଧାନ ଶିଶା ଓ ଧାନ ଗଦାର ଚିତ୍ର ଆଙ୍କେ । ଲକ୍ଷ୍ମୀପୂଜା ବା ମାଣ ବସା ଦିନ ପ୍ରଭାତରୁ ବାସଗୃହ ଦ୍ୱାରଦେଶରେ ଲକ୍ଷ୍ମୀ ପାଦ ଓ ପଦ୍ମଫୁଲର ଚିତ୍ର ଧାଡ଼ି ଧାଡ଼ି କରିଦିଏ । ଏହି ଲକ୍ଷ୍ମୀ ପାଦ ନିଜ ହାତକୁ ମୁଠାକରି ଝୋଟିରେ ବୁଡ଼ାଇ ମାଟିରେ ମାଡ଼ିଦେଲେ ଏକ ପାଦ ଚିତ୍ର ହୁଏ । ମୁଠାର ଶେଷ ଅଂଶ ଅଙ୍କା ଥିବା ସ୍ଥାନରେ ଆଙ୍ଗୁଳୀ ସାହାଯ୍ୟରେ ପାଦଚିତ୍ରରେ ଆଙ୍ଗୁଳୀ କରିଦିଏ ଓ ପାଦତଳକୁ ଆଙ୍ଗୁଳୀ ଦ୍ୱାରା ପଦ୍ମ ଫୁଲ ଚିତ୍ର କରି ମା' ଲକ୍ଷ୍ମୀଙ୍କୁ ଆବାହନ କରେ ।

କୁଆଁର ପୂର୍ଣ୍ଣମୀର ଅବ୍ୟବହିତ ପୂର୍ବରୁ କୁଆଁରୀ କନ୍ୟା ମାନଙ୍କର ଗାଁ ଦାଣ୍ଡରେ ପୁଞ୍ଚି ଖେଳ ସାଙ୍ଗକୁ ଜହ୍ନି ଆଣ୍ଠୁଣି ଓଷା ପାଇଁ ଝୋଟି ଏକ ଅପରିହାର୍ଯ୍ୟ ଅଙ୍ଗ । ଗାଁ ଝିଅମାନେ ଗୋଟିଏ କାଠ ପୀଢ଼ା ଉପରେ ଗୋବର ପିଣ୍ଡୁଳା ଥୋଇ ତାକୁ ଝୋଟି ଚିତାରେ ଚିତ୍ର ବିଚିତ୍ର କରି ଗୋବର ପେଣ୍ଡୁଳା ଉପରେ ଜହ୍ନିଫୁଲ ଦେଇ ହୁଳ ହୁଳୀ ପକାଇ ଗାଁର ଘର ଘର ବୁଲି "ଜହ୍ନିଫୁଲ ଟୋ ଠା, କଖାରୁ ଫୁଲ ଟୋ ଠା ଓ କାକୁଡ଼ି ଫୁଲ ଟୋ ଠା " ସହିତ କୁଆଁର ପୁନେଇ ଜହ୍ନଲୋ ଫୁଲ ବଉଳ ବେଣୀ ଇତ୍ୟାଦି ଗୀତ ଗାଇ ଥାଆନ୍ତି ଓ ଗାଁ ଘରମାନଙ୍କରୁ ଚାଉଳ ପଇସା ମାଗଣ କରି, କୁଆଁର ପୂର୍ଣ୍ଣମୀରେ ଚାନ୍ଦ ବନ୍ଦାଇ ଓଷା ଉଦ୍‌ଯାପନ କରନ୍ତି । ଏହି ଚାନ୍ଦ ବନ୍ଦାଣ ପାଇଁ ତୁଳସୀ ଚଉରା ମୂଳକୁ ଲିପା ପୋଛା କରି ଝୋଟି ଚିତା ଦେଇ ଅତି ଆକର୍ଷଣୀୟ ଭାବେ ସଜାଇ ଥାନ୍ତି । ବର୍ତ୍ତମାନ ଏହି ଉତ୍ସବ ପରିବର୍ତ୍ତିତ ହୋଇ ନୂଆ ରୂପରେ କ୍ରମାଗ

ଉତ୍ସବ ପାଳନ ହେଉଛି । କିନ୍ତୁ କୁମାରୀ ଉତ୍ସବ ଆଧୁନିକ ସଭ୍ୟତାରେ ଲୁଚିଗଲାଣି ।

ପରମ୍ପରା ସଂସ୍କୃତିରେ ପାଳନ ହେଉଥିବା ପୌଷପୂର୍ଣ୍ଣମୀ, ଶାମ୍ବଦଶମୀ, ଭାଲୁକୁଣୀ ଓଷା, ବାଟଓଷା, ଯୁଆଁଅ ଓଷା, ଗଣେଶ ବ୍ରତ, ଗୌରୀବ୍ରତ, ସୁଦଶାବ୍ରତ, କୁକୁଟବ୍ରତ, ରାମ ନବମୀ, ତାଳ ନବମୀ, ମହାଳୟା, ପୟା ଅମାବାସ୍ୟା, ବକୁଳ ଅମାବାସ୍ୟା, ପ୍ରଥମାଷ୍ଟମୀ, ଚନ୍ଦନପୂର୍ଣ୍ଣିମା, ସରସ୍ୱତୀ ପୂଜା, ବିଶ୍ୱ କର୍ମାପୂଜା, ଲକ୍ଷ୍ମୀ ନାରାୟଣ ପୂଜା, କାର୍ତ୍ତିକେୟ ପୂଜା, କାଞ୍ଜିଅ ଅଳାଓଷା, ଦୋଳପୂର୍ଣ୍ଣିମା ଇତ୍ୟାଦିରେ ଝୋଟି ଚିତାର ଆବଶ୍ୟକତା ଓଡ଼ିଆ ସଂସ୍କୃତିରେ ବଞ୍ଚି ରହିଛି । ଗର୍ଭଣା ସଂକ୍ରାନ୍ତିରେ ପ୍ରତ୍ୟେକ କୃଷକ ପରିବାରରେ କାଠୀମରା ଚାଷୀ ଉତ୍ସବ ପାଳନ ହୁଏ । ଏଥିପାଇଁ ପ୍ରଭାତ ସମୟରୁ କୃଷକ ଗୁହାଳୀ ଡାଳ, ସୁନାରୀ ଡାଳ ଓ ପେଡ଼ି ପେଡ଼ିକା ଡାଳ ସଂଗ୍ରହ କରି ଘର ଅଗଣାରେ ଏହିସବୁ ଡାଳ ଉପରେ ଝୋଟି ପକାଇ ଫୁଲ ଚନ୍ଦନ ଦେଇ କଳସ ସହ ପୂଜାକରେ । ଭୋଗ ନୈବେଦ୍ୟ ଦେଇ ଗୃହିଣୀର ହୁଳହୁଳୀ ସହ ଅନୁକୂଳରେ କାଠୀ ମାରିବାକୁ କୃଷକ ନିଜ କ୍ଷେତ କିଆରୀକୁ ଯାଏ ।

ବିବାହ ବ୍ରତ ଉତ୍ସବରେ ପ୍ରଥମେ ଦିଅମଙ୍ଗୁଳା ଭାବେ ଗ୍ରାମଦେବତୀ ମନ୍ଦିରରେ ଜ୍ଞାତି କୁଟୁମ୍ବର ଓ ଗ୍ରାମର ସାତ ଅଇୟମାନେ ଦିଅମଙ୍ଗଳାଇଥାନ୍ତି । ଏହି ଗ୍ରାମଦେବତୀଙ୍କୁ ପୂଜା ଆରାଧନା ସହ ଝୋଟିଚିତା ଦେଇ ଗ୍ରାମର ସାତଘର ଗ୍ରାମବାସୀ ଘରୁ ସାତ ଅଇୟଙ୍କ ହାତରୁ ପାଣି ଆଣିବା ସହ ଗ୍ରାମର ଘରମାନଙ୍କ କାନ୍ଥରେ ଝୋଟି ଚିତା ଦେଇଥାନ୍ତି । ଏହା ଦ୍ୱାରା ଗ୍ରାମର ସମସ୍ତ ଗ୍ରାମବାସୀ ଓ ଜ୍ଞାତି କୁଟୁମ୍ବମାନଙ୍କ ଘରେ ଝୋଟି ପଡ଼ିଥାଏ । ଏହି ଝୋଟିରେ ମଣ୍ଡା ଓ ଗଇଣ୍ଠାଳ ଚିତା ଦିଆଯାଏ । ଘରର ଦ୍ୱାର ଦେଶରେ ମଣ୍ଡାଚିତା ଓ ଅନ୍ୟ ତିନିପଟେ ଗଇଣ୍ଠାଳ ଚିତା ଦିଆଯାଏ । ଏହି ମଣ୍ଡା ଚିତା ପାଇଁ ଧଳାକପଡ଼ା ମଝିରେ ତୁଷକୁଣ୍ଡା ଦେଇ ଗୋଲାକାର ଭାବେ ବନ୍ଧାଯାଇ ଝୋଟି ପାଣିରେ ବୁଡ଼ାଇ କାନ୍ଥରେ ଲଗାଇ ଦେଲେ ଗୋଟିଏ ଗୋଲାକାର ମଣ୍ଡାଚକି ଆକୃତି ହୁଏ । ଗଇଣ୍ଠାଳ ପାଇଁ ଗୋଟିଏ ବାଉଁଶକୁ ବଡ଼ା ଅଗରେ କପଡ଼ାଗୁଡ଼ାଇ ଝୋଟି ପାଣିରେ ବୁଡ଼ାଇ କାନ୍ଥରେ ପିଟିଦେଲେ ତାହା ଲମ୍ବମାନ ହୋଇ ଗଇଣ୍ଠା ଚିତ୍ର ହୁଏ । କେତେକ କ୍ଷେତ୍ରରେ ବାରିକାଣୀମାନେ ଘର ଘର ବୁଲି ଚିତା ପକାନ୍ତି । ବିବାହପରେ ମଧୁଚନ୍ଦ୍ରିକା ଗୃହରେ ସ୍ୱତନ୍ତ୍ର ଭାବେ ଝୋଟିଚିତା ଦିଆଯାଇ ବାସର ଗୃହ ସଜାଯାଏ । ବାସର ଗୃହ କାନ୍ଥରେ ଝୋଟି ଦ୍ୱାରା ଗୋଟିଏ ଚତୁଃକୋଣ କ୍ଷେତ୍ର କରାଯାଇ ତାର ପଥରକୁ ଘୋରି ତ୍ରାଉର ରଙ୍ଗ ଦ୍ୱାରା ସବାରୀ, ପାଲିଙ୍କି ଓ ବରକନ୍ୟାଙ୍କ ଚିତ୍ର ଅଙ୍କାଯାଏ ।

ପିଲାଟିଏ ଜନ୍ମଲାଭ କଲେ ଜନ୍ମର ଷଷ୍ଠ ଦିବସରେ ଷଠୀଘର ପୂଜାହୁଏ । ଏହି ପୂଜାରେ ପିଲା ଜନ୍ମ ହେବା କାନ୍ଥରେ ଷଷ୍ଠୀଘର କୋଠୀ ସଜାଯାଏ । ଏହି କୋଠୀରେ କୋଉଡି ସିନ୍ଦୁର ଓ ଝୋଟି ଚିତାର ଆବଶ୍ୟକ ହୁଏ । ମାନସିକ ଲୋକମାନେ ଦେବଦେବୀଙ୍କୁ ପୂଜାର୍ଚ୍ଚନା ସମୟରେ ଦେବ ମନ୍ଦିରରେ ଝୋଟି ଚିତା ସହ ଦେବତାମାନଙ୍କୁ ରୌପ୍ୟ କିମ୍ବା ସ୍ୱର୍ଣ୍ଣର ଚିତା ଅର୍ପଣ କରିନ୍ତି ।

**ମୁରୁଜଚିତା:**

ସେହି ଆବହମାନ କାଳରୁ ବେଦ ସମ୍ମତ ମୁରୁଜ ଚିତା ପରମ୍ପରା କ୍ରମେ ପ୍ରଚଳିତ ହେଉଛି । ଏହି ମୁରୁଜ କୃଷି ଓ ପ୍ରକୃତିଗତ । ଅରୁଆ ଚାଉଳ ଚୂନା, ଇଟା ବା ଡାଉ ଗୁଣ୍ଡି, ହଳଦୀ ଗୁଣ୍ଡି, ଅଙ୍ଗାର କୋଇଲା ଗୁଣ୍ଡି ଓ ସିନ୍ଦୁରକୁ ନେଇ ପଞ୍ଚ ମୁରୁଜ କୁହାଯାଏ । ମୁରୁଜ ପ୍ରତ୍ୟେକ ଜନ ଜୀବନରେ ଏକ ଅପରିହାର୍ଯ୍ୟ । ମୁରୁଜ ସାହାଯ୍ୟରେ ପୂଜାକୋଠୀ, ଦେବ-ଦେବୀଙ୍କର ଚିତ୍ର, ଫଳପୁଷ୍ପ, ପଶୁପକ୍ଷୀ, ବୃକ୍ଷଲତା ଓ ଜୀବଜନ୍ତୁମାନଙ୍କର ଚିତା କରାଯାଇ ପାରେ । ପ୍ରତ୍ୟେକ ପରିବାରରେ ବିଭିନ୍ନ ଦେବଦେବୀ ପୂଜା, ଶ୍ରାଦ୍ଧ ମହାଳୟା, ଯଜ୍ଞାଦିକାର୍ଯ୍ୟ ପାଇଁ ମୁରୁଜ ବ୍ୟବହାର କରନ୍ତି । କାର୍ତ୍ତିକ ବ୍ରତରେ ତୁଳସୀ ଚଉରା ନିକଟରେ ମୁରୁଜ ଦ୍ୱାରା ବିଭିନ୍ନ ଦେବଦେବୀ ଓ ବାଲୁକା ସ୍ତୂପରେ ମୁରୁଜ ଦେଇ ଦେବତା ଭାବରେ ପୂଜା କରାଯାଏ । ବିବାହ ବ୍ରତ, ଗୃହ ପ୍ରତିଷ୍ଠା, କୂପ ଓ ଜଳାଶୟ ପ୍ରତିଷ୍ଠା, ବିଦ୍ୟାରମ୍ଭ, କର୍ଣ୍ଣବେଧ ଓଡରୁ ଓ ରୁଦ୍ର ପ୍ରତିଷ୍ଠା ଇତ୍ୟାଦିରେ ପଞ୍ଚମୁରୁଜର ଚିତା ନିହାତି ଆବଶ୍ୟକ ହୁଏ ।

ଝୋଟି ଚିତା ଓ ମୁରୁଜ ଚିତା ଏକ ଆଧାତ୍ମିକ ଶକ୍ତିର ଉତ୍ସ । ଏହା ଲୋକ ସଂସ୍କୃତିରେ ଗତାନୁଗତିକ ଭାବେ ଚଳି ଆସୁଛି । ବର୍ତ୍ତମାନ ଆଧୁନିକ ସଭ୍ୟତାରେ ବିଜ୍ଞାନର ଅଗ୍ରଗତିରେ ଚିତାକୁ ଆକର୍ଷଣୀୟ କରିବାକୁ ବହୁ କ୍ଷେତ୍ରରେ କୃତ୍ରିମ ରାସାୟନିକ ରଙ୍ଗ ବ୍ୟବହାର କରାଯାଉଥିଲେ ମଧ୍ୟ ଏହା ଝୋଟି ଓ ମୁରୁଜ ଚିତାର କୌଣସି ଅବକ୍ଷୟ କରିପାରି ନାହିଁ । ପ୍ରଚଳିତ ରାସାୟନିକ ରଙ୍ଗ କାତଗ୍‌ଣ୍ଡି, ବ୍ରୋଞ୍ଜ୍ ଇତ୍ୟାଦି ଦେଖିବାକୁ ସୁନ୍ଦର ହେଲେ ମଧ୍ୟ ତାହା ବୈଦିକ କାର୍ଯ୍ୟରେ ବ୍ୟବହାର ପାଇଁ ଅନୁପଯୋଗୀ ।

**ଶରୀରରେ ଚିତା:**

ପ୍ରାଚୀନ କାଳରୁ ଚଳିଆସୁଥିବା ଶରୀର ଉପରେ ଚିତା କ୍ରମେ ହ୍ରାସ ପାଉଛି । ଏହି ଚିତା ଯୋଗୁଁ ଦେହର ବିଭିନ୍ନ ଅଂଶ ଅସୁନ୍ଦର ଦେଖାଦେବାରୁ କ୍ରମେ ଶରୀର ଚିତା କୁଟାଇବା କମି କମିଆସୁଛି । ବର୍ତ୍ତମାନ ମଧ୍ୟ ଆଦିବାସୀ ବହୁଳ ଅଞ୍ଚଳରେ ଶରୀରରେ ଚିତା

କୁଟାଇବା ପ୍ରଥା ପ୍ରଚଳିତ । ଶରୀରରେ ଚିତା କୁଟାଇବାପାଇଁ ବିଭିନ୍ନ ପର୍ବ ପର୍ବାଣୀରେ ମେଳା ମାନଙ୍କରେ ଚିତା କୁଟାଳୀମାନେ ଦୋକାନ ଦେଇ ଚିତାକୁଟାନ୍ତି । ଘର ଘର ବୁଲି ଏକ ନିର୍ଦ୍ଦିଷ୍ଟ ସଂପ୍ରଦାୟର ସ୍ତ୍ରୀ କିମ୍ବା ପୁରୁଷ ଲୋକମାନେ କଳା, ଛୁଞ୍ଚି ଓ ମିସିନଧରି ଚିତା କୁଟାଇ ଜୀବିକାର୍ଜନ କରନ୍ତି । ଶରୀର ମଧ୍ୟରେ ମୁଖମଣ୍ଡଳ, କପାଳ, ଗାଲ, ହାତପାପୁଲି, ବାହୁ, ପାଦ, ଛାତି ଇତ୍ୟାଦିରେ ଚନ୍ଦ୍ର, ସୂର୍ଯ୍ୟ ଓ ନିଜର ନାମ, ଦେବଦେବୀଙ୍କର ନାମ, ମୟୂର, ବଗ, ବାଘ, ସିଂହ, ଅସ୍ତ୍ରଶସ୍ତ୍ର ଫଳପୁଷ୍ପ , ଲତା ଟୋପା, ଚିଢ଼ିଆ ବାହୁଟିରେ ଲତା ଇତ୍ୟାଦି, ସ୍ତ୍ରୀ ପୁରୁଷ ନିର୍ବିଶେଷରେ ଚିତା କୁଟାଇଥାନ୍ତି । ପୂର୍ବରୁ ଗୋଟିଏ ଲୋକକଥା ଥିଲା ଯେ ଦେହରେ ଚିତା କୁଟାଇଲେ ଶରୀରକୁ ରୋଗ ସଂକ୍ରମିତ ହୁଏ ନାହିଁ । ଗୁଣି, ଗାରଡ଼ି, ଡାଆଣୀ ଇତ୍ୟାଦି କାଟୁ କରେ ନାହିଁ । କେହି ନିଜର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଚିତା କୁଟାଇଥାନ୍ତି । ଏବେ ଏହି ଶରୀର ଚିତାକୁଟାକୁ ଅନ୍ଧବିଶ୍ୱାସ କହି କ୍ରମେ ଚିତାକୁଟାଇବା ବନ୍ଦ କରି ଦିଆଗଲାଣି ।

ସଂପାଦକ ମହାବୀର ହନୁମାନ ଦର୍ଶନ
ସାଃ କରିମାବାଦ, ପୋଃ କପାସିଛକ
ଜିଃ ଯାଜପୁର,



ରାମେଶ୍ୱରଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଏକ ଅତିରିକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟନ କରୁଛନ୍ତି





ରାଷ୍ଟ୍ରପତି ଭବନର ଅଭିଷେକ ଗୃହରେ ଶ୍ରୀମତୀ କବିତା ଦ୍ୱିବେଦୀ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରୁଛନ୍ତି । ମାନ୍ୟବର ରାଷ୍ଟ୍ରପତି ଶ୍ରୀ ଶଙ୍କର ଦୟାଳଶର୍ମା ସଂସ୍କୃତି ମନ୍ତ୍ରୀ ଶ୍ରୀ ଭୂପିନ୍ଦରସିଂହ, ସାଂସଦ ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ ଓ ଶ୍ରୀ କାମାକ୍ଷା ପ୍ରସାଦ ସିଂହଦେଓ ଉପସ୍ଥିତ ଅଛନ୍ତି





ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ଖଡ଼ଗପୁର ଆଇ.ଆଇ.ଟି ଅନୁଷ୍ଠାନର ଏକ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି



ମଞ୍ଚେଶ୍ୱର ଶିଳ୍ପାଞ୍ଚଳଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ନୂତନ ଓଡ଼ିଆ ଦୈନିକ
ସମ୍ବାଦପତ୍ର 'ସମୟ'ର ଜନ୍ମଦିନ ସଂଖ୍ୟାକୁ ଉନ୍ମୋଚନ କରୁଛନ୍ତି



ରବୀନ୍ଦ୍ରମଣ୍ଡପଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଗଣକବି ବୈଷ୍ଣବ ପାଣି ଜୟନ୍ତୀକୁ ସାଂସଦ
ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି ।
ଗ୍ରାମ୍ୟଉନ୍ନୟନ ମନ୍ତ୍ରୀ ସେକ୍ ମତଲୁବ୍ ଅଲ୍ଲି ଉପସ୍ଥିତ ଅଛନ୍ତି



ସଚିବାଳୟର ସମ୍ମିଳନୀ ଗୃହରେ ଆହୂତ ଏକ ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭପଟ୍ଟନାୟକ
ରାଜ୍ୟର ମରୁଡି ପରିସ୍ଥିତି ସଂପର୍କରେ ସମୀକ୍ଷା କରୁଛନ୍ତି



ରାଜ୍ୟ ସୂଚନାଭବନଠାରେ ସାମ୍ବାଦିକ ଦିବସ ପାଳନ ଅବସରରେ ଆୟୋଜିତ ସମ୍ବାଦପତ୍ର
ପ୍ରଦର୍ଶନୀକୁ ଲୋକ ସଂପର୍କ ବିଭାଗ ଶାସନ ସଚିବ ଶ୍ରୀ ବିଜୟ କୁମାର ପଟ୍ଟନାୟକ ବୁଲି ଦେଖୁଛନ୍ତି



ଧାମନଗରଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ଅନ୍ୟମାନଙ୍କ ଗହଣରେ
ମହାମହିମ ପୀରବାବା ମୌଲାନା ହାକିବର ରହମନଙ୍କ ଉର୍ସ ଉତ୍ସବରେ ଚାଦର ବିଛାଉଛନ୍ତି



ହୋଟେଲ ଓବେରୋଇଠାରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ
ବିଶ୍ୱବ୍ୟାଙ୍କ ପ୍ରେସିଡେଣ୍ଟ ମି.ଜେମସ୍‌ଭି ଓଲଫେନସନ୍‌ଙ୍କ ସହ ଆଲୋଚନା କରୁଛନ୍ତି



ସଚିବାଳୟ ସମ୍ମିଳନୀ ଗୃହରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟନାୟକ କେନ୍ଦ୍ର ଭୂତଳ
ଜଳସଂପଦ ବୋର୍ଡ ଦ୍ୱାରା ପ୍ରସ୍ତୁତ ଭୂତଳ ଜଳସଂପଦ ମାନଚିତ୍ର କୁ ଉନ୍ମୋଚନ କରୁଛନ୍ତି



ଓଡ଼ିଶା ଗସ୍ତରେ ଆସିଥିବା ବିଶ୍ୱବ୍ୟାଙ୍କ ପ୍ରେସିଡେଣ୍ଟ ମି. ଜେମସ୍ ଡି.ଓଲ୍ ଫେନ୍ସନ ଫୁଲବାଣୀ
ଜିଲାର ଉନ୍ନୟନ କାର୍ଯ୍ୟ ସମୀକ୍ଷା କରୁଛନ୍ତି



ରବୀନ୍ଦ୍ର ମଣ୍ଡପଠାରେ ସଂଗୀତ ନାଟକ ଏକାଡେମୀ ଆନୁକୂଲ୍ୟରେ ଆୟୋଜିତ ଓଡିଶୀ ନୃତ୍ୟ
ଉତ୍ସବକୁ ରାଜ୍ୟପାଳଙ୍କ ସହଧର୍ମିଣୀ ଶ୍ରୀମତୀ କାନନମାଲା ଉଦ୍‌ଘାଟନ କରୁଛନ୍ତି




ପର୍ଯ୍ୟଟନ ଦିବସ ପାଳନ ଅବସରରେ ଓଡ଼ିଶା ଆଡଭେନଞ୍ଚରସ୍ ମହିଳା କ୍ଲବ ତରଫରୁ ଆୟୋଜିତ
ମପେଡ୍ ରାଲିକୁ ଲୋକସଂପର୍କ ବିଭାଗ ନିର୍ଦ୍ଦେଶକ ଶ୍ରୀ ସନ୍ତୋଷ କୁମାର ମିଶ୍ର
ପତାକା ହଲାଇ ଶୁଭାରମ୍ଭ କରୁଛନ୍ତି




ସୂଚନା ଭବନଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ
ରାଜ୍ୟକୃଷି ନୀତି କର୍ମଶାଳାକୁ ପ୍ରଦୀପ ଜାଳି ଉଦ୍‌ଘାଟନ କରୁଛନ୍ତି



ହୋଟେଲ ଗାର୍ଡେନଭିଲଠାରେ ଆୟୋଜିତ ମୂଲ୍ୟଭିତ୍ତିକ କର (Value added tax)
ଆଲୋଚନା ଚକ୍ରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ, ମୁଖ୍ୟ ଶାସନ ସଚିବ
ଶ୍ରୀ ରାଜକିଶୋର ଲୁଜବଳ ଓ ଅର୍ଥ ଶାସନ ସଚିବ ଶ୍ରୀ ପି.କେ. ମିଶ୍ର



ଭାରତରେ ଅବସ୍ଥାପିତ ନେପାଳର ରାଷ୍ଟ୍ରଦୂତ ପ୍ରଫେସର ଲୋକରାଜ ବରାଳ ରାଜଭବନଠାରେ
ମାନ୍ୟବର ରାଜ୍ୟପାଳ ଶ୍ରୀ ଗୋପାଳ ରାମାନୁଜମ୍‌ଙ୍କୁ ସାକ୍ଷାତ କରୁଛନ୍ତି



ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୧୯ତମ ଜୟନ୍ତୀ ଅବସରରେ ବିଧାନସଭା ପରିସର
ମଧ୍ୟରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ,
ବାଚସ୍ପତି ଶ୍ରୀ ଚିନ୍ତାମଣି ଦ୍ୟାନ ସାମନ୍ତରାୟ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମାଲ୍ୟାର୍ପଣ କରୁଛନ୍ତି

# ଗୋପାଳପୁର ବନ୍ଦର: ପ୍ରଗତିର ମାଇଲଖୁଣ୍ଟ

ଓଡ଼ିଶାର ନୌବାଣିଜ୍ୟର ଇତିହାସ ସୁଦୀର୍ଘ ଓ ସୁପ୍ରାଚୀନ । ଯେଉଁ କାଳରେ ଯାନ୍ତ୍ରୀକ ପୋତ ଉଦ୍‌ଭାବିତ ହୋଇ ନଥିଲା ଏବଂ ଜଳସ୍ରୋତ ତଥା ପବନର ଗତିକୁ ଆଶ୍ରାକରି ପୋତ ଚଳାଚଳ କରୁଥିଲା ସେ କାଳରୁ ଓଡ଼ିଶାର ସାଧବ ପୁଅ ସୁଦୂର ବିଦେଶକୁ-ପ୍ରେରଣ କରୁଥିଲା ପଣ୍ୟ ସାମଗ୍ରୀ ବୋଇତ ବା ନୌବାଣିଜ୍ୟ ଦ୍ୱାରା ଏବଂ ବିଦେଶରୁ ଆଣୁଥିଲେ ନାନା ପଣ୍ୟଦ୍ରବ୍ୟ ଦେଶକୁ । ସେଥିଯୋଗୁଁ ଓଡ଼ିଶାର ବିଭିନ୍ନ ଅଂଚଳରେ ବହୁନଦୀ ଏବଂ ସାମୁଦ୍ରିକ ପୋତାଶ୍ରୟ ଗଢ଼ି ଉଠିଥିଲା । କାଳକ୍ରମେ ଏଥିମଧ୍ୟରୁ ବହୁ ପୋତାଶ୍ରୟ ବା ବନ୍ଦର ବିଲୁପ୍ତ ହୋଇଥିଲେମଧ ଜଳପଥରେ ବାଣିଜ୍ୟର ସ୍ମୃତି ଉତ୍କୀର୍ଣ୍ଣ ରହିଛି । ତାମ୍ରଲିପି ଓ ଦନ୍ତପୁର ବଂଦର ନାମ ଓଡ଼ିଆ ସାଧବର ଔଦ୍ୟୋଗିକ ପରଂପରାର ପ୍ରତୀକ ଭାବରେ ଇତିହାସର ପୃଷ୍ଠାରୁ ଉଂକିମାରୁଛି ।

ଆଧୁନିକ କାଳରେ ଓଡ଼ିଶାରେ ବିକାଶ ଲାଭ କରିଥିବା ବଂଦର ମଧ୍ୟରେ ପାରଦ୍ୱୀପ ଓ ଗୋପାଳପୁର ବଂଦର ନାମ ଉଲ୍ଲେଖଯୋଗ୍ୟ । ପାରାଦ୍ୱୀପ ଦେଶର ଗଭୀରତମ ପ୍ରାକୃତିକ ପୋତାଶ୍ରୟ ହୋଇଥିବା ବେଳେ ୧୯୮୯ ମସିହାରୁ ଗୋପାଳପୁର ବଂଦର ଦେଶର ବାଣିଜ୍ୟିକ ବଂଦର ଭାବେ ସର୍ବ ଭାରତୀୟ ବଂଦର ମାନଚିତ୍ରରେ ଏକ ପ୍ରମୁଖ ସ୍ଥାନ ଅଧିକାର କରିବା ପାଇଁ ଦୌଡ଼ ଆରମ୍ଭ କରିଦେଇଛି । ଐତିହାସିକମାନଙ୍କ ମତରେ ଗୋପାଳପୁର ହିଁ ହେଉଛି ଇତିହାସ ପ୍ରସିଦ୍ଧ 'ଦନ୍ତପୁର' ନୌବାଣିଜ୍ୟ କେନ୍ଦ୍ର । ଗୋପାଳପୁର ବଂଦର ସ୍ୱଳ୍ପ କାଳ ମଧ୍ୟରେ ପଣ୍ୟସାମଗ୍ରୀ ସରବରାହ କ୍ଷେତ୍ରରେ ନିଜର ସ୍ମୃତିକୁ ସୁଦୃଢ଼କରି ସର୍ବ ଭାରତୀୟ ଦୃଷ୍ଟି ଆକର୍ଷଣ କରି ପାରୁଛି। ଏହି ବଂଦର ଏ ଯାଏଁ ଏକ ସବୁଦିନିଆ ବଂଦର ହୋଇ ନଥିଲେ ମଧ୍ୟ ପଣ୍ୟ କାରବାର ଓ ରାଜସ୍ୱ ଆୟ କ୍ଷେତ୍ରରେ ଉଲ୍ଲେଖନୀୟ ସାଫଲ୍ୟ ହାସଲକରିପାରିଛି । ପରିସଂଖ୍ୟାନରୁ ଜଣାଯାଏ ଯେ ୧୯୯୦-୯୧ ବର୍ଷରେ ଏହି ବଂଦରକୁ ୫ଟି ଜାହାଜ ଆସିଥିଲା ଏବଂ ୬୦୭୫୧ ମେଟ୍ରିକ୍ ଟନ୍ ପଣ୍ୟସାମଗ୍ରୀ ସରବରାହ କରି ୩୮ .୭୭ ଲକ୍ଷ ଟଂକାର ରାଜସ୍ୱ ଆଦାୟ କରିଥିଲା । ଏହାପରେ ପଣ୍ୟ କାରବାର କ୍ଷେତ୍ରରେ ଏହି ବଂଦରର ବିକାଶ ଅବ୍ୟାହତ ରହିଛି । ୧୯୯୧-୯୨ ବର୍ଷରେ ମୋଟ ୧୫୦୧୭୦ ମେଟ୍ରିକ୍ ଟନ୍ (୩୦୫୧୭ ମେଟ୍ରିକ୍ ଟନ୍ ପଣ୍ୟ ରପ୍ତାନୀ ଓ ୧୧୭୬୫୩ ମେଟ୍ରିକ୍ ଟନ୍ ସାମଗ୍ରୀ ଆମଦାନୀ) ପଣ୍ୟ କାରବାର କରି ୧୦୫ ଲକ୍ଷ ଟଂକା ରାଜସ୍ୱ ଆୟ କରିବାରେ ସମର୍ଥ ହୋଇଥିଲା । ଏହି ବର୍ଷରେ ବଂଦରକୁ ଆସିଥିଲେ ୭ଟି ପଣ୍ୟବାହୀ ଜାହାଜ । ସେହିପରି ୧୯୯୨-୯୩ ରେ ୧୦ ଟି ଜାହାଜଏହି ବଂଦରକୁ ଆସିଥିଲା ଏବଂ ୨୦୫୦୭୯ ମେଟ୍ରିକ୍ ଟନ୍ ପଣ୍ୟଦ୍ରବ୍ୟ ସରବରାହ ହୋଇ ୧୫୫ ଲକ୍ଷ ଟଙ୍କା ରାଜସ୍ୱ ମିଳିଥିଲା । ଏହି ବର୍ଷ ବଂଦରରୁ ରପ୍ତାନୀର ପରିମାଣ ଥିଲା ୫୨୭୨୭ ମେଟ୍ରିକ୍ ଟନ୍ ଏବଂ ଆମଦାନୀ ପରିମାଣ ଥିଲା ୧୫୨୩୫୨ ମେଟ୍ରିକ୍ ଟନ୍ । ୧୯୯୩-୯୪ ରେ ବଂଦରରୁ ପଣ୍ୟ ସରବରାହରେ ବୃଦ୍ଧି ଘଟି ମୋଟ ୨୧୧୫୯୬ ମେଟ୍ରିକ୍ ଟନ୍ ସାମଗ୍ରୀ ରପ୍ତାନୀ ଏବଂ ଆମଦାନୀ ହୋଇଥିଲା । ଏହି ବର୍ଷର ରାଜସ୍ୱ ଆୟ ଥିଲା ୧୮୪ ଲକ୍ଷ ଟଙ୍କା । ସଂଶ୍ଳିତ ବର୍ଷରେ ବଂଦରକୁ ୧୧ଟି ଜାହାଜ ଆସିଥିଲା । ୧୯୯୪-୯୫ ବର୍ଷରେ ବଂଦରକୁ ୧୨ଟି ଜାହାଜ ଆସିଥିଲା ଏବଂ ୨୦୫୪୬୨ ମେଟ୍ରିକ୍ ଟନ୍ ପଣ୍ୟ ସରବରାହ ହୋଇ ୨୧୧ ଲକ୍ଷ ଟଂକା ରାଜସ୍ୱ ମିଳିଥିଲା । ଏବର୍ଷ ରପ୍ତାନୀର ପରିମାଣ ଥିଲା ୩୦୨୭୦ ମେଟ୍ରିକ୍ ଟନ୍ ଓ ଆମଦାନୀ ପରିମାଣ ଥିଲା ୨୦୫୪୬୨ ମେଟ୍ରିକ୍ ଟନ୍ ।

ଗୋପାଳପୁରରେ 'ଟିସ୍କୋ' ଏବଂ ଏଲ୍.ଆଣ୍ଡ ଟି. ଭଳି ବୃହତ ଶିଳ୍ପ ସଂସ୍ଥା ପକ୍ଷରୁ ବଂଦର ଭିତ୍ତିକ ଇସ୍ପାତ କାରଖାନା ପ୍ରତିଷ୍ଠିତ ହେବାକୁ ଯାଉଥିବାରୁ ଗୋପାଳପୁର ବଂଦରର ଗୁରୁତ୍ୱ ବିଶେଷ ବୃଦ୍ଧି ପାଉଛି ଏବଂ ଏହାର ବିକାଶ ଅବଧାରିତ ହୋଇ ପଡ଼ିଛି । ଏହି ବଂଦରକୁ ଏକ ସବୁଦିନିଆ ତଥା ଦେଶର ଏକ ବୃହତ୍ତମ ବଂଦରରେ ପରିଣତ କରିବା ଲାଗି ବ୍ୟାପକ ଯୋଜନା କରାଯାଇଛି । ଏହି ଯୋଜନାର ରୂପାୟନ ଦ୍ୱାରା ଗୋପାଳପୁର ବଂଦର ହେବ ପୂର୍ବ ଉପକୂଳର ଅନ୍ୟତମ ପ୍ରଧାନ ବଂଦର । ଏହି

ବଂଦରକୁ ଆନ୍ତର୍ଜାତିକ ମାନର ବଂଦରରେ ରୂପାନ୍ତରିତ କରିବା ପାଇଁ ଭାରତ ସରକାର ବାଣିଜ୍ୟ ବିଭାଗ ଦ୍ୱାରା ପରିଚାଳିତ ଏମ୍.ଏମ୍. ଟି.ସି. ସହ ଗତ ଫେବୃୟାରୀ ୧୫ ତାରିଖରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ତିନୋଟି ପର୍ଯ୍ୟାୟରେ ପ୍ରାୟ ୧୫୦୦ କୋଟି ଟଂକା ବ୍ୟୟରେ ଏହି ବଂଦରର ବିକାଶ ସାଧନ କରାଯିବ । ବଂଦରର ଯୋଜନା ରୂପାୟିତ ହେଲେ ସଂପ୍ରତି ଭାରତୀୟ ବିରଳ ମୃତ୍ତିକା ସଂସ୍ଥାରୁ ଉତ୍ପାଦିତ ବିରଳ ମୃତ୍ତିକା, ଚାଉଳ, ଗହମ ଏବଂ ସାର କାରବାର କରୁଥିବା ଏହି ବଂଦରରୁ ବାର୍ଷିକ ୨୧୦ ଲକ୍ଷ ଟନ୍ ପଣ୍ୟଦ୍ରବ୍ୟ ସରବରାହ ହୋଇପାରିବ । ୨୦୦୦ ମସିହା ପ୍ରାରମ୍ଭରେ 'ଟିସ୍କୋ' ଏବଂ ଏଲ୍.ଆଣ୍ଡ.ଟି ଏହି ବଂଦର ଦେଇ ସେମାନଙ୍କ ପଣ୍ୟ ଆମଦାନୀ ଓ ରପ୍ତାନୀ କରିପାରିବେ । ୨୦୦୦ ମସିହା ସୁଦ୍ଧା ବଂଦରର ପଣ୍ୟ ସରବରାହ କ୍ଷମତା ୨୦୦ ଲକ୍ଷ ଟନ୍‌ରୁ ଅଧିକ ଏବଂ ୨୦୧୫ ମସିହା ବେଳକୁ ପଣ୍ୟ ସରବରାହ କ୍ଷମତା ୫୦ ନିୟୁତ ଟନ୍ ହୋଇପାରିବ ବୋଲି ଅଟକଳ କରାଯାଇଛି । ଏହି ବଂଦରର ବିକାଶ ଲାଗି ଏମ୍.ଏମ୍.ଟି.ସି ଦ୍ୱାରା ନିୟୋଜିତ କନ୍‌ସଲଟିଂ ଇଂଜିନିୟରିଂ ସଂସ୍ଥା ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପ ରିପୋର୍ଟ ସରକାରଙ୍କୁ ପ୍ରଦାନ କରାଯାଇଛି ।

ଏହି ପ୍ରକଳ୍ପରେ ଅର୍ଥ ବିନିଯୋଗ ନିଷ୍ପତ୍ତି ନଭେମ୍ବର ମାସ ସୁଦ୍ଧା ଚୂଡ଼ାନ୍ତ କରାଯିବ ଏବଂ ତା'ପରେ ପୂରା ନିର୍ମାଣ କାର୍ଯ୍ୟକୁ ଆସନ୍ତା ବର୍ଷରେ (୯୬-୯୭) ଦ୍ରୁତ ଗତିରେ କରାଯିବ । ଏହି ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ୨୦୦୦ ମସିହା ସୁଦ୍ଧା ୧୦୦୦ କୋଟି ଟଙ୍କା ବିନିଯୋଗରେ ସଂପୂର୍ଣ୍ଣ କରାଯିବ । ୨୦୧୫ ସୁଦ୍ଧା ଏହାର ପ୍ରକଳ୍ପ ସଂପୂର୍ଣ୍ଣ କାର୍ଯ୍ୟକାରୀ ହେଲାପରେ ଏହା ୫୦ ନିୟୁତ ଟନ ପଣ୍ୟଦ୍ରବ୍ୟ କାରବାର କରିବାକୁ ସକ୍ଷମ ହେବ । ଏହି ପଣ୍ୟ ଦ୍ରବ୍ୟ ଯାହାକି ଭାରତରେ ରପ୍ତାନୀ ଆମଦାନୀ ହେଉଥିବା ସମୁଦାୟ ପଣ୍ୟଦ୍ରବ୍ୟ ୧/୪ ଅଂଶ ହେବ । ଏଠାରେ ସୂଚନା ଯୋଗ୍ୟ ଯେ ଭାରତର ପୂର୍ବ ଉପକୂଳରେ ଅବସ୍ଥିତ ଅନ୍ୟାନ୍ୟ ବନ୍ଦର ଯଥା: ମାଂଦ୍ରାଜ, ବିଶାଖାପାଟଣା ଏବଂ କଲିକତା ବନ୍ଦରଗୁଡ଼ିକ ଠାରୁ ଏହି ନବ ନିର୍ମିତ ବଂଦରର ପଣ୍ୟ କାରବାର ଯଥେଷ୍ଟ ଅଧିକ ହେବ । ଏହି ବଂଦର ପୂର୍ଣ୍ଣାଂଗ ହେଲାପରେ ଏହାର ଅନୁତୀର କ୍ଷେତ୍ରରେ ଅଧିକ ବଂଦର ଭିତ୍ତିକ କଳ କାରଖାନା ଗଢ଼ି ଉଠିବ ଏବଂ ଏହାଦ୍ୱାରା ଗଂଜାମ ଜିଲ୍ଲା ଏବଂ ଦକ୍ଷିଣ ଓଡ଼ିଶାର ଅନ୍ୟ ଜିଲ୍ଲାଗୁଡ଼ିକ ବିଶେଷ ଭାବରେ ଉପକୃତ ହୋଇ ବିଭିନ୍ନ ଶିଳ୍ପ ଏବଂ ବାଣିଜ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି କରିପାରିବ । ଏହି ବଂଦର ନିର୍ମାଣ ସଂଗେ ସଂଗେ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯିବ । ଯାହାଦ୍ୱାରା କି ସମୁଦ୍ରରୁ ମାଛ ସଂଗ୍ରହ ହେବା ସଂଗେ ସଂଗେ ଅନ୍ୟାନ୍ୟ ପ୍ରାକୃତିକ ସୌନ୍ଦର୍ଯ୍ୟ କ୍ଷତିଗ୍ରସ୍ତ ହେବ ନାହିଁ ।

ଏବେ ଗୋପାଳପୁରରେ ଗଢ଼ି ଉଠିଛି ବନ୍ ଆଇନ୍ କଂପାନୀ ପକ୍ଷରୁ ଏକ ଜାହାଜ ଭଙ୍ଗା ଓ ପୁନର୍ବିନ୍ୟାସ କାରଖାନା, ଯାହାର ଉଦ୍‌ଘାଟନ୍ ଫେବୃୟାରୀ ୨୦ ତାରିଖ ଦିନ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ କରିଛନ୍ତି । ଏହି କାରଖାନା ପ୍ରତିଷ୍ଠା ଫଳରେ ଏ ଅଂଚଳରେ ରି-ରୋଲିଂ ମିଲ୍ ତଥା ଅନ୍ୟାନ୍ୟ ଆନୁଷଂଗିକ ଶିଳ୍ପ ସଂସ୍ଥା ଗଢ଼ି ଉଠିବା ସଂଗେ ସଂଗେ ଉକ୍ତ କାରଖାନାରୁ ୪ କୋଟି ଟଙ୍କା ମୂଲ୍ୟର କଞ୍ଚା ମାଲ୍ ମିଳିପାରିବ ଏବଂ ରାଜ୍ୟ ସରକାର ବାଣିଜ୍ୟ କର ଆକାରରେ ପ୍ରାୟ ୩୦ ଲକ୍ଷ ଟଂକା ଆୟ କରିବା ସହ ଗୋପାଳପୁର ବଂଦର ପ୍ରାୟ ୧୦ ଲକ୍ଷ ଟଂକା ରାଜସ୍ୱ ପାଇବ । ଏତଦ୍ ବ୍ୟତୀତ ବିପୁଳ କର୍ମ ନିଯୁକ୍ତି ସୃଷ୍ଟି ହେବା ସହ ଗଂଜାମ ଜିଲ୍ଲାରେ ଦ୍ରୁତ ଶିଳ୍ପାୟନ ଘଟିବ । ଗୋପାଳପୁର ବଂଦରର ବିକାଶ, ବଂଦର ଭିତ୍ତିକ ଇସ୍ପାତ କାରଖାନା ପ୍ରତିଷ୍ଠା ଓ ଏଥିଯୋଗୁଁ ଗଢ଼ି ଉଠିବାକୁ ଥିବା ଆନୁଷଂଗିକ ଶିଳ୍ପପୁଂଜି କେବଳ ଗଂଜାମ ଜିଲ୍ଲା ନୁହେଁ, ଓଡ଼ିଶାର ଅର୍ଥନୈତିକ ବିକାଶରେ ଯେ ଏକ ନୂତନ ଉଜ୍ଜ୍ୱଳ ଅଧ୍ୟାୟ ସୃଷ୍ଟି କରିବ, ସେଥିରେ ସଂଦେହର ଅବକାଶ ନାହିଁ ।

# ବୃଷ୍ଟିପୁଷ୍ଟ ଧାନଚାଷରେ ସାମାଜିକ ଓ ଅର୍ଥନୈତିକ ସମସ୍ୟା

ଶ୍ରୀ ମହେଶ ପ୍ରସାଦ ତ୍ରିପାଠୀ
ଡ: ସାଲିକ୍ ରାମ୍

ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ ଏବଂ ଧାନ ହେଉଛି ଏଠାକାର ମୁଖ୍ୟ ଖାଦ୍ୟ ଶସ୍ୟ । ରାଜ୍ୟର ସମୁଦାୟ ଆବାଦ ଜମି (Gross Cropped Area) ର ୪୭ ଭାଗରେ ଧାନଚାଷ ହୋଇଥାଏ ଏବଂ ଏଥିରୁ ଉତ୍ପାଦିତ ଶସ୍ୟ ଓଡ଼ିଶାର ମୋଟ୍ ଖାଦ୍ୟଶସ୍ୟ ଉତ୍ପାଦନର ଶତକଡ଼ା ୮୦ ଭାଗରୁ ଅଧିକ । ମାତ୍ର ରାଜ୍ୟରେ ହେକ୍ଟର ପିଛା ଧାନର ହାରାହାରି ଉତ୍ପାଦନ ମାତ୍ର ୧.୪ ଟନ୍, ଯାହାକି ଅନ୍ୟ କେତେକ ରାଜ୍ୟ ତଥା ସମଗ୍ର ଦେଶର ଉତ୍ପାଦନ ହାର ତୁଳନାରେ ଖୁବ୍ କମ୍ । ଓଡିଶାର ଏହି କମ୍ ଉତ୍ପାଦନ ପାଇଁ ମୁଖ୍ୟତଃ ବୃଷ୍ଟିପୁଷ୍ଟ ଧାନାଞ୍ଚଳଗୁଡ଼ିକର ସମସ୍ୟାଗୁଡ଼ିକୁ ଦାୟୀ କରାଯାଇପାରେ । କାରଣ ଆମରାଜ୍ୟରେ ଧାନଚାଷ ହେଉଥିବା ଶତକଡ଼ା ୬୫ ଭାଗ ଜମି ବୃଷ୍ଟିପୁଷ୍ଟ ଅଂଚଳର ଅନ୍ତର୍ଭୁକ୍ତ । ସାଧାରଣତଃ, ବୃଷ୍ଟିପୁଷ୍ଟ ଧାନଚାଷ ମୌସୁମୀର ଆଗମନ ପରେ, ଖରିଫ ଋତୁରେ ଅର୍ଥାତ୍ ଜୁନ୍‌ରୁ ଡିସେମ୍ବର ମାସ ମଧ୍ୟରେ କରାଯାଇଥାଏ । ଓଡ଼ିଶାରେ ଧାନଚାଷ ନିମନ୍ତେ ନିୟୋଜିତ ଜମିର ଶତକଡ଼ା ୯୫ ଭାଗରେ ଖରିଫ ଧାନଚାଷ ହେଉଥିବାରୁ ଏବଂ ରାଜ୍ୟର ଧାନ ଉତ୍ପାଦନର ଶତକଡ଼ା ୯୨ ଭାଗ କେବଳ ଖରିଫ ଫସଲରୁ ମିଳୁଥିବାରୁ ଖରିଫ ଋତୁର ଧାନଚାଷ ଓଡ଼ିଶାର କୃଷି ପାଇଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଖରିଫ ଧାନଚାଷ ହେଉଥିବା ମୋଟ ଜମିର ଶତକଡ଼ା ୬୦ ଭାଗ କେବଳ ବର୍ଷା ଉପରେ ନିର୍ଭରଶୀଳ । ତେଣୁ ଓଡ଼ିଶାର ଖାଦ୍ୟଶସ୍ୟ ଉତ୍ପାଦନରେ ବୃଷ୍ଟିପୁଷ୍ଟ ଧାନଚାଷ ଭୂମିକା ସର୍ବଦା ସ୍ୱୀକାର୍ଯ୍ୟ । ଏହିପରିପ୍ରେକ୍ଷୀରେ ବୃଷ୍ଟିପୁଷ୍ଟ ଧାନଚାଷର ଅନୁଭୂତ ସମସ୍ୟାବଳୀ ଆଲୋଚନାର ଯଥାର୍ଥତା ରହିଛି । ଏହି ସମସ୍ୟାଗୁଡ଼ିକ ମଧ୍ୟରୁ ମୁଖ୍ୟତଃ କେତେକ ସାମାଜିକ ଓ ଅର୍ଥନୈତିକ ଅନ୍ତରାୟ ଯୋଗୁଁ ଚାଷୀ ଉପଲବ୍ଧ ବୈଜ୍ଞାନିକ କୃଷିପଦ୍ଧତିକୁ ସଫଳ ଭାବରେ ବିନିଯୋଗ କରିପାରିନଥାଏ । ଫଳରେ ବୃଷ୍ଟିପୁଷ୍ଟ ଧାନରୁ ଅଧିକ ଅମଳ ମିଳିପାରି ନଥାଏ । ଏହି ଅଂଚଳଗୁଡ଼ିକରେ ପରିଦୃଷ୍ଟ କେତୋଟି ପ୍ରମୁଖ ସାମାଜିକ ଓ ଅର୍ଥନୈତିକ ସମସ୍ୟାର ବିଚାର କରାଯାଉଛି ।

### ଜଳନିୟନ୍ତ୍ରଣ ସୁବିଧାର ଅଭାବ

ଧାନ ଚାଷ ନିମନ୍ତେ ଜଳ ଅପରିହାର୍ଯ୍ୟ । ବୃଷ୍ଟି ପୁଷ୍ଟ ଅଞ୍ଚଳଗୁଡ଼ିକରେ ଜଳର ଯଥାକାଳୀନ ଏବଂ ପର୍ଯ୍ୟାପ୍ତ ଉପଲବ୍ଧି ଏକ ସାଧାରଣ ସମସ୍ୟା । ଓଡ଼ିଶାରେ ଏହାର ମୁଖ୍ୟ କାରଣ ହେଉଛି ବର୍ଷାର ଅନିଶ୍ଚିତତା ଏବଂ ଅନିୟମିତତା । ଏହାଦ୍ୱାରା ରାଜ୍ୟର ଉଭୟ ଡିପ ଏବଂ ଖାଲ କିସମ ଜମିରେ ଧାନ ଚାଷ କ୍ଷତିଗ୍ରସ୍ତ ହୋଇଥାଏ । ଡିପ କିସମର ଜମିରେ ମୁଖ୍ୟତଃ ଜଳାଭାବ ପରିଲକ୍ଷିତ ହେଉଥିବାବେଳେ ଖାଲଜମି ଗୁଡ଼ିକରେ ଉଭୟ ଜଳାଭାବ ଓ ଜଳବହୁଳତା ପରିଲକ୍ଷିତ ହୋଇଥାଏ । ଖାଲୁଆ ଜମିରେ ଜଳନିଷ୍କାସନ ସୁବିଧାର ଅଭାବ ହେତୁ ଜଳ ନିୟନ୍ତ୍ରଣ ସମ୍ଭବ ହୋଇପାରି ନଥାଏ । ଏହାଛଡ଼ା ଜଳାଭାବ ସମୟରେ ଗଛର ଆବଶ୍ୟକତା ମେଣ୍ଟାଇବା ପାଇଁ ଉଭୟ କିସମ ଜମିରେ ବର୍ଷାଜଳ ସଂରକ୍ଷଣର ସୁବିଧା ମଧ୍ୟ ନଥାଏ । ତେଣୁ ଚାଷୀ ଉନ୍ନତ ଅମଳକ୍ଷମ ଧାନ କିସମ (High Yielding Varieties) ବ୍ୟବହାର କରିବାକୁ କୁଣ୍ଠାବୋଧ କରେ ଏବଂ ଜମିରେ ଉପଯୁକ୍ତ ପରିମାଣରେ ସାର ପ୍ରୟୋଗ କରିବାକୁ ବିମୁଖ ହୋଇଥାଏ । ଏପରି କ୍ଷେତ୍ରରେ ଅଧିକ ଅମଳ ବା କିପରି ଆଶା କରାଯାଇପାରେ ।

### ଅର୍ଦ୍ଧସାମନ୍ତୀୟ ପ୍ରଜାସ୍ୱତ୍ତ୍ୱ ବ୍ୟବସ୍ଥା

ଭୂମି ସଂସ୍କାର (Land Reforms) ନିମନ୍ତେ ସ୍ୱାଧୀନତା ପରଠାରୁ ଅନେକ ପଦକ୍ଷେପ ନିଆଯାଇଥିବା ସତ୍ତ୍ୱେ ଓଡ଼ିଶା

ସମେତ ଭାରତର ପ୍ରାୟ ସମସ୍ତ ରାଜ୍ୟରେ କୃଷି କ୍ଷେତ୍ରରେ ବିଭିନ୍ନ ପ୍ରକାର ରୟତି ବା ଭାଗଚାଷ (Tennacy) ର ବହୁଳ ପ୍ରଚଳନ ରହିଅଛି । ଫଳରେ ଅନୁପସ୍ଥିତ ଭୂମି ପ୍ରଭୁତା (Absentee LandLordism) ର ପ୍ରସାର ହେବା ସଂଗେ ସଂଗେ କୃଷିର ସର୍ବାଙ୍ଗୀନ ଉନ୍ନତିରେ ବ୍ୟାଘାତ ଘଟୁଛି । ପ୍ରକୃତ ଧାନଚାଷୀମାନେ ଭାଗଚାଷୀ ଏବଂ ଭଡ଼ାଟିଆ ଚାଷୀ ରୂପେ ଜୀବିକା ନିର୍ବାହ କରୁଛନ୍ତି । ନିଜସ୍ୱ ଜମିର ଅଭାବ ଏବଂ ଭବିଷ୍ୟତରେ ଭାଗଚାଷ ମିଳିବାରେ ଅନିଶ୍ଚିତତା ହେତୁ ସେମାନେ ଜମି ବା ଉତ୍ପାଦନ କୌଶଳର ମାନବୃଦ୍ଧି କରିବାରେ ପଶ୍ଚାତ୍‌ପଦ ହେଉଛନ୍ତି । ପୁଣି ଭାଗଚାଷରେ କର (Rent) ର ପରିମାଣ ଅନେକ ସ୍ଥାନରେ ଖୁବ୍ ବେଶି ଥିବାରୁ ଧାନଚାଷୀମାନେ ବ୍ୟବସାୟଭିତ୍ତିକ କୃଷି କରିବାରେ ଅସାମର୍ଥ୍ୟ ଏବଂ ଅନିଚ୍ଛା ପ୍ରକାଶ କରୁଛନ୍ତି ।

### ଶ୍ରମିକ ସମସ୍ୟା

୧୯୯୧ ଜନଗଣନା ଅନୁଯାୟୀ ଓଡ଼ିଶାର କର୍ମଜୀବି ସଂପ୍ରଦାୟର ଶତକଡ଼ା ୨୫ ଭାଗରୁ ଅଧିକ କେବଳ କୃଷି ଶ୍ରମିକ (Agricultural Labourer) ରହିଥିଲେ । ସେମାନେ ମୂଳତଃ ଭୂମିହୀନ ହୋଇଥିବା ଯୋଗୁଁ କୃଷି କ୍ଷେତ୍ରରେ ମଜୁରୀ କରି ଜୀବିକା ନିର୍ବାହ କରିଥାନ୍ତି । କିନ୍ତୁ ଧାନଚାଷର ବିଭିନ୍ନ ଦରକାରୀ ପର୍ଯ୍ୟାୟରେ କୃଷି ଶ୍ରମିକମାନଙ୍କର ପ୍ରବଳ ଅଭାବ ଓଡ଼ିଶାରେ ଦେଖାଯାଏ । କୃଷି କ୍ଷେତ୍ରରେ ମିଳୁଥିବା କମ୍ ମଜୁରୀ ଏବଂ ଅପେକ୍ଷାକୃତ ଭାବରେ ଅଧିକ ପାରିଶ୍ରମିକ ଯୋଗାଉଥିବା ଏବଂ ଦ୍ରୁତ ବିକାଶୋନ୍ମୁଖୀ ସହର ଗୁଡ଼ିକରେ ନିର୍ମାଣ, ଉଦ୍ୟୋଗ, ବ୍ୟବସାୟ କ୍ଷେତ୍ରଗୁଡ଼ିକୁ ସେମାନଙ୍କ ସ୍ଥାନାନ୍ତରଣ (Migration)ଏହାର ମୁଖ୍ୟ କାରଣ ହୋଇପାରେ । ପୁଣି ଧାନଚାଷ ସେମାନଙ୍କୁ ବର୍ଷରେ ଚାରି /ପାଂଚ ମାସ ରୋଜଗାର ଯୋଗାଉଥିବା ବେଳେ ସହରା କ୍ଷେତ୍ର ଗୁଡ଼ିକରେ ସେମାନେ ବର୍ଷଯାକ କାମ ପାଇଥାନ୍ତି । ଏହା ଦ୍ୱାରା ଓଡ଼ିଶାର ଧାନଚାଷୀମାନଙ୍କୁ ଯେ କେବଳ ଚାଷରେ ବିଳମ୍ବ ହେତୁ କ୍ଷତି ହୁଏ ତାହା ନୁହେଁ , କମ୍ ସଂଖ୍ୟାରେ ଉପଲବ୍ଧ କୃଷି ଶ୍ରମିକମାନଙ୍କୁ ଅନେକ ସମୟରେ ଅଧିକ ମଜୁରୀ ଦେବା ପାଇଁ ବାଧ୍ୟ ହେବାକୁ ପଡ଼ିଥାଏ । ବୃଷ୍ଟି-ପୁଷ୍ଟ ଅଂଚଳରେ ଏହି ସମସ୍ୟା ଉତ୍କଟ ରୂପ ଧାରଣ କରେ । ଏହି ଅଂଚଳଗୁଡ଼ିକରେ ବର୍ଷକୁ ଗୋଟିଏ ଫସଲ ମଧ୍ୟ କରିବା କଷ୍ଟକର ବ୍ୟାପାର ହୋଇଥିବାରୁ କୃଷିଶ୍ରମିକମାନଙ୍କ ସ୍ଥାନାନ୍ତରଣ ଏଠାରେ ବେଶି । କାରଣ ଏହି ଅଂଚଳଗୁଡ଼ିକରୁ ସହରା କ୍ଷେତ୍ରଗୁଡ଼ିକୁ କୃଷି ଶ୍ରମିକମାନଙ୍କର ଉଲମ୍ବ ସ୍ଥାନାନ୍ତରଣ (Vertical Migration) ହେବା ସଂଗେ ସଂଗେ ଜେନାଳ ଅଂଚଳଗୁଡ଼ିକୁ ମଧ୍ୟ ଶୟାନ ସ୍ଥାନାନ୍ତରଣ (Horizontal Migration) ହୋଇଥାଏ । ଏଥିରୁ ସେମାନଙ୍କର ସମସ୍ୟା ବିଷୟରେ ଧାରଣା କରାଯାଇପାରେ ।

### ବଜାର ଜନିତ ସମସ୍ୟା

ଓଡ଼ିଶାର ବିଭିନ୍ନ ବ୍ଲକ୍ ସ୍ତରରେ ନିୟନ୍ତ୍ରିତ କୃଷି ବଜାରଗୁଡ଼ିକ ରହିଥିବା ସତ୍ତ୍ୱେ ଧାନଚାଷୀମାନେ ସେଥିରୁ ସଂପୂର୍ଣ୍ଣ ରୂପେ ଲାଭବାନ ହେବାରୁ ବିଫଳ ହୋଇଛନ୍ତି । କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ ମାନଙ୍କୁ ସାଧାରଣତଃ ସେମାନଙ୍କର ସୀମିତ ଉତ୍ପାଦନର ପରିବହନ ଖୁବ୍ ଖର୍ଚ୍ଚ ବହୁଳ ହୋଇପଡ଼େ । ତେଣୁ ସରକାରଙ୍କ ଦ୍ୱାରା ଘୋଷିତ ସର୍ବନିମ୍ନ ସମର୍ଥନ ମୂଲ୍ୟ (Minimum Support Price) ଠାରୁ ଯଥେଷ୍ଟ କମ୍ ମୂଲ୍ୟରେ ସେମାନେ ନିଜର ଫସଲକୁ ସ୍ଥାନୀୟ ଦଲାଲ୍ (Middle Man) ଅଥବା ବୃହତ୍ ଚାଷୀଙ୍କୁ ବିକ୍ରୀ କରିବା ପାଇଁ ବାଧ୍ୟ ହୁଅନ୍ତି । ଚାଷର ବିଭିନ୍ନ ପର୍ଯ୍ୟାୟରେ ଅଣ ଆନୁଷ୍ଠାନିକ ସୂତ୍ରରୁ ନେଇଥିବା ଋଣକୁ ପରିଶୋଧ କରିବା ନିମନ୍ତେ ଅନେକ ସମୟରେ ଋଣଦାତାଙ୍କୁ ନିଜର ଫସଲ କମ୍ ମୂଲ୍ୟରେ ବିକ୍ରୀ କରିଥାନ୍ତି । ଏହି ଦୁର୍ଦ୍ଦଶା ଜନିତ ବିକ୍ରୀ (Distress Sale) ଯୋଗୁଁ ସେମାନେ ଦାରିଦ୍ର୍ୟର ସୀମାରେଖା ତଳେ ରହିବା ସଂଗେ ସଂଗେ ଚାଷର ନୂତନ ଏବଂ ଉନ୍ନତ ସାମଗ୍ରୀ ସବୁ ବ୍ୟବହାର କରିବାରେ ଅସମର୍ଥ ହୋଇଥାନ୍ତି ।

### ସୀମିତ ଭୂମି ସ୍ୱତ୍ୱ

ଓଡ଼ିଶାର କୃଷି ସଂପ୍ରଦାୟରେ ଶତକଡ଼ା ୫୨ ଭାଗ ନାମମାତ୍ର ଚାଷୀ (Marginal Farmers) ଅଛନ୍ତି । ପୁଣି ନାମ ମାତ୍ର ଚାଷୀ ଏବଂ କ୍ଷୁଦ୍ର ଚାଷୀ (Small Farmers) ଙ୍କ ସଂଖ୍ୟା ରାଜ୍ୟର ସମଗ୍ର କୃଷି ସଂପ୍ରଦାୟର ୭୭ ପ୍ରତିଶତରୁ ମଧ୍ୟ ଅଧିକ । ନିଜର ଚାଷଜମିରୁ ଆୟର ପରିମାଣ ଖୁବ୍ କମ୍ ହୋଇଥିବା ଯୋଗୁଁ ସେମାନେ କୃଷି କ୍ଷେତ୍ରରେ ନୂତନ ବୈଷୟିକ ଜ୍ଞାନ କୌଶଳ ପ୍ରୟୋଗ କରିବାରେ ଅସମର୍ଥ ହୁଅନ୍ତି । ଜନସଂଖ୍ୟାର ଦ୍ରୁତ ବୃଦ୍ଧି ଯୋଗୁଁ ଘଟୁଥିବା କୃଷି କ୍ଷେତ୍ରଗୁଡ଼ିକର ସଂକୁଚନ ଓ ନିରନ୍ତର ବିଭାଜନ ସେମାନଙ୍କ ଅର୍ଥନୈତିକ ସ୍ଥିତି ଉପରେ ପ୍ରତିକୂଳ ପ୍ରଭାବ ପକାଇଅଛି । କ୍ଷୁଦ୍ର ଜମିଗୁଡ଼ିକରେ ଚାଷ କରିବା ଫଳରେ ସେମାନେ ଆକାରଜନିତ ମିତବ୍ୟୟିତା (Economies of Scale) ରୁ ମଧ୍ୟ ବଞ୍ଚିତ ହେଉଛନ୍ତି ।

### ଦାରିଦ୍ର୍ୟ

ଓଡ଼ିଶାର ଗ୍ରାମାଞ୍ଚଳଗୁଡ଼ିକରେ କୃଷକମାନଙ୍କ ବିଭିନ୍ନ ସମସ୍ୟାଗୁଡ଼ିକ ମଧ୍ୟରେ ଦାରିଦ୍ର୍ୟ ଅନ୍ୟତମ । ପ୍ରାୟତଃ

ଦେଖାଯାଇଥାଏ ଯେ ସମସ୍ତ ପ୍ରକାର କୃଷକବର୍ଗ ମଧ୍ୟରେ ଧାନ ଚାଷୀମାନେ ଅପେକ୍ଷାକୃତ ଭାବରେ ଦରିଦ୍ର । ସବୁଜ ବିପ୍ଳବ (Green Revolution) ର ଧାନଚାଷ ଉପରେ ଆଶାନୁରୂପ ଭାବରେ ପ୍ରଭାବ ବିସ୍ତାର କରିବାରେ ବିଫଳତା ଏହାର ଏକ ମୁଖ୍ୟ କାରଣ ହୋଇପାରେ । ତା' ସଂଗେ ସଂଗେ ଧାନ ଫସଲରେ ବେଶି ଜଳ, ସାର ଏବଂ କୀଟ ନାଶକ ପ୍ରଭୃତିର ଆବଶ୍ୟକତା ପଡୁଥିବାରୁ ବୃଷ୍ଟିପୁଷ୍ଟ ଅଂଚଳର ଧାନଚାଷୀମାନେ ଉନ୍ନତ କିସମ ବିହନ ବ୍ୟବହାର କରିବାରେ ଆଗ୍ରହ ଦେଖାନ୍ତି ନାହିଁ । ଫଳତଃ, ଅଳ୍ପ ଉତ୍ପାଦନକ୍ଷମ ସ୍ଥାନୀୟ ବିହନ ଗୁଡ଼ିକର ବ୍ୟବହାର ଯୋଗୁଁ ସେମାନେ ଦୀର୍ଘକାଳ ଧରି ଦାରିଦ୍ର୍ୟର ସୀମାରେଖା ତଳେ ରହିଛନ୍ତି । ସୀମିତ ଭୂମି ସ୍ୱତ୍ୱ ଏବଂ କ୍ରମ ବର୍ଦ୍ଧିଷ୍ଣୁ ପରିବାରର ସଦସ୍ୟ ସଂଖ୍ୟା ହେତୁ ସେମାନେ ଦାରିଦ୍ର୍ୟର ଅଭିଶପ୍ତ ପରିଧି (Vicious Circle of Poverty) ମଧ୍ୟରୁ ମୁକ୍ତ ହୋଇ ପାରୁ ନାହାନ୍ତି ।

### ପୁଂଜି ଏବଂ ଋଣର ଅଭାବ

ଉଚିତ୍ ସୁଧ ହାରରେ ପର୍ଯ୍ୟାପ୍ତ ଏବଂ ଯଥାକାଳୀନ ଋଣର ଅନୁପଲବ୍ଧି ଓଡ଼ିଶାର ଧାନଚାଷୀଙ୍କ ପାଇଁ ଅନ୍ୟତମ ସମସ୍ୟା । ପୁଣି ଅନେକ ବାଧା ବିଘ୍ନର ସମ୍ମୁଖୀନ ହୋଇ ବର୍ଷକୁ ଗୋଟିଏ ଫସଲ କରିବାରେ ସମର୍ଥ ହେଉଥିବା ବୃଷ୍ଟି ପୁଷ୍ଟ ଅଚଂଳର ଧାନଚାଷୀ ଙ୍କ ପାଇଁ ଏହି ସମସ୍ୟା ଆହୁରି ଗୁରୁତ୍ୱପୂର୍ଣ୍ଣ । ଆମ ରାଜ୍ୟରେ କୃଷି କ୍ଷେତ୍ରରେ ପୁଂଜି ବିନିଯୋଗର ହାର ଖୁବ୍ କମ୍ । କୃଷି କ୍ଷେତ୍ରକୁ ସମୟାନୁସାରେ ଏବଂ ଯଥେଷ୍ଟ ପରିମାଣରେ ଋଣ ଯୋଗାଇ ଦେବା ନିମନ୍ତେ ଆନୁଷ୍ଠାନିକ ସଂସ୍ଥାଗୁଡ଼ିକର ସଂଖ୍ୟା ମଧ ଉତ୍ସାହଜନକ ନୁହେଁ । ମାର୍ଚ୍ଚ ୧୯୯୨ ମସିହାରେ ଓଡ଼ିଶାର ଏକଲକ୍ଷ ଜନସଂଖ୍ୟା ପାଇଁ ଉପଲବ୍ଧ ବ୍ୟବସାୟିକ ବ୍ୟାଙ୍କ ସଂଖ୍ୟା ୬.୬ ଥିଲା । ସେହି ସମୟରେ ଗୁଜରାଟ, ହରିଆନା ଓ ଆନ୍ଧ୍ରପ୍ରଦେଶ ଭଳି ରାଜ୍ୟଗୁଡ଼ିକରେ ଏହି ସଂଖ୍ୟା ଥିଲା ୭ରୁ ବେଶି ଏବଂ ପଂଜାବରେ ଏହାର ସଂଖ୍ୟା ୧୦ ରୁ ଅଧିକ ଥିଲା । ଅଣଆନୁଷ୍ଠାନିକ ସୂତ୍ରରୁ ଉପଲବ୍ଧ ଋଣ ପର୍ଯ୍ୟାପ୍ତ କିମ୍ବା ସମୟସାପେକ୍ଷ ହେଉନାହିଁ ଏବଂ ସେଥିରେ ସୁଧର ହାର ମଧ ଯଥେଷ୍ଟ ବେଶି । ତେଣୁ ପୁଂଜି ଏବଂ ଋଣର ଅଭାବରେ ଓଡ଼ିଶାର ଧାନଚାଷୀମାନେ ଚିରାଚରିତ ପୁରୁଣା ରୀତିରେ ଚାଷ କରିବା ପାଇଁ ବାଧ୍ୟ ହେଉଛନ୍ତି ।

### ଅଜ୍ଞତା ଏବଂ ପରଂପରାଗତ ଚିନ୍ତାଧାରା

ଓଡ଼ିଶାର ଅଧିକାଂଶ କୃଷକ ଅଶିକ୍ଷିତ ଅଥବା ଅଳ୍ପ ଶିକ୍ଷିତ । ଧାନ ଚାଷ ସେମାନଙ୍କ ପାଇଁ ଉତ୍ତରାଧିକାର ସୂତ୍ରରେ ମିଳିଥିବା ଏକ ଅବଲମ୍ବନ ମାତ୍ର ଏଥିପାଇଁ ସେମାନଙ୍କ ମଧ୍ୟରୁ ଅନେକ ଚାଷୀ କୌଣସି ସ୍ୱତନ୍ତ୍ର ଶିକ୍ଷା ବା ତାଲିମର ଆବଶ୍ୟକତାକୁ ଜରୁରୀ ମନେକରନ୍ତି ନାହିଁ । ଫଳତଃ ,କୃଷି ସମ୍ବନ୍ଧୀୟ ନୂତନ ଜ୍ଞାନ କୌଶଳ ସମୂହ, ଯଥା- ଉନ୍ନତ କିସମ ବିହନର ପ୍ରକାର , ସାର ଗୁଡ଼ିକର ଆନୁପାତିକ ଏବଂ ଉଚିତ୍ ପ୍ରୟୋଗ , ନୂତନ କୀଟନାଶକ ଓ କୃଷି ଯନ୍ତ୍ରପାତିଗୁଡ଼ିକ ବିଷୟରେ ଧାରଣା ଓ ସେଗୁଡ଼ିକର ବ୍ୟବହାର ପ୍ରଭୃତି ବିଷୟରେ ସେମାନେ ଅନଭିଜ୍ଞ ରହନ୍ତି । ଏଗୁଡ଼ିକର ବ୍ୟବହାର ଯେଣି ଅନେକ ଆଶଂକା ଏବଂ ଅନ୍ଧ ବିଶ୍ୱାସ ଏଯାବତ୍ ଓଡ଼ିଶାର କୃଷକମାନଙ୍କ ମସ୍ତିଷ୍କ ଅବରୁଦ୍ଧ କରିଛି । ମିଶ୍ରିତକୃଷି (Mixed Farming), ସମବାୟ କୃଷି (Co-Operative Farming) ଏବଂ ବ୍ୟବସାୟ ଭିତ୍ତିକ କୃଷିର ଲାଭ ସମ୍ବନ୍ଧରେ ଏବେ ବି ଅନେକ ଚାଷୀ ଅଜ୍ଞ । ଓଡ଼ିଶାର ଅନେକ ଅଂଚଳରେ କୃଷକମାନଙ୍କ ପାଇଁ ଧାନ ଚାଷ ଜୀବନ ଧାରାର ଏକ ଅଂଗ ମାତ୍ର । ଏକ ଲୁଚି ପୂର୍ଣ୍ଣ ବ୍ୟବସାୟ ନୁହେଁ ।

### ବିହନ ଏବଂ କୃଷି ଉପକରଣଗୁଡ଼ିକର ଯୋଗାଣରେ ପ୍ରତିବନ୍ଧକ

ଓଡ଼ିଶାର ଧାନଚାଷୀମାନେ ଅନେକ ସମୟରେ ଉନ୍ନତ ବିହନ, ସାର ଓ କୀଟ ନାଶକ ତଥା କୃଷି ଯନ୍ତ୍ରପାତି ପ୍ରଭୃତି ଅତ୍ୟାବଶ୍ୟକୀୟ ଦ୍ରବ୍ୟଗୁଡ଼ିକୁ ଉଚିତ ସମୟ ଏବଂ ପରିମାଣରେ ପାଇ ନଥାନ୍ତି । ଅଧିକ ଅମଳକ୍ଷମ ବିହନ ମିଳିବାରେ ଅସୁବିଧା ହେବା ସଂଗେ ସଂଗେ ବିଭିନ୍ନ ପ୍ରକାର ଜମି ଓ ମାଟି ଉପଯୋଗୀ ଧାନ କିସମର ବିହନ ବଜାରରେ ମିଳେ ନାହିଁ । ବଜାରରେ ଅନେକ ସମୟରେ କେତେକ ସାର ପର୍ଯ୍ୟାପ୍ତ ଭାବରେ ମହଜୁଦ ନଥାଏ । ଓଡ଼ିଶାରେ ହେକ୍ଟର ପିଛା ସାର ପ୍ରୟୋଗର ମାତ୍ରା ହାରାହାରି ୨୧ କି:ଗ୍ରା: ହୋଇଥିବା ସ୍ଥଳେ ପଂଜାବରେ ଏହାର ପରିମାଣ ୧୫୦ କି:ଗ୍ରା:ରୁ ବେଶି ଏବଂ ହରିଆନା ଓ ଆନ୍ଧ୍ରପ୍ରଦେଶରେ ଏହାର ପରିମାଣ ୧୦୦କି:ଗ୍ରା:ରୁ ମଧ ଅଧିକ । ଆସାମ ବ୍ୟତୀତ ଭାରତର ପୂର୍ବାଞ୍ଚଳରେ ଅବସ୍ଥିତ ସବୁ ରାଜ୍ୟରେ ହେକ୍ଟର ପିଛା ସାର ପ୍ରୟୋଗର ହାର ଓଡ଼ିଶା ତୁଳନାରେ ଅଧିକ । ଉନ୍ନତ ଅମଳ କ୍ଷମ ବିହନର ବ୍ୟବହାର ବିଷୟ ଅନୁଧ୍ୟାନ କଲେ ଜଣାଯାଏ ଯେ, ଏଗୁଡ଼ିକର ବ୍ୟବହାର ହେଉଥିବା ଜମି ଓଡ଼ିଶାର ସମୁଦାୟ ଆବାଦି ଜମିର ଯେତେ ପ୍ରତିଶତ, ପୂର୍ବାଞ୍ଚଳରେ ପଶ୍ଚିମ ବଙ୍ଗଳା ଏବଂ ସର୍ବଭାରତୀୟ ସ୍ତରରେ ଅନ୍ୟ ତିନୋଟି ଅଂଚଳ (ପଶ୍ଚିମ, ଉତ୍ତର ଏବଂ ଦକ୍ଷିଣ) ଗୁଡ଼ିକରେ ଏହାର ହାର ଯଥେଷ୍ଟ ବେଶି । ପୁନଶ୍ଚ, ଓଡ଼ିଶାର ବ୍ଲକ ଓ ଗ୍ରାମ ସ୍ତରରେ ଉନ୍ନତ କୃଷି ଯନ୍ତ୍ରପାତିଗୁଡ଼ିକର

ଯୋଗାଣ ଏବେ ମଧ୍ୟ ସୁଚାରୁ ରୂପେ ହୋଇପାରି ନାହିଁ । ଉପଲବ୍ଧ ଯନ୍ତ୍ରପାତିଗୁଡ଼ିକର ମରାମତି ନିମନ୍ତେ ବ୍ଲକସ୍ତରରେ ସୁବିଧା ମଧ୍ୟ ନାହିଁ । ତା'ଛଡ଼ା କେତେକ ଯନ୍ତ୍ରପାତିର ମୂଲ୍ୟ କ୍ଷୁଦ୍ର ଚାଷୀମାନଙ୍କ ପାଇଁ ଉତ୍ସାହଜନକ ହୋଇ ନଥିବାରୁ ସେଗୁଡ଼ିକର ବ୍ୟବହାର ଓଡ଼ିଶାରେ ପ୍ରାୟ କମ୍ ଦେଖିବାକୁ ମିଳିଥାଏ ।

## ଆନୁଷଙ୍ଗିକ ସୁବିଧା ସୁଯୋଗର ଅଭାବ

ଏକ ପ୍ରଗତିଶୀଳ ଅର୍ଥନୀତିର ଦ୍ରୁତ ଏବଂ ଦୀର୍ଘସ୍ଥାୟୀ ବିକାଶ ନିମନ୍ତେ ଆନୁଷଙ୍ଗିକ ସୁବିଧା (Infrastructure) ଗୁଡ଼ିକର ଆବଶ୍ୟକତା ବିଷୟରେ ଅନେକ ଅର୍ଥନୀତିଜ୍ଞ ଆଲୋକପାତ କରିଛନ୍ତି । ଜଳସେଚନ ଏବଂ ଋଣ ଯୋଗାଣ ସୁବିଧା ଅଭାବ ସାଙ୍ଗକୁ ପରିବହନ ଏବଂ ଉନ୍ନତ ରାସ୍ତାଘାଟ ଅଭାବ ଓଡ଼ିଶାର ଧାନଚାଷୀଙ୍କ ପାଇଁ ଏକ ବଡ଼ ସମସ୍ୟା । ୧୯୮୭-୮୮ ମସିହାରେ ଓଡ଼ିଶାର ଶତକଡ଼ା ୮୫ଭାଗ ଗ୍ରାମମାନଙ୍କୁ ଯିବାପାଇଁ ସବୁଦିନିଆ ପକ୍କା ରାସ୍ତା ଅଭାବ ରହିଥିଲା । ଏହା ସହିତ ନିକଟ ଦୂରତ୍ୱରେ ଉନ୍ନତ ଗୋଦାମ ଗୃହ, କୃଷି ଭିତ୍ତିକ ଏବଂ ଧାନ ପ୍ରକ୍ରିୟାକରଣ କାରଖାନାଗୁଡ଼ିକର ସ୍ୱଳ୍ପତା ଧାନଚାଷୀ ମାନଙ୍କ ଉନ୍ନତିରେ ବ୍ୟାଘାତ ସୃଷ୍ଟି କରିଛି । ରାଜ୍ୟରେ ବିଜୁଳି ଶକ୍ତି ଯୋଗାଣରେ ନିଅଣ୍ଟ ଏବଂ ବିଭ୍ରାଟ ବିଷୟ ମଧ୍ୟ ଏଠାରେ ଉଲ୍ଲେଖଯୋଗ୍ୟ । କୃଷି କ୍ଷେତ୍ରରେ ମୁଣ୍ଡପିଛା ବିଜୁଳି ଶକ୍ତି ବ୍ୟବହାର ୧୯୮୯-୯୦ ମସିହା ପାଇଁ ''ଓଡ଼ିଶାରେ ୫.୪ କିଲୋହାର୍ଟ ଥିବା ସ୍ଥଳେ ପଂଜାବ, ହରିଆନା ଏବଂ ଗୁଜରାଟରେ ଏହାର ପରିମାଣ ଯଥାକ୍ରମେ ୨୬୨.୬, ୧୬୦.୯ ଏବଂ ୧୨୭.୯ କିଲୋହାର୍ଜ୍ ରହିଥିଲା । ସେହି ବର୍ଷରେ ସମଗ୍ର ଭାରତରେ କୃଷି କ୍ଷେତ୍ର ପାଇଁ ବିଜୁଳି ଶକ୍ତିର ମୁଣ୍ଡପିଛା ବ୍ୟବହାରର ମାତ୍ରା ୫୩.୭ କିଲୋହାର୍ଜ୍ ରହିଥିଲା । ତେଣୁ ସୁଗଠିତ ଏବଂ ଉନ୍ନତ ଆନୁଷଙ୍ଗିକ ସୁବିଧାଗୁଡ଼ିକର ଅଭାବ ଯେ ଓଡ଼ିଶାର ବୃଷ୍ଟିପୁଷ୍ଟ ଅଂଚଳର ଧାନଚାଷୀମାନଙ୍କ ଅର୍ଥନୈତିକ ପ୍ରଗତି ପଥରେ ଅନ୍ତରାୟ ହୋଇଛି, ଏଥିରେ ଦ୍ୱିମତ ହେବାର ନାହିଁ ।

ଓଡ଼ିଶା ସମେତ ସମଗ୍ର ଭାରତବର୍ଷର ଜନସଂଖ୍ୟାରେ ଦ୍ରୁତ ବୃଦ୍ଧି ସଂଗକୁ ଖାଦ୍ୟ ଶସ୍ୟର ଚାହିଦାରେ ମଧ୍ୟ ଆଶାତୀତ ବୃଦ୍ଧି ଦେଖାଦେଇଛି । ଆଗାମୀ ବର୍ଷମାନଙ୍କରେ ଏହା ଏକ ଗୁରୁତର ସମସ୍ୟାର ରୂପନେବା ଏକ ଆଶ୍ଚର୍ଯ୍ୟର ବିଷୟ ନୁହେଁ । ଏହି ପରିପ୍ରେକ୍ଷୀରେ କ୍ରମଶଃ କମିଯାଉଥିବା ମୁଣ୍ଡପିଛା ଭୂମି, ସାର, ବିହନ ଏବଂ କୀଟନାଶକ ଔଷଧ ପ୍ରଭୃତିରୁ ମଧ୍ୟ ଭବିଷ୍ୟତରେ ବର୍ତ୍ତମାନଠାରୁ ଯଥେଷ୍ଟ ଅଧିକ ଉତ୍ପାଦନର ଆବଶ୍ୟକତା ରହିଛି । ସମସ୍ତ ପ୍ରକାର ଚାଷ ଜମିକୁ ଜଳସେଚନ ସୁବିଧା ଯୋଗାଇବା ସମ୍ଭବପର ବ୍ୟାପାର ହୋଇ ନଥିବାରୁ ସଂପ୍ରତି ବୃଷ୍ଟିପୁଷ୍ଟ ଧାନଚାଷ ଏବଂ ଏହାର ଉତ୍ପାଦନରେ ବୃଦ୍ଧି ଘଟାଇବା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଏଥିସହକାରେ ବୃଷ୍ଟିପୁଷ୍ଟ ଅଂଚଳୀୟ ଧାନଚାଷୀମାନେ ସମ୍ମୁଖୀନହେଉଥିବା ଉପରୋକ୍ତ ସାମାଜିକ ଓ ଅର୍ଥନୈତିକ ସମସ୍ୟାଗୁଡ଼ିକର ସମାଧାନ ମଧ୍ୟ ସେହି ପରିମାଣରେ ଜରୁରୀ । ଏ ଦିଗରେ ନିମ୍ନଲିଖିତ ପଦକ୍ଷେପଗୁଡ଼ିକ ଗ୍ରହଣ କରାଯାଇପାରେ ।

ଯଥାସମ୍ଭବ ଜଳସେଚନ ସୁବିଧା ସଂପ୍ରସାରଣ, ଆନୁଷଙ୍ଗିକ ସୁବିଧା ସୁଯୋଗଗୁଡ଼ିକରେ ବୃଦ୍ଧି, ପର୍ଯ୍ୟାପ୍ତ ଏବଂ ଯଥାକାଳୀନ ଋଣ ଯୋଗାଣ ଓ ଭୂମି ସଂସ୍କାରର ଉଚିତ୍ କାର୍ଯ୍ୟକାରୀକରଣ ଭଳି କେତେକ ପଦକ୍ଷେପ ସରକାରୀ ସ୍ତରରେ ଗ୍ରହଣ କରାଯାଇପାରେ । ଏଥି ସହିତ ଗ୍ରାମୀଣ କୃଷି ଭିତ୍ତିକ ଉଦ୍ୟୋଗଗୁଡ଼ିକର ପ୍ରୋତ୍ସାହନ ମଧ୍ୟ ସେହି ପରିମାଣରେ ଜରୁରୀ । ବୃଷ୍ଟି ପୁଷ୍ଟି ଅଂଚଳର ଧାନଚାଷୀମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ପଦକ୍ଷେପଗୁଡ଼ିକ ମଧ୍ୟରେ ମିଶ୍ରିତ କୃଷି , ଅର୍ଥକାରୀ ଫସଲ ଚାଷ ଏବଂ ସମବାୟ କୃଷି ପ୍ରଭୃତି ଗ୍ରହଣଯୋଗ୍ୟ । ତା' ସଂଗେ ସଂଗେ ଗ୍ରାମସ୍ତରରେ ସ୍ୱୟଂ ସେବୀ ଅନୁଷ୍ଠାନ ଓ ସରକାରଙ୍କ ମିଳିତ ଉଦ୍ୟମରେ ତାଲିମ ପ୍ରଦାନ ଏବଂ ସଂପ୍ରସାରଣର ସଂଗଠିତ ବ୍ୟବସ୍ଥା ବୃଷ୍ଟିପୁଷ୍ଟ ଧାନ୍ୟାଞ୍ଚଳର ଚାଷୀ ମାନଙ୍କ ପାଇଁ ଅନେକ ପରିମାଣରେ ଫଳପ୍ରଦ ହୋଇପାରିବ ।

*କୃଷି ଅର୍ଥନୀତି ବିଭାଗ*
*କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୬*

# ଜାତୀୟତାବାଦୀ ଜବାହରଲାଲ


ଶ୍ରୀମତୀ ଜ୍ୟୋତିର୍ମୟୀ ସାମନ୍ତରାୟ

ହିନ୍ଦୁ ତତ୍ତ୍ୱ ଆତ୍ମାର ମୁକ୍ତି ଅର୍ଥାତ୍ ନଶ୍ୱର ଶରୀରର ମୁକ୍ତି ଉପରେ ବିଶ୍ୱାସ କରେ । ଏହି 'ମୁକ୍ତି' ବା ସ୍ୱାଧୀନତା ନିମନ୍ତେ ଭିନ୍ନ ଭିନ୍ନ ସମୟରେ ରାଜନୀତିବିଜ୍ଞାନୀ ଓ ଦାର୍ଶନିକମାନେ ଆହ୍ୱାନ ଦେଇଛନ୍ତି । ଦାର୍ଶନିକ ରୁଷୋଙ୍କ ମତରେ, ମଣିଷ୍ୟ ସ୍ୱାଧୀନ ଭାବରେ ଜନ୍ମ ଗ୍ରହଣ କଲେ ମଧ୍ୟ ସଂପୂର୍ଣ୍ଣ ବନ୍ଧନମୁକ୍ତ ନୁହେଁ । ମାର୍କ୍ସ ଆହ୍ୱାନ ଦେଇଥିଲେ, "ବିଶ୍ୱର ସବୁ ଶ୍ରମିକ ଏକତ୍ରିତ ହୁଅ; ଫଳରେ ତୁମମାନଙ୍କୁ ତୁମର ବନ୍ଧନ ବ୍ୟତୀତ ଆଉ କିଛି ହରାଇବାକୁ ପଡ଼ିବ ନାହିଁ । ସେହିପରି ଫରାସୀ ବିପ୍ଳବର ମୁଖ୍ୟ ସ୍ଲୋଗାନ ଥିଲା, ମୋତେ ସ୍ୱାଧୀନତା ଦିଅ, ନହେଲେ ମୁଁ ମୃତ୍ୟୁ ଚାହେଁ ।

ବିଶ୍ୱର ଅଧିକାଂଶ ଦେଶକୁ ରାଜନୈତିକ ସ୍ୱାଧୀନତା ମିଳି ସାରିଛି । ତେଣୁ ଅର୍ଥନୈତିକ ସ୍ୱାଧୀନତା ଲାଭ ପାଇଁ ରାଷ୍ଟ୍ରଗୁଡ଼ିକ ଚେଷ୍ଟିତ । ଏତଦ୍‌ବ୍ୟତୀତ ସାମାଜିକ ସାଂସ୍କୃତିକ ସ୍ୱାଧୀନତା ଆଡ଼କୁ ରାଜନୀତିଜ୍ଞମାନେ ଏବେ ଦୃଷ୍ଟି ନିକ୍ଷେପ କରିଛନ୍ତି । ତେଣୁ ମାନବ ସଭ୍ୟତା ଓ ସଂସ୍କୃତିର ବିକାଶ ଘଟିବା ସଙ୍ଗେ ସଙ୍ଗେ 'ସ୍ୱାଧୀନତା'ର ପରିସରରେ ମଧ୍ୟ ପରିବର୍ତ୍ତନ ଦେଖା ଦେଇଛି ।

ବିଶ୍ୱରେ ବ୍ରିଟିଶ ଶୃଙ୍ଖଳରୁ ମୁକ୍ତି ପାଇଥିବା ଦେଶମାନଙ୍କ ମଧ୍ୟରେ ଭାରତ ସର୍ବପ୍ରଥମ । ଭାରତର ମୁକ୍ତି ସଂଗ୍ରାମରେ ନେହେରୁ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । କେବଳ ଦେଶପାଇଁ ନୁହେଁ, ଆନ୍ତର୍ଜାତିକ କ୍ଷେତ୍ରରେ ବିଭିନ୍ନ ଦେଶକୁ ସ୍ୱାଧୀନ କରିବାରେ ନେହେରୁ ମଧ୍ୟ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ।

ଆଧୁନିକ ଭାରତର ନିର୍ମାତା ତଥା ଭାରତୀୟ ମୁକ୍ତି ସଂଗ୍ରାମର ପ୍ରଧାନ ସୂତ୍ରଧର ପଣ୍ଡିତ ଜବାହରଲାଲ ନେହରୁ ୧୮୮୯ ମସିହା ନଭେମ୍ବର ମାସ ୧୪ ତାରିଖ ଦିନ ଆହ୍ଲାବାଦର ଏକ ଧନୀ କାଶ୍ମୀରୀ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତା ଥିଲେ ମୋତିଲାଲ ନେହେରୁ । ପିଲାଟି ଦିନରୁ ସ୍ୱାଧୀନତା



ତଥା ସାହସିକତା ଗୁଣକୁ ଶ୍ରୀ ନେହରୁ ତାଙ୍କ ପିତାଙ୍କଠାରୁ ଶିଖିଥିଲେ । ତାଙ୍କର ଆତ୍ମଜୀବନୀ ତଥା ବିଭିନ୍ନ ପତ୍ରପତ୍ରିକାରୁ ଶ୍ରୀ ନେହେରୁଙ୍କର ଗଭୀର ଦେଶ ଭକ୍ତି ସମ୍ବନ୍ଧରେ ପ୍ରମାଣ ମିଳେ ।

ଭାରତର ଜାତୀୟ ମୁକ୍ତି ଆନ୍ଦୋଳନରେ ଶ୍ରୀ ନେହେରୁ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ । ଜାତିର ପିତା ମହାତ୍ମାଗାନ୍ଧୀଙ୍କ ପରେ ଶ୍ରୀ ନେହେରୁଙ୍କ ସ୍ଥାନ ଦ୍ୱିତୀୟରେ । ଗାନ୍ଧିଜୀଙ୍କ ପୂର୍ବରୁ ସେ

# ଅମର ଶହୀଦ ଜୟୀ ରାଜଗୁରୁ

ଶ୍ରୀ ସଦାଶିବ ମିଶ୍ର

ଦୀର୍ଘଦିନର ପରାଧୀନତା, ଇଂରେଜ ମାନଙ୍କର ଶାସନ, ଅତ୍ୟାଚାର,ଅନ୍ୟାୟ ବିରୁଦ୍ଧରେ ଭାରତୀୟମାନଙ୍କ ମଧ୍ୟରେ ଜାଗରଣ ସୃଷ୍ଟି ହୋଇଥିଲା । ୧୮୫୭ ମସିହାରେ ଘଟିଥିବା ସିପାହୀ ବିଦ୍ରୋହକୁ ଭାରତର ସ୍ୱାଧୀନତା ଆନ୍ଦୋଳନର ଶୁଭାରମ୍ଭ କୁହାଯାଉଥିଲେ ମଧ୍ୟ ଏହାର ବହୁପୂର୍ବରୁ ଉତ୍କଳୀୟମାନେ ଇଂରେଜମାନଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ, ସଶସ୍ତ୍ର ସଂଗ୍ରାମ କରିଥିଲେ, ଏପରିକି ଅସହଯୋଗ ଆନ୍ଦୋଳନ କରିଥିଲେ । ସମ୍ବଲପୁରର ବୀରସୁରେନ୍ଦ୍ର ସାଏ, ଖୋର୍ଦ୍ଧାରାଜାଙ୍କର ମନ୍ତ୍ରୀ ଓ ପୁରୋହିତ ଜୟୀରାଜଗୁରୁ, ତାପଙ୍ଗର ଦଳବେହେରା, ଖୋର୍ଦ୍ଧାଗଡ଼ର ବକ୍ସିଜଗବନ୍ଧୁ , କୃତ୍ତିବାସ ପାଟଶାଣୀ ଅଗ୍ରଗଣ୍ୟ । ଏତଦ୍ ବ୍ୟତୀତ ଇଂରେଜମାନଙ୍କୁ ଉତ୍କଳ ତଥା ଦେଶରୁ ବିତାଡ଼ିତ କରିବା ପାଇଁ ଯେଉଁମାନେ ଆଗେଇ ଆସିଥିଲେ ଜୀବନକୁ ବାଜିଦେଇ, ସେମାନେ ହେଲେ ବିର୍ସାମୁଣ୍ଡା, ତାମାକୋୟା, ରଘୁନାଥ ମହାନ୍ତି, ଦିବାକର ପରିଡ଼ା, ମଧୁ ସିଂହ, ଧରଣୀଧର, ଲକ୍ଷ୍ମଣନାୟକ । ଦେଶ ଓ ଜାତି ପାଇଁ ଜୀବନ ଦେଇ ଏମାନେ ଶହୀଦ୍ ହେଲେ । ଏମାନଙ୍କ ଆତ୍ମଦାନ ଓ ସ୍ୱାର୍ଥ ତ୍ୟାଗର କାହାଣୀ, ଗାଥା ଆଲୋଚନା କଲେ, ଶ୍ରବଣ କଲେ ଆଖି କୋଣେ ଲୁହ ଜମିଯାଏ ଆପେ ଆପେ । ଯଥାର୍ଥରେ ଏମାନେ ବୀର ।

କବିଙ୍କ ଭାଷାରେ :

''ପଛଘୁଞ୍ଚା ନାହିଁ ବୀରର ଜାତକେ
ନମରେ ସେ ଯେବେ ପରାଣ ଆଟକେ ।''

ସ୍ୱାଧୀନତା ହେଉଅଛି ମାନବର ଜନ୍ମଗତ ଅଧିକାର । ଏ ସଂପର୍କରେ ଜାତିପ୍ରାଣ ଉତ୍କଳମଣି ଗୋପବନ୍ଧୁ କହିଛନ୍ତି:

*ସ୍ୱାଧୀନତା ମାନବର ଜନ୍ମ ଅଧିକାର ।*
*ସ୍ୱାଧୀନ ଭାଷଣ ଆଉ ସ୍ୱାଧୀନ ବିହାର ॥*
*ସ୍ୱାଧୀନ ଜୀବନ ପୁଣି ସ୍ୱାଧୀନ ସମିତି ।*
*ଚାରିସ୍ତମ୍ଭେ ମାନବର ସମାଜ ସଂସ୍ଥିତି ॥*

୧୮୦୩ ମସିହା ପର୍ଯ୍ୟନ୍ତ ଇଂରେଜମାନେ ଓଡ଼ିଶା ଅଧିକାର କରିପାରି ନଥିଲେ । ଇଂରେଜମାନେ ୧୮୦୩ ରେ ଓଡ଼ିଶା ଅଧିକାର କଲାବେଳକୁ ଖୋର୍ଦ୍ଧା ଗଡ଼ର ମୁକୁନ୍ଦଦେବ ଶାସନ କରୁଥାନ୍ତି । ମୁକୁନ୍ଦ ଦେବ ନାବାଳକ ଥିବାରୁ ତାଙ୍କର ମନ୍ତ୍ରୀ ତଥା ରାଜପୁରୋହିତ ଓ ମୁଖ୍ୟ ପରାମର୍ଶଦାତା ଜୟୀ ରାଜଗୁରୁ ଶାସନ କାର୍ଯ୍ୟ ପରିଚାଳନା କରୁଥିଲେ । ଜୟୀ ରାଜଗୁରୁଙ୍କର ପୁରାନାମ ଜୟକୃଷ୍ଣ ରାଜଗୁରୁ । ତାଙ୍କ ଜନ୍ମସ୍ଥାନ ପୁରୀ ସହର ନିକଟବର୍ତ୍ତୀ ବୀର ହରେକୃଷ୍ଣ ପୁର ଶାସନ ଗ୍ରାମରେ । ଭୁବନେଶ୍ୱର -ପୁରୀ ଜଗନ୍ନାଥ ସଡ଼କ କଡ଼ରେ ଉକ୍ତ ଶାସନ ଗ୍ରାମଟି ଅବସ୍ଥିତ ।

ଇଂରେଜମାନେ ଓଡ଼ିଶା ଅଧିକାର କରିନେବା ପରେ ରାଜା ମୁକୁନ୍ଦଦେବଙ୍କ ପାଖକୁ ଖଣ୍ଡିଏ ଚୁକ୍ତି ପତ୍ର ପଠାଇଲେ । ସେଥିରେ ଉଲ୍ଲେଖ ଥିଲା - ରାଜା ଇଂରେଜ ସରକାରଙ୍କୁ ମାନି ନେବେ । ବର୍ଷକୁ ବର୍ଷ ସରକାରଙ୍କୁ ପେସ୍ କେଶ (ଖଜଣା) ଦେବାକୁ ବାଧ ହେବେ । ଚୁକ୍ତି ପତ୍ରଟି ରାଜଦରବାରରେ ପଢ଼ାଗଲା । ରାଜଗୁରୁ ଏହାଶୁଣି ଚମକି ଉଠି କହିଲେ - ନାଁ, ଏହା କେବେ ହୋଇପାରେନା, ଅସମ୍ଭବ, ଏ ଚୁକ୍ତିପତ୍ର । ଓଡ଼ିଆ ବୀର ପାଇକମାନଙ୍କ ଦେହରେ ଶେଷ ରକ୍ତ ବିନ୍ଦୁ ଥିବା ଯାଏ ସେ କାହାର ବଶ୍ୟତା ସ୍ୱୀକାର କରିପାରିବ ନାହିଁ । ରାଜଗୁରୁଙ୍କ ପରାମର୍ଶ କ୍ରମେ ଚୁକ୍ତି ପତ୍ରଟି ଫେରାଇ ଦିଆଗଲା । ଚୁକ୍ତିପତ୍ର ଫେରିଆସିବା ଓ ଜୟୀ ରାଜଗୁରୁଙ୍କର ଇଂରେଜମାନଙ୍କ ପ୍ରତି କଟୁକ୍ତି ଶୁଣି, ଇଂରେଜ

ଶାସକ ଫ୍ଲେଚର ଗର୍ଜିଉଠି କହିଲେ- ଏତେ ସାହସ, ଏତେ ଦମ୍ଭ କାହାର ? କିଏ ସେ ଜୟୀ ରାଜଗୁରୁ ? ତୁରନ୍ତ ଇଜଲାସ୍‌ରେ ସାକ୍ଷାତ କରିବାପାଇଁ ଜୟୀରାଜଗୁରୁଙ୍କୁ ଆଦେଶ ହେଲା । ଜୟୀ ରାଜଗୁରୁ ଇଂରେଜ ସରକାରଙ୍କ ଆଦେଶକୁ ତିଳେ ହେଲେ ଖାତିରି ନ କରି, ଇଂରେଜ ସରକାର ବିରୁଦ୍ଧରେ ଯୁଦ୍ଧ ନିମନ୍ତେ ପ୍ରସ୍ତୁତ ହେବା ପାଇଁ ପାଇକମାନଙ୍କୁ ଆଦେଶ ଦେଲେ । ତାଙ୍କର ବୀରତ୍ୱ, ସାହସିକତା, ଜାତୀୟତା, ଦେଶପ୍ରେମମୂଳକ ବାଣୀ , ଉପଦେଶ ପାଇକମାନଙ୍କ ହୃଦୟରେ ଦେଶପ୍ରେମର ବହ୍ନି ଶିଖା ଦୀପ୍ତିମାନ କଲା । ନିଜ ଜନ୍ମଭୂମି, ମାତୃଭୂମିରୁ ଇଂରେଜମାନଙ୍କୁ ହଟାଇବା, ସେମାନଙ୍କର ବଶ୍ୟତା ସ୍ୱୀକାର ନ କରିବା ପାଇଁ ଖୋର୍ଦ୍ଧାର ପାଇକମାନେ ମାତି ଉଠିଲେ ସଶସ୍ତ୍ର ସଂଗ୍ରାମରେ ।

ଜୟୀ ରାଜଗୁରୁଙ୍କ ଡାକରାରେ କେବଳ ଖୋର୍ଦ୍ଧା ପାଇକମାନେ ନୁହନ୍ତି, ଢେଙ୍କାନାଳ, ସମ୍ବଲପୁର, ରସୁଲକୁଣ୍ଡା, ଗଞ୍ଜାମ, ରଙ୍ଗେଇ ଲୁଣ୍ଡା ଏବଂ କୁଜଙ୍ଗଠାରୁ କନିକା ଯାଏ ଓଡ଼ିଆ ପାଇକ ଓ ଓଡ଼ିଆପୁଅ ଇଂରେଜମାନଙ୍କ ବିରୁଦ୍ଧରେ ସଶସ୍ତ୍ର ସଂଗ୍ରାମ ପାଇଁ ପ୍ରସ୍ତୁତ ହୋଇ ଉଠିଲେ ।

ରାଜଗୁରୁଙ୍କର ଏଭଳି ଆଚରଣରେ କ୍ଷୁବ୍‌ଧ ହୋଇ ଇଂରେଜ ସେନା ମାଡ଼ିଚାଲିଲେ ଖୋର୍ଦ୍ଧାଗଡ଼ ଅଭିମୁଖେ । ଇଂରେଜ ସୈନ୍ୟବାହିନୀ ସହ ଓଡ଼ିଆ ବୀର ପାଇକମାନଙ୍କର ଘମା ଘୋଟ ଯୁଦ୍ଧ ହେଲା । ଖୋର୍ଦ୍ଧାର ବୀର ପାଇକମାନଙ୍କ ସହ ସଂଗ୍ରାମରେ ଜିଣିବା ସହଜ ସାଧ୍ୟ ନୁହେଁ ଭାବି ଇଂରେଜମାନେ କେତେକ ଦେଶଦ୍ରୋହୀଙ୍କୁ ହାତ କରି ଗଡ଼ ମଧ୍ୟକୁ ଯିବାର ଗୁପ୍ତ ପଥର ସନ୍ଧାନ ପାଇ ପାରିଲେ ।

ଦିନେ ରାତିରେ ଇଂରେଜମାନେ ଗଡ଼ମଧ୍ୟରେ ପ୍ରବେଶ କରି ସୁଯୋଗ ଦେଖି ଜୟୀ ରାଜଗୁରୁ ଓ ମୁକୁନ୍ଦଦେବଙ୍କୁ ବନ୍ଦୀକଲେ । ଖୋର୍ଦ୍ଧାଗଡ଼ ଇଂରେଜମାନଙ୍କର କରଗତ ହେଲା । ଇଂରେଜମାନଙ୍କର ତୋପ , ବନ୍ଧୁକ ନିକଟରେ ଓଡ଼ିଆ ବୀରମାନଙ୍କର ଢାଲ, ତରବାରୀ ହାର ମାନିଲା । କିନ୍ତୁ ରାଜଗୁରୁ ଏ ପରାଜୟକୁ ସ୍ୱୀକାର କଲେ ନାହିଁ ।

ମେଜର ଫ୍ଲେଚର ଘୋଷଣା କଲେ - ଜୟୀ ରାଜଗୁରୁ ଯଦି କ୍ଷମା ପ୍ରାର୍ଥନା କରନ୍ତି, ତେବେ ମୁକୁନ୍ଦ ଦେବଙ୍କୁ ଛାଡ଼ି ଦିଆଯିବ । ଏଭଳି ଅପମାନଜନକ ଘୋଷଣା ଶୁଣି ଜୟୀରାଜଗୁରୁ ଦୃଢ଼ତାର ସହ କହିଲେ - ଓଡ଼ିଆ ବୀର ଶୋଣିତ ରାଜଗୁରୁ ଦେହରେ ଚଳ ପ୍ରଚଳ କରୁଅଛି ଏକଥା ବୋଧେ ଫ୍ଲେଚର ଭୁଲିଯାଇଛନ୍ତି । ଗଜପତି ମୁକୁନ୍ଦ ଦେବଙ୍କ ମନ୍ତ୍ରୀ ତଥା ରାଜ ପୁରୋହିତ କ୍ଷମା ପ୍ରାର୍ଥନା କରିବ ବିଧର୍ମୀ ଇଂରେଜ୍ ଜାତି ନିକଟରେ, ନା, ଏହା କେବେ ହୋଇ ପାରେନା । କେବଳ ଏତିକି ନୁହେଁ ମେଜର ଫ୍ଲେଚରଙ୍କୁ ଶୁଣାଇ ଦେଲେ - ତୁମର ଭଲ ଚାହୁଁଥିଲେ ଗଜପତି ମୁକୁନ୍ଦ ଦେବଙ୍କୁ ତୁରନ୍ତ ମୁକ୍ତ କରିଦିଅ ! ନଚେତ୍ ପରିଣତି ଅତି ଭୟାନକ ହେବ ।

ରାଜଗୁରୁଙ୍କର ଏହି ଦାମ୍ଭିକତା ଦେଖି କ୍ରୋଧାନ୍ୱିତ ହୋଇ ଉଠିଲେ ମେଜର ଫ୍ଲେଚର । ସେତେବେଳେ ତାଙ୍କ ହାତରେ ସବୁ କ୍ଷମତା ଥାଏ । ବିନା ବିଚାରରେ ସର୍ବସାଧାରଣଙ୍କ ସାମ୍ନାରେ ଜୟୀ ରାଜଗୁରୁଙ୍କୁ ଫାଶୀ ଦେବାପାଇଁ ଇଂରେଜ ସରକାର ଘୋଷଣା କଲେ ।

ଖୋର୍ଦ୍ଧା ନିକଟରେ ଥିବା ବାଘିତୋଟାର ଗୋଟିଏ ବଡ଼ ବରଗଛର ଦୁଇଟି ଡାଳକୁ ଭିଡ଼ି ବାନ୍ଧି ଦିଆଗଲା । ଜୟୀ ରାଜଗୁରୁଙ୍କର ଗୋଡ଼ ଦୁଇଟିକୁ ଦୁଇଟି ଡାଳରେ ବାନ୍ଧି ମୁଣ୍ଡକୁ ତଳକୁ କରି ଝୁଲାଇ ଦିଆଗଲା । ଶେଷରେ ଦୁଇଟି ଯାକ ଡାଳକୁ ଏକତ୍ର ବନ୍ଧାଯାଇଥିବା ଦଉଡ଼ିକୁ କାଟିଦିଆଗଲା । ଦୁଇଟି ଡାଳ ହଠାତ୍ ଅଲଗା ହୋଇଯିବାରୁ ଜୟୀ ରାଜଗୁରୁ ଦୁଇଫାଳ ହୋଇଗଲେ । ଏହାଥିଲା ୧୮୦୫ ମସିହାର ଘଟଣା ।

ମହାନ ଦେଶପ୍ରେମୀ , ବୀରପୁଙ୍ଗବ, ସ୍ୱାଭିମାନୀ ଜୟୀ ରାଜଗୁରୁଙ୍କ ରକ୍ତରେ ବାଘିତୋଟାର ସେ ବରଗଛ ତଳଭୂଇଁ ରକ୍ତ ଚର୍ଚ୍ଚିତ ହୋଇଗଲା । ସମବେତ ହଜାର ହଜାର ଜନତାଙ୍କ ଆଖିରୁ ଝରିପଡ଼ିଲା ଲୁହ ଟୋପା ଟୋପା । ଏଥି ସହିତ ଇଂରେଜମାନଙ୍କ ପ୍ରତି ଘୃଣାଭାବ ସୃଷ୍ଟି ହେବା ସହିତ ଉତ୍କଳୀୟମାନଙ୍କ ଅନ୍ତରରେ ଅଧିକ ଭାବରେ ପ୍ରଜ୍ୱଳିତ ହୋଇଥିଲା ଦେଶ ପ୍ରେମ ବହ୍ନିଶିଖା । ଓଡ଼ିଆମାନଙ୍କ ପାଇଁ କେବଳ ନୁହେଁ ସମଗ୍ର ଭାରତବାସୀଙ୍କ ପାଇଁ ବାଘିତୋଟାର ସେ ବରଗଛ ସ୍ଥଳ ମହାନ ତୀର୍ଥ ସ୍ଥଳ ପାଲଟି ଗଲା । ଜାତିପାଇଁ, ଦେଶ ପାଇଁ ଓ ଜାତିର ସ୍ୱାଭିମାନ ରକ୍ଷାପାଇଁ ଜୀବନ ଦେଇ ଜୟୀରାଜଗୁରୁ ଅମର ଶହୀଦ ହୋଇଗଲେ ପଛେ ଶତ୍ରୁ ନିକଟରେ ମଥାନତ କରିନଥିଲେ ।

ସଂପାଦକ 'ସୁଲେଖା'

ବିମାନବଡୁସାହି , ଚଟିଆପଡ଼ାଲେନ୍, ପୁରୀ - ୧

# ଉତ୍କଳ ନୌବାଣିଜ୍ୟର ଗର୍ବ ଚିଲିକା ହ୍ରଦ

ଶ୍ରୀ ବ୍ରଜବନ୍ଧୁ ଦାଶ

ହଜାର ହଜାର ବର୍ଷତଳେ କାହିଁ କେଉଁ ଜୁରାସିକ୍ କାଳରେ ଯେଉଁ ବିରାଟ ଭୂପତନ ଘଟିଥିଲା ତା ଫଳରେ ଗଣ୍ଡୱାନାଲ୍ୟାଣ୍ଡ ଭଳି ବିରାଟ ସ୍ଥଳ ଭାଗ ଭୂତଳକୁ ନିମଜ୍ଜିତ ହେଲା । ବଙ୍ଗୋପସାଗର, ଭାରତ ସାଗର ସମେତ ଅନେକ ମହାସାଗରର ସୃଷ୍ଟି ଘଟିଲା । ଏହି ଭୂପତନ ପରେ ଭାରତର ପୂର୍ବ ଉପକୂଳରେ ଓଡ଼ିଶାକୂଳ ସଂଲଗ୍ନ ଏକ ଜଳଭାଗ ସ୍ଥଳଭାଗ ମଧ୍ୟକୁ ଅନୁପ୍ରବିଷ୍ଟ ହେଲା । ଯେଉଁ ଜଳଭାଗ ଖଣ୍ଡିକ ପରବର୍ତ୍ତୀ କାଳରେ ସମୁଦ୍ରରୁ ବିଚ୍ଛିନ୍ନ ହେଲା ତାହାହେଲା ଉତ୍କଳ ଭାଗ୍ୟାକାଶର କାବ୍ୟତାରା 'ଚିଲିକା' । ପ୍ରକୃତିର ଏହା ଏକ ମହତ୍ଦାନ । ୧୯°.୨୮' ରୁ ୧୯°.୫୪' ଡିଗ୍ରୀ ଉତ୍ତର ଅକ୍ଷାଂଶ ଏବଂ ୮୫°.୩୫' ଡିଗ୍ରୀ ପୂର୍ବ ଦ୍ରାଘିମାରେ ନିର୍ଣ୍ଣିତ ହୋଇଛି ଏହାର ସ୍ଥିତି ।

ଚିଲିକାର ନାମକରଣ ସଂପର୍କରେ କେହିକେହି ମତ ଦେଇ କହନ୍ତି ଚିଲି ନାମକ ମାଛ କିମ୍ବା ଅନେକ ଚିଲପକ୍ଷୀ ଥିବାରୁ ଏହାର ନାମ ଚିଲିକା ହୋଇଛି । ଚିଲି ଅର୍ଥାତ୍ ଭ୍ରୂଲତା ଭଳି ଏହାର ଆକାର ହୋଇଥିବାରୁ ଏହାର ନାମ ଚିଲିକା ହୋଇପାରେ ବୋଲି କେହି କେହି ଅନୁମାନ କରି କହନ୍ତି । କିନ୍ତୁ ଏହା ନିଶ୍ଚିତ ଯେ ଚିଲିକାର ନାମ ପୃଥିବୀର ବିଖ୍ୟାତ ଗାଣିତିକ ଜ୍ୟୋତିର୍ବିଦ୍ ତଥା ଭୌଗୋଳିକ କ୍ଲଡିୟସ୍ ଟୋଲେମିଅସ୍ (Claudius Ptolemaus) ଯେକି ଟୋଲେମି ନାମରେ ପରିଚିତ ତାଙ୍କ ଦ୍ୱାରା ୨ୟ ଶତାବ୍ଦୀରେ ପ୍ରସ୍ତୁତ ଭୂଚିତ୍ର ଗ୍ରନ୍ଥରେ ଦେଖିବାକୁ ମିଳେନାହିଁ । କିନ୍ତୁ ପଣ୍ଡିତ ଟୋଲେମି ଚିଲିକା ସଂଲଗ୍ନ 'ପାଲୁର'କୁ ଏକ ପ୍ରସିଦ୍ଧ ବନ୍ଦର ରୂପେ ବର୍ଣ୍ଣନା କରିଛନ୍ତି ।

ଚୀନ ପରିବ୍ରାଜକ ହୁଏନ୍‌ସାଂ ୬୩୯ ଖ୍ରୀ:ରେ କନ୍ୟୋଧ (କଙ୍ଗୋଦ) ଦେଇ ଯାତ୍ରା କଲେ । ସେ ତାଙ୍କ ବିବରଣୀରେ ଚେ.ଲି. ତା ଲୋ (chi-li-ta-lo) ର ବର୍ଣ୍ଣନା କରିଛନ୍ତି । ଏସ୍ ବିଲ୍‌କ ଦ୍ୱାରା ଲିଖିତ ହୁଏନ୍‌ସାଂଙ୍କ ଜୀବନ ବୃତ୍ତାନ୍ତରେ ହୁଏନ୍‌ସାଂଙ୍କ ବିବରଣୀ ଉଦ୍ଧାର କରାଯାଇ ଲେଖାଯାଇଛି ଯେ ଉଡ୍ର ଦେଶର ଦକ୍ଷିଣପୂର୍ବ ସୀମାନ୍ତ ସମୁଦ୍ର ଉପକୂଳରେ ଚେ.ଲି.ତା-ଲୋ ନାମକ ଏକ ନଗର ଥିଲା । ଏହା ଏକ ପ୍ରଧାନ ବାଣିଜ୍ୟ ସ୍ଥଳ । ଉଡ୍ର ଦେଶର ବଣିକମାନେ ଏହି ସ୍ଥାନରୁ ବାଣିଜ୍ୟ ସକାଶେ ସମୁଦ୍ରପଥରେ ଯାତ୍ରା କରିବା ନିମିତ୍ତ ସମବେତ ହେଉଥିଲେ । ଅନ୍ୟାନ୍ୟ ଦେଶାଗତ ବଣିକଗଣ ମଧ୍ୟ ସମବେତ ହୋଇ ଏହି ସ୍ଥାନରୁ ବିଭିନ୍ନ ଅଞ୍ଚଳକୁ ଯାତ୍ରା କରୁଥିଲେ । ଏହି ସ୍ଥାନରୁ ଦୁଇ ଶତ କି: ଦକ୍ଷିଣ ପଶ୍ଚିମକୁ ନିବିଡ଼ ଅରଣ୍ୟ ପାରି ହେଲେ କନ୍ୟୋଧ ରାଜ୍ୟ (ହୁଏନସାଂ ଏବଂ ତାହାଙ୍କ ଭାରତ ବିବରଣ - ଅନୁବାଦକ ଭାରତ ଚନ୍ଦ୍ର ନାୟକ - ପୃଷ୍ଠା ୧୮୦-୧୮୧) ।

କିନ୍ତୁ ଏଠାରେ ଉଲ୍ଲେଖ କରାଯାଇପାରେ ଯେ ବିବଦମାନ ଚେ:ଲି:ତାଲୋ ହେଉଛି ପ୍ରକୃତରେ ଚିଲିକା ନିକଟସ୍ଥ ଏକ ଆନ୍ତର୍ଜାତିକ ବନ୍ଦର । ଚିଲିକା ହ୍ରଦର ନାମ ଏହି ଚେ:ଲି:ତାଲୋ ଶବ୍ଦରୁ ହିଁ ସୃଷ୍ଟ । ହୁଏନସାଂଙ୍କ ବିବରଣୀ ବର୍ଣ୍ଣିତ ଚେ:ଲି:ତା:ଲୋ ଏକ ଚୀନ୍ ଭାଷିକ ଶବ୍ଦ । ଚୀନ ଭାଷାତତ୍ତ୍ୱବିଦ୍ H.P. Ray କହନ୍ତି - "It represents Che.li-dalo. Che.li may perhaps represent Chili of Chilika in which case the word will be chili(ka) tala, the lake Chilika ."(Sea trade with south - East Asia and the Ancient parts of Orissa - K.S. Behera)

ପୁନଶ୍ଚ ତାଲ ଅର୍ଥ ଖାଲ । ଖାଲ ଅର୍ଥରେ ଚିଲିକା କୂଳିଆ ଗ୍ରାମମାନଙ୍କରେ ଏହି ଶବ୍ଦର ବହୁଳ ବ୍ୟବହାର ଦେଖାଯାଏ । ଯଥା- ତାଲତାଲ ପାଣି, ରେଳଲାଇନ୍‌ର ଉଭୟ ପାର୍ଶ୍ୱ ଖାଲ ସ୍ଥାନକୁ 'ରେଲତାଲ', ତାଲକିଆରୀ ଇତ୍ୟାଦି । ତେଣୁ ପାଣି ପୂର୍ଣ୍ଣ ଖାଲ ଚିଲିକା ଏଥିରୁ ନାମିତ ହେବା ସମ୍ଭବ । କୃଷ୍ଣପ୍ରସାଦ ବ୍ଲକରେ ଗୋଟିଏ ଗ୍ରାମର ନାମ 'ତାଲତଲ' ମଧ୍ୟ ଏହି ଚେ:ଲି:ତାଲ ଶବ୍ଦରୁ ଅପଭ୍ରଷ୍ଟ ହୋଇପାରେ ।

ଚେ.ଲି.ତାଲୋରୁ ଜଙ୍ଗଲ ପଥରେ ୫୦ କି.ମି. ଦୂରରେ 'କନ୍ୟୋଧ ବା କଙ୍ଗୋଦର ରାଜଧାନୀ ବାଣପୁରର ନିଘଞ୍ଚ ଜଙ୍ଗଲରେ ଶାଳିମା ବା ଶାଳିଆ ନଦୀ କୂଳରେ ଗିରିଦୁର୍ଗ ବଙ୍କାଡ ଅବସ୍ଥିତ ।

ଚିଲିକା କୂଳରେ ମାଣିକ ପାଟଣା ଗ୍ରାମ ଅବସ୍ଥିତ । କବିବର ରାଧାନାଥ ରାୟ ୧୮୯୦ ମସିହାରେ ତାଙ୍କ ଦ୍ୱାରା ରଚିତ ଚିଲିକା ଖଣ୍ଡକାବ୍ୟରେ ଏକ କିମ୍ବଦନ୍ତୀକୁ ଆଧାର କରି ଲେଖିଥିଲେ -

ଇତିହାସ ରଙ୍ଗସ୍ଥଳୀ ତୁ ଚିଲିକା
ତୋର ତୀରେ ପରା ଶ୍ରୀମତୀ ମାଣିକା
ହସ୍ତେ ଭୁଞ୍ଜିଥିଲେ ସାଦରେ ଲବଣୀ
ଭାବଗ୍ରାହୀ ପ୍ରଭୁ ଭକ୍ତ ଚିନ୍ତାମଣି ।

ପ୍ରକୃତରେ ଏହି ମାଣିକ ପାଟଣା ଗ୍ରାମଟି ଉତ୍କଳ ସମୃଦ୍ଧିମନ୍ତ ଇତିହାସର ରଙ୍ଗସ୍ଥଳୀ । ମାଣିକ ଗଉଡୁଣୀ ନାମରେ ସିନା ଏହି ଜନପଦର ନାମ ମାଣିକ ପାଟଣା ହୋଇଛି ବୋଲି କିମ୍ବଦନ୍ତୀ ଅଛି କିନ୍ତୁ ବାସ୍ତବିକ୍ ପ୍ରାଚୀନ ଗୌରବଗର୍ଭା ମାଣିକ ପାଟଣା ମାଣିକ୍ୟ ଜ୍ୟୋତିଠାରୁ ବିଭବ ଯଶରେ ଆହୁରି ତେଜସ୍ୱିନୀ । ମିଷ୍ଟର ସାହେବ ଏଠାରେ ଲୁଣମରା ବ୍ୟବସାୟର ଦାୟିତ୍ୱ ନେଇଥିବାରୁ ଏହାର ନାମ ମିଷ୍ଟନି ପାଟଣା ଥିଲା । ଆବୁଲ ଫାଜଲ ମଧ ଏହାକୁ ଏକ ଲୁଣଟିକସ ଆଦାୟ କେନ୍ଦ୍ର ରୂପେ ଉଲ୍ଲେଖ କରିଥିଲେ ।

ଏଠାରେ ୧୯୮୯ ମସିହାରୁ ଭୂଖୋଦନକାର୍ଯ୍ୟ ଆରମ୍ଭ କରାଯାଇଛି । ଏଠାରୁ ଆବିଷ୍କୃତ ହୋଇଛି ରୋମ । ଚୀନ ଦେଶର ମୁଦ୍ରା, ବିଭିନ୍ନ ପାତ୍ରର ଭଗ୍ନାଂଶ, କୁଶାଣମୁଦ୍ରା, ଚାଙ୍ଗ, ସିଂହଳ ଦେଶର ମାଟି ଚିହ୍ନିତ ପାତ୍ର ଏବଂ ଖୁରୋଷ୍ଠି ଅଭିଲେଖ ଇତ୍ୟାଦି । ଏ ସମସ୍ତ ଆବିଷ୍କୃତ ପ୍ରାଚୀନ ବସ୍ତୁ (Artiquities) ଗୁଡିକ ୧ମ ଶତାବ୍ଦୀରୁ ୪ର୍ଥ ଶତାବ୍ଦୀର ଅନ୍ତର୍ଗତ । ଏ ସଂକ୍ରାନ୍ତରେ ଐତିହାସିକ ପ୍ରଫେସର କରୁଣା ସାଗର ବେହେରାଙ୍କ ଗବେଷଣାତ୍ମକ ସନ୍ଦର୍ଭ ମାରିଟାଇମ କଣ୍ଟାକସ୍ ଅଫ୍ ଓଡ଼ିଶା (Maritime Contacts of Orissa) ରେ ଉଲ୍ଲେଖ କରାଯାଇଛି ।-

"The material evidence from the excavations of Manikpatna adds considerably to our understanding of the overseas contacts of Orissa in the medieval period. Manikpatna located on the left bank of the water channel which conects the chilika lake with the bay of Bengal was identified as a possible port site by the Orissa Institute of Maritime and South Asian Studies, Bhubaneswar.

Again the excavations yielded two types of evidences for maritime connections in the China Celaden ware and Chinese copper coins. Caladen ware occurs in abundance.

The deposits of the early historical period yielded two neolithic cults, two sherds of Indian Rouletted ware fragments of what seems to be imitation of an amphora, Puri Kusan coins and a sherd with khursthi inscriptions".

ଆଲେକ୍‌ଜାଣ୍ଡର କନିଂହାମ ସି.ଲିତାଲୋକୁ ଯେଉଁ ଶ୍ରୀକ୍ଷେତ୍ର ବା ପୁରୀ ବୋଲି ଚିହ୍ନଟ କରିଛନ୍ତି ତାହା ପ୍ରକୃତରେ ପୁରୀଠାରୁ ଅଳ୍ପଦୂରରେ ଏହି ମାଣିକ ପାଟଣା ଗ୍ରାମ । ହୁଏନସାଂ ତାଙ୍କ ବିବରଣୀରେ ଦର୍ଶାଇଛନ୍ତି ଏହି ଚେ:ଲିତାଲୋ wu-Chha ବା (ଓଡ୍ର) ଦେଶର ଦକ୍ଷିଣ ପୂର୍ବ ଦିଗରେ ଅବସ୍ଥିତ । ଓଡ୍ରଦେଶ ସେତେବେଳେ ପ୍ରାୟ ଶ୍ରୀକ୍ଷେତ୍ର ପୁରୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ଏହି ମାଣିକ ପାଟଣା ମଧ ପୂର୍ବତନ ଓଡ୍ରଦେଶର ପୂର୍ବ ଉଲ୍ଲିଖିତ ଦକ୍ଷିଣ ପୂର୍ବରେ ଅବସ୍ଥିତ । ତେଣୁ ଏହି ମାଣିକ ପାଟଣା ସେହି ଚେ:ଲି:ତାଲୋ ବ୍ୟତୀତ ଅନ୍ୟ କୌଣସି ସ୍ଥାନ ହୋଇ ନପାରେ ।

ଚେ:ଲି:ତାଲୋ ଥିଲା ଏକ ଆନ୍ତର୍ଜାତିକ ନଗର । ସମୁଦ୍ର ଅନ୍ତର୍ଭୁକ୍ତ ଚିଲିକାଥିଲା ଏକ ବିଶାଳ ପୋତାଶ୍ରୟ ଏବଂ ପାଲୁର ଥିଲା ଏକ ଆନ୍ତର୍ଜାତିକ ବନ୍ଦର । ଓଡ଼ିଶା ବା କଳିଙ୍ଗରୁ ପୂର୍ବେ ହାତୀଦାନ୍ତ ଏବଂ ସୂକ୍ଷ୍ମ ବସ୍ତ୍ର ଏହି ବନ୍ଦରମାନଙ୍କରୁ ରପ୍ତାନୀ ହେବା ବିଷୟ ପଣ୍ଡିତ ଟୋଲେମି ତାଙ୍କ ପେରିପ୍ଲସ୍ ନାମକ ଗ୍ରନ୍ଥରେ ଉଲ୍ଲେଖ କରିଛନ୍ତି । ବାଲୁଗାଁ ନିକଟ ଚିଲିକା କୂଳରେ ଦୀପ ଆଡ଼ିଆ ପାହାଡ଼ରେ ବୋଇତମାନଙ୍କୁ ଆଲୋକସଙ୍କେତ ପ୍ରଦାନ କରୁଥିବା ଏକ ବିରାଟ ପ୍ରସ୍ତରର ଦୀପ ଏହାର ଅନ୍ୟତମ ଦୃଷ୍ଟାନ୍ତ ।

ହୁଏନ୍‌ସାଂଙ୍କ ପରିଭ୍ରମଣ ସମୟରେ ଚିଲିକା ସମୁଦ୍ରରୁ ସମ୍ଭବତଃ ବିଚ୍ଛିନ୍ନ ନ ହୋଇ ତାହାର ଅଙ୍ଗୀଭୂତ ହୋଇଥିଲା । ତେଣୁ ହୁଏନ୍‌ସାଂ କଙ୍ଗୋଦ ସନ୍ନିହିତ ଚିଲିକାକୁ ସମୁଦ୍ରରୂପେ ବର୍ଣ୍ଣନା କରିଥିବା ବିଷୟରେ ତାଙ୍କ ବିବରଣୀ ଉଦ୍ଧାର କରି Watters କହନ୍ତି - As the country on the seaside it contained many rare commodities, the currency was coweris and pearls (ଅର୍ଥାତ୍ ଯେ ହେତୁ ଦେଶଟି (କଙ୍ଗୋଦ) ସମୁଦ୍ରତଟରେ ଅବସ୍ଥିତ ଥିଲା ତେଣୁ ରାଜ୍ୟରେ ଅନେକ ଦୁର୍ଲଭ ପଦାର୍ଥ ଥିଲା ଏବଂ ରାଜ୍ୟର ମୁକ୍ତା ଏବଂ କଉଡ଼ି ଥିଲା ବିନିମୟ ମୁଦ୍ରା )।

ପ୍ରସିଦ୍ଧ ପାଲୁର ବନ୍ଦର ସଂଲଗ୍ନ ଏହି ଜଳଖଣ୍ଡର ଚିଲିକା ନାମ ପାଲୁର ବନ୍ଦର ପ୍ରସିଦ୍ଧି ଥିବା ପର୍ଯ୍ୟନ୍ତ ମାନଚିତ୍ରରେ ଦେଖାଯାଏ

ନାହିଁ । ଏ ସଂପର୍କରେ ନନ୍ଦଲାଲ୍‌ଦେଙ୍କର Geographical Dictionary of Ancient and Medieval India ପୁସ୍ତକରେ ଚିଲିକାର ନାମ ଉଲ୍ଲେଖ କରି ଲେଖିଛନ୍ତି- On the eastern coast of the decan plateau there is the Chilika lake. A long sand ridge separates it from the Bay of Bengal. The scenary of the Chilika lake in parts is exceedingly picturesque (ଦାକ୍ଷିଣାତ୍ୟ ମାଳଭୂମିର ପୂର୍ବ ଉପକୂଳରେ ଚିଲିକା ହ୍ରଦ ଅବସ୍ଥିତ । ଏକ ଦୀର୍ଘ ବାଲୁକାବନ୍ଧ ଏହାକୁ ବଙ୍ଗୋପସାଗରରୁ ପୃଥକ୍ କରେ । ଚିଲିକାର ଏହି ଜଳଭାଗର ଦୃଶ୍ୟ ଅତୀବ ରମଣୀୟ) ।

ଖ୍ରୀଷ୍ଟାବ୍ଦ ପଞ୍ଚଦଶ ଶତାବ୍ଦୀରେ ରଚିତ ଓଡ଼ିଆ ମହାଭାରତ ବନପର୍ବରେ 'ଗଜକଚ୍ଛପ ଯୁଦ୍ଧ' ଅଧ୍ୟାୟରେ ଚିଲିକାର ଉତ୍ପତ୍ତି ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି -

ନଗ୍ନନାମ ଯାଇ ହେଲା ତାଳେକ ଗଭୀର
ତହିଁର ମଧ୍ୟରେ ପୂର୍ଣ୍ଣ ହୋଇଗଲା ନୀର
କହନ୍ତି ଅଗସ୍ତି ଶୁଣ ରାଜା ତୋଷ ମନେ
ସେ ଚିଲିକା ହେଲା ମହା ଉଦଧି ଦକ୍ଷିଣେ ।

ଚିଲିକା ସମୁଦ୍ରରୁ କେବେ ବିଚ୍ଛିନ୍ନ ହେଲା, ନିର୍ଦ୍ଦିଷ୍ଟ ଭାବେ ଉଲ୍ଲେଖ କରାଯାଇନଥିଲେ ମଧ୍ୟ ଏହା କିପରି ବିଚ୍ଛିନ୍ନ ହେଲା ସେ ସମ୍ପର୍କରେ ଓଡ଼ିଶା ଜିଲ୍ଲା ଗେଜେଟିୟର ପୁରୀଜିଲା ଖଣ୍ଡରେ କୁହାଯାଇଛି-

ଚିଲିକା ଏକଦା ସମୁଦ୍ରର ଏକ ଅଂଶବିଶେଷ ଥିଲା ଏବଂ ଉତ୍ତରାଭିମୁଖୀ ସାମୁଦ୍ରିକ ଜୁଆର ଦ୍ୱାରା ଅବକ୍ଷିପ୍ତ ଏକ ବାଲୁକାବନ୍ଧ ମହାନଦୀ ଆନୀତ ପଟୁ ସ୍ତୂପ ପର୍ଯ୍ୟନ୍ତ ଗଠିତ ହୋଇ ସମୁଦ୍ରରୁ ବିଚ୍ଛିନ୍ନ ହେଲା ।

କିନ୍ତୁ ୧୭୯୪ ଖ୍ରୀ:ରେ କ୍ରମ ପ୍ରକାଶିତ ଭାରତ ମାନଚିତ୍ରରେ ଚିଲିକାର ନାମ ଦେଖାଯାଏ ।

ସମୁଦ୍ରର ତରଙ୍ଗମାଳାକୁ ବଳିଷ୍ଠ ବାଲୁକାବନ୍ଧ ବାଧକ ହେବାରେ ଚିଲିକା ହେଲା ମୃଦୁ ଲାସ୍ୟମୟୀ । କବିମାନସ ଉଲ୍ଲାସୀ ବିଳାସ ଦୀର୍ଘିକା । ଦ୍ୱୀପାଗତ ଆଶ୍ରିତ ପକ୍ଷୀକୁଳ ହେଲେ ନିରାପନ୍ନ । ଅଯୋନି ସମ୍ଭୂତା ମହାଲକ୍ଷ୍ମୀଙ୍କ ଭଳି ସମୁଦ୍ର ଅଙ୍ଗରୁ ବିଚ୍ଛିନ୍ନ ହେବାରେ ଚିଲିକା ହେଲା ଅବଗୁଣ୍ଠନବତୀ ନୌ ଆଶ୍ରୟ ପ୍ରାର୍ଥିନୀ ଏବଂ ନୌବିହାରସ୍ଥଳୀ । ଚିଲିକାର ନୌଯାତ୍ରା ଏବଂ ନୌକାଗଠନ ସମ୍ପର୍କରେ ଜାଜପୁର ଅନ୍ତର୍ଗତ ପୀତାମ୍ବରପୁର ଶାସନ ନିବାସୀ ଊନବିଂଶ ଶତାବ୍ଦୀର ସଂସ୍କୃତ କବି ଶ୍ରୀନାରାୟଣ ମିଶ୍ର ଶର୍ମା ତାଙ୍କ 'ବ୍ରହ୍ମାଣ୍ଡ ପୁରାଣ'ରେ ଲେଖିଛନ୍ତି -

ଚିଲିକା ସହସ୍ରଂ ତୁ ଜଳଗାମୀ ସୁବୋଇତାଃ
ବହୁ ଚକ୍ରାନ୍ୱିତାଃ ଶୀଘ୍ରାଃ ଯନ୍ତ୍ରଗା ଚାଳକାଶ୍ରିତାଃ
ବାଣିଜ୍ୟକରଣେ ଶକ୍ତାଃ ତ୍ରିପଞ୍ଚଶିଖରାକୃତାଃ
ଦ୍ୱୀପାନ୍ତରା ଗତାୟତାଃ ଜାଭା ମାଳୟ ସିଂହଳେ !

ପ୍ରଥମ ଶତାବ୍ଦୀରେ ଲିଖିତ ପେରିପ୍ଲସ୍ ନାମକ ଗ୍ରନ୍ଥରେ ଓଡ଼ିଶାରୁ ପ୍ରଚୁର ପରିମାଣରେ ହାତୀଦାନ୍ତ ଏବଂ ସୂକ୍ଷ୍ମବସ୍ତ୍ର ବିଦେଶକୁ ରପ୍ତାନି କରାଯାଉଥିବା ବିଷୟ ଉଲ୍ଲିଖିତ ହୋଇଛି । କଙ୍ଗୋଦରେ ଦୀର୍ଘପଥ ଯାତ୍ରା କରିବା ସାମର୍ଥ୍ୟ ଥିବା କୃଷ୍ଣକାୟ ହସ୍ତୀ ବହୁଳ ଭାବରେ ଥିବା କଥା ହୁଏନ୍‌ସାଂ ତାଙ୍କ ବିବରଣୀରେ ଲେଖିଛନ୍ତି । ଏହି ଗଜସମ୍ପଦ ଯୋଗୁ ଉତ୍କଳର ରାଜା ଗଜପତି ରୂପେ ପରିଚିତ ।

ଦନ୍ତପୁର ବା ପାଲୁର ଚିଲିକାରୁ ସମୁଦ୍ରଗାମୀ ଜାହାଜମାନଙ୍କ ପାଇଁ ଥିଲା ଦ୍ୱାର ସ୍ୱରୂପ । ଚିଲିକାର ସମସ୍ତ ଉପକୂଳ ଏବଂ ଦନ୍ତପୁର ବନ୍ଦର କଙ୍ଗୋଦ ରାଜ୍ୟର ଅନ୍ତର୍ଭୁକ୍ତ ଥିଲା । କଙ୍ଗୋଦରେ ଶାସନ କରୁଥିବା ଶୈଳୋଦ୍ଭବୀ ରାଜା ମାଧବ ରାଜାଙ୍କର ଗଞ୍ଜାମ ତାମ୍ର ଫଳକରେ ଉଲ୍ଲେଖ କରାଯାଇଛି ''ଚତୁର ଦଧିସଲିଳ ବିଚିମେଖଳା ନୀଳିମାୟାଂ ସଦୀପ ଗିରିପତ୍ତନ ବାତ୍ୟା ବସୁନ୍ଧରୟମ୍'' । ଏହି ପ୍ରଶସ୍ତି ରୁ ଜଣାପଡ଼େ, କଙ୍ଗୋଦ ରାଜ୍ୟର ଶୈଳୋଦ୍ଭବ ଶାସକମାନଙ୍କର ବିଚିମେଖଳା ପରିହିତା ସୁନୀଳ ସାଗର ବକ୍ଷରେ ପ୍ରତିଷ୍ଠିତ ଦ୍ୱୀପମାନଙ୍କ ଉପରେ ପ୍ରଭାବ ଅକ୍ଷୁଣ୍ଣ ଥିଲା । ସେହି କଙ୍ଗୋଦ ରାଜଧାନୀ ବଙ୍କାଡ଼ଗଡ଼ ଚିଲିକାକୂଳ ବାଲୁଗାଁଠାରୁ ପଚାଶ କି.ମି. ଦୂରରେ ବାଣପୁରର ମାଳଅଞ୍ଚଳରେ ଅବସ୍ଥିତ । ବଙ୍କାଡ଼ଗଡ଼ରୁ ଶୈଳୋଦ୍ଭବୀ ରାଜାମାନଙ୍କର ଶାସନର ଅବସାନ ପରେ ସେମାନେ ଏହି ପାଲୁର ବା ଦନ୍ତପୁର ବନ୍ଦର ଦେଇ ପୂର୍ବଦ୍ୱୀପପୁଞ୍ଜ ମାଲେସିଆକୁ ପଳାୟନ କଲେ । ସେଠାରେ ଶୈଳେନ୍ଦ୍ର ନାମରେ ପରିଚିତ ହୋଇ ଉତ୍କଳର ପ୍ରାଚୀନ ଐତିହ୍ୟର ଭିତ୍ତି ସ୍ଥାପନ କଲେ ।

ଚିଲିକା ଉପକୂଳ ଅଞ୍ଚଳରେ ଶୈଳୋଦ୍ଭବୀ ଶାସକ ମାଧବରାଜ ୨ୟଙ୍କ ପୁରୀତାମ୍ରଫଳକ ବର୍ଣ୍ଣିତ ମାତୃ ଚନ୍ଦ୍ରପୀଟକ (ଆଧୁନିକ ଚନ୍ଦ୍ରାପୁଟ) ଅରହନ୍ (ରାହାଣବେଲି) ଜନପଦ ବ୍ୟତୀତ ଥୋରଣ (ସୋରଣ) ଅଲତାଲଘଂପୁର (ଲୋଘଂର) ଜଳପଦ୍ରା (ଜଳିପଦ୍ରା) କୁମ୍ଭାର ପଦ୍ରକ (କୁମ୍ଭାର ପଡ଼ା) ପ୍ରଭୃତି ଜନପଦମାନ ଗଢି ଉଠିଥିଲା । ଚିଲିକା ଉପକୂଳ ଜଳବିହାରୀ ନୌକା ଚାଳନା ଅଭିଜ୍ଞ ମତ୍ସ୍ୟଜୀବୀମାନଙ୍କ ଦ୍ୱାରା ଅଧ୍ୟୁଷିତ ଗ୍ରାମମାନଙ୍କ ଦ୍ୱାରା ପରିବେଷ୍ଟିତ ।

ଚିଲିକାର ଖୋର୍ଦ୍ଧା ଜିଲ୍ଲା ସୀମାନ୍ତ ଛତ୍ରଗଡ଼ ଘାଟୀଠାରେ ଏକ ନୌତାଲିମ କେନ୍ଦ୍ର ପ୍ରତିଷ୍ଠିତ ହୋଇଛି । ଭାରତୀୟ ମହାସାଗରର ସିଙ୍ଗାପୁର, ସିଂହଳ, ମରିସସ୍ ଓ ସୋକ୍ରେଟା ବ୍ୟୁହ ଭେଦକରି ଭାରତକୁ ରକ୍ଷା କରିବାକୁ ହେଲେ ଭାରତର ପୂର୍ବଉପକୂଳରେ ନୌବାହିନୀକୁ ଦୃଢ଼ୀଭୂତ କରିବାକୁ ହେବ ବୋଲି କୂଟନୀତିଜ୍ଞ କେ: ଏମ୍ ପାନିକର ମତ ଦେଇଥିଲେ । ତତ୍କାଳୀନ ପାର୍ଲିଆମେଣ୍ଟ ସଦସ୍ୟ ସ୍ୱର୍ଗତ ଉମାଚରଣ ପଟ୍ଟନାୟକ ଚିଲିକାରେ ନୌତାଲିମ କେନ୍ଦ୍ର ଓ ଜାହାଜ ତିଆରି କାରଖାନା ପ୍ରତିଷ୍ଠା ସଂପର୍କରେ ପାର୍ଲିଆମେଣ୍ଟରେ ଯେଉଁ ଯୁକ୍ତି ଉପସ୍ଥାପନ କରି ବିବରଣୀ ପ୍ରଦାନ କରିଥିଲେ ତାହା ବିଶେଷ ତାତ୍ପର୍ଯ୍ୟ ପୂର୍ଣ୍ଣ ଏବଂ ଉପାଦେୟ ଥିଲା । ତେଣୁ ୧୯୭୩ ମସିହା ଅକ୍ଟୋବର ୧୬ ତାରିଖରେ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀମତୀଇନ୍ଦିରାଗାନ୍ଧୀ ଚିଲିକାରେ ନୌତାଲିମ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏବେ ସେହି ନୌତାଲିମ କେନ୍ଦ୍ର ପ୍ରଗତିପଥେ କାର୍ଯ୍ୟ କରୁଛି ।

ଚିଲିକାର ଉନ୍ନତି କଳ୍ପେ ପ୍ରଖ୍ୟାତ ଇଂଜିନିୟର ଏବଂ ଓଡ଼ିଶାର ପୂର୍ବତନ ରାଜ୍ୟପାଳ ଶ୍ରୀଯୁକ୍ତ ଅଯୋଧ୍ୟାନାଥ ଖୋସଲା A Decade of Destiny (ଏ ଡିକେଡ୍ ଅଫ୍ ଡେଷ୍ଟିନି) ପୁସ୍ତକରେ ସମୁଦ୍ରରୁ ଚିଲିକାକୁ ଜାହାଜ ଯାତାୟତ କରିବା ପାଇଁ ଏକ ପରିକଳ୍ପନା ଦେଇଥିଲେ, ତାହା ଏ ପର୍ଯ୍ୟନ୍ତ ରୂପାୟିତ ହୋଇନାହିଁ ।

ଚିଲିକା ନୌବାଣିଜ୍ୟ ପରମ୍ପରାରେ ଯେତିକି ଗରୀୟସୀ ଏହା ମଧ୍ୟରେ ଅବସ୍ଥିତ ନଳବଣର ପକ୍ଷୀ ନିବାସ, କାଳିଜାଈ ପାହାଡ଼ ଏବଂ ଏହାର ଉପକୂଳରେ ଅବସ୍ଥିତ ବାଣପୁରର ଭଗବତୀ, ଦକ୍ଷପ୍ରଜାପତି ମନ୍ଦିର, ବଙ୍କାଡ଼ ଗଡ଼, ନାରାୟଣୀ, କାଳିହରିଚଣ୍ଡୀ ପ୍ରଭୃତି ଦର୍ଶନୀୟ ସ୍ଥାନ ଗୁଡ଼ିକ ପର୍ଯ୍ୟଟକମାନଙ୍କୁ ବେଶ୍ ଆକର୍ଷଣ କରେ । ରମ୍ଭା ଏବଂ ବଡ଼କୂଳଠାରେ ପ୍ରତିଷ୍ଠିତ ପାନ୍ଥନିବାସ ପର୍ଯ୍ୟଟକମାନଙ୍କୁ ଆବଶ୍ୟକ ରହଣିସ୍ଥଳ ଯୋଗାଇଥାଏ ।

କିନ୍ତୁ ଯନ୍ତ୍ର ଚାଳିତ ନୌକା, ଲଞ୍ଚ ପ୍ରଭୃତିର ରାସାୟନିକ ତିଲେଲ କୃଷ୍ଣ ଧୂମ ବିଚ୍ଛୁରଣରେ ମତ୍ସ୍ୟପକ୍ଷି ଏବଂ ପକ୍ଷୀକୁଳ ଆଜି ସନ୍ତ୍ରସ୍ତ ଏବଂ ଅପମୃତ । ନିରାମୟ ପ୍ରାକୃତିକ ପରିବେଶ ମାଫିଆ ଗୋଷ୍ଠୀ ଏବଂ ଅନୁପ୍ରବେଶକାରୀଙ୍କ ଦ୍ୱାରା ବିପର୍ଯ୍ୟସ୍ତ । ଚିଲିକାର କଳେବର ସୀମିତ । ଚିଲିକାର ପୂର୍ବ ଗୌରବ ସ୍ତିମିତ ହେବାକୁ ଯାଉଛି । ଏହି ପରିସ୍ଥିତିରେ ଏହାର ସୁରକ୍ଷା ନିମିତ୍ତ ସରକାର ପଦକ୍ଷେପ ନେବା ଆବଶ୍ୟକ ।

*ଗ୍ରାମ - ବ୍ରାହ୍ମଣକୁଣ୍ଡଟିକ*
*ପୋ : ଆଙ୍କୁଲାଚଟି, ଜି - ଖୋରଧା*



# ଇନ୍ଦିରା ଗାନ୍ଧୀ : ଭାରତର ଆତ୍ମା

ଜବାହର ଲାଲ ନେହେରୁ ସନ୍ତାନର ଜନକ ହେବା ସେଭଳି ଏକ ଉଲ୍ଲେଖନୀୟ ଘଟଣା ନୁହେଁ । କିନ୍ତୁ ପରିବାରରେ ତାହା ଆନନ୍ଦର ଢେଉ ଖେଳାଇ ଦେଇଥିଲା । ପରିବାର ଓ ଜ୍ଞାତିକୁଟୁମ୍ବଙ୍କ ମଧ୍ୟରେ ଆନଂଦ ଉଲ୍ଲାସ ଓ ଗୋଳିଗୀତ ଲାଗି ରହିଥିଲା । ଗୋଟିଏ କନ୍ୟା ସନ୍ତାନ ହୋଇଥିଲେ ମଧ୍ୟ ସେ ଦିନେ ପୁରୁଷଠାରୁ ଅଧିକ ଶକ୍ତିମାନ ଓ ପ୍ରଭାବଶାଳୀ ହୋଇ ପାରିବାର ଭାଗ୍ୟ ନେଇ ଏହି ପରିବାରକୁ ଆସିଥିଲେ । କେହି କେହି ଏହି ଭବିଷ୍ୟତବାଣୀ ମଧ୍ୟ ସେତେବେଳେ ଶୁଣାଇଥିଲେ । ଏହି ଶିଶୁ ଦିନେ ଭାରତର ଆତ୍ମା ହେବ ବୋଲି ମନ୍ତବ୍ୟ ଦେଇ ସରୋଜିନୀ ନାଇଡୁ ନେହେରୁଙ୍କ ନିକଟକୁ ଲେଖିଥିବା ପତ୍ରରେ ଉଲ୍ଲେଖ କରିଥିଲେ -



"ମୁଁ ନିଜକୁ ଜଣେ ମହିଳା ମନେ କରେ ନାହିଁ । ମୁଁ ଜଣେ ବ୍ୟକ୍ତି ଯେକି ଦେଶର ସେବା କରିବା ଦାୟିତ୍ୱ ବହନ କରିଛି ।" ସେହି ଶିଶୁ ଦିନେ ଭାରତର ପ୍ରଧାନମନ୍ତ୍ରୀ ହେଲା ଓ ସମଗ୍ର ବିଶ୍ୱରେ ଇଂଦିରାଗାଂଧୀ ନାମରେ ଖ୍ୟାତି ଓ ପ୍ରତିଷ୍ଠା ଅର୍ଜନ କଲା । ୧୯୬୬ ଜାନୁଆରୀ ୧୯ ତାରିଖରେ କଂଗ୍ରେସ ପାର୍ଲାମେଂଟାରୀ ପାର୍ଟିର ନେତା ନିର୍ବାଚିତ ହେବାପରେ ସେ ସାମ୍ବାଦିକଙ୍କୁ ସାକ୍ଷାତକାର ଦେଇ ଉପରୋକ୍ତ ମନ୍ତବ୍ୟ ଦେଇଥିଲେ । କେବଳ ସେତିକି ନୁହେଁ କ୍ୟାବିନେଟରେ ସେ ହିଁ ଏକମାତ୍ର ପୁରୁଷ ଥିଲେ ବୋଲି ବହୁ ବୁଦ୍ଧିଜୀବୀ ଓ ଚିନ୍ତାଶୀଳ ବ୍ୟକ୍ତି ମନ୍ତବ୍ୟ ଦେଇଥିଲେ ।

ପିତା ଓ ପିତାମହଙ୍କଠାରୁ ସେ ଉତ୍ତରାଧିକାରୀ ସୂତ୍ରରେ ରାଜନୈତିକ ଧୁରୀଣତା ହାସଲ କରିଥିଲେ । ମୋତିଲାଲ ନେହେରୁ ମହାତ୍ମା ଗାଂଧୀଙ୍କ ଦ୍ୱାରା ବିଶେଷଭାବେ ପ୍ରଭାବିତ ହୋଇଥିଲେ । ଦେଶବାସୀଙ୍କୁ ଦୃଢ଼ ନେତୃତ୍ୱ ଦେବାର ବିରଳ ଯୋଗ୍ୟତା ଇଂଦିରା ପ୍ରିୟଦର୍ଶିନୀଙ୍କର ଥିଲା ଓ ଦାରିଦ୍ର୍ୟ ଦୂରୀକରଣ ପାଇଁ ଘୋଷିତ ଲକ୍ଷ୍ୟ ପୂରଣ ସକାଶେ ସେ ରାଷ୍ଟ୍ରକୁ ସଫଳ ନେତୃତ୍ୱ ଦେଇଥିଲେ । ଜନସାଧାରଣଙ୍କ ଜୀବନଧାରଣମାନର ଉନ୍ନତି ଘଟାଇବା ସହ ବିଶ୍ୱ ଜନସମୁଦାୟ ନିକଟରେ ଭାରତର ମର୍ଯ୍ୟାଦା ବୃଦ୍ଧି ସେ କରାଇଥିଲେ ।

ଜନଗଣଙ୍କ ପ୍ରତି ତାଙ୍କର ଅକୁଣ୍ଠ ଶ୍ରଦ୍ଧା ଓ ସେମାନଙ୍କ କଲ୍ୟାଣ ଏବଂ ଉତ୍ସର୍ଗୀକୃତ କାର୍ଯ୍ୟ ପାଇଁ ସେ ଲୋକପ୍ରିୟତାର ଶୀର୍ଷସ୍ଥାନ ହାସଲ କରିଥିଲେ । ତେଣୁ ଇଂଦିରା ଗାଂଧୀଙ୍କ ନେତୃତ୍ୱରେ କଂଗ୍ରେସ ନିର୍ବାଚନରେ ବିପୁଳ ବିଜୟ ହାସଲ କରିଥିଲା । କ୍ଷମତାରେ ରହି ଦୀର୍ଘଦିନ ଧରି ଦେଶକୁ ନେତୃତ୍ୱ ଦେବା ଅବସରରେ କଠୋର ପରିଶ୍ରମ କରିବାର କ୍ଷମତା ଏବଂ ସମସ୍ୟାଗୁଡ଼ିକର ଆଶୁ ସମାଧାନ କରିବା ବିରଳ ଦକ୍ଷତା ସେ ପ୍ରମାଣିତ କରିଥିଲେ ।

ଇଂଦିରାଗାନ୍ଧୀ କ୍ଷମତାସୀନ ହେବା ପରେ ପରେ ଭାଷା ଭିତ୍ତିରେ ପଂଜାବର ପୁନର୍ଗଠନ କରିଥିଲେ ଓ ମହୁତି ପ୍ରପାହିତ '

ଅଂଚଳକୁ ନିଜେ ଗସ୍ତରେ ଯାଇ ରିଲିଫ୍ କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ । ଦେଶରେ ୧୪ଟି ଅଗ୍ରଣୀ ବାଣିଜ୍ୟିକ ବ୍ୟାଙ୍କକୁ ଜାତୀୟ କରଣ ଓ ପୂର୍ବତନ ରାଜାମହାରାଜାଙ୍କ ହାତପାଣ୍ଠି ଉଚ୍ଛେଦ କରିଥିଲେ । ପୁରୁଖା ନେତାମାନେ ଯେତେବେଳେ ତାଙ୍କୁ ଏକଘରିଆ କରିଦେବାର ପ୍ରଚେଷ୍ଟାରେ କଂଗ୍ରେସକୁ ଭାଗ ଭାଗ କରିଦେଲେ, ସେତେବେଳେ ଇଂଦିରା ଗାନ୍ଧୀଙ୍କ ଏହି ବଳିଷ୍ଠ ନିଷ୍ପତ୍ତି ନେଇଥିଲେ ।

ସେ ଦେଶର ବିଭିନ୍ନ ଅଂଚଳକୁ ଗସ୍ତରେ ଯାଇ ୧୯୬୭ ଫେବୃଆରୀ ସାଧାରଣ ନିର୍ବାଚନ ପାଇଁ ନିଜେ ପ୍ରତ୍ୟକ୍ଷଭାବେ ଦେଶବାସୀଙ୍କ ରାୟ ଲୋଡିଲେ । ଭୁବନେଶ୍ୱରରେ ଆୟୋଜିତ ନିର୍ବାଚନ ସମାବେଶରେ ସେ ଉଦ୍‌ବୋଧନ ଦେଉଥିବା ବେଳେ ଢେଲାମାଡରେ ତାଙ୍କ ନାକରେ ଆଘାତ ଲାଗିଥିଲା । ଫଳରେ ତୁରନ୍ତ ଦିଲ୍ଲୀ ଫେରି ଆସିବାକୁ ବାଧ୍ୟ ହୋଇଥିଲେ ଓ ତାଙ୍କ ନାକରେ ଅସ୍ତ୍ରୋପଚାର କରାଯାଇଥିଲା । ଏହା କଂଗ୍ରେସ ପାଇଁ ସଫଳତା ଆଣି ଦେଇଥିଲେ ମଧ୍ୟ ଇନ୍ଦିରାଗାନ୍ଧୀ କମ୍ୟୁନିଷ୍ଟ ଓ ଅନ୍ୟ କେତେକ ବିଶ୍ୱାସକୁ ନେଇ କେନ୍ଦ୍ରରେ ସରକାର ଗଢିଥିଲେ । ସେ ପୁଣି ଥରେ ଦଳର ନେତା ରୂପେ ନିର୍ବାଚିତ ହେଲେ । ସଂସଦର ମିଆଦ ପୂରିବା ପୂର୍ବରୁ ୧୯୭୧ରେ ସେ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ କରାଇଲେ । ତାଙ୍କର ବଳିଷ୍ଠ ନେତୃତ୍ୱରେ ଇନ୍ଦିରା କଂଗ୍ରେସ ଲୋକସଭାରେ ଦୁଇତୃତୀୟାଂଶ ସଂଖ୍ୟା ଗରିଷ୍ଠତା ହାସଲ କଲା । ୧୯୬୬ ଜାନୁଆରୀରୁ ୧୯୭୭ ପ୍ରଥମ ଭାଗ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବେ ସେ ଦେଶର ପ୍ରଧାନମନ୍ତ୍ରୀ ଦାୟିତ୍ୱ ତୁଲାଇ ଥିଲେ । ୧୯୭୫ର ଜରୁରିକାଳୀନ ପରିସ୍ଥିତିକୁ ଦେଶବାସୀ ପ୍ରତ୍ୟାଖ୍ୟାନ କରିବାରୁ ତାଙ୍କ ଦଳ ୧୯୭୭ ନିର୍ବାଚନରେ ବିପର୍ଯ୍ୟୟର ସମ୍ମୁଖୀନ ହେଲା । ୧୯୮୦ ଜାନୁଆରୀରେ ସେ ପୁଣି କ୍ଷମତାକୁ ଫେରି ନିଜର ରାଜନୈତିକ ଦକ୍ଷତା ଓ ଲୋକପ୍ରିୟତା ପ୍ରମାଣ କରିଥିଲେ । ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀମାନେ ଯେତେବେଳେ ତାଙ୍କୁ ଅସୁବିଧା ଓ ଅଡୁଆରେ ପକାଇବାର ଚେଷ୍ଟା କରିଛନ୍ତି ସେତେବେଳେ ସେ ନିଜର ବୁଦ୍ଧିମତ୍ତା ଓ ଦକ୍ଷତା ପ୍ରଦର୍ଶନ କରି ସ୍ଥିତି ସୁଦୃଢ କରିଛନ୍ତି ।

ଯେଉଁ ବାଳିକା ଜଣେଇମାନଙ୍କୁ ଜ୍ୱାଳାମୟୀ ଭାଷଣ ଦେଇ ଆନନ୍ଦ ଅନୁଭବ କରିଥିଲା, ସେ ସମୟକ୍ରମେ ଏକ ବିରାଟ ବ୍ୟକ୍ତିତ୍ୱର ଅଧିକାରୀ ହେଲା । ନିଜର ପ୍ରଭାବଶାଳୀ ବ୍ୟକ୍ତିତ୍ୱ, ନିଷ୍ଠା ଓ ସ୍ୱଚ୍ଛତର ରାଜନୀତି ମାଧ୍ୟମରେ ସେ ଶୀର୍ଷସ୍ଥାନ ହାସଲ କରିପାରିଲା । ଭାରତ ଓ ଭାରତବାସୀଙ୍କ ରୂପରେଖରେ ଆମୂଳଚୂଳ ପରିବର୍ତ୍ତନ ଘଟାଇବା ଥିଲା ତାଙ୍କର ମୁଖ୍ୟ ଲକ୍ଷ୍ୟ ।

ଶାନ୍ତି ଓ ବାସ୍ତବତାକୁ ଆଖି ଆଗରେ ରଖି ନିଷ୍ପତ୍ତି ଗ୍ରହଣ, ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧି କରି ଭାବପ୍ରବଣତା ପରିହାର, ଯେକୌଣସି ସମସ୍ୟାର କେନ୍ଦ୍ର ବିନ୍ଦୁକୁ ଆଧାର କରି ଚତୁରତାପୂର୍ଣ୍ଣ ନିଷ୍ପତ୍ତି ଓ ରାଜନୈତିକ ନିପୁଣତା ଯୋଗୁ ଇନ୍ଦିରାଗାନ୍ଧୀ ବିଶ୍ୱର ସର୍ବବୃହତ୍ତମ ଗଣତନ୍ତ୍ର ରାଷ୍ଟ୍ରର ପ୍ରଧାନମନ୍ତ୍ରୀ ରୂପେ ପ୍ରତିଷ୍ଠା ଲାଭ କରିପାରିଥିଲେ । ଏହି ଶକ୍ତିଗୁଡ଼ିକର ଅଧିକାରୀ ଇନ୍ଦିରାଙ୍କର ଦୃଢ ଇଚ୍ଛାଶକ୍ତି ଯୋଗୁ ସେ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ସମସ୍ତ ପ୍ରକାର ପ୍ରତିରୋଧ ଓ ବିରୋଧକୁ ଏଡାଇ ଯାଇ ଆଗକୁ ମାଡି ଚାଲିଥିଲେ । ସେ ପିଲାବେଳୁ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ । ଜବାହାର ଲାଲ ନେହେରୁଙ୍କ ପରଲୋକର ଦୁଇବର୍ଷ ପରେ ତାଙ୍କୁ ଦେଶବାସୀ ପ୍ରଧାନମନ୍ତ୍ରୀ ରୂପେ ମନୋନୀତ କରିବାର ଯଥାର୍ଥତା ରହିଛି । ନେହେରୁ ବିଶାଳ ବ୍ୟକ୍ତିତ୍ୱର ଅଧିକାରୀ ଓ ଆଧୁନିକ ଭାରତର ନିର୍ମାତା । ଗୋଷ୍ଠୀ ନିରପେକ୍ଷ, ଧର୍ମନିରପେକ୍ଷବାଦ ଓ ଗଣତାନ୍ତ୍ରିକ ସମାଜବାଦ ପଥରେ ଦେଶର ସ୍ଥିତିକୁ ନେହେରୁଙ୍କ ପରବର୍ତ୍ତୀ ଯୁଗରେ ସୁଦୃଢ କରିଥିଲେ । ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନରେ ତାଙ୍କର ବଳିଷ୍ଠ ନେତୃତ୍ୱକୁ ସମଗ୍ର ବିଶ୍ୱ ସ୍ୱାଗତ କରିଥିଲେ । ଅପୋଷ ଆଲୋଚନା ଓ ସହଯୋଗ ମାଧ୍ୟମରେ ସମଗ୍ର ବିଶ୍ୱରେ ଅର୍ଥନୈତିକ ସାମ୍ୟ ପ୍ରତିଷ୍ଠା ପାଇଁ ସେ କରିଥିବା ଉଦ୍ୟମ ବିଭିନ୍ନ ମହଲରେ ଉଚ୍ଚ ପ୍ରଶଂସିତ ହୋଇଛି ।

୧୯୭୧ ଭାରତ - ପାକିସ୍ଥାନ ଯୁଦ୍ଧରେ ସେ ଦେଶକୁ ଯେଉଁ ବଳିଷ୍ଠ ନେତୃତ୍ୱ ଦେଇଥିଲେ ତାହାର ସଫଳତା ହେଉଛି ସ୍ୱତନ୍ତ୍ର ବଂଗଳାଦେଶ ଗଠନ । ରାଷ୍ଟ୍ରର ଶ୍ରେଷ୍ଠ ସମ୍ମାନ ଭାରତ ରତ୍ନରେ ତାଙ୍କୁ ସମ୍ମାନିତ କରାଯାଇଥିଲା । ଆନ୍ତର୍ଜାତିକ ସ୍ତରରେ ଇନ୍ଦିରାଗାନ୍ଧୀଙ୍କ ବଳିଷ୍ଠ ନେତୃତ୍ୱ ସ୍ୱୀକୃତି ପାଇଥିଲା । ଶାନ୍ତି ଓ ମୁକ୍ତି ପାଇଁ ତାଙ୍କର ପ୍ରତିବଦ୍ଧତା ଏବଂ ଭାରତୀୟ ଜନଗଣଙ୍କ ମଧ୍ୟରେ ଥିବା ଦାରିଦ୍ର୍ୟ ଦୂରୀକରଣ ଲାଗି ତାଙ୍କର ଏକନିଷ୍ଠ ଉଦ୍ୟମକୁ ବିଶ୍ୱ ଜନ ସମୁଦାୟ ପ୍ରଶଂସା କରି ଆସୁଛି । ଭାରତର ଝଡ ଝଂଜାପୂର୍ଣ୍ଣ ରାଜନୀତିରେ ସେଦୀର୍ଘ ୧୮ ବର୍ଷ ଧରି କେନ୍ଦ୍ରବିନ୍ଦୁ ଥିଲେ । ତିନିବର୍ଷ ବ୍ୟବଧାନରେ କ୍ଷମତାକୁ ଫେରି ସୁଖ୍ୟାତିର ଶୀର୍ଷରେ ଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା । ସେ ତାଙ୍କ ସମୟର ଦେଶର ଅପ୍ରତିଦ୍ୱନ୍ଦ୍ୱୀ ନେତ୍ରୀ ଥିଲେ । କ୍ଷମତାରେ ଥାଆନ୍ତୁ ବା ନଥାନ୍ତୁ ୧୯୬୬ ପରଠାରୁ ଦେଶର ରାଜନୀତିରେ ସେ ଥିଲେ କେନ୍ଦ୍ରବିନ୍ଦୁ ।

୧୯୬୬ ରେ ସେ କଂଗ୍ରେସ ସଂସଦୀୟ ଦଳର ନେତା ନିର୍ବାଚିତ ହେବା ପରଠାରୁ ଆଉ ପଛକୁ ଫେରି ଚାହିଁ ନାହାନ୍ତି । ଆନ୍ତର୍ଜାତିକ ସ୍ତରରେ ଭାରତକୁ ପ୍ରତିଷ୍ଠିତ କରାଇବା ଓ ସ୍ୱତନ୍ତ୍ର ମର୍ଯ୍ୟାଦା ହାସଲ କରିବାରେ ସେ ଯେଉଁ ଉଦ୍ୟମ କରି ଆସିଛନ୍ତି ତାଙ୍କର କେତେକ ନୀତି ଓ କାର୍ଯ୍ୟକ୍ରମର ସମାଲୋଚକମାନେ ପ୍ରଶଂସା କରନ୍ତି । ତେଣୁ ଆଧୁନିକ ଭାରତର ନିର୍ମାତାଙ୍କ ମଧ୍ୟରେ ତାଙ୍କର ଯେ ସ୍ୱତନ୍ତ୍ର ସ୍ଥାନ ରହିଛି ଯେ କେହି ସ୍ୱୀକାର କରିବ ।

(ପି.ଆଇ.ବି)

# ପ୍ରଗତି ପଥରେ ଗୋପାଳପୁର ସମନ୍ୱିତ ଇସ୍ପାତ ପ୍ରକଳ୍ପ

ଶ୍ରୀ ଶରତ ଚନ୍ଦ୍ର ସାମନ୍ତରାୟ

ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ ଓଡ଼ିଶାକୁ ଏକ ଶିଳ୍ପ ସମୃଦ୍ଧ ରାଜ୍ୟରେ ପରିଣତ କରିବାପାଇଁ ଦେଶ ବିଦେଶର ଶିଳ୍ପପତିମାନଙ୍କୁ ପ୍ରୋତ୍ସାହିତ କରି ଆସୁଛନ୍ତି । ଓଡିଶାବାସୀଙ୍କର ବହୁଦିନର ଅଭିଳାଷ ବୃହତ ଇସ୍ପାତ କାରଖାନା ଆଜି ବାସ୍ତବତାର ରୂପ ନେବାକୁ ଯାଉଛି ।

ରାଜ୍ୟସରକାରଙ୍କ ଉଦ୍ୟମ କ୍ରମେ, ଟାଟାଷ୍ଟିଲ୍ ସହଯୋଗରେ ଗୋପାଳପୁରଠାରେ ଏକ ବନ୍ଦରଭିତ୍ତିକ ବୃହତ ଇସ୍ପାତ ପ୍ରକଳ୍ପ ସ୍ଥାପିତ ହେବାକୁ ଯାଉଛି । ଏହି ବୃହତ ଇସ୍ପାତ୍ ପ୍ରକଳ୍ପ ପୂର୍ଣାଙ୍ଗ ହୋଇ କାର୍ଯ୍ୟକ୍ଷମ ହେଲେ, ରାଜ୍ୟର ଲକ୍ଷ ଲକ୍ଷ ବେକାର ଯୁବକ ଯୁବତୀ କାମ ପାଇବା ସଂଗେ ସଂଗେ ବେକାରୀ ଦୂରୀକରଣ ତଥା ରାଜ୍ୟର ସର୍ବାଙ୍ଗୀନ ଉନ୍ନତିରେ ସହାୟକ ହେବ ।

ଟାଟାଷ୍ଟିଲ ସୂତ୍ରରୁ ଜଣାଯାଇଛି ଯେ ଗୋପାଳପୁର ଇସ୍ପାତ ପ୍ରକଳ୍ପ ବାବଦରେ ଏ ପର୍ଯ୍ୟନ୍ତ ୩୦ କୋଟି ଟଙ୍କା ବ୍ୟୟ କରାଯାଇ ସାରିଲାଣି । ଭିତ୍ତିଭୂମି ଉନ୍ନୟନ ପାଇଁ ୨୦୦ କୋଟି ଟଙ୍କା ଦିଆଯାଇଛି । ଜମି ଅଧିଗ୍ରହଣ ଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ ମଧ୍ୟ କାର୍ଯ୍ୟ ଆଗେଇ ଚାଲିଛି ।

ଗୋପାଳପୁର ପ୍ରୋଜେକ୍ଟ କାର୍ଯ୍ୟାଳୟଠାରେ ଏକ ସାମ୍ବାଦିକ ସମ୍ମିଳନୀରେ, ଇସ୍ପାତ ପ୍ରକଳ୍ପର ଅଗ୍ରଗତି ସଂପର୍କରେ ଟାଟାଷ୍ଟିଲ ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଜାମସେଦଜୀ ଇରାନୀ କେତେକ ତଥ୍ୟ ପ୍ରଦାନ କରି କହିଛନ୍ତି, ମୂଳ ଇସ୍ପାତ କାରଖାନା ନିର୍ମାଣ ପୂର୍ବରୁ ଜଳ, ବନ୍ଦର, ରେଳଲାଇନ୍ ଓ ଲୁହାପଥର ସମସ୍ୟାର ସମାଧାନ ହୋଇପିବା ଆବଶ୍ୟକ । କୋଲଡ ରୋଲିଂ ମିଲର ନିର୍ମାଣ କାର୍ଯ୍ୟ ପ୍ରଥମ ପର୍ଯ୍ୟାୟରେ ଆରମ୍ଭ ହେବ । ୧୮ ଶହ କୋଟି ଟଙ୍କା ବ୍ୟୟରେ କୋଲଡ ରୋଲିଂ ମିଲର ନିର୍ମାଣ କାର୍ଯ୍ୟ ୧୯୯୭ରୁ ଆରମ୍ଭ ହୋଇ ୧୯୯୯ରେ ସରିବ । ସେତେବେଳକୁ ଗୋପାଳପୁର ବନ୍ଦର ସବୁଦିନିଆ ବନ୍ଦର ହୋଇସାରିଥିବେ, ପିପଲପଙ୍କା ଡ୍ୟାମ୍ ଜଳଯୋଗାଣ ପାଇଁ ପ୍ରସ୍ତୁତ ଥିବେ ଏବଂ କଞ୍ଚାମାଲ ମିଳିବା ସମସ୍ୟାର ସମାଧାନ ହୋଇ ସାରିଥିବେ, ଦ୍ୱିତୀୟ ପର୍ଯ୍ୟାୟରେ ମୂଳ ଇସ୍ପାତ କାରଖାନା ପ୍ରତିଷ୍ଠା କରାଯିବ । କୋଲଡ ରୋଲିଂ ପାଇଁ କଞ୍ଚାମାଲ ଜାମସେଦପୁରସ୍ଥିତ ଟାଟା ଇସ୍ପାତ କାରଖାନାରୁ ଆସିବାକୁ ଥିବାରୁ ଏବଂ ଏଠାରେ ହେବାକୁ ଥିବା ଉତ୍ପାଦନ ରେଳ ଓ ରାସ୍ତା ପଥରେ ବାହାରକୁ ଚାଲାଣ କରିବାରେ କିଛି ଅସୁବିଧା ନଥିବାରୁ ପ୍ରଥମ ପର୍ଯ୍ୟାୟରେ କୋଲଡ ରୋଲିଂ ମିଲ ନିର୍ମାଣ ନିଷ୍ପତ୍ତି ନିଆଯାଇଛି ।

ରାଜ୍ୟ ସରକାରଙ୍କ ସହ ଟାଟା ଷ୍ଟିଲର ସ୍ୱାକ୍ଷରିତ ବୁଝାମଣା ଚୁକ୍ତି ଅନୁଯାୟୀ ଗୋପାଳପୁର ଇସ୍ପାତ ପ୍ରକଳ୍ପ ପାଇଁ ଜମି, ଜଳ, ଲୁହାପଥର, ବନ୍ଦର ସୁବିଧା ଓ ବିଦ୍ୟୁତ୍ ଶକ୍ତି ଯୋଗାଇ ଦେବା କ୍ଷେତ୍ରରେ ରାଜ୍ୟସରକାରଙ୍କ ତରଫରୁ ଉଦ୍ୟମ ଅବ୍ୟାହତ ରହିଛି । ଏହି ଇସ୍ପାତ ପ୍ରକଳ୍ପର କାର୍ଯ୍ୟ ଶୀଘ୍ର ସଂପୂର୍ଣ୍ଣ ହେବାପାଇଁ ରାଜ୍ୟସରକାର ସବୁମତେ ସାହାଯ୍ୟ ସହଯୋଗ ଯୋଗାଇ ଦେଉଛନ୍ତି ।

ଏକକୋଟି ଟନ୍ କ୍ଷମତା ବିଶିଷ୍ଟ ପ୍ରସ୍ତାବିତ ସମନ୍ୱିତ ଇସ୍ପାତ କାରଖାନା ନିର୍ମାଣ କାର୍ଯ୍ୟ ଆସନ୍ତା ମାର୍ଚ୍ଚମାସରେ ଆରମ୍ଭ ହେବବୋଲି ଟାଟା କମ୍ପାନୀ ପକ୍ଷରୁ ପ୍ରକାଶ କରାଯାଇଛି । ଏଥିସହିତ ଗୋପାଳପୁର ବନ୍ଦରର ବିକାଶ କାର୍ଯ୍ୟ ମଧ୍ୟ ଆସନ୍ତା ବର୍ଷ ଆରମ୍ଭ ହେବ । ଇସ୍ପାତ୍ ପ୍ରକଳ୍ପ ନିର୍ମାଣରେ ୨୦,୦୦୦ କୋଟି ଟଙ୍କା ଖର୍ଚ୍ଚ ଅଟକଳ କରାଯାଇଛି ।

ଇସ୍ପାତ କାରଖାନା ପାଇଁ ଟିସ୍କୋ ପକ୍ଷରୁ ଗୁଜୁରାଟ, କେରଳ, ତାମିଲନାଡୁ, ପଶ୍ଚିମବଂଗ ଆଦି ଦେଶର ୧୯ଟି ସ୍ଥାନ ପରୀକ୍ଷା ନିରୀକ୍ଷା କରାଯାଇଥିଲା । ରପ୍ତାନୀ ଯୋଗ୍ୟ ଇସ୍ପାତ ପ୍ରକଳ୍ପ ନିମନ୍ତେ ଗୋପାଳପୁର ହିଁ ସର୍ବୋତ୍କୃଷ୍ଟ ସ୍ଥାନ ବୋଲି ବିବେଚିତ ହୋଇଥିଲା ।

ଗୋପାଳପୁରଠାରେ ପ୍ରଥମ ପର୍ଯ୍ୟାୟରେ କୋଲଡ ରୋଲିଂ ପ୍ଲାଣ୍ଟ ସ୍ଥାପିତ ହେବ । ଏଥିପାଇଁ ନିପନ୍ ଷ୍ଟିଲ୍ କମ୍ପାନୀର ପରାମର୍ଶ ନିଆଯାଇଛି । ଅକ୍ସିଜେନ୍ ପ୍ଲାଣ୍ଟ, କୋକ ଓଭ୍ୟାନ ପ୍ଲାଣ୍ଟ ମିଳିତ ଉଦ୍ୟୋଗରେ ପ୍ରତିଷ୍ଠା କରାଯିବ। ମୁଖ୍ୟ ଇସ୍ପାତ କାରଖାନା ଟିସ୍କୋ ନିର୍ମାଣ କରିବ ।

**ଥଇଥାନ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ :**

କ୍ଷତିଗ୍ରସ୍ତ ଲୋକଙ୍କୁ ଥଇଥାନ ଓ କ୍ଷତିପୂରଣ ପ୍ରଦାନ ସଂଗେସଂଗେ ଟାଟା କଂପାନୀ ୧୬୦ ଜଣ ସ୍ଥାନୀୟ ଯୁବକଙ୍କ ପାଇଁ ଆଇ.ଟି.ଆଇ ତାଲିମ ଓ ଡିପ୍ଲୋମା ପାଠ୍ୟକ୍ରମର ବ୍ୟବସ୍ଥା କରିଛନ୍ତି । ସେମାନଙ୍କ ମଧ୍ୟରୁ ୯୦ ଜଣ ବ୍ରହ୍ମପୁର ଆଇ.ଟି.ଆଇରେ ଏବଂ ଅବଶିଷ୍ଟ ୭୦ଜଣ ଜାମ୍‌ସେଦପୁରଠାରେ ଥିବା ଟାଟା କମ୍ପାନୀର ଶିଳ୍ପତାଲିମ୍ ପ୍ରତିଷ୍ଠାନରେ ତାଲିମ୍ ପାଉଛନ୍ତି । ଆହୁରି ପ୍ରାୟ ୨୦୦ ସ୍ଥାନୀୟ ଯୁବକଙ୍କୁ ଏହି ତାଲିମ୍ ଓ ଡିପ୍ଲୋମା ପାଠ୍ୟକ୍ରମ ପାଇଁ ବଛାଯିବ। ତାଲିମ୍ ବାବଦ ସମସ୍ତ ଖର୍ଚ୍ଚ ଟାଟାକମ୍ପାନୀ ବହନ କରିବ । ତାଲିମ୍ ପ୍ରାପ୍ତ ଯୁବକମାନେ ଗୋପାଳପୁର ଇସ୍ପାତ କାରଖାନାରେ ନିଯୁକ୍ତି ପାଇବେ ।

*ଗୋପାଳପୁରଠାରେ ସ୍ଥାପନ ହେବାକୁ ଯାଉଥିବା ସମନ୍ୱିତ ଇସ୍ପାତ କାରଖାନା ଅଞ୍ଚଳରେ ବିସ୍ଥାପିତ ପରିବାରମାନଙ୍କ ମଧ୍ୟରୁ ୧୬୦ଜଣ ପୁଅଝିଅଙ୍କ ପାଇଁ ଟିସ୍କୋ କମ୍ପାନୀ ସ୍ୱତନ୍ତ୍ର ପ୍ରଶିକ୍ଷଣ ବ୍ୟବସ୍ଥା କରିଥିବାର ଜାଣି ମୁଁ ଆନନ୍ଦିତ ।*

*ଗୋପାଳପୁରଠାରେ ପ୍ରସ୍ତାବିତ କାରଖାନା ନିଃସନ୍ଦେହରେ ଓଡ଼ିଶାବାସୀଙ୍କ ପାଇଁ ଏବଂ ସ୍ୱତନ୍ତ୍ରଭାବେ ଗଞ୍ଜାମଜିଲ୍ଲା ଅଧିବାସୀମାନଙ୍କ ପାଇଁ ସମୃଦ୍ଧି ଆଣିବ । ପ୍ରତ୍ୟକ୍ଷରେ ହେଉ ବା ପରୋକ୍ଷରେ ହେଉ, ଏ କାରଖାନାରେ କର୍ମ ନିଯୁକ୍ତିର ସୁଯୋଗ ମିଳିବ ଏବଂ ଏ ଅଞ୍ଚଳର ଯୁବସମାଜକୁ ଏଥିରେ ଅଗ୍ରାଧିକାର ଦିଆଯିବ । ଚାରି ଅକ୍ଟୋବର ୯୬ ରୁ ନିର୍ଦ୍ଧାରିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବିସ୍ଥାପିତ ପରିବାରଙ୍କ ପୁଅଝିଅମାନଙ୍କୁ କାରିଗରି ଜ୍ଞାନ କୌଶଳରେ ପାରଙ୍ଗମ କରି ତାଙ୍କୁ କର୍ମନିଯୁକ୍ତି କ୍ଷମ କରିବାପାଇଁ ଉଦ୍ଦିଷ୍ଟ ।*

*ମୁଁ ଏ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସର୍ବାଙ୍ଗୀନ ମଙ୍ଗଳ କାମନା କରୁଛି ।*

(ମୁଖ୍ୟମନ୍ତ୍ରୀ)

ଏହି କାରଖାନା ଯୋଗୁଁ ସମ୍ଭାବିତ ବାସଚ୍ୟୁତ ବ୍ୟକ୍ତିମାନଙ୍କ ଥଇଥାନ ଏବଂ ଭରଣ ପୋଷଣର ବ୍ୟବସ୍ଥା ଟାଟାକମ୍ପାନୀ ପକ୍ଷରୁ କରାଯାଉଛି । ୭ ଗୋଟି ଗ୍ରାମର ୧୦୬୬୧ ଜଣ ବ୍ୟକ୍ତି ବାସଚ୍ୟୁତ ହେବା ସଂଗେ ସଂଗେ ସେମାନଙ୍କୁ ଥଇଥାନ କରାଯାଉଛି । ୪ଟି ଗ୍ରାମର ୩୮୧୧ ଜଣ ବ୍ୟକ୍ତିଙ୍କୁ ବାସଚ୍ୟୁତ କରାଯିବା ଦରକାର ପଡ଼ିଲା ନାହିଁ । କାରଣ ସେମାନଙ୍କ ବାସସ୍ଥାନ କାରଖାନାର ବାହାର ଅଞ୍ଚଳରେ ଅବସ୍ଥିତ ।

ବାସଚ୍ୟୁତ ବ୍ୟକ୍ତିମାନଙ୍କ ପାଇଁ ରାସ୍ତା, ପକ୍କାଘର, ବିଦ୍ୟୁତ୍ ସୁବିଧାଥିବା, ଆଦର୍ଶ ଗ୍ରାମ ନିର୍ମାଣ କରାଯାଉଛି ।

ପ୍ରଥମ ପର୍ଯ୍ୟାୟରେ ଥଇଥାନ୍ ପ୍ୟାକେଜ୍‌ର ଅଂଶ ସ୍ୱରୂପ ୪୦ ହଜାର ଟଙ୍କା ଦେବାକୁ ସ୍ଥିର ହୋଇଥିଲା । ରାଜ୍ୟସରକାରଙ୍କ ପରାମର୍ଶ କ୍ରମେ ଏହି ପରିମାଣ ୬୨ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି ।

ଗତ ମାସ ୪ ତାରିଖରେ ଜାମସେଦପୁରର ବିଖ୍ୟାତ ସାବକନାନାବତୀ ପ୍ରଶିକ୍ଷଣ କେନ୍ଦ୍ର ଠାରେ ଗୋପାଳପୁର ଇସ୍ପାତ ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ପରିବାରଗୁଡ଼ିକର ଯୁବକ ଯୁବତୀ ମାନେ ୨ବର୍ଷିଆ ଶିଳ୍ପ ବୈଷୟିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି । ଏହି କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଟିସ୍କୋର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଜାମସେଦ୍ ଜେ. ଇରାନୀ ଏସ୍. ଏନ୍. ଟି.ଆଇ. ଅଡିଟୋରିୟମଠାରେ ଉଦ୍‌ଘାଟନ କରିଥିଲେ ।

ଏହି ଦିନଟିକୁ ଗୋପାଳପୁର ପ୍ରକଳ୍ପର ସଫଳତାର ଏକ ମାଇଲ ଖୁଣ୍ଟ ବୋଲି ପ୍ରକଳ୍ପର ଉପସଭାପତି ଶ୍ରୀ ବି. ମୁଥୁରମଣ ସ୍ୱାଗତ ଭାଷଣରେ କହିଥିଲେ ।

ଡକ୍ଟର ଇରାନୀ ଟାଟା ଷ୍ଟିଲ୍‌ର ସୁଦୀର୍ଘ ଇତିହାସ ଉପରେ ଆଲୋକପାତ କରି କହିଲେ ଯେ, ଏହି କଂପାନୀ ଏକ ନିୟୁତ ଟନ୍ ଅଶୋଧିତ ଇସ୍ପାତ ଉତ୍ପାଦନକାରୀ କ୍ଷମତାରୁ ୩ ନିୟୁତ ଟନ୍ କ୍ଷମତାରେ ପହଞ୍ଚିଛି । ଆଗାମୀ ଦୁଇବର୍ଷ ମଧ୍ୟରେ ଉତ୍ପାଦନକାରୀ କ୍ଷମତା ୩.୫ ନିୟୁତ ଟନ୍‌କୁ ବୃଦ୍ଧି କରାଯିବ ।

ଆନ୍ତର୍ଜାତିକ ବଜାରରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ହେଲେ ସମୁଦ୍ରତଟବର୍ତ୍ତୀ ଅଞ୍ଚଳରେ ସମନ୍ୱିତ ଇସ୍ପାତ କାରଖାନା ନିର୍ମାଣର ଆବଶ୍ୟକତା ରହିଛି । ଅନ୍ୟାନ୍ୟ ସ୍ଥାନ ତୁଳନାରେ ଗୋପାଳପୁର ଏଥିପାଇଁ ଉପଯୁକ୍ତ ବୋଲି ବିବେଚିତ ହୋଇଛି ।

କ୍ଷତିଗ୍ରସ୍ତ ଲୋକଙ୍କ ଥଇଥାନପାଇଁ ଘୋଷିତ ପ୍ୟାକେଜ୍ ଏ ପର୍ଯ୍ୟନ୍ତ ଯେକୌଣସି ଭାରତୀୟ କମ୍ପାନୀ ଦ୍ୱାରା ଦିଆଯାଇଥିବା ପ୍ୟାକେଜ୍‌ଠାରୁ ଉତ୍ତମାନର।

ଇସ୍ପାତ କାରଖାନା ସ୍ଥାପିତ ହେଲେ ଗଞ୍ଜାମ ଜିଲ୍ଲାବାସୀ ବିଶେଷ ଉପକୃତ ହେବେ ବୋଲି ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଏସ୍. ବି. ମିଶ୍ର କହିଥିଲେ।

**ପ୍ରଥମ କିସ୍ତିରେ ୫୨୭ ଏକର ଜମି ଅଧିଗ୍ରହଣ**

ଗତ ଅକ୍ଟୋବର ୧୧ ତାରିଖରେ ବ୍ରହ୍ମପୁର ତହସିଲ୍ ଅନ୍ତର୍ଗତ ଶୀଳତାପଲ୍ଲୀ ଓ ନୂଆଝର ଗ୍ରାମର ୫୨୭ ଏକର ଜମି ଟାଟା କମ୍ପାନୀ ଅଧିଗ୍ରହଣ କରିଛନ୍ତି। ଯେଉଁ ପରିବାର ସମୂହ ଇସ୍ପାତ କାରଖାନା ପାଇଁ ବାସଚ୍ୟୁତ ହେବେ ସେମାନଙ୍କୁ ଏହି ଭୂମିରେ ଅବସ୍ଥାପିତ କରାଯାଇ ଥଇଥାନ କରାଯିବ। ସେଠାରେ ଚିକିତ୍ସା, ଶିକ୍ଷା ତଥା ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦିଆଯିବ। ଜମିଜମା କ୍ଷତିପୂରଣ ପ୍ରଦାନ କାର୍ଯ୍ୟ ଗତ ଅଗଷ୍ଟ ୩୦ ତାରିଖରୁ ଆରମ୍ଭ ହୋଇଥିଲା। ଏକର ପିଛା ୧ଲକ୍ଷଟଙ୍କା କ୍ଷତିଗ୍ରସ୍ତ ଜମିମାଲିକ ମାନଙ୍କୁ ଦିଆଯାଇଥିଲା। ଏହି ଏକ ଲକ୍ଷ ଟଙ୍କାରେ ଟାଟା କମ୍ପାନୀର ଅଧିକ ୩୦ ହଜାର ଟଙ୍କା ଅନ୍ତର୍ଭୁକ୍ତ। ଏହା ସରକାରଙ୍କ ନିୟମ ବହିର୍ଭୂତ କ୍ଷତିପୂରଣ ପାଉଣାଠାରୁ ଅଲଗା ଭାବରେ ସିଧାସଳଖ ଗ୍ରାମବାସୀମାନଙ୍କୁ ପ୍ରଦାନ କରାଯାଇଥିଲା।

**ଗୋପାଳପୁର ବନ୍ଦରର ବିକାଶ**

ଗୋପାଳପୁର ବନ୍ଦରର ବିକାଶ ପାଇଁ ସ୍ୱତନ୍ତ୍ର ମାଷ୍ଟରପ୍ଲାନ ଓ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ଏମ.ଏମ.ଟି.ସି. ସରକାରଙ୍କୁ ପ୍ରଦାନ କରିଛନ୍ତି। ଏହି ପ୍ରକଳ୍ପରେ ୨୫ ହଜାର କୋଟି ଟଙ୍କାର ପୁଞ୍ଜି ବିନିଯୋଗ ହେବ। ବନ୍ଦର ନିର୍ମାଣ କାର୍ଯ୍ୟ ଆସନ୍ତା ଅକ୍ଟୋବର ମାସଠାରୁ ଆରମ୍ଭ ହୋଇ ୩ବର୍ଷ ମଧ୍ୟରେ ପୂର୍ଣ୍ଣାଙ୍ଗ ହେବ ବୋଲି ସ୍ଥିର ହୋଇଛି। ଏହି ବନ୍ଦରରେ ପ୍ରତିଦିନ ଯେପରି ୭ଟିରୁ ୧୦ଟି ପର୍ଯ୍ୟନ୍ତ ଜାହାଜ ଲାଗି ପାରିବ ସେଥିପାଇଁ ବ୍ୟବସ୍ଥା ରହିବ। ଏହି ବନ୍ଦର ପାଇଁ ଜାପାନ୍, ଆମେରିକା ଓ ଜର୍ମାନୀର ପୁଞ୍ଜିବିନିଯୋଗ-କାରୀମାନେ ପୁଞ୍ଜିବିନିଯୋଗ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି।




ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ଭୁବନେଶ୍ୱରସ୍ଥ ନୟାପଲ୍ଲୀ ଥାନା ଉଦ୍‌ଘାଟନ କରୁଛନ୍ତି

# ଚାନ୍ଦବାଲିର ଚାନ୍ଦ ଅସ୍ତମିତ

ଶ୍ରୀ ବଂଶୀଧର ଭୋଇ

ଉତ୍କଳରେ ମରହଟ୍ଟା ରାଜତ୍ୱ ପରେ ଫିରିଙ୍ଗି ଶାସନ ଆରମ୍ଭ । ସାତଦରିଆ ତେରନଈ ପାର ହୋଇ ବାଣିଜ୍ୟ ଉଦ୍ଦେଶ୍ୟରେ ଭାରତ ଭୂଇଁରେ ସେମାନେ ହେଲେ ଅପ୍ରତିଦ୍ୱନ୍ଦ୍ୱୀ ଶାସକ । ୧୮୦୩ ଖ୍ରୀଷ୍ଟାବ୍ଦରେ ବାଲେଶ୍ୱରରେ ପଦାର୍ପଣ କରି କେବଳ ଯେ ଭାରତରେ ଶାସକ ହୋଇ ରହିବେ ଏହା ସେମାନଙ୍କର ଏକମାତ୍ର ଅଭିଳାଷ ନଥିଲା । ବାଣିଜ୍ୟ କିପରି ଦ୍ରୁତଗତିରେ ପ୍ରସାରଲାଭ କରିବ ଏହା ଏକମାତ୍ର ଉଦ୍ଦେଶ୍ୟ ଓ ଲକ୍ଷ୍ୟଥିଲା । ତତ୍କାଳୀନ ଇଂରେଜ ସରକାର ସେଥିପାଇଁ ବିଶେଷ ଯତ୍ନବାନ ଥିଲେ । ଶାସନର ପ୍ରଥମ ପାହାଚରେ ଉତ୍କଳରେ ବାଣିଜ୍ୟର ଅଭିବୃଦ୍ଧିକୁ ବିଶେଷ ଦୃଷ୍ଟିରେ ରଖିଥିଲେ । ସେଥିପାଇଁ ବାଲେଶ୍ୱର ଜିଲ୍ଲାର ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକୁ ସରକାର ସମସ୍ତ ପ୍ରକାର ପରୀକ୍ଷା ନିରୀକ୍ଷା କରିଥିଲେ । ରାଜ୍ୟ ଅଭିଲେଖାଗାରରେ ଥିବା ରେକର୍ଡ଼ରୁ ଜଣାଯାଏ କେବଳ ବାଲେଶ୍ୱର ଜିଲ୍ଲାରେ ଆଠଟି ସ୍ଥାନ ବନ୍ଦର ନିମିତ୍ତ ଉପଯୁକ୍ତ ଥିଲା । ଚାନ୍ଦବାଲିଥିଲା ସେମାନଙ୍କ ମଧ୍ୟରୁ ଅନ୍ୟତମ ବନ୍ଦର । ୧୮୭୨ ଖ୍ରୀଷ୍ଟାବ୍ଦରେ ଚାନ୍ଦବାଲି ଧାମରାର ଏକ ସହାୟକ ବନ୍ଦର ଭାବେ ସ୍ୱୀକୃତି ଲାଭ କରିଥିଲା । ସୁତରାଂ ଧାମରା ବନ୍ଦର ତୁଳନାରେ ଚାନ୍ଦବାଲି ବନ୍ଦରର ବାଣିଜ୍ୟ କାରବାର ଅଧିକ ଥିଲା । ତେଣୁ ଏହି ବନ୍ଦରର ସର୍ବାଙ୍ଗୀନ ଉନ୍ନତି କିପରି ହେବ ତତ୍କାଳୀନ ବଙ୍ଗଳାର ଉପ ଶାସନ ସଚିବ ଏଚ. ଜେ. ଏସ୍ କୋଟନ ୧୮୭୩ ସେପ୍ଟେମ୍ବର ୧୦ ତାରିଖରେ ଓଡ଼ିଶାର କମିଶନରଙ୍କୁ ଜଣାଇଲେ ।

*His honours Concourse in Mr. Schalch's suggestion that more land should be taken up for Govt. round about Chandbali as the site there is of growing importance and will become very valuable and you are requested to favour the left. Governor with proposal's on the subjects.*

ଅମାବାସ୍ୟା ପକ୍ଷ ଚାନ୍ଦର କ୍ରମବୃଦ୍ଧି ପରି ଚାନ୍ଦବାଲି ବନ୍ଦରର ବାଣିଜ୍ୟ ଦିନକୁ ଦିନ ପ୍ରସାର ହେଲା । ଏହି ବନ୍ଦରକୁ ଦେଶବିଦେଶରୁ ଅନେକ ଜାହାଜ ଯିବା ଆସିବା କଲା । କମ୍ପାନୀମାନଙ୍କର ଧୂଆଁ ଚାଳିତ ଯାତ୍ରୀବାହୀ ଷ୍ଟିମର ଚାଲିଲା । ସରକାରଙ୍କ ରାଜକୋଷକୁ ସରକାରୀ ବେସରକାରୀ ରାଜସ୍ୱ ଶ୍ରୀବୃଦ୍ଧି କଲା । ରେକର୍ଡ଼ରୁ ଜଣାଯାଏ ବାଲେଶ୍ୱର ଜିଲ୍ଲାରେ ଥିବା ବନ୍ଦରମାନଙ୍କ ମଧ୍ୟରୁ କେବଳ ଚାନ୍ଦବାଲି ବନ୍ଦରର ରାଜସ୍ୱ ସର୍ବାଧିକ ଥିଲା । ସୁତରାଂ ଆନ୍ତର୍ଜାତିକ ସ୍ତରରେ ଚାନ୍ଦବାଲି ଉତ୍କଳର ଗୌରବକୁ ବଢ଼ାଇ ପାରିଥିଲା ଏବଂ ଏହି ବନ୍ଦରର ବାଣିଜ୍ୟର ସମୃଦ୍ଧି ସରକାରଙ୍କୁ ଅଭୂତପୂର୍ବ ଆନନ୍ଦ ଦେଇଥିଲା । ଫଳରେ ବଙ୍ଗଳାର ବଡ଼ଲାଟଙ୍କ ଆଗମନ ପାଇଁ ଚାନ୍ଦବାଲିଠାରେ ଏକ ବଡ଼ ଧରଣର ସଭା କରାଯାଇଥିଲା । ୧୮୯୫ ଜୁଲାଇ ୨୦ ତାରିଖ ଉତ୍କଳ ଦୀପିକା ସମ୍ବାଦପତ୍ରରୁ ଜଣାଯାଏ :

''ମାନ୍ୟବର ବଙ୍ଗେଶ୍ୱର ସାର ଇଲିୟଟ ବାହାଦୁର ଚଳିତମାସ ୧୦ ତାରିଖ ସକାଳ ଘ ୮ ଣ୍ଟା ସମୟରେ ଗାଉଡ଼ ନାମକ ଷ୍ଟିମରରେ କଲିକତାରୁ ଯାତ୍ରାକରି ରାତ୍ର ଘ ୧୧ ଣ୍ଟା ବେଳେ ଧାମରା ମୁହାଣ ନିକଟରେ ଲଙ୍ଗର କଲେ । ଆରଦିନ ସକାଳ ବେଳେ ଜାହାଜ ନଦୀ ମଧ୍ୟରେ ପ୍ରବେଶ କରି ଦୁର୍ଗାପୁର ପର୍ଯ୍ୟନ୍ତ ଆସି ସେହିଠାରେ ଲଙ୍ଗର କଲା । ଜଳ ନ ଘଟିବା ବିବେଚନାରେ ସେହିଠାରେ ଜାହାଜ ରହିଲା । ମାନ୍ୟବର ମହୋଦୟ ସେଠାରୁ ବୋଟରେ ଚଢ଼ି ଚାନ୍ଦବାଲିକୁ ଆସିଥିଲେ । ଚାନ୍ଦବାଲିର ବସତି ଓ ଦେଶୀୟ ବଣିକ ଏବଂ ଅନ୍ୟାନ୍ୟ ଭଦ୍ରଲୋକମାନେ ପୂର୍ବରୁ ସଭାକରି ପ୍ରାୟ ସାଢ଼େ ତିନିଶତଟଙ୍କା ଭେଦା ସଂଗ୍ରହ ପୂର୍ବକ ଅଭ୍ୟର୍ଥନାର ଉତ୍ତମ ବନ୍ଦୋବସ୍ତ କରିଥିଲେ । ଏକଶତ ଟଙ୍କାରେ କଲିକତାରୁ ଗୋଟିଏ ରୌପ୍ୟ ମଣ୍ଡିତ ଅଭିନନ୍ଦନ ପତ୍ରଧାର ଖରିଦ ହୋଇ ଆସିଥିଲା । ଅବଶିଷ୍ଟ ଟଙ୍କା ବାଣବାଜି ଓ ଅନ୍ୟାନ୍ୟ ବିଷୟରେ ବ୍ୟୟିତ ହେଲା ।

ବନ୍ଦୋବସ୍ତ ସମ୍ବନ୍ଧୀୟ କାର୍ଯ୍ୟରେ ମହୋଦୟଙ୍କ ଶୁଭାଗମନ ହୋଇଥିବାରୁ କେବଳ କଟକ ଓ ବାଲେଶ୍ୱରର ବନ୍ଦୋବସ୍ତ ପ୍ରଧାନ କର୍ମଚାରୀମାନଙ୍କୁ ତଲବ ହୋଇଥିଲା । ଅନ୍ୟାନ୍ୟ ହାକିମମାନଙ୍କର ଅନାବଶ୍ୟକ ବୋଲି ଜଣାଇ ଦିଆଯାଇଥିଲା । କେବଳ ଶାନ୍ତିରକ୍ଷା ଓ ସାହାଯ୍ୟ ନିମନ୍ତେ ୪୦ଜଣ କନେଷ୍ଟବଳ ସହିତ ପୁଲିସ ଇନସ୍ପେକ୍ଟର ପ୍ରଭୃତି ଉପସ୍ଥିତ ଥିଲେ । ଘାଟରେ ସୁଶୋଭିତ ଅଭ୍ୟର୍ଥନା ମଣ୍ଡପ ପ୍ରସ୍ତୁତ ହୋଇଥିଲା ଏବଂ ମାର୍ଗ ବିଜୟ ପାଟକ ପତାକା ପ୍ରଭୃତିରେ ମଣ୍ଡିତ ହୋଇଥିଲା । ପ୍ରତ୍ୟହ ଷ୍ଟିମର ଗତାୟତ ଯୋଗୁଁ ଚାନ୍ଦବାଲି ଏବେ ଜନାକୀର୍ଣ୍ଣ ଓ କୋଳାହଳମୟ । ତଦୁପରି ଲାଟ ବାହାଦୁରଙ୍କ ଦର୍ଶନାର୍ଥେ ଅନେକ ଲୋକ ଆସିବାରୁ ନଗର ପରିପୂର୍ଣ୍ଣ ଏବଂ ଉତ୍ସବମୟ ହୋଇଥିଲା ।''

''ବେଳ ୨ଟା ସମୟରେ ବଙ୍ଗାଧିପଙ୍କୁ ବକ୍ଷରେ ଗ୍ରହଣ କରି କ୍ଷୁଦ୍ର ଷ୍ଟିମର ଚାନ୍ଦବାଲି ଘାଟରେ ପ୍ରବେଶ ହେବା ମାତ୍ରକେ ସମ୍ମାନ ସୂଚକ ୨୦ବମ୍ ଧ୍ୱନିତ ହେଲା । ଉପସ୍ଥିତ ଭଦ୍ରସାହେବ ଓ ମେମ୍‌ମାନେ ଅଗ୍ରଗାମୀ ହୋଇ ସାହେବ ମହୋଦୟଙ୍କୁ ସଭାମଣ୍ଡପକୁ ଆଣିଥିଲେ । ସ୍ଥାନୀୟ ବଣିକ ସମ୍ପ୍ରଦାୟଙ୍କ ଅଭିନନ୍ଦନ ପତ୍ର ମେକଲିନ କମ୍ପାନୀଙ୍କ ଏଜେଣ୍ଟ ବୋଲଟନ ସାହେବଙ୍କ ଦ୍ୱାରା ପଠିତ ହେଲା । ସେହି ଅଭିନନ୍ଦନ ପତ୍ରର ସାରମର୍ମ ଏହିଯେ ବ୍ୟବସାୟୀମାନଙ୍କ ସୁବିଧାର୍ଥେ ଏଠାରେ ମୁନିସଫକୋର୍ଟ ହେଉ ଏବଂ ଭଦ୍ରକଠାରୁ ଚାନ୍ଦବାଲି ରାସ୍ତା ସଂସ୍କାର କରାଯାଉ ଏବଂ ସମୁଦ୍ରର ନିର୍ଦ୍ଦିଷ୍ଟ ସ୍ଥାନରେ ସରକାରୀ ବ୍ୟୟରେ ଗୋଟିଏ ବୟା ନିର୍ମାଣ କରାଯାଇ ଜାହାଜ ଗତାୟତ ରାସ୍ତାର ଦୂରତା ହ୍ରାସ କରାଯାଉ । ଅନ୍ୟ ଏକ ପତ୍ରରେ ଏଠାକାର ପୋଷ୍ଟ ଅଫିସର ମିଃ ପମର ସାହେବଙ୍କୁ ବର୍ତ୍ତମାନ ପେନ୍‌ସନ ଦିଆନଯାଇ ଆହୁରି ୩ବର୍ଷ ରଖାଯିବାର ପ୍ରାର୍ଥନା କରାଯାଇଥିଲା । ଉପରୋକ୍ତ ପ୍ରସ୍ତାବମାନଙ୍କ ଉତ୍ତରରେ ସାହେବ ମହୋଦୟ, ମନୋହର ଅଭ୍ୟର୍ଥନା ସକାଶେ ଉଦ୍‌ଯୋଗୀମାନଙ୍କୁ ଧନ୍ୟବାଦ ପ୍ରଦାନ କରି ମୁନସଫ୍ କୋର୍ଟ ସମ୍ବନ୍ଧରେ କହିଲେ କି ଏ ଅଞ୍ଚଳରେ ଯେତେ ମକଦ୍ଦମା ଅନ୍ୟତ୍ର ହେଉଛି ଏବଂ କିପରି ଆୟହେବାର ସମ୍ଭବ ଜଜ୍‌ସାହେବଙ୍କ ସଙ୍ଗେ ପରାମର୍ଶ କରି ବୁଝିଲା ଉତ୍ତାରୁ ବ୍ୟବସ୍ଥା କରାଯିବ । ଭଦ୍ରଖ ରାସ୍ତା ଶୀଘ୍ର ମରାମତି ହେବ ବୋଲି ଆଶାଦେଲେ ଏବଂ ଆହୁରି କହିଲେ କି ରେଳରାସ୍ତା ଶୀଘ୍ର ଫିଟିଲେ ଚାନ୍ଦବାଲି ପୋର୍ଟର ସ୍ଥାୟିତ୍ୱ ବିଶେଷ ସନ୍ଦେହ ସ୍ଥଳ । ପାମର ସାହେବଙ୍କ ସମ୍ବନ୍ଧରେ ଏଠାରେ କୌଣସି ଆଦେଶ ଦେଇ ନାହିଁନ୍ତି ।

ସଭାଗୃହରୁ ବାହାର ସେଟଲମେଣ୍ଟ ଅଫିସରମାନଙ୍କ ସହିତ ନିର୍ଜ୍ଜନରେ କଥୋପକଥନ କରିବା ନିମନ୍ତେ ବୋଲଟନ ସାହେବଙ୍କ କୋଠିକୁ ଗମନ କଲେ ଏବଂ ସେଠାରେ ପ୍ରାୟ ୩ ଘଣ୍ଟା କାଳ ରହିବା ପରେ ଡାକ୍ତରଖାନା, କଷ୍ଟମ ଅଫିସମାନ ଦେଖି ଏବଂ ଆଗାମୀ କାଲି ଅର୍ଥାତ୍ ୧୨ ତାରିଖରେ ସ୍କୁଲ ପରିଦର୍ଶନ କରିବାର ଆଦେଶ ଦେଇ ଷ୍ଟିମଲଞ୍ଚ ଯୋଗେ ଦୁର୍ଗାପୁର ନିକଟରେ ଥିବା ଜାହାଜକୁ ଗମନ କଲେ । ପରଦିନ ସକାଳ ବେଳେ ଆପଣା ଜାହାଜରେ ବନ୍ଦୋବସ୍ତ ହାକିମ ମାନଙ୍କ ସଙ୍ଗେ ବିଚାର ପରାମର୍ଶ କରି ୪ ଟା ସମୟରେ ପୁନର୍ବାର ଚାନ୍ଦବାଲି ଆସି ସ୍କୁଲ ପରିଦର୍ଶନ କଲେ । ପ୍ରଥମେ ସ୍କୁଲ ଡେଃ. ଇଃ ଶ୍ରୀଯୁକ୍ତ ରଘୁନାଥ-ଘୋଷ ପ୍ରବର ଚାନ୍ଦବାଲି ସ୍କୁଲର ଷ୍ଟେଟମେଣ୍ଟ ପାଠକରି ଶିକ୍ଷକ ଓ ଛାତ୍ରମାନଙ୍କ ପରିଚୟ ଗ୍ରହଣାନନ୍ତର ଛାତ୍ରମାନଙ୍କୁ ଇଂରାଜୀ ସାହିତ୍ୟର କେତେକ ପ୍ରଶ୍ନ ଜିଜ୍ଞାସା କରି ଦର୍ଶକାଭିପ୍ରାୟ ବହିରେ ସ୍କୁଲ ଭଲଚାଲୁଥିବା ଓ ପରିଦର୍ଶକମାନେ ତାହା ପୁନଃ ପୁନଃ ଉଲ୍ଲେଖ କରିବାରୁ ଅତ୍ୟନ୍ତ ସନ୍ତୋଷ ଲାଭ କରିଥିବା ବିଷୟ ଉଲ୍ଲେଖ କରିଛନ୍ତି । ସ୍କୁଲ ଦେଖିବାର ଏକ ଘଣ୍ଟା ପରେ ଏଠାରୁ ବିଦାୟ ହୋଇ ଜାହାଜକୁ ପ୍ରତ୍ୟାଗମନ କଲେ ଏବଂ ୧୩ ରିଖ ଦିବା ୧୦ ଘଣ୍ଟା ସମୟରେ କଲିକତାଭିମୁଖୀନ ହେଲେ । ପରିଶେଷରେ ବକ୍ତବ୍ୟ ଯେ ଅଭିପ୍ରାୟରେ ସାହେବ ମହୋଦୟ ଏଠାକୁ ଆସିଛନ୍ତି ସେହି ବନ୍ଦୋବସ୍ତ କାର୍ଯ୍ୟର ସୁବନ୍ଦୋବସ୍ତ କରି ଦରିଦ୍ର ନିରନ୍ନ ଉତ୍କଳବାସୀଙ୍କର ଆଶୀର୍ବାଦ ଭାଜନ ହେଉନ୍ତୁ ।

ତତ୍କାଳୀନ ବଡଲାଟ ଚାନ୍ଦବାଲି ପରିଦର୍ଶନ ସମୟରେ ଜନସାଧାରଣ ଯେଉଁ ଦାବୀ ଗୁଡ଼ିକ ଉପସ୍ଥାପିତ କରିଥିଲେ ତନ୍ମଧ୍ୟରୁ ମୁଖ୍ୟ ଦାବୀଥିଲା ଚାନ୍ଦବାଲିଠାରେ ମୁନ୍‌ସିଫ କୋର୍ଟ ହେଉ ଏବଂ ଭଦ୍ରକ ଚାନ୍ଦବାଲି ରାସ୍ତାର ଉନ୍ନତି କରାଯାଉ । ସୁତରାଂ ୧୮୯୫ ଖ୍ରୀଷ୍ଟାବ୍ଦ ପୂର୍ବରୁ ଭଦ୍ରକ ଚାନ୍ଦବାଲି ରାସ୍ତାର ମରାମତି ନିମିତ୍ତ ମାତ୍ର ୧୭୫୦ ଟଙ୍କା ମଞ୍ଜୁର କରାଯାଇଥିଲା । ତାହା ସମୁଦ୍ରକୁ ଶଙ୍ଖେ ପଣାପରି । ତାହା ୧୮୭୬ ଖ୍ରୀଷ୍ଟାବ୍ଦ ଏପ୍ରିଲ ୧୯ ତାରିଖ କଲିକତା ଗେଜେଟରେ ଘୋଷଣା କରାଯାଇଛି । ନିମ୍ନଲିଖିତ ବିବରଣୀରୁ ଜଣାଯାଏ :

*This road is 32 miles in length, one half of which has been raised through narrow and ill constructed, the other half is simply a track. This road being an essential towards the*

*opening out and advancement of the province, Govt. has several times been urged to realise and construct a provincial road from the Trunk Road to Chandbali but funds have not yet been made available. During the year under report a larger sum (Rs.1750/-) was given to this road then to any other, and what could be effected with that sum in earth works and repairs to bridges was done ! but the road continues very bad and in fact frequently totally impossible . Roadcess funds are inadequate for its construction.*

ସେହିପରି କୋର୍ଟ ଖୋଲିବା ପାଇଁ ମଧ୍ୟ ୧୮୭୩ ମସିହା ୨୫ ଅଗଷ୍ଟରେ V.H. Schalch ତାଙ୍କ ବିବରଣୀରେ ସରକାରଙ୍କୁ ସୁପାରିଶ କରିଛନ୍ତି :

The situations would be excellent for the site of a sub-division. In anticipation that the importance of the place will erelong necessiatate such a measure, I venture to make the following suggestions. xxx

ଚାନ୍ଦବାଲି ବନ୍ଦରର ଉନ୍ନତିକୁ ଦୃଷ୍ଟିରେ ରଖି ତତ୍କାଳୀନ ଇଂରେଜ ସରକାର ଭଦ୍ରକରୁ ଚାନ୍ଦବାଲି ପର୍ଯ୍ୟନ୍ତ ରେଳ ଚଳାଇବା ନିଷ୍ପତ୍ତି ନେଇଥିଲେ । ୧୯୯୪ ମସିହା ଫେବୃଆରୀ ୯ ତାରିଖ ''ସାପ୍ତାହିକୀ ଆଶା''ରୁ ଜଣାଯାଏ । ''ନୂତନ ରେଳପଥ : ଭଦ୍ରଖରୁ ଚାନ୍ଦବାଲି ପର୍ଯ୍ୟନ୍ତ ଗୋଟିଏ ନୂତନ ରେଳ ପଡିବ । ବେଙ୍ଗଲ ନାଗପୁର କମ୍ପାନୀ ଉକ୍ତ ରେଳପଥ ପାଇଁ ଜମି କ୍ରୟ କରୁଛନ୍ତି ।

ଉପରୋକ୍ତ ରେକର୍ଡରୁ ଏହା ସ୍ପଷ୍ଟ ହୁଏ ଯେ ପରାଧୀନ ଭାରତ ସମୟରେ ଓଡ଼ିଶାର ଯେଉଁ ଚାନ୍ଦବାଲି ବନ୍ଦର ଲକ୍ଷ ଲକ୍ଷ ଟଙ୍କାର ଅନ୍ତଃ ଓ ବହିର୍ବାଣିଜ୍ୟ କରି ଉତ୍କଳର ବୈଭବକୁ ବୃଦ୍ଧି କରି ସ୍ଥାନର ମର୍ଯ୍ୟାଦାକୁ ବଢାଇପାରିଥିଲା, ସ୍ୱାଧୀନ ଭାରତର ସେହି ଚାନ୍ଦବାଲି ଅନନ୍ତ ଶୟନରେ ରହି ଅତୀତର କୀର୍ତ୍ତିରାଜି ଗୁଡିକୁ ସ୍ମରଣ କରି ଭାବୁଛି ସତରେ ଅତୀତ ଚାନ୍ଦବାଲିର ସୁନେଲି ଚାନ୍ଦ କ'ଣ ଅସ୍ତମିତ ହୋଇଯିବ ?

ଓଡ଼ିଶା ରାଜ୍ୟ ଅଭିଲେଖାଗାର
ଭୁବନେଶ୍ୱର ।



ବୋଲଗଡର ପଟାବନ୍ଧଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ପଟାବନ୍ଧ ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି

# ଜାତୀୟ ସଂହତି ରକ୍ଷା ନିମନ୍ତେ ପଦକ୍ଷେପ

"ଦେଶର ବିଚ୍ଛିନ୍ନତାବାଦୀ ଶକ୍ତିଗୁଡ଼ିକ ବିରୁଦ୍ଧରେ ବହୁମୁଖୀ ଆକ୍ରମଣର ଆବଶ୍ୟକତା ରହିଛି । ଆମେ ଯଦି ଅର୍ଥନୈତିକ ବୈଷମ୍ୟ ଦୂର କରି କିଛିଟା ପ୍ରାଚୁର୍ଯ୍ୟ ଲାଭ କରିପାରୁ ତେବେ ସମସ୍ୟାର ସମାଧାନ ହୋଇଗଲା ବୋଲି କହିଦେଲେ ଚଳିବ ନାହିଁ । କାରଣ ପ୍ରତ୍ୟେକ ସମସ୍ୟାର ସମାଧାନ ମଣିଷର ମନ ଭିତରେ ରହିଛି, ତେଣୁ ଶିକ୍ଷାଦାନ ପଦ୍ଧତିରେ ଯେଉଁ ପୁସ୍ତକ ଆମେ ପଢୁଛୁ, ଯେଉଁ ବେତାର କାର୍ଯ୍ୟକ୍ରମ ଆମେ ଶୁଣୁଛୁ, ଯେଉଁ ଚଳଚ୍ଚିତ୍ର ସବୁ ଆମେ ଦେଖୁଛୁ, ତାର ସମାଧାନ ସମ୍ଭବ। ଆମକୁ ଦେଖିବାକୁ ପଡ଼ିବ ଯେ ଏସବୁ ଦ୍ୱାରା ମନୁଷ୍ୟ ମନରେ ଯେପରି ବିଭ୍ରାନ୍ତି ସୃଷ୍ଟି ନ ହୁଏ ଏବଂ ଏହା ଜାତୀୟ ସଂହତି ଓ ଏକତା ରକ୍ଷା ଦିଗରେ ସହାୟକ ହୁଏ ।" - ଶ୍ରୀମତୀ ଇନ୍ଦିରା ଗାନ୍ଧୀ

ଏକ ଗଣତନ୍ତ୍ରରେ ଧର୍ମନିରପେକ୍ଷ ନୀତି ଏକାନ୍ତ ଆବଶ୍ୟକ ଏବଂ ବିଭିନ୍ନତାକୁ ବାଦ ଦେଇ ଧର୍ମନିରପେକ୍ଷତା ଓ ଗଣତନ୍ତ୍ର ତିଷ୍ଠି ପାରିବ ନାହିଁ । ଧର୍ମାନ୍ଧ ରାଜନୀତିର ସଫଳ ମୁକାବିଲା ନିମନ୍ତେ, ଜନସାଧାରଣଙ୍କ ସାମାଜିକ ଓ ଅର୍ଥନୈତିକ ସମସ୍ୟାର ସମାଧାନ ଲକ୍ଷ୍ୟରେ ରାଜନୈତିକ ପ୍ରଚାର ଓ ଗଣଅଭିଯାନ ମାଧ୍ୟମରେ ପ୍ରବଳ ଚାପ ସୃଷ୍ଟି କରିବାକୁ ପଡ଼ିବ । ଏଭଳି ଗଣ ଆନ୍ଦୋଳନ ନଥିଲେ ଜାତିଭେଦ ଓ ଧର୍ମାନ୍ଧ ରାଜନୀତି ମୁଣ୍ଡ ଟେକିବ ।

ଧର୍ମାନ୍ଧତା ବିରୁଦ୍ଧରେ ସଂଗ୍ରାମ ନିମନ୍ତେ ଗତ ୧୦ ବର୍ଷରୁ ଅଧିକ କାଳ ପ୍ରତିବର୍ଷ ନଭେମ୍ବର ୧୯ରୁ ୨୫ ତାରିଖ ପର୍ଯ୍ୟନ୍ତ ଦେଶରେ କ୍ୱାମି ଏକତା ସପ୍ତାହ ପାଳିତ ହେଉଛି । ଏହି ସପ୍ତାହ ମଧ୍ୟରେ ଯେଉଁସବୁ କାର୍ଯ୍ୟକ୍ରମ ଗ୍ରହଣ କରାଯାଏ ତାର ଲକ୍ଷ୍ୟ ହେଉଛି ଲୋକଙ୍କ ମଧ୍ୟରେ ଜାତୀୟତାଭାବ ଓ ଜାତୀୟ ସଂହତି ମନୋଭାବ ଉଦ୍ରେକ କରିବା । ସଂପ୍ରତି ବିଚ୍ଛିନ୍ନତାବାଦୀ, ସନ୍ତ୍ରାସବାଦୀ ଓ ଅନ୍ୟ ବିଭାଜନକାରୀ ଶକ୍ତିମାନଙ୍କ ଦ୍ୱାରା ଜାତୀୟ ସଂହତି ପ୍ରତି ଯେଉଁ ବିପଦ ସୃଷ୍ଟି ହୋଇଛି ସେହି ପରିପ୍ରେକ୍ଷୀରେ ଏହି ସପ୍ତାହ ପାଳନର ଗୁରୁତ୍ୱ ବୃଦ୍ଧିପାଇଛି ।

ଜାତୀୟ ଏକତା ସପ୍ତାହ ପାଳନ କୌଣସି ନୂଆ ବିଷୟ ନୁହେଁ । ଦେଶର ସ୍ୱାଧୀନତା ସଂଗ୍ରାମ ବେଳେ ମଧ୍ୟ ଏଭଳି ସପ୍ତାହ ପାଳିତ ହେଉଥିଲା ।

ବର୍ଷ ବର୍ଷ ଧରି ଦେଶର ଏକତା ଓ ସଂହତିକୁ ଗୁରୁତ୍ୱ ଦେଉଥିବା ଜାତୀୟ ନେତା , ସମାଜ ସଂସ୍କାରକ, କବି ଓ ଅନ୍ୟମାନେ ଏକତା ରକ୍ଷାର ଆବଶ୍ୟକତା ସଂପର୍କରେ ପ୍ରଭାବଶାଳୀ ଭାଷାରେ ନିଜର ମତ ପ୍ରକାଶ କରିଛନ୍ତି ଏବଂ ଏହି ଲକ୍ଷ୍ୟ ହାସଲ ଦିଗରେ କାର୍ଯ୍ୟ ମଧ୍ୟ କରିଛନ୍ତି ।

**ସାମ୍ବିଧାନିକ ବ୍ୟବସ୍ଥା**

ଭାଷା, ଧର୍ମ, ଗୋଷ୍ଠୀ ବା ଅନ୍ୟ ଯେ କୌଣସି ବିଷୟକୁ ଭିତ୍ତି କରି ବିଭାଜନକାରୀ ଓ ବିଚ୍ଛିନ୍ନତାବାଦୀ ଶକ୍ତିମାନଙ୍କୁ ନିୟନ୍ତ୍ରଣରେ ରଖିବାକୁ ଭାରତୀୟ ସମ୍ବିଧାନରେ ଏକ ଶକ୍ତିଶାଳୀ ଓ ଦୃଢ଼ କେନ୍ଦ୍ର ସରକାର ଗଠନର ବ୍ୟବସ୍ଥା ରଖାଯାଇଛି । ତା ସଂଗେ ସଂଗେ ଗୋଷ୍ଠୀ, ଭାଷା, ଧର୍ମ ଓ ଜନ୍ମସ୍ଥାନ ନିର୍ବିଶେଷରେ ସବୁ ଶ୍ରେଣୀର ଲୋକଙ୍କ ପାଇଁ ସମାନ ଅଧିକାର ଓ ସୁରକ୍ଷା ପ୍ରଦାନର ବ୍ୟବସ୍ଥା ରହିଛି ଓ ଦେଶ ଗଠନ କାର୍ଯ୍ୟରେ ସମସ୍ତଙ୍କୁ ସମାନ ସ୍ଥାନ ଦିଆଯାଇଛି । ତା ସହିତ ବିଭିନ୍ନ ଗୋଷ୍ଠୀକୁ ଉପଯୁକ୍ତ ସୁରକ୍ଷା ପ୍ରଦାନ ଏବଂ ଦୀର୍ଘ କେତେ ଶତାବ୍ଦୀ ଧରି ଆମ ସମାଜରେ ରହି ଆସିଥିବା ସାମାଜିକ, ଅର୍ଥନୈତିକ ବୈଷମ୍ୟ ଦୂର କରିବାର ବ୍ୟବସ୍ଥା ମଧ୍ୟ ରହିଛି । ଆମ ସମ୍ବିଧାନର ମୁଖବନ୍ଧରେ ଦୁଇଟି ଶବ୍ଦ ଧର୍ମ ନିରପେକ୍ଷ ଓ ସାମ୍ୟବାଦକୁ ସ୍ଥାନ ଦିଆଯିବା ସହିତ ସମ୍ବିଧାନରେ ଏବେ କରାଯାଇଥିବା ସଂଶୋଧନ ଫଳରେ ଜାତୀୟ ସଂହତି ପ୍ରତିଷ୍ଠାର ପଥ ଅଧିକ ସୁଗମ ହୋଇପାରିଛି ।

ଭାରତରେ ଜାତୀୟ ସଂହତି ଓ ଏକତାର ପରିକଳ୍ପନା କିଛି ନୂଆ କଥା ନୁହେଁ । ଆମ ଇତିହାସ ପର୍ଯ୍ୟାଲୋଚନା କଲେ ଏହା ବାରମ୍ବାର ଦେଖିବାକୁ ମିଳେ । ଯୁଗ ଯୁଗ ଧରି ଭାରତରେ ବିଭିନ୍ନ ଧର୍ମ, ବିଭିନ୍ନ ଭାଷା ଓ ବିଭିନ୍ନ ସଂସ୍କୃତି ରହିଆସିଛି । ସେଥିପାଇଁ ଆମ ଦେଶକୁ ବିଭିନ୍ନତା ମଧ୍ୟରେ ଏକତାର ଏକ ପ୍ରତୀକ ବୋଲି କୁହାଯାଏ ।

ସଂଖ୍ୟାଲଘୁମାନଙ୍କ କଲ୍ୟାଣ ଏବଂ ସେମାନଙ୍କ ଜୀବନ ଓ ସଂପତ୍ତିର ସୁରକ୍ଷା ନିମନ୍ତେ ସରକାର ପ୍ରତିଶ୍ରୁତିବଦ୍ଧ । ଏଥିପାଇଁ ଜାତୀୟ ମହାସ୍ରୋତରେ ସଂଖ୍ୟାଲଘୁମାନଙ୍କୁ ସାମିଲ କରିବା ଓ ଦେଶ ଗଠନ କାର୍ଯ୍ୟରେ ସେମାନଙ୍କୁ ଅନ୍ୟମାନଙ୍କ ସହିତ ସମାନ ଅଧିକାର ଦେବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି । ସଂଖ୍ୟାଲଘୁମାନଙ୍କ କଲ୍ୟାଣ ନିମନ୍ତେ ୧୯୮୩ ମେ ମାସରେ ଘୋଷିତ ୧୫ ଦଫା କାର୍ଯ୍ୟକ୍ରମ ଏଦିଗରେ ଏକ ଆଲୋକବର୍ତ୍ତିକା ।

ଏ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ହେଉଛି ସଂଖ୍ୟାଲଘୁ ସଂପ୍ରଦାୟର ଧନ ଓ ଜୀବନର ନିରାପତ୍ତା, ଚାକିରି କ୍ଷେତ୍ରରେ ସଂଖ୍ୟାଲଘୁମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା, ଉନ୍ନୟନ କାର୍ଯ୍ୟ ଓ ଆର୍ଥିକ ସହାୟତା ପ୍ରଦାନ କ୍ଷେତ୍ରରେ ପକ୍ଷପାତିତାର ବିଲୋପ ।

ଦେଶର ସଂଖ୍ୟାଲଘୁ ସଂପ୍ରଦାୟ ଅଧିକ ସଂଖ୍ୟାରେ ବସବାସ କରୁଥିବା ୪୧ଟି ଜିଲ୍ଲାରେ ଏହି ୧୫ ଦଫା କାର୍ଯ୍ୟକ୍ରମ ବିଶେଷ ଭାବେ କାର୍ଯ୍ୟକାରୀ କରାଯାଉଛି । ଏହି ୪୧ଟି ଜିଲ୍ଲାରେ ଦେଶର ମୋଟ ସଂଖ୍ୟାଲଘୁ ଜନସଂଖ୍ୟାର ୩୭ ଶତାଂଶ ବ୍ୟକ୍ତି ବସବାସ କରନ୍ତି ଓ ସେମାନେ ଏହି କାର୍ଯ୍ୟକ୍ରମ ଦ୍ୱାରା ଉପକୃତ ହେବେ । ପରବର୍ତ୍ତୀ ପର୍ଯ୍ୟାୟରେ ଏହି କାର୍ଯ୍ୟକ୍ରମ ୧୨୪ଟି ଜିଲ୍ଲାରେ କାର୍ଯ୍ୟକାରୀ କରାଯିବ । ଅର୍ଥାତ୍ ୨୦ ଶତାଂଶରୁ ଅଧିକ ସଂଖ୍ୟାଲଘୁ ବ୍ୟକ୍ତି ବସବାସ କରୁଥିବା ଦେଶର ସମସ୍ତ ଜିଲ୍ଲା ଏ କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ ହେବ । ଯେଉଁ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରେ ଏ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି କେନ୍ଦ୍ର, ରାଜ୍ୟ ଓ ଜିଲ୍ଲା ସ୍ତରରେ ତାର ସମୀକ୍ଷା କରାଯାଉଛି ।

ଇତି ମଧ୍ୟରେ ଜାତୀୟ ସଂଖ୍ୟାଲଘୁ କମିଶନକୁ ଅଧିକ ଆଇନଗତ କ୍ଷମତା ଦିଆଯାଇଛି ଓ ୧୯୯୨ରେ ଏହାର କାର୍ଯ୍ୟପରିସର ମଧ୍ୟ ବୃଦ୍ଧି କରାଯାଇଛି । ଏହି କମିଶନଙ୍କ ଦକ୍ଷତା ବୃଦ୍ଧି ଲକ୍ଷ୍ୟରେ ସାକ୍ଷୀମାନଙ୍କୁ ଡକାଇବା ଓ ଦଲିଲପତ୍ର ଦାଖଲ କରିବା ପ୍ରଭୃତି କମିଶନଙ୍କୁ ସିଭିଲ କୋର୍ଟର ସାହାଯ୍ୟ ଓ କ୍ଷମତା ଦିଆଯାଇଛି ।

ସାଂପ୍ରଦାୟିକ ସଦ୍‌ଭାବ ସୃଷ୍ଟି, ବିଶେଷ କରି ଦଂଗାରେ ଅନାଥ ହୋଇଥିବା ଶିଶୁମାନଙ୍କ ଶାରୀରିକ ଓ ମାନସିକ ଥଇଥାନ ନିମନ୍ତେ ଭାରତ ସରକାର ଜାତୀୟ ସାଂପ୍ରଦାୟିକ ସଦ୍‌ଭାବ ପ୍ରତିଷ୍ଠାନ ଗଠନ କରିଛନ୍ତି । ବିଭିନ୍ନ ସ୍ଥାନରେ ସାଂପ୍ରଦାୟିକ ଦଂଗାରେ ପିତାମାତାଙ୍କୁ ହରାଇଥିବା ୯୧୬ ଜଣ ଶିଶୁଙ୍କୁ ପ୍ରତିଷ୍ଠାନ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି । ଏହି ପ୍ରତିଷ୍ଠାନ ପକ୍ଷରୁ ପ୍ରତିବର୍ଷ ନଭେମ୍ବର ମାସରେ ପାଣ୍ଠି ସଂଗ୍ରହ ସପ୍ତାହ ଓ ପତାକା ଦିବସ ପାଳନ କରାଯାଏ । ସାଂପ୍ରଦାୟିକ ସଦ୍‌ଭାବ ପ୍ରତିଷ୍ଠାରେ ଜରୁରୀ ଆବଶ୍ୟକତା ସଂପର୍କରେ ଜନସଚେତନତା ସୃଷ୍ଟି କରିବା ସହିତ ଦେଶ ବିଦେଶରେ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କଠାରୁ ଦାନ ସଂଗ୍ରହ କରି ପ୍ରତିଷ୍ଠାନର ପାଣ୍ଠି ବୃଦ୍ଧି କରିବା ନିମନ୍ତେ ଏହାକି କରାଯାଇଥାଏ ।

ଏହା ବ୍ୟତୀତ ନଭେମ୍ବର ୧୯ରେ ଜାତୀୟ ସଂହତି ଦିବସ, ନଭେମ୍ବର ୨୦ରେ ସଂଖ୍ୟାଲଘୁ କଲ୍ୟାଣ ଦିବସ, ନଭେମ୍ବର ୨୧ ରେ ଭାଷା ସମନ୍ୱୟ ଦିବସ, ନଭେମ୍ବର ୨୩ରେ ସାଂସ୍କୃତିକ ଏକତା ଦିବସ, ନଭେମ୍ବର ୨୪ରେ ମହିଳା ଦିବସ ଓ ନଭେମ୍ବର ୨୫ରେ ସଂରକ୍ଷଣ ଦିବସ ପାଳିତ ହୋଇଥାଏ ।

# ଆଗେଇ ଚାଲ

ଶହୀଦ ଦିବାକର ପରିଡ଼ା

ଚାଲରେ ଭାଇ ଆଗେଇ ଚାଲ
ଗାଇ ଗାଇକା ମୁକ୍ତି ଗୀତ
ଅର୍ପିବା ପ୍ରାଣ ସ୍ୱରାଜ୍ୟ ହିତେ
ରାଜ ଶାସନ ହୋଇବ ନତ ।
ସିଂହ ସମାନେ ଆଗେଇ ଚାଲ
ମୃତ୍ୟୁକୁ ଦଳି ଚରଣେ ତୋର
ଚୂର୍ଣ୍ଣ କରରେ ଗର୍ବ ତାଙ୍କର
ଶାସନ କଳ ହେଉ ଛାରଖାର ।
କର୍ମି ଉଠରେ ମଣିନାଗ ଗିରି
ମେଦିନୀ ସାରା ଉଠୁ ଦୋହଲି
ଅନ୍ୟାୟ, ପାପ, ଗୋଲାମ ଯେତେ
ରାଜ୍ୟରୁ ତାଙ୍କୁ ଦେବା ନିକାଳି ।
ନ୍ୟାୟେ ଲଢୁ ଯେବେ ଭୟ କିଆଁ
ସତ୍ୟ, ଧର୍ମେ ଆମେ ବଳୀୟାନ୍
ପାପାଚାର ବିସ୍ତାରିଛି କାୟା
ସଂଘବଦ୍ଧେ ଜାଗ ପ୍ରଜାଗଣ ।
ସିକନ୍ଦରାବାଦ, ବୌଦ ଫୋର୍ସ
ଗର୍ଜନ ଯିବ ନିମିଷେ ମିଳାଇ
ପ୍ରଜା ଏକତ୍ରେ ରାଜାର ଆଟ
ଶଙ୍କି ଲୁଚିବେ ଉଆସେ ଯାଇ
ରାଜ ଶାସନ ମଣିଷ ଶିକାର
ସେ ତ ରକତ ଲୋଲୁପ ବାଘ
ବ୍ରିଟିଶ ଘୋଡ଼ଣି ପାରିବନି ଢାଙ୍କି
ମୁକ୍ତି ସଂଗ୍ରାମୀ ପ୍ରତାପେ ଜାଗ ।
ଥରି ଉଠୁ ରଣପୁର ରାଜ୍ୟ
ଆତଙ୍କରାଜ ଦମନ କରି
ଚାଲ ଆଗେଇ ଏକଜୁଟ ହୋଇ
ନ୍ୟାଯ୍ୟ ଅଧିକାର ନିଶାଣ ଧରି ।
ଅତ୍ୟାଚାରର ସୀମା ଲଂଘିଛି
ଦୁର୍ବାର ଯେ ଆମ ଅଭିଯାନ
ଜୀବନକୁ ପଣ କରି ଚାଲରେ
ମୁକତିର ଗାଇ ଜୟଗାନ ।

ଭାରତୀୟ ସ୍ୱାଧୀନତା ସଂଗ୍ରାମ ଏବଂ ଓଡ଼ିଶାର ଗଡ଼ଜାତ ପ୍ରଜା ଆନ୍ଦୋଳନ କ୍ଷେତ୍ରରେ ରଣପୁରର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ଗଡ଼ଜାତ ରଣପୁରର ଶିକ୍ଷିତ ତରୁଣ ଶହୀଦ୍ ଦିବାକର ଏକାଧାରରେ ଦେଶପ୍ରେମୀ, ବାଗ୍ମୀ ଏବଂ ବିପ୍ଳବୀ କବି ଥିଲେ । ବ୍ରିଟିଶ ଶାସକ ଏବଂ ରଣପୁର ରାଜାଙ୍କ ଅନ୍ୟାୟ, ଅତ୍ୟାଚାର, ଶୋଷଣ ଓ ଜୁଲୁମ ବିରୁଦ୍ଧରେ ଦୃଢ ସ୍ୱର ଉତ୍ତୋଳନ କରି ସେ ପ୍ରଜାମାନଙ୍କୁ ସଂଗଠିତ କରିଥିଲେ । ପ୍ରଜାମାନଙ୍କୁ ଆତ୍ମ ସଚେତନ କରିବା ପାଇଁ ଏବଂ ଦେଶ ପ୍ରେମରେ ଉଦ୍‌ବୁଦ୍ଧ କରିବା ନିମିତ୍ତ ସେ ଏକାଧିକ ବିପ୍ଳବୀ କବିତା ରଚନା କରିଥିଲେ । କବିତାଗୁଡ଼ିକ ମୁଖ୍ୟତଃ ପ୍ରଜାମଣ୍ଡଳ ତରଫରୁ ଆୟୋଜିତ ସଭାଗୁଡ଼ିକରେ ଗାନ କରାଯାଉଥିଲା । ସେ ୧୯୧୧ ମସିହା ନଭେମ୍ବର ୩୦ ତାରିଖ ଦିନ ରଣପୁର ଅନ୍ତର୍ଗତ ଗଡ଼ ବାଣିକିଲୋ ଗ୍ରାମର ବିଦ୍ରୋହୀ ସାମନ୍ତ ଉଦ୍ଧବଙ୍କର ପରିଡ଼ା ଓ ତାରା ଦେବୀଙ୍କ ଜ୍ୟେଷ୍ଠ ପୁତ୍ର ଭାବେ ଜନ୍ମ ଗ୍ରହଣ କରିଥିଲେ ।

୧୯୩୯ ମସିହା ଜାନୁୟାରୀ ମାସ ୫ ତାରିଖରେ ବ୍ରିଟିଶ ପଲିଟିକାଲ ଏଜେଣ୍ଟ ମେଜର ବେଜେଲଗେଟ ରଣପୁରର ଐତିହାସିକ ପ୍ରଜା ଆନ୍ଦୋଳନକୁ ଦମନ କରିବା ପାଇଁ ରଣପୁରଗଡ଼ ଆସି ଉତ୍ତେଜିତ ପ୍ରଜାମାନଙ୍କ ନିର୍ମମ ଲାଠିମାଡ଼ରେ ନିହତ ହେଲେ । ଏହି ହତ୍ୟା ପାଇଁ ବ୍ରିଟିଶ ସରକାର ପ୍ରଜାନେତା ଦିବାକର ପରିଡ଼ା ଓ ରଘୁନାଥ ମହାନ୍ତିଙ୍କୁ ଦାୟୀ କରି ବିଚାରରେ ଫାଶୀଦଣ୍ଡ ଦେଇଥିଲେ, ୧୯୪୧ ମସିହା ଏପ୍ରିଲ ୪ ତାରିଖରେ ବିହାରର ଭାଗଲପୁର ଜେଲ୍‌ରେ । ବିପ୍ଳବୀ ଦିବାକର ଯେବେ ଯାହିଁ ତରୁଣ ଅବସ୍ଥାରେ ଶହୀଦ ନ ହୋଇଥିଲେ ସ୍ୱାଧୀନୋତ୍ତର ଭାରତବର୍ଷରେ ଜଣେ ବିପ୍ଳବୀ କବି ଭାବରେ ଖ୍ୟାତି ଅର୍ଜନ କରିଥାଆନ୍ତେ ।

# ଚାଚା ଓ କକା

ଶ୍ରୀ ନିକୁଞ୍ଜ କିଶୋର କାନୁନ୍‌ଗୋ

-୧-

ଜଣେ ଆମରି ଚାଚା,
ଦେଶ ସେବକ ସଚ୍ଚା ।
ଜଣେ ଆମରି କକା
ଦେଶ ସେବକ ପକ୍କା ।

-୨-

ଚାଚାଙ୍କ ନାଁ ନେହେରୁ,
ଫୁଲମାଳ ଗଳାରୁ
କାଢ଼ି, ଦେଇ ପିଲାଙ୍କୁ,
ଭଲପା'ନ୍ତି ତାହାଙ୍କୁ ।

-୩-

କକା ନାଁ ମହତାବ,
କଲେ ପ୍ରତିଭା ଠାବ ।
ଶିଶୁ କିଶୋର ଠାଇଁ,
ସଦା ସିନିହ ଥାଇ ।

-୪-

ଚା ଚା ପ୍ରଧାନମନ୍ତ୍ରୀ,
ଥିଲେ ଆମ ଦେଶର,
କକା ତ ମୁଖ୍ୟମନ୍ତ୍ରୀ,
ଥିଲେ ଆମ ରାଜ୍ୟର ।

-୫-

କକା କେନ୍ଦ୍ରରେ ମନ୍ତ୍ରୀ
କେତୋଟି ବର୍ଷ ଥିଲେ,
ବମ୍ବେ ପ୍ରଦେଶରେ ସେ
ରାଜ୍ୟପାଳ ବି ଥିଲେ ।

-୬-

ଦେଶର ସ୍ୱାଧୀନତା
ଲାଗି ଦିହେଁ ଲଢ଼ିଲେ,
ଆଣିଲେ ସ୍ୱାଧୀନତା
ଦେଶ ପୁଣି ଗଢ଼ିଲେ ।

-୭-

ପଟେଲ ସରଦାର,
ସାଥିରେ ମହତାବ,
କଲେ ଦେଶୀୟ ରାଜ୍ୟ,
ମିଶାଇବାର କାର୍ଯ୍ୟ ।

-୮-

ଗଡ଼ଜାତ ମିଶ୍ରଣ,
କକାଙ୍କ ଅବଦାନ ।
ଦେଶ ଏକତା ଭାବ
ପଟେଲ, ମହତାବ ।

-୯-

ବାପୁଜୀଙ୍କର ଚେଲା,
ଚାଚା ଓ କକା ଗେହ୍ଲା ।
କଂଗ୍ରେସ ଦଳ ନେତା,
ସାହିତ୍ୟେ ପୁଣି ବେତ୍ତା ।

-୧୦-

ନଭେମ୍ବର ମାସରେ,
ଆମେ ମନ ଖୁସିରେ,
ଦୁହିଁଙ୍କ ଜନ୍ମଦିନ,
କରୁ ପରା ପାଳନ !

-୧୧-

କକା ପିଲାଙ୍କ ପାଇଁ,
କଲେ ମୀନାବଜାର;
ହେଲା ମୀନାମଣ୍ଡଳୀ
ଶହ ଶହ ହଜାର ।

-୧୨-

ନେହେରୁ, ମହତାବ,
ଶିଶୁଠି ସ୍ନେହଭାବ
ଚିରକାଳ ଅମର,
ଚାଚା-କକା ଆମର ।

ବି.ଆର୍.ପି. - ୯୬
ପାଣ୍ଡବନଗର,
ଭୁବନେଶ୍ୱର - ୭୫୧୦୧୮

# ସମ୍ବାଦ ପରିକ୍ରମା

## କୃଷିନୀତିର ସଫଳ ରୂପାୟନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ନୂତନ କୃଷିନୀତିର ସଫଳ ରୂପାୟନ ପାଇଁ ରାଜ୍ୟର ଗାଁଗହଳର ଚାଷୀମାନଙ୍କ ଭିତରେ ଜାଗରଣ ଆଣିବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଗୁରୁତ୍ୱ ଆରୋପ କରିଛନ୍ତି ।

ଗତ ଅକ୍ଟୋବର ୧୭ ତାରିଖରେ ସ୍ଥାନୀୟ ସୂଚନାଭବନଠାରେ ରାଜ୍ୟ ସରକାରଙ୍କ କୃଷି, ସମବାୟ, ମତ୍ସ୍ୟ ଓ ପଶୁପାଳନ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟ କୃଷି ନୀତି କର୍ମଶାଳା ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ଜିଲ୍ଲା, ବ୍ଲକ୍ ଓ ଗ୍ରାମ ସ୍ତରରେ କାର୍ଯ୍ୟ କରୁଥିବା କୃଷି ବିଭାଗର କର୍ମଚାରୀମାନେ ନୂତନ କୃଷିନୀତି ସଂପର୍କରେ ସମ୍ୟକ୍ ଜ୍ଞାନ ଆହରଣ କଲେ ଗାଁ ଗହଳିର ସାଧାରଣ ଚାଷୀମାନଙ୍କୁ ଉପଯୁକ୍ତ ପ୍ରେରଣା ଦେଇପାରିବେ । ଶସ୍ୟ, ଡାଲି, ତୈଳବୀଜ, ଝୋଟ, ଆଖୁ, କପା, ଫଳ ଓ ପନିପରିବା ଆଦି ସମସ୍ତ ଚାଷକ୍ଷେତ୍ରରେ ଚାଷୀମାନଙ୍କୁ ଉପଯୁକ୍ତ ତାଲିମ ଦିଆଗଲେ କୃଷିକ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ସାଧିତ ହୋଇପାରିବ । ସେଥିପାଇଁ ବିଭିନ୍ନ ସ୍ଥାନରେ ଚାଷୀମାନଙ୍କ ପାଇଁ ତାଲିମ ଶିବିର ଆୟୋଜନ କରିବାପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

ମୁଖ୍ୟମନ୍ତ୍ରୀ କହିଲେ ଯେ ଉତ୍ପାଦନ କ୍ଷେତ୍ରରେ ଚୂଡ଼ାନ୍ତ ପରିବର୍ତ୍ତନ ଆସିଲେ ଓଡ଼ିଶାର ଅର୍ଥନୀତିର ପରିବର୍ତ୍ତନ ହେବ । ରାଜ୍ୟରେ ଖଣିଜ ସଂପଦର ସଂପୂର୍ଣ୍ଣ ସଦୁପଯୋଗ କରିବାକୁ ବହୁ ପୁଞ୍ଜି ବିନିଯୋଗ କରାଯାଇ କଳକାରଖାନା ବସାଯିବା ସଂଗେ ସଂଗେ ବ୍ୟବସାୟ-ବାଣିଜ୍ୟ ଓ ଶିଳ୍ପ ପରି ଚାଷ ଉପରେ ସରକାର ସର୍ବାଧିକ ଗୁରୁତ୍ୱ ଆରୋପ କରୁଛନ୍ତି । ଇସ୍ରାଏଲର ଚାଷୀ ଏକ ଏକର ଜମିରେ ଚାଷ କରି ପ୍ରଚୁର ଲାଭ ଉଠାଇପାରୁଥିବାରୁ ଓଡ଼ିଶାରେ ମୁଣ୍ଡପିଛା ଚାଷ ଜମିର ପରିମାଣ କମ୍ ହେଲେ ବି ଓଡ଼ିଶାର ଚାଷୀ ଆତ୍ମବିଶ୍ୱାସ ଓ ନିଷ୍ଠା ବଳରେ ଅସାଧ୍ୟ ସାଧନ କରିପାରିବ ।

ଆସନ୍ତା ୩ ବର୍ଷ ଭିତରେ ଆଳୁ ଉତ୍ପାଦନରେ ଓଡ଼ିଶା ସ୍ୱାବଲମ୍ବୀ ହୋଇପାରିବ ଏବଂ ଧାନ ଉତ୍ପାଦନକୁ ଦ୍ୱିଗୁଣିତ କରାଯିବ ବୋଲି ସେ କହିଥିଲେ । ରାସାୟନିକ ଓ ଜୈବିକ ସାରର ଉଚିତ ପ୍ରୟୋଗ ଓ ବ୍ୟାପକ ଉଠାଜଳସେଚନ କାର୍ଯ୍ୟକ୍ରମ ଦ୍ୱାରା ଚାଷୀଙ୍କୁ ଉତ୍ପାଦନ ବୃଦ୍ଧି ପାଇଁ ସବୁପ୍ରକାର ସାହାଯ୍ୟ ଯୋଗାଇ ଦିଆଯିବ । ରାଜ୍ୟରେ କୃଷି ଭିତ୍ତିକ ଶିଳ୍ପ ପ୍ରତିଷ୍ଠା ପାଇଁ ସରକାର ବିପୁଳ ପ୍ରୋତ୍ସାହନ ଦେଉଥିବାରୁ ଶିକ୍ଷିତ ବେକାରମାନେ ଏଥିପାଇଁ ଆଗେଇ ଆସିବାପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ ଏବଂ ସମନ୍ୱିତ ଗ୍ରାମ୍ୟ ବିକାଶ ଯୋଜନାରେ ଉଠାଜଳସେଚନ ପମ୍ପସେଟ, ଟ୍ରାକ୍ଟର ଓ ତେଲକଳ ଆଦି ବସାଇ କୃଷିନୀତିରୁ ଲାଭ ଉଠାଇବା ପାଇଁ ପରାମର୍ଶ ଦେଇଥିଲେ ।

ଉପମୁଖ୍ୟମନ୍ତ୍ରୀ ଶ୍ରୀ ବସନ୍ତକୁମାର ବିଶ୍ୱାଳ ରାଜ୍ୟରେ ଉତ୍ପାଦନ ବଢ଼ାଇବା ପାଇଁ ଭୂସଂସ୍କାର ଓ ଜଳସେଚନର ଆବଶ୍ୟକତା ଉପରେ ଗୁରୁତ୍ୱ ଆରୋପ କରି ଆଧୁନିକ ପଦ୍ଧତିରେ ଅର୍ଥକରୀ ଫସଲ ଚାଷ କରିବାପାଇଁ ପରାମର୍ଶ ଦେଇଥିଲେ । ଉପମୁଖ୍ୟମନ୍ତ୍ରୀ ଶ୍ରୀ ହେମାନନ୍ଦ ବିଶ୍ୱାଳ କହିଲେ ଯେ ରାଜ୍ୟର ଚାଷୀଙ୍କୁ ଉତ୍ପାଦିତ ଫସଲର ଉଚିତ ମୂଲ୍ୟ ମିଳିଲେ ଉତ୍ପାଦନ ବୃଦ୍ଧି ପାଇଁ ସେ ଅଧିକ ଉତ୍ସାହିତ ହେବ । ସମବାୟ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ରବୀନ୍ଦ୍ର କୁମାର ସେଠୀ ପାନ ଓ ଆଖୁ ଫସଲକୁ ବୀମାଭୁକ୍ତ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି ବୋଲି କହିଥିଲେ ଏବଂ ରାଜ୍ୟ ସରକାରଙ୍କ ନୂତନ କୃଷି ନୀତି କୃଷି କ୍ଷେତ୍ରରେ ଉତ୍ସାହ ସୃଷ୍ଟି କରିପାରିଛି ବୋଲି ପ୍ରକାଶ କରିଥିଲେ ।

କୃଷି ରାଷ୍ଟ୍ରମନ୍ତ୍ରୀ ଶ୍ରୀ ରମାକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ କୃଷି ଉତ୍ପାଦନ କମିଶନର ଶ୍ରୀ ସହଦେବ ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ଏବଂ କୃଷି ବିଭାଗର ଶାସନ ସଚିବ ଶ୍ରୀ ବିଜୟ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ । ବିଭାଗୀୟ ଅତିରିକ୍ତ ଶାସନ ସଚିବ ଶ୍ରୀ ସୁରସେନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉପଲକ୍ଷେ ପ୍ରକାଶିତ ଏକ ସ୍ମରଣିକା ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା ।

## ଲଳିତଗିରିର ବୌଦ୍ଧସ୍ତୂପ ନିର୍ମାଣ ପାଇଁ ସରକାର ସହାୟତା କରିବେ - *ମୁଖ୍ୟମନ୍ତ୍ରୀ*

ଭାରତୀୟ ମହାବୋଧି ସୋସାଇଟି ତଥା ଜାପାନର ନେବୋସୁଶୁ ସଂପ୍ରଦାୟର ମିଳିତ ସହଯୋଗରେ ଓଡ଼ିଶାର ଲଳିତଗିରିଠାରେ ନିର୍ମିତ ହେଉଥିବା ବୌଦ୍ଧସ୍ତୂପ ସକାଶେ ରାଜ୍ୟ ସରକାର ଆବଶ୍ୟକ ପରିମାଣର ଜମି ମାଗଣାରେ ଯୋଗାଇ ଦେବା ସଂଗେ ସଂଗେ ସମସ୍ତ ପ୍ରକାର ସହାୟତା କରିବେ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ଜାପାନର ଏହି ପ୍ରତିନିଧି ଦଳକୁ ପ୍ରତିଶ୍ରୁତି ଦେଇଛନ୍ତି ।

ଗତ ଅକ୍ଟୋବର ୫ ତାରିଖରେ ସଚିବାଳୟଠାରେ ଏହି ପ୍ରତିନିଧି ଦଳକୁ ସ୍ୱାଗତ ଜଣାଇ ମୁଖ୍ୟମନ୍ତ୍ରୀ ଓଡ଼ିଶାରେ ବୌଦ୍ଧଧର୍ମର ଉନ୍ନତ ଓ ମହାନ୍ ପରମ୍ପରା ସଂପର୍କରେ ସୂଚନା ଦେଇ କହିଥିଲେ ଯେ ପ୍ରାରମ୍ଭିକ ପର୍ଯ୍ୟାୟରେ ଓଡ଼ିଶା ବୌଦ୍ଧଧର୍ମକୁ ଗ୍ରହଣ କରିଥିଲା । ଲାମ୍ମାଙ୍କରା ତିବତୀୟମାନଙ୍କୁ ବୌଦ୍ଧଧର୍ମ ଅବଲମ୍ବନ କରିବାକୁ ପ୍ରେରଣା ଦେଇଥିଲେ । ଓଡ଼ିଶାର ସମ୍ବଲପୁରରେ ବଜ୍ରଯାନ ପ୍ରଥମେ ଆରମ୍ଭ ହୋଇଥିଲା ଏବଂ କଳିଙ୍ଗ ଯୁଦ୍ଧ ପରେ ସମ୍ରାଟ ଅଶୋକ ମହାତ୍ମା ବୁଦ୍ଧଙ୍କର ଶାନ୍ତି ଓ ଅହିଂସା ମନ୍ତ୍ରରେ ଉଦ୍‌ବୁଦ୍ଧ ହୋଇ ବୌଦ୍ଧଧର୍ମରେ ଦୀକ୍ଷିତ ହୋଇଥିଲେ । ପ୍ରସଂଗକ୍ରମେ ମୁଖ୍ୟମନ୍ତ୍ରୀ ସୂଚାଇ ଥିଲେ ଯେ ସେ ନିଜେ ଜଣେ ବୁଦ୍ଧଙ୍କ ଭକ୍ତ । ମହାତ୍ମା ବୁଦ୍ଧଙ୍କର ଜୀବନ ଚରିତ ସଂପର୍କରେ ସେ ଖଣ୍ଡିଏ ବହି ଲେଖିଛନ୍ତି ଓ ରତ୍ନଗିରିର ବୌଦ୍ଧ ମ୍ୟୁଜିୟମ୍ ତାଙ୍କ ଉଦ୍ୟମରେ ନିର୍ମିତ ହୋଇଛି । ମୁଖ୍ୟମନ୍ତ୍ରୀ ଜାପାନର ବୌଦ୍ଧ କଳାର ଉଚ୍ଚ ପ୍ରଶଂସା କରିଥିଲେ ।

ପ୍ରସ୍ତାବିତ ବୌଦ୍ଧସ୍ତୂପର ମଡେଲ ସଂପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ଏହି ସ୍ତୂପର ଚାରିପଟେ ମହାତ୍ମା ବୁଦ୍ଧଙ୍କ ଚାରୋଟି ପ୍ରତିକୃତି ରହିବ ଏବଂ ମଧ୍ୟ ଭାଗରେ ଏକ ଲୌହ ସ୍ତମ୍ଭ ରହିବ । ସ୍ତମ୍ଭ ଉପର ଲଳିତଗିରିରୁ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସଂସ୍ଥା ଦ୍ୱାରା ବାହାରିଥିବା ବୁଦ୍ଧଦେବଙ୍କ ଦେହାବଶେଷକୁ ସ୍ଥାପନ କରାଯିବ । ଏହି ସ୍ତୂପରେ ଏକକାଳୀନ ୩୫୦ ଲୋକ ବସି ଧ୍ୟାନ କରିପାରିବେ ଏବଂ ଏହି କାର୍ଯ୍ୟ ଦେଡ଼ବର୍ଷ ମଧ୍ୟରେ ଶେଷ ହେବ । ଜାପାନର 'ନିୟାନ୍ତସ୍ତ' ଓ ବୌଦ୍ଧ ଆନ୍ତର୍ଜାତିକ ସଂସ୍ଥାପକ୍ଷରୁ ଏହି ନିର୍ମାଣ କାର୍ଯ୍ୟ ପାଇଁ ଆବଶ୍ୟକୀୟ ଅର୍ଥ ଯୋଗାଇ ଦିଆଯିବ ।

ସ୍ତୂପର ସନ୍ନିକଟସ୍ଥ ସ୍ଥାନରେ ବିବାହ ଉତ୍ସବ ପାଇଁ ଏକ ବୁଦ୍ଧ ହଲ୍ ନିର୍ମାଣ କରାଯିବ ଏବଂ ପର୍ଯ୍ୟଟକମାନଙ୍କ ପାଇଁ ପାନ୍ଥଶାଳା ମଧ୍ୟ ନିର୍ମାଣ କରାଯିବ । ସେଠାରେ ଏକ ଜରାନିବାସ ପ୍ରତିଷ୍ଠାର ପରିକଳ୍ପନା ମଧ୍ୟ ରଖାଯାଇଛି । ଭାରତୀୟ ପ୍ରତ୍ନତାତ୍ତ୍ୱିକ ସଂସ୍ଥା ପକ୍ଷରୁ ଚାଲୁ ରହିଥିବା ଖନନ କାର୍ଯ୍ୟରୁ ଓଡ଼ିଶାରେ ବୌଦ୍ଧଧର୍ମର ବିକାଶ ଓ ପ୍ରସାର ସଂପର୍କରେ ଅଧିକ ତଥ୍ୟ ମିଳିପାରିବ ବୋଲି ପ୍ରତିନିଧିଦଳ ଆଶା ପ୍ରକାଶ କରିଛନ୍ତି ।

ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ପ୍ରତିନିଧିଦଳକୁ ପଦ୍ମଫୁଲର ଏକ ରୂପା ତାରକସି କାମ ଉପହାର ଦେବା ସଂଗେ ସଂଗେ ଓଡିଶା ଓ ବୁଦ୍ଧଦେବଙ୍କ ସଂପର୍କରେ ପ୍ରଚଳିତ କିମ୍ବଦନ୍ତୀକୁ ଭିତ୍ତି କରି ପ୍ରସ୍ତୁତ କରାଯାଇଥିବା କେତେକ ଚିତ୍ର ଉପହାର ଦେଇଥିଲେ ।

## ମରୁଡି ମୁକାବିଲା ପାଇଁ ବହୁ ଉଠା ଜଳସେଚନ ଯୋଜନା କାର୍ଯ୍ୟକାରୀ କରାଯିବ - ମୁଖ୍ୟମନ୍ତ୍ରୀ

ସାଂପ୍ରତିକ ମରୁଡିକୁ ଏକ ଚ୍ୟାଲେଂଜ ଭାବରେ ଗ୍ରହଣ କରାଯାଇ ଏହାର ମୁକାବିଲା ପାଇଁ ଅଳ୍ପ ସମୟସାପେକ୍ଷ ଜଳସେଚନ ଯୋଜନାମାନ ଆରମ୍ଭ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ କହିଛନ୍ତି ।

ଗତ ଅକ୍ଟୋବର ୧୬ ତାରିଖରେ ସ୍ଥାନୀୟ ସୂଚନା ଭବନଠାରେ ବିଶ୍ୱ ଖାଦ୍ୟ ଦିବସ ଓ କୃଷକ ଦିବସ ଉପଲକ୍ଷେ ଓଡିଶା କୃଷକ ସମାଜ ପକ୍ଷରୁ ଆୟୋଜିତ ଏକ ସଭାରେ ଭାଷଣ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ରାଜ୍ୟରେ ଧାନ ଉତ୍ପାଦନକୁ ଦ୍ୱିଗୁଣିତ କରିବାପାଇଁ ଆମେ ପ୍ରତିଜ୍ଞା କରିଥିଲେ ମଧ୍ୟ ପ୍ରକୃତି ପ୍ରତିକୂଳ ହୋଇଥିବାର ଲକ୍ଷ୍ୟ ହାସଲ କଷ୍ଟକର ହୋଇପାରେ । ହରିଆନା ଓ ପଂଜାବ ପରି ଆମର ସବୁ ଜମି ଜଳସେଚିତ ନୁହେଁ । ବର୍ତ୍ତମାନ ରାଜ୍ୟରେ ଜଳସେଚନର ପରିସର ଶତକଡା ୩୦ ଭାଗରୁ ୫୦ ଭାଗକୁ ବଢାଇବା ପାଇଁ ରାଜ୍ୟ ସରକାର କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ବହୁତ ଜଳସେଚନ ଯୋଜନା କାର୍ଯ୍ୟକାରୀ କରିବାପାଇଁ ବହୁ ଅଧିକ ସମୟ ଲାଗୁଛି ଏବଂ ତାହା ବହୁଦିନ ଅସଂପୂର୍ଣ୍ଣ ରହୁଛି । ପୃଥିବୀ ବ୍ୟାଙ୍କରୁ ଋଣ ଆଣି ବହୁତ ଜଳସେଚନ ଯୋଜନା କାର୍ଯ୍ୟକାରୀ କରିବା ସଂଗେ ସଂଗେ ଜାପାନୀ ସହାୟତାରେ ରେଂଗାଲି ଓ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ସଂପୂର୍ଣ୍ଣ କରାଯିବ । କିନ୍ତୁ ରାଜ୍ୟ ସରକାର ଅଳ୍ପସମୟସାପେକ୍ଷ ଜଳସେଚନ ଯୋଜନାଗୁଡିକ କାର୍ଯ୍ୟକାରୀ କରିବା ଉପରେ ଅଧିକ ଗୁରୁତ୍ୱ ଦେବେ ।

ସମଗ୍ର ମହାନଦୀର କୂଳେ କୂଳେ ହଜାରରୁ ୨'/, ହଜାର ଏକର ପର୍ଯ୍ୟନ୍ତ ଜମିରେ ପାଣି ମଡେଇବାପାଇଁ ବହୁ ଉଠା ଜଳସେଚନ ଯୋଜନା କାର୍ଯ୍ୟକାରୀ କରାହେବ । ବ୍ରାହ୍ମଣୀ ଓ ଅନ୍ୟାନ୍ୟ ନଦୀର ସୁଯୋଗ ମଧ୍ୟ ଏଥିରେ ନିଆଯିବ । ଅଗଭୀର କୂପ ଓ ଡ୍ରିପ୍ ଜଳସେଚନ ଦ୍ୱାରା ରାଜ୍ୟର ବାଡ଼ଜମିକୁ ପାଣି ଯୋଗାଇ ଦିଆଯାଇ ମରୁଡିର ମୁକାବିଲା କରାଯିବ ।

ରାଜ୍ୟରେ ଚାଷୀମାନଙ୍କୁ ସମ୍ମାନିତ କରିବାପାଇଁ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିବା ବିଷୟ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ସାହିତ୍ୟିକ, କଳାକାର ଓ ଶିଳ୍ପୋଦ୍ୟୋଗୀମାନଙ୍କ ଭଳି ଚାଷୀଙ୍କୁ ମଧ୍ୟ ସମ୍ମାନିତ କରାଯିବା ଦରକାର । ରାଜ୍ୟ ସରକାର ନୂତନ କୃଷିନୀତି ପ୍ରବର୍ତ୍ତନ କରି ଚାଷୀମାନଙ୍କୁ ଅଧିକ ଉତ୍ପାଦନ ପାଇଁ ଉତ୍ସାହ ପ୍ରଦାନ କରୁଛନ୍ତି ଏବଂ କୃଷିକୁ ଶିଳ୍ପର ସମ୍ମାନ ଓ ମର୍ଯ୍ୟାଦା ଦିଆଯାଇଛି । ଶିଳ୍ପ କ୍ଷେତ୍ରରେ ଯେଉଁ ସବୁ ସୁବିଧା ସବୁ ରହିଛି ତାହା କୃଷିକ୍ଷେତ୍ରକୁ ସଂପ୍ରସାରିତ କରାଯିବ ।

ଆଳୁ ଉତ୍ପାଦନ କ୍ଷେତ୍ରରେ ଆସନ୍ତା ୩ ବର୍ଷ ଭିତରେ ଓଡିଶା ସ୍ୱାବଲମ୍ବୀ ହୋଇପାରିବ ବୋଲି ଆଶା ପ୍ରକାଶ କରି ମୁଖ୍ୟମନ୍ତ୍ରୀ ରାଜ୍ୟରେ ଫୁଲଫଳ ଚାଷ ଉପରେ ଅଧିକରୁ ଅଧିକ ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ ।

ପ୍ରାରମ୍ଭରେ କୃଷି ନିର୍ଦ୍ଦେଶକ ଶ୍ରୀ ତାରାଦତ୍ତ ଅଧିକ ଉତ୍ପାଦନ ପାଇଁ ରାଜ୍ୟରେ ସମସ୍ତ ଅନୁକୂଳ ପରିସ୍ଥିତି ରହିଥିବାରୁ ଉତ୍କୃଷ୍ଟ ବିହନର

ବ୍ୟବହାର, ଖତ-ସାରର ବ୍ୟାପକ ପ୍ରୟୋଗ ଓ କୃଷିଯନ୍ତ୍ରପାତି ବ୍ୟବହାର ଦ୍ୱାରା ରାଜ୍ୟରେ କୃଷି ଉତ୍ପାଦନ ଜାତୀୟ ହାରର ଅନୁରୂପ ହୋଇପାରିବ ବୋଲି ଆଶା ପ୍ରକାଶ କରିଥିଲେ ।

କୃଷିଉତ୍ପାଦନ କମିଶନର ଶ୍ରୀ ସହଦେବ ସାହୁ ତାଙ୍କ ଭାଷଣରେ ବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଆଖି ଆଗରେ ରଖି ପ୍ରତିବର୍ଗ ମିଲିମିଟର ଜମିର ଅଧିକ ଉତ୍ପାଦନ କରିବା ସଂଗେ ସଂଗେ ସବୁ ଜମିକୁ ଏକାଧିକ ଫସଲ ଉଠାଇବା ଉପରେ ଗୁରୁତ୍ୱ ଆରୋପ କରିଥିଲେ । କୃଷିରାଷ୍ଟ୍ରମନ୍ତ୍ରୀ ଶ୍ରୀ ରମାକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଧାନ ଉତ୍ପାଦନ କ୍ଷେତ୍ରରେ ସାଫଲ୍ୟପାଇଁ ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ୍‌ର ରଙ୍ଗରାଜପୁର ଗ୍ରାମ ପଞ୍ଚାୟତକୁ ଓ ଜଗତସିଂହପୁର ଜିଲ୍ଲାର ଓଡ଼ିଶା ଗ୍ରାମ ପଞ୍ଚାୟତକୁ ପୁରସ୍କୃତ କରିଥିଲେ । ସେହିପରି କମ୍ପୋଷ୍ଟ ଖତର ପ୍ରୟୋଗ ପାଇଁ ସୋନପୁର ଜିଲ୍ଲାର ଖଣ୍ଡହତାଗ୍ରାମ ପଞ୍ଚାୟତକୁ ୧ ଲକ୍ଷଟଙ୍କା ଓ ଯାଜପୁର ଜିଲ୍ଲାର ନୂଆଗାଁ ଗ୍ରାମ ପଞ୍ଚାୟତକୁ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ଜୈବସାରର ବ୍ୟବହାର ପାଇଁ ଯାଜପୁର ଜିଲ୍ଲା ଦଶରଥପୁର ଗ୍ରାମ ପଞ୍ଚାୟତର ଶ୍ରୀ ସତ୍ୟବାନ ରାଉତଙ୍କୁ ୧୦ ହଜାର ଟଙ୍କା ଓ ସୋନପୁର ଜିଲ୍ଲା ବୀରମହାରାଜପୁର ଗ୍ରାମ ପଞ୍ଚାୟତର ଶ୍ରୀ ପଙ୍କଜ ବିହାରୀ ପାଣିଗ୍ରାହୀଙ୍କୁ ୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା ।

ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଜଣେ ଆଦର୍ଶ ଚାଷୀ ଭାବରେ ପୂର୍ବତନ ବିଧାୟକ ଶ୍ରୀ ମାଧବ ଚନ୍ଦ୍ର ରାଉତରାୟଙ୍କୁ ସମ୍ମାନିତ କରିଥିଲେ । ଓଡିଶା କୃଷକ ସଭାର ଚେୟାରମ୍ୟାନ ଶ୍ରୀ ରବୀନ୍ଦ୍ର ଭୂଷଣ କାନୁନ୍‌ଗୋ ଓ ସଂପାଦକ ଶ୍ରୀ ପୂର୍ଣଚନ୍ଦ୍ର ମହାନ୍ତି ସଭାରେ ଭାଷଣ ଦେଇଥିଲେ ।

## ଜୀବନ ବୀମା ନିଗମ ଲାଭାଂଶର ଶତକଡ଼ା ୪ ଭାଗ ଓଡ଼ିଶାରେ ଖର୍ଚ୍ଚ କରିବା ଆବଶ୍ୟକ

- ମୁଖ୍ୟମନ୍ତ୍ରୀ

ଜୀବନ ବୀମା ନିଗମ ଅଷ୍ଟମ ଯୋଜନା କାଳରେ ୩୫୦୦୦ କୋଟି ଟଙ୍କା ବିନିଯୋଗ କରିବାର ଯେଉଁ ଲକ୍ଷ୍ୟ ରଖିଛି, ତନ୍ମଧ୍ୟରୁ ଶତକଡ଼ା ୪ ଭାଗ ଓଡିଶାରେ ଖର୍ଚ୍ଚ କରିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ମତ ପ୍ରକାଶ କରିଛନ୍ତି ।

ସ୍ଥାନୀୟ ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସର ସମ୍ମିଳନୀ କକ୍ଷରେ ଜୀବନ ବୀମା ନିଗମ ପକ୍ଷରୁ ଆୟୋଜିତ ସାମାଜିକ ନିରାପତ୍ତା ମାସ ଉଦ୍‌ଘାଟନ କରି ଶ୍ରୀ ପଟ୍ଟନାୟକ କହିଲେ ଯେ, ଜୀବନ ବୀମା ନିଗମ ଆଜି ଏକ ବିଶାଳ ଅନୁଷ୍ଠାନରେ ପରିଣତ ହୋଇଛି । ବିଭିନ୍ନ ଜନକଲ୍ୟାଣ ମୂଳକ ଯୋଜନା ମାଧ୍ୟମରେ ଦେଶର ଦରିଦ୍ର ଜନସାଧାରଣଙ୍କ ଆର୍ଥିକ ଓ ସାମାଜିକ ଉନ୍ନତି ପାଇଁ ଏହି ନିଗମ ସଂଗଠିତ ଉଦ୍ୟମ କରୁଥିବା ପ୍ରଶଂସନୀୟ । ସାମାଜିକ ନିରାପତ୍ତା ବ୍ୟବସ୍ଥା ଅନ୍ତର୍ଭୁକ୍ତ ବହୁ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟକ୍ରମକୁ ସଂଗଠିତ, ଯୋଜନାବଦ୍ଧ ଭାବରେ ଏହି ନିଗମ ତ୍ୱରାନ୍ୱିତ କରିପାରିଛି ।

ଶ୍ରୀ ପଟ୍ଟନାୟକ କହିଲେ ଯେ, ଉତ୍ସାହୀ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ଜୀବନ ବୀମା ନିଗମର ବିଭିନ୍ନ ସାମାଜିକ ନିରାପତ୍ତା କାର୍ଯ୍ୟକ୍ରମ ଗ୍ରାମାଞ୍ଚଳରେ ବସବାସ କରୁଥିବା ଗରିବଲୋକମାନଙ୍କ ନିକଟରେ ପହଞ୍ଚିବା ଏକାନ୍ତ ଆବଶ୍ୟକ । ବହୁବିଧ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପାଇଁ ଆମ ରାଜ୍ୟକୁ ଏହି ନିଗମ ଋଣ ଯୋଗାଇ ଦେଉଥିବା ଅତି ଆନନ୍ଦର ବିଷୟ ବୋଲି ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ ଓଡ଼ିଶା ଭଳି ଅନୁନ୍ନତ ରାଜ୍ୟମାନଙ୍କୁ ଜୀବନ ବୀମା ନିଗମ ପ୍ରାଧାନ୍ୟ ଦେବା ଉଚିତ ବୋଲି କହିଥିଲେ । ଏ ଦିଗରେ ନିଗମକୁ ସମସ୍ତ ସହଯୋଗ ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ଶ୍ରୀ ପଟ୍ଟନାୟକ ପ୍ରତିଶ୍ରୁତି ଦେଇଥିଲେ ।

ରାଜ୍ୟରେ ନିଗମ ପକ୍ଷରୁ ଗ୍ରାମୀଣ ଗୋଷ୍ଠୀ ବୀମା ମାଧ୍ୟମରେ ସାମାଜିକ ନିରାପତ୍ତା ବ୍ୟବସ୍ଥା ପ୍ରଥମ କରି ବେଗୁନିଆ ବ୍ଲକ୍‌ରେ ଆରମ୍ଭ କରାଯାଉଥିବାରୁ ମୁଖ୍ୟମନ୍ତ୍ରୀ ବେଗୁନିଆ ବ୍ଲକ୍‌ର ବ୍ଲକ୍ ଉନ୍ନୟନ ଅଧିକାରୀଙ୍କୁ ବୀମା କାଗଜପତ୍ର ପ୍ରଦାନ କରିଥିଲେ ।

## ମରୁଡି ସଂପର୍କରେ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ସଚିବାଳୟ ସମ୍ମିଳନୀ ଗୃହରେ ସଂପ୍ରତି ରାଜ୍ୟରେ ଦେଖାଦେଇଥିବା ମରୁଡ଼ି ପରିସ୍ଥିତି ସଂପର୍କରେ ବିସ୍ତୃତ ସମୀକ୍ଷା କରିଥିଲେ । ଉକ୍ତ ସମୀକ୍ଷା ବୈଠକରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ ଓ ଶ୍ରୀ ହେମାନନ୍ଦ ବିଶ୍ୱାଳ, ରାଜସ୍ୱମନ୍ତ୍ରୀ ଶ୍ରୀ କାହ୍ନୁ ଚରଣ ଲେଙ୍କା, ଯୋଗାଣ ମନ୍ତ୍ରୀ ଶ୍ରୀ ହବିବୁଲ୍ଲା ଖାଁ, କୃଷି ରାଷ୍ଟ୍ରମନ୍ତ୍ରୀ ଶ୍ରୀ ରମାକାନ୍ତ ମିଶ୍ର, ରାଜ୍ୟ ମୁଖ୍ୟ ଶାସନ ସଚିବ ଶ୍ରୀ ରାଜକିଶୋର ଭୁଜବଳଙ୍କ ସମେତ ରାଜ୍ୟସରକାରଙ୍କ ଉଚ୍ଚପଦସ୍ଥ ଅଫିସରମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ରାଜ୍ୟର ବିଭିନ୍ନ ଜିଲ୍ଲାର ମରୁଡି ପରିସ୍ଥିତି ଅନୁଧ୍ୟାନ କରି ଫେରି ଆସିଥିବା ଶାସନ ସଚିବମାନେ ନିଜ ଦାୟିତ୍ୱରେ ଥିବା ଜିଲ୍ଲାଗୁଡିକର ଅବସ୍ଥା ସଂପର୍କରେ ପ୍ରାରମ୍ଭରେ ଉଲ୍ଲେଖ କରିଥିଲେ । ବିଶେଷ କରି ସାଧାରଣ ବଣ୍ଟନ ପ୍ରଣାଳୀ, ପାନୀୟ ଜଳ ବ୍ୟବସ୍ଥା, ଫସଲ ପରିସ୍ଥିତି, ରବି ଫସଲ ପାଇଁ ପ୍ରସ୍ତୁତି, ମଧ୍ୟାହ୍ନ ଭୋଜନଓ ମାଗଣା ଭୋଜନ କେନ୍ଦ୍ର ବ୍ୟବସ୍ଥା ତଥା ମରୁଡିର ସଫଳ ମୁକାବିଲା ପାଇଁ ବିଭିନ୍ନ କୌଶଳ ସଂପର୍କରେ ସେମାନେ ଆଲୋକପାତ କରିଥିଲେ ।

ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଥିଲେ ଯେ, ଜିଲ୍ଲାପାଳମାନଙ୍କ ପାଖରେ ଯାହା ଅର୍ଥ ଗଚ୍ଛିତ ଅଛି ତାହାର ଉପଯୋଗ କରାଯାଇ ଶ୍ରମଭିତ୍ତିକ କାର୍ଯ୍ୟକ୍ରମମାନ ତୁରନ୍ତ ଆରମ୍ଭ କରାଯାଇ ଲୋକଙ୍କୁ କାମ ଧନ୍ଦା ଯୋଗାଇଦେବା ଦରକାର । ସ୍କୁଲ ଗୃହ ମରାମତି, ଗ୍ରାମ୍ୟ ରାସ୍ତା ନିର୍ମାଣ ଓ ପୁଷ୍କରିଣୀ ଖନନ ଆଦି କାର୍ଯ୍ୟକ୍ରମ କରିଆରେ ଲୋକଙ୍କୁ କାମ ଯୋଗାଇ ଦେବା ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ । ମରୁଡିଗ୍ରସ୍ତ ଇଲାକାର ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଅବାଦ

ନଳକୂପମାନ ମରାମତି କରାଯାଇ ପାନୀୟ ଜଳର ସୁବ୍ୟବସ୍ଥା କରିବା ପାଇଁ ମଧ୍ୟ ସେ ନିର୍ଦ୍ଦେଶ ଦେଇଥିଲେ । ଅଚଳ ଥିବା ଉଠାଜଳସେଚନ ପଏଣ୍ଟଗୁଡ଼ିକୁ ତୁରନ୍ତ ଚାଲୁ କରି ରବି ଫସଲ ପାଇଁ ଭଲଭାବେ ପ୍ରସ୍ତୁତ ହେବା ସଂଗେ ସଂଗେ ପୂର୍ବରୁ ଘୋଷିତ କେବଳ ମରୁଡ଼ି ପ୍ରପୀଡ଼ିତ ଅଂଚଳରେ ଉଠା ଜଳସେଚନ ପଏଣ୍ଟରୁ ଶତକଡ଼ା ୭୫ ଭାଗ ରିହାତି ଦରରେ ଜଳ ଯୋଗାଇ ଦେବାର ନିଷ୍ପତ୍ତିକୁ ପରିବର୍ତ୍ତନ କରାଯାଇ ରାଜ୍ୟର ସମସ୍ତ ଉଠା ଜଳସେଚନ ପଏଣ୍ଟଗୁଡ଼ିକର ଆୟକଟ୍ ଏରିଆ ଚାଷୀମାନଙ୍କୁ ଏହି ରିହାତି ପ୍ରଦାନ କରାଯିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଗଲା । ଏତଦ୍‌ବ୍ୟତୀତ ରବି ଚାଷ ପାଇଁ ରାଜ୍ୟରେ ଥିବା ସମସ୍ତ ଉଠାଜଳସେଚନ ପଏଣ୍ଟରୁ ଶତକଡ଼ା ୫୦ ଭାଗ ରିହାତି ହାରରେ ଜଳ ଯୋଗାଇ ଦିଆଯିବ ।

ବିଭିନ୍ନ ଜିଲ୍ଲାରେ ପ୍ରଚୁର ପରିମାଣରେ ଖାଦ୍ୟଶସ୍ୟ ଭାରତୀୟ ଖାଦ୍ୟ ନିଗମର ଗୋଦାମମାନଙ୍କରେ ମହଜୁଦ ରଖିଥିବା ସଂଗେ ସଂଗେ ରାଜ୍ୟରେ ଚାଲୁଥିବା ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମର କାର୍ଯ୍ୟକାରିତା ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।

## ରାଜ୍ୟସ୍ତରୀୟ ଗାନ୍ଧୀ ଜୟନ୍ତୀ ଉତ୍ସବ

ଜାତିର ପିତା ମହାତ୍ମାଗାନ୍ଧୀଙ୍କର ୧୨୭ ତମ ରାଜ୍ୟ ସ୍ତରୀୟ ଜୟନ୍ତୀ ଉତ୍ସବ ଭୁବନେଶ୍ୱରସ୍ଥ ବିଧାନସଭା ପରିସର ମଧ୍ୟରେ ପାଳିତ ହୋଇଯାଇଛି ।

ଏଥିରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଶ୍ରୀଯୁକ୍ତ ଗୋପାଳ ରାମାନୁଜମ୍, ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ, ଉପମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ହେମାନଂଦ ବିଶ୍ୱାଳ, ବାଚସ୍ପତି ଶ୍ରୀଯୁକ୍ତ ଚିନ୍ତାମଣି ଦ୍ୟାନ ସାମନ୍ତରାୟ, ଆଇନ୍‌ମନ୍ତ୍ରୀ ଶ୍ରୀଯୁକ୍ତ ରଘୁନାଥ ପଟ୍ଟନାୟକ, ରାଜସ୍ୱ ଓ ପରିବହନ ମନ୍ତ୍ରୀ ଶ୍ରୀଯୁକ୍ତ କାହ୍ନୁ ଚରଣ ଲେଙ୍କା, ଶିକ୍ଷମନ୍ତ୍ରୀ ଶ୍ରୀଯୁକ୍ତ ନିରଞ୍ଜନ ପଟ୍ଟନାୟକ, ପରିବେଶ ମନ୍ତ୍ରୀ ଶ୍ରୀ ପ୍ରସନ୍ନ କୁମାର ଦାସ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶେଖ ମତଲୁବ ଅଲ୍ଲୀ, ସୂଚନା ଓ ଲୋକ ସଂପର୍କ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ, ଅବକାରୀ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସୁରେଶ କୁମାର ରାଉତରାୟ, ସମବାୟ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ରବିନ୍ଦ୍ର କୁମାର ସେଠୀ, ପଞ୍ଚାୟତି ରାଜ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ନବୀନ ଚଂଦ୍ର ନାରାୟଣ ଦାଶ, ମତ୍ସ୍ୟ ଓ ପଶୁପାଳନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପ୍ରକାଶ ଚଂଦ୍ର ଦେବତା, ଉପମୁଖ୍ୟ ସଚେତକ ଶ୍ରୀ ବିଭୁତି ଭୂଷଣ ସିଂହ ମର୍ଦ୍ଦରାଜ, ପୂର୍ବତନ ସଂସଦ ସଦସ୍ୟ ଶ୍ରୀ ସନ୍ତୋଷ କୁମାର ସାହୁ, ପୂର୍ବତନ ମନ୍ତ୍ରୀ ଶ୍ରୀ ଗଂଗାଧର ମହାପାତ୍ର, ପୂର୍ବତନ ବିଧାୟକ ଶ୍ରୀ ରାଜକିଶୋର ନାୟକ, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ବିଜୟ ପାଣି, ଶ୍ରୀ ମାୟାଧର ଦାଶ, ଶ୍ରୀ ଆକୁଳା ନନ୍ଦ ବେହେରା ଓ ଶ୍ରୀ ଗଙ୍ଗାଧର ପାଇକରାୟ ସମେତ ଅନ୍ୟାନ୍ୟ ବହୁ ଗାନ୍ଧୀ ନେତା ଓ ସ୍ୱାଧୀନତା ସଂଗ୍ରାମୀ ଯୋଗ ଦେଇଥିଲେ ।

ମାନ୍ୟବର ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ସମେତ ଉପସ୍ଥିତ ସମସ୍ତ ମନ୍ତ୍ରୀ, ବିଧାୟକ ତଥା ଅନ୍ୟାନ୍ୟ ସ୍ୱାଧୀନତା ସଂଗ୍ରାମୀମାନେ ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଭକ୍ତି ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ । ଏହାପରେ ଓଡ଼ିଶୀ ଗବେଷଣା କେନ୍ଦ୍ରର କଳାକାରମାନଙ୍କ ଦ୍ୱାରା ବାପୁଙ୍କ ପ୍ରିୟ ଆଶ୍ରମ ଭଜନ ଓ ରାମଧୁନ ଗାନ କରାଯାଇଥିଲା ।

ଏହା ପୂର୍ବରୁ ପ୍ରାତଃ ଘ. ୪.୩୦ ମିନିଟ୍ ସମୟରେ ରାମଧୁନ ଗାନ ପୂର୍ବକ ସହର ପରିକ୍ରମା କରାଯିବା ସହିତ ରାଜଧାନୀର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପ୍ରଭାତ ଫେରିରେ ଆସି ପ୍ରାର୍ଥନା ସଭାରେ ଯୋଗ ଦେଇଥିଲେ ।

## ରାଜ୍ୟସ୍ତରୀୟ ଗୋପବନ୍ଧୁ ଜୟନ୍ତୀ ପାଳନ

ଗତ ଅକ୍ଟୋବର ୧୦ ତାରିଖରେ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ଆନୁକୁଲ୍ୟରେ ସ୍ଥାନୀୟ ସୂଚନା ଭବନଠାରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କର ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି ।

ଏଥିରେ ମୁଖ୍ୟ ଅତିଥି ଭାବେ କୃଷି ଉତ୍ପାଦନ କମିଶନର ଶ୍ରୀ ସହଦେବ ସାହୁ ଯୋଗ ଦେଇ ଗୋପବନ୍ଧୁଙ୍କ ସେବା, ତ୍ୟାଗ ଓ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ କରିଥିଲେ । ସେ କହିଲେ ଯେ ଭାରତୀୟ ସ୍ୱାଧୀନତା ସଂଗ୍ରାମର ସେନାପତି, ଯୁଗ ପ୍ରବର୍ତ୍ତକ, ସହୃଦୟ ନିଷ୍ପାପର ଆତ୍ମତ୍ୟାଗୀ, ଦେଶ ସେବୀ, ଉତ୍କଳୋତୀର କବି, ସାମ୍ବାଦିକ ତଥା ଦୀନ ଦରିଦ୍ରର ଦରଦୀବନ୍ଧୁ ଭାବରେ ଓଡ଼ିଶାର ପ୍ରତି ପଲ୍ଲୀରେ ସେ ପରିଚିତ ଥିଲେ । ବିଶେଷ କରି ସେ ଥିଲେ ବନ୍ୟା ବିପନ୍ନ ଅଞ୍ଚଳର ଜନତାଙ୍କ ହୃଦୟର ମହାମାନବ ତଥା ସେବାର ମୂର୍ତ୍ତିମନ୍ତ ବିଗ୍ରହ । ଶିଶୁ ଓ ଛାତ୍ରମାନଙ୍କ ମଧ୍ୟରେ ସେହି ଆଦର୍ଶ ପୁରୁଷଙ୍କର ସେବା ମନୋଭାବକୁ ଜାଗ୍ରତ କରାଇ ପାରିଲେ, ତାଙ୍କ ପ୍ରତି ତାହା ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ଶ୍ରୀ ସାହୁ କହିଥିଲେ ।

ଏହି ଜୟନ୍ତୀ ସମାରୋହର ମୁଖ୍ୟବକ୍ତା ଐତିହାସିକ ଡକ୍ଟର ଜଗନ୍ନାଥ ପଟ୍ଟନାୟକ ଗୋପବନ୍ଧୁଙ୍କୁ ବ୍ୟକ୍ତିଭାବରେ ନୁହେଁ, ଏକ ଅନୁଷ୍ଠାନ ଭାବରେ ଚିତ୍ରଣ କରି ତାଙ୍କର ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ । ବ୍ୟକ୍ତିଗତ ଜୀବନରେ ଗୋପବନ୍ଧୁ ଚରିତ୍ର ଗଠନ ଉପରେ ବିଶେଷ ଧ୍ୟାନ ଦେଉଥିଲେ, ଯେଉଁଥିପାଇଁ ସେ ସତ୍ୟବାଦୀରେ ବକୁଳ ବନ ବିଦ୍ୟାଳୟ, ଉତ୍କଳ ସମ୍ମିଳନୀ, ସମାଜ ପତ୍ରିକା ମାଧ୍ୟମରେ ମଣିଷ ତିଆରି କାରଖାନା ପ୍ରତିଷ୍ଠା କରିଥିଲେ । ତାଙ୍କର କଥା, ଲେଖା ଏବଂ କାମ ଏକ ଥିଲା । ଜୀବନରେ ସେ କର୍ମକୁ ଅଧିକ ପ୍ରାଧାନ୍ୟ ଦେଉଥିଲେ । ଗୋପବନ୍ଧୁ ସାରା ଜୀବନ ଧନ ଉପାର୍ଜନର ପନ୍ଥା ତ୍ୟାଗ କରି ଜନ ସେବାକୁ ହିଁ ଧର୍ମ ଭାବେ ଗ୍ରହଣ କରିଥିଲେ । ଆଜିର ପିଢ଼ୀ ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ

ଓଡ଼ିଶାକୁ ଆଗେଇ ନେବା ପାଇଁ କର୍ମ କଲେ, ତାଙ୍କୁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ସେ କହିଥିଲେ ।

ସୂଚନା ଓ ଲୋକ ସଂପର୍କ ନିର୍ଦ୍ଦେଶକ ଶ୍ରୀ ସନ୍ତୋଷ କୁମାର ମିଶ୍ର ଏଥିରେ ସଭାପତିତ୍ୱ କରି ଗୋପବନ୍ଧୁ ନୈତିକତା ଓ ଆଧୁନିକତାର ଶୀର୍ଷସ୍ଥାନରେ ପହଞ୍ଚି ପାରିଥିଲେ ବୋଲି କହିଥିଲେ । ସଂକୀର୍ଣ୍ଣତା ଓ ସ୍ୱାର୍ଥପରତାକୁ ଭୁଲି ଗୋପବନ୍ଧୁ ଯେଉଁଭଳି ଦୀନହୀନ, ଧନୀଗରିବ ତଥା ଉଚ୍ଚ ଓ ନୀଚ ବର୍ଗଙ୍କର ସେବାରେ ନିଜକୁ ନିୟୋଜିତ କରିପାରିଥିଲେ, ସେହି ଆଦର୍ଶରେ ଆମେ ସମସ୍ତେ ଅନୁପ୍ରାଣିତ ହୋଇ ଜନସାଧାରଣଙ୍କର ସେବାରେ ନିଜକୁ ନିୟୋଜିତ କରିବାକୁ ସେ ଆହ୍ୱାନ କରିଥିଲେ ।

## ପୁରାତନ କୀର୍ତ୍ତିରାଜିର ସୁରକ୍ଷା ଓ ସଂରକ୍ଷଣ ପାଇଁ ଚଳିତ ବର୍ଷ ୨ କୋଟି ଟଙ୍କା ଖର୍ଚ୍ଚ ହେବ

ରାଜ୍ୟର ପୁରାତନ କୀର୍ତ୍ତିରାଜିର ସୁରକ୍ଷା ଓ ସଂରକ୍ଷଣ ଉପରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଗୁରୁତ୍ୱ ଆରୋପ କରିଛନ୍ତି ।

ଏଥିପାଇଁ ଦଶମ ଅର୍ଥ କମିଶନ ବ୍ୟବସ୍ଥା କରିଥିବା ୧୦ କୋଟି ଟଙ୍କାର ସ୍ୱତନ୍ତ୍ର ଅନୁଦାନ ମଧ୍ୟରୁ ଚଳିତବର୍ଷ ୨ କୋଟି ଟଙ୍କା ଖର୍ଚ୍ଚ କରାଯାଇ ରାଜ୍ୟର ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ଥିବା ବହୁ ପୁରାତନ ମନ୍ଦିର, ପ୍ରାଗୈତିହାସିକ ଗୁମ୍ଫା, ପ୍ରସ୍ତର ଗାତ୍ରରେ ଖୋଦିତ ଚିତ୍ରକଳାର ସଂରକ୍ଷଣ ଓ ସୁରକ୍ଷା ପାଇଁ ବ୍ୟୟ କରାଯିବ । ସେଥିମଧ୍ୟରୁ କେତେକ ମନ୍ଦିରର ରାସାୟନିକ ସଂରକ୍ଷଣ ହେବା ସଂଗେ ସଂଗେ କେତେକ ସ୍ଥାନରେ ପାରିପାର୍ଶ୍ୱିକ ବ୍ୟବସ୍ଥାର ଉନ୍ନତି ବିଧାନ ପାଇଁ ପାଚେରୀ ନିର୍ମାଣ ଓ ଅନ୍ୟାନ୍ୟ ଆନୁଷଂଗିକ କାର୍ଯ୍ୟ ହାତକୁ ନିଆଯିବ ।

ରାଜ୍ୟର ବିଭିନ୍ନ ଅଞ୍ଚଳରେ ଥିବା ହିନ୍ଦୁ ମନ୍ଦିର, ବୌଦ୍ଧସ୍ତୂପ, ମସଜିଦ୍, ଗୀର୍ଜା, ପ୍ରାଚୀନ ଗୁମ୍ଫା ଓ ଦୁର୍ଗର ସଂରକ୍ଷଣ ପାଇଁ ବ୍ୟବସ୍ଥା ଗ୍ରହଣ କରାଯିବ ।

ପୁରାତନ କୀର୍ତ୍ତିର ସଂରକ୍ଷଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ୧୯୯୬-୯୭ ର କାର୍ଯ୍ୟ ଯୋଜନା ଚୂଡ଼ାନ୍ତ କରାଯାଇଛି । ତନ୍ମଧ୍ୟରୁ ଭୁବନେଶ୍ୱରର ୪ଟି ପ୍ରାଚୀନ ମନ୍ଦିର, ଚକ୍ରେଶ୍ୱର, ଶୁକଶାରୀ, ଲକ୍ଷ୍ମୀଶ୍ୱର, ମଣିଭଦ୍ରେଶ୍ୱର ଓ କାଂଇଚି ମନ୍ଦିରର ମରାମତି ପାଇଁ ୧୫ ଲକ୍ଷ ଟଙ୍କା ରଖାଯାଇଛି । ରାଜ୍ୟର ବିଭିନ୍ନ ଅଂଚଳରେ ଥିବା ୫୦ଟି ମନ୍ଦିର ସଂରକ୍ଷଣ, ରାସାୟନିକ ସଂରକ୍ଷଣ ଓ ପାରିପାର୍ଶ୍ୱିକ ଉନ୍ନୟନ ପାଇଁ ବ୍ୟବସ୍ଥା ରଖାଯାଇଛି । କଳାହାଣ୍ଡି ଜିଲ୍ଲାର ଗୁଡ଼ହାଣ୍ଡି, ନୂଆପଡ଼ା ଜିଲ୍ଲାର ଯୋଗୀମଠ, ସମ୍ବଲପୁର ଜିଲ୍ଲାର ଉଲପଗଡ଼, ସୁନ୍ଦରଗଡ଼ ଜିଲ୍ଲାର ମାଣିକପଡ଼ା ଓ ମୁଖାମଜାରେ ଥିବା ପ୍ରାଗୈତିହାସିକ ଗୁମ୍ଫାର ଚିତ୍ରକଳା ସଂରକ୍ଷଣ କରିବାପାଇଁ ୧୫ ଲକ୍ଷ ଟଙ୍କା ଓ ୨୦ଟି ଅସୁରକ୍ଷିତ କୀର୍ତ୍ତିରାଜିର ଉନ୍ନୟନ ପାଇଁ ୪୦ ଲକ୍ଷ ଟଙ୍କା ବ୍ୟୟ କରାଯିବ ।

ଭୁବନେଶ୍ୱରରେ ଥିବା ସବୁ ପ୍ରାଚୀନ ମନ୍ଦିର ସଂରକ୍ଷଣ ଦାୟିତ୍ୱ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସଂସ୍ଥାକୁ ଦେବାପାଇଁ କେନ୍ଦ୍ରସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ରାଜ୍ୟରେ ଅନ୍ୟ ଅଞ୍ଚଳରେ ଥିବା ମନ୍ଦିରଗୁଡ଼ିକର ନିଆଳିର ମାଧବ ମନ୍ଦିର ପରି ଗୁରୁତ୍ୱପୂର୍ଣ୍ଣ ରକ୍ଷଣାବେକ୍ଷଣ ଦାୟିତ୍ୱ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସଂସ୍ଥାକୁ ହସ୍ତାନ୍ତରିତ କରିବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ ମତ ପ୍ରକାଶ କରିଥିଲେ । ଭଦ୍ରକ ଜିଲ୍ଲା ଗୌରାଙ୍ଗପୁରରେ ଥିବା ଗୌରାଙ୍ଗ ମନ୍ଦିର, ବ୍ରହ୍ମଗିରିର ଆଲାରନାଥ ମନ୍ଦିର ଓ କେନ୍ଦୁଲିର ଜୟଦେବ ସ୍ମୃତିପୀଠର ଉନ୍ନତି ବିଧାନ ପାଇଁ ଆନ୍ତ ରାଷ୍ଟ୍ରୀୟ କୃଷ୍ଣଭାବନା ସଂଘର ସହାୟତା ନିଆଯାଇପାରେ ବୋଲି ବୈଠକରେ ମତପ୍ରକାଶ ପାଇଥିଲା । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିଖ୍ୟାତ କବି ଜୟଦେବଙ୍କ ଜନ୍ମପୀଠ କେନ୍ଦୁଲିରେ ଥିବା ଜୟଦେବ ସଂଗ୍ରହାଳୟକୁ ଅଧିକ ଆକର୍ଷଣୀୟ କରିବାପାଇଁ ଅଧିକ ୧ଲକ୍ଷ ଟଙ୍କା ଦିଆଯିବ ଏବଂ ଭୁବନେଶ୍ୱର ପଞ୍ଚୁପାଣ୍ଡବ ଗୁମ୍ଫାର ଉନ୍ନୟନ କାର୍ଯ୍ୟ ବି.ଡି.ଏ ଉପରେ ନ୍ୟସ୍ତ କରାଯିବ ।

ପୁରାତନ ମନ୍ଦିରର ମରାମତି ଓ ସଂରକ୍ଷଣ କାର୍ଯ୍ୟ ଏକ ବିଶେଷଜ୍ଞ କମିଟିର ତତ୍ତ୍ୱାବଧାନରେ କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଏହିସବୁ କାର୍ଯ୍ୟକ୍ରମରେ ଇଂଜିନିୟରିଂ ଓ ରାସାୟନିକ ଦିଗ ଆଇ.ଆଇ.ଟି, ଖଡ଼ଗପୁରଙ୍କ ଦାୟିତ୍ୱରେ ରହିବ ଏବଂ ଲକ୍ଷ୍ନୌସ୍ଥିତ ନ୍ୟାସନାଲ ରିସର୍ଚ୍ଚ ଲାବରେଟୋରୀ ଫର୍ କନ୍‌ଜରଭେସନ୍, ମୁରାଲ ପେଣ୍ଟିଙ୍ଗସ୍‌ର ସଂରକ୍ଷଣ ଦିଗରେ ଆବଶ୍ୟକୀୟ ପରାମର୍ଶ ଯୋଗାଇବ । ବିଭିନ୍ନ ଜିଲ୍ଲାରେ ମନ୍ଦିରର ମରାମତି ଓ ସଂରକ୍ଷଣ କାର୍ଯ୍ୟ କରାଯିବା ବେଳେ ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳ, ସ୍ଥାନୀୟ ଜନସାଧାରଣ, ସ୍ୱେଚ୍ଛାସେବୀ ସଂଗଠନ ଓ ବିଶେଷକରି ସ୍ଥାନୀୟ ଶିଳ୍ପୀ ଓ କାରିଗରମାନଙ୍କ ସହାୟତା ନେବାପାଇଁ ମୁଖ୍ୟମନ୍ତ୍ରୀ ବିଭାଗୀୟ କର୍ମକର୍ତ୍ତାମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ଏହି ବୈଠକରେ ସଂସ୍କୃତି ମନ୍ତ୍ରୀ ଶ୍ରୀ ଭୂପିଂଦର ସିଂ, ରାଜ୍ୟ ମୁଖ୍ୟ ଶାସନ ସଚିବ ଶ୍ରୀ ରାଜକିଶୋର ଭୁଜବଳ, ସଂସ୍କୃତି ସଚିବ ଶ୍ରୀ ଧୀରେନ୍ଦ୍ର ନାଥ ପାଢ଼ୀ, ଆଇନ୍ ସଚିବ ଶ୍ରୀ ପି.କେ. ତ୍ରିପାଠୀ, ପୂର୍ତ୍ତ ସଚିବ ଶ୍ରୀ ଏନ୍.କେ.ରଥ, ଅର୍ଥ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ଯୁଗଳ କିଶୋର ମହାପାତ୍ର, ଭାରତୀୟ ପ୍ରତ୍ନତାତ୍ତ୍ୱିକ ସଂସ୍ଥାର ଡଃ ରାଓଲା, ବିଶିଷ୍ଟ ଐତିହାସିକ ଡଃ କରୁଣା ସାଗର ବେହେରା, ସଂସ୍କୃତି ନିର୍ଦ୍ଦେଶକ ଶ୍ରୀ ଯୋଗେନ୍ଦ୍ର ପାତ୍ର ପ୍ରଭୃତି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।



OGP-MP-(I&PR)-47-6000-18.11.96



ଜେଇସି ଉନିସନି ଜୋହଙ୍କ ନେତୃତ୍ୱରେ ଜାପାନରୁ ଆସିଥିବା ବୌଦ୍ଧ ପ୍ରତିନିଧି ଦଳଙ୍କ ସହିତ
ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ତାଙ୍କ ସଚିବାଳୟ ପ୍ରକୋଷ୍ଠରେ ଆଲୋଚନା କରୁଛନ୍ତି



ହୋଟେଲ କଳିଙ୍ଗ ଅଶୋକଠାରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ହେମାନନ୍ଦ ବିଶ୍ୱାଳ
ଉନିପରମାଷ୍ଟ - ୯୬' ଉଦ୍‌ଘାଟନ କରୁଛନ୍ତି

Licence No. BNPPP-01/95-Licensed to post without Pre-payment



ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ପବିତ୍ର ଜନ୍ମତିଥି ଅବସରରେ ବିଧାନସଭା ପରିସର ମଧ୍ୟରେ ଥିବା
ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ନିକଟରେ ମାନ୍ୟବର ରାଜ୍ୟପାଳ ଶ୍ରୀଗୋପାଳ ରାମାନୁଜମ୍, ମୁଖ୍ୟମନ୍ତ୍ରୀ
ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ, ବିଧାନସଭା ବାଚସ୍ପତି ଶ୍ରୀ ଚିନ୍ତାମଣି ଦ୍ୟାନ ସାମନ୍ତରାୟ,
ଉପମୁଖ୍ୟମନ୍ତ୍ରୀ ଶ୍ରୀ ହେମାନନ୍ଦ ବିଶ୍ୱାଳ ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ
ଶ୍ରୀ ନେତ୍ରାନନ୍ଦ ମଲ୍ଲିକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛନ୍ତି



କଲିକତାରେ ଅବସ୍ଥାପିତ ଆମେରିକାର କନସଲ ଜେନେରାଲ ଶ୍ରୀମତୀ ଚେରିଲ୍ ଜେ.ସିମ୍
ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭପଟ୍ଟନାୟକଙ୍କୁ ତାଙ୍କ ସରକାରୀ ବାସଭବନରେ ସାକ୍ଷାତ କରୁଛନ୍ତି

PRINTED AT ORISSA GOVERNMENT PRESS, CUTTACK - 753010

୪୬୫୧
୨୦|୬|୯୭

# ଉତ୍କଳ ପ୍ରସଙ୍ଗ

ଡିସେମ୍ବର, ୧୯୯୬